ଭାରତ ସଂସ୍କରଣ

ଭାଗ ୩୭/ନଂ – ୧

ପ୍ରେରିତିକ କ୍ରିୟା

"ପରାକ୍ରମ ଦ୍ୱାରା ନୁହେଁ, କିଅବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମା ଦ୍ୱାରା, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି" (ଯିଖରିୟ ୪:୬)।

"ପୁତ୍ରଗ୍ରହଣ" : ଈଶ୍ୱରଙ୍କର ଉତ୍ତରାଧିକାରୀ !

Acts ପତ୍ରିକାର ଏହି ସଂପ୍ରସାରିତ ସଂଖ୍ୟାକୁ ଆପଣମାନେ ଉପଭୋଗ କରିଛନ୍ତି ବୋଲି ଆଶା କରେ ! ଆପଣ Acts ପତ୍ରିକା କିପରି ସର୍ବଦା ପାଇବେ ଏପରିକି ଇ-ମେଲ ଦ୍ୱାରା ଆହୁରି ଶୀଘ୍ର କିପରି ପାଇବେ, ତାହା ଜାଣିବା ପାଇଁ ୬୩ ପୃଷ୍ଠା ଦେଖନ୍ତୁ –

ପୁତ୍ରଗ୍ରହଣ : ଈଶ୍ୱରଙ୍କର ଉତ୍ତରାଧିକାରୀ !

ଲେଖକ – ରେଭ୍. ଫ୍ରାଙ୍କ୍ ଆର. ପ୍ୟାରିସ୍

ଆତ୍ମିକ 'ପୁତ୍ରଗ୍ରହଣ' ସମ୍ବନ୍ଧୀୟ ବାଇବଲ ଧର୍ମତତ୍ତ୍ୱ ବ୍ୟାପକ ଭାବରେ ଅଧ୍ୟୟନ କରାଯାଇ ନାହିଁ, କିମ୍ବା ଉତ୍ତମ ଭାବରେ ବୁଝାଯାଇନାହିଁ । ତଥାପି ଏହି ଆତ୍ମିକ ନିୟମ ଈଶ୍ୱରଙ୍କ ସହିତ ଆମ ସଂପର୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ, ଏପରିକି ପ୍ରଭାବଶାଳୀ ସତ୍ୟ ପ୍ରକାଶ କରିଥାଏ ।

ଆତ୍ମିକ ପୁତ୍ରଗ୍ରହଣ ଉପରେ ଏହି ବାଇବଲଭିତ୍ତିକ ଶିକ୍ଷାକୁ ପ୍ରାର୍ଥନା ପୂର୍ବକ ଅଧ୍ୟୟନ କରିବା ପାଇଁ ମୁଁ ଆପଣମାନଙ୍କୁ ଉତ୍ସାହିତ କରୁଅଛି । ଆପଣ ଅଧ୍ୟୟନ କରୁଥିବା ସମୟରେ ଆପଣଙ୍କ ମନ ଯେପରି ଏହି ସତ୍ୟ ବୁଝିବ ଓ ଆପଣଙ୍କ ହୃଦୟ ଯେପରି ଏହି ସତ୍ୟ ଗ୍ରହଣ କରିବ, ଏଥିପାଇଁ ଆପଣଙ୍କୁ ସାହାଯ୍ୟ କରିବା ନିମନ୍ତେ ଆନ୍ତରିକ ଭାବରେ ପବିତ୍ର ଆତ୍ମାଙ୍କୁ ନିବେଦନ କରନ୍ତୁ । ଯଦି ଆପଣ ଏହି ସମସ୍ତ କାର୍ଯ୍ୟ କରିବେ, ତେବେ ପୁତ୍ରଗ୍ରହଣ ସମ୍ବନ୍ଧୀୟ ଶାସ୍ତ୍ରଭିତ୍ତିକ ସତ୍ୟ ଜୀବିତ ସଦାପ୍ରଭୁଙ୍କ ସହିତ ଆପଣଙ୍କର ବ୍ୟକ୍ତିଗତ ସମ୍ପର୍କକୁ ପରିବର୍ତ୍ତିତ କରିବ ଓ ତାଙ୍କ ପ୍ରତି ଏବଂ ଆପଣଙ୍କ ମଣ୍ଡଳୀ ପ୍ରତି ଥିବା ସେବାକାର୍ଯ୍ୟକୁ ପୁନଃଗଠିତ କରିବ ।

ଉପକ୍ରମ

ଆଜି ଆମ ଜଗତରେ 'ପୁତ୍ରଗ୍ରହଣ' ସମ୍ବନ୍ଧୀୟ ଚିନ୍ତାଧାରା ସହିତ ଆମ ମଧ୍ୟରୁ ଅଧିକାଂଶ ପରିଚିତ ଅଟନ୍ତି । ସାଧାରଣତଃ, ଜଣେ ଦୟାଳୁ ବ୍ୟକ୍ତି ଗୋଟିଏ ଅବାଞ୍ଛିତ କିମ୍ବା ଅନାଥ ପିଲାକୁ ଗ୍ରହଣ କରି ପିଲାଟିକୁ ନିଜ ପରିବାରର ଅଂଶ

ବିଶେଷ କରନ୍ତି । ଏହିପ୍ରକାର ସନ୍ତାନଗ୍ରହଣ ପୃଥିବୀର ଅଧିକାଂଶ ଅଞ୍ଚଳରେ ପ୍ରଚଳିତ ଅଛି ଓ ହଜାର ହଜାର ବର୍ଷ ଧରି କରାଯାଉଛି ।

ବାଇବଲ ମଧ୍ୟ ସନ୍ତାନଗ୍ରହଣ ବିଷୟରେ ବହୁତ କିଛି କହିଛି । କିନ୍ତୁ, ଯେତେବେଳେ ଧର୍ମଶାସ୍ତ୍ର 'ପୁତ୍ରଗ୍ରହଣ'କୁ ଉଲ୍ଲେଖ କରିଛି, ସେତେବେଳେ ଏହି ପଦଟି ଗୋଟିଏ ଅନାଥକୁ ଗ୍ରହଣ କରିବାଠାରୁ ଅତ୍ୟଧିକ ବିଷୟର ପ୍ରତିନିଧିତ୍ୱ କରିଛି ।

ପୁତ୍ର ଗ୍ରହଣ ସମ୍ବନ୍ଧୀୟ ଚିନ୍ତାଧାରା ବିଷୟରେ ଆମେ କ'ଣ ଜାଣୁ ବୋଲି ପବିତ୍ର ଆତ୍ମା ଇଚ୍ଛା କରିଥିଲେ ? ସେ ଏହା ଲେଖିବା ପାଇଁ ପ୍ରେରିତ ପାଉଲଙ୍କୁ ପ୍ରେରଣା ଦେଇଥିଲେ : ***''କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇ ନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ, ତଦ୍ଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ''*** (ରୋମୀୟ ୮:୧୫) । ***''...ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ''*** (ଏଫିସୀ ୧:୫) । ''କିନ୍ତୁ କାଳ ସଂପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ । ସେ ସ୍ତ୍ରୀ ଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ **ପୁତ୍ରତ୍ୱ**ର ଅଧିକାର ପ୍ରାପ୍ତ ହେଉ'' (ଗାଲାତୀୟ ୪:୪,୫) ।

ଈଶ୍ୱର ନିଜ ଦାସମାନଙ୍କର ବାଇବଲ ସମ୍ବନ୍ଧୀୟ ଲେଖା ମାଧ୍ୟମରେ ଯେଉଁ ବହୁମୂଲ୍ୟ ସତ୍ୟ, ସ୍ୱର୍ଗୀୟ ଭାବରେ ପ୍ରକାଶ କରିଥିଲେ, ତାହା ଆମେ ଜାଣୁ ଓ ଗ୍ରହଣ କରୁ ବୋଲି ସେ ଇଚ୍ଛା କରନ୍ତି । ସନ୍ତାନଗ୍ରହଣ ସମ୍ବନ୍ଧରେ ଆମର ଆଧୁନିକ ଯୁଗର ଚିନ୍ତାଧାରା ଯେକୌଣସି ଅନାଥ ପିଲା ପ୍ରତି ନିଶ୍ଚୟ ଆଶ୍ଚର୍ଯ୍ୟଜନକ ଓ ପ୍ରଚୁର ଆଶୀର୍ବାଦ ଅଟେ । ତଥାପି, ତୁଳନା ଦ୍ୱାରା ଜଣାଯାଏ ଯେ, ଏହା ଆମର ପ୍ରେମମୟ ସ୍ୱର୍ଗୀୟ ପିତାଙ୍କ ଦ୍ୱାରା 'ଆତ୍ମିକ ପୁତ୍ର ଗ୍ରହଣ' ସମ୍ବନ୍ଧୀୟ ଗଭୀର ଭାବରେ ପ୍ରଭାବଶାଳୀ ଆଶୀର୍ବାଦ ଓ ଉଦ୍ଦେଶ୍ୟରେ ଏକ ଛାୟାମାତ୍ର ଅଟେ ।

ଭାଗ ୧

ପୁତ୍ରଗ୍ରହଣର ପ୍ରଥା

ନୂତନ ନିୟମରେ ପୁତ୍ରଗ୍ରହଣ ପ୍ରତି ପାଉଲଙ୍କ ସୂଚନା ସମ୍ବନ୍ଧରେ ଅଧିକ ଉତ୍ତମଭାବେ ଜ୍ଞାନ ଲାଭ ନିମନ୍ତେ ତାଙ୍କ ଯୁଗର ସଂସ୍କୃତିରେ ଏହା ଯେପରି ଭାବରେ କାର୍ଯ୍ୟକାରୀ କରାଯାଉଥିଲା, ତା'ପ୍ରତି ନିକଟରୁ ଦୃଷ୍ଟିପାତ କରିବା ଲାଭଜନକ ହେବ ।

କ. ସାଂସ୍କୃତିକ ପୃଷ୍ଠଭୂମି

୧. ଯିହୁଦୀ ଓ ମଧ୍ୟ ପ୍ରାଚ୍ୟ ସଂସ୍କୃତି

ଅନେକ ପ୍ରାଚ୍ୟ ସଂସ୍କୃତି ପୁତ୍ରଗ୍ରହଣ ପ୍ରଥାକୁ ବିଭିନ୍ନ ରୂପରେ ପାଳନ କରୁଥିଲେ । ପ୍ରାଚୀନ ଐତିହାସିକ ଶାସ୍ତ୍ରଗୁଡ଼ିକ ଏହା ପ୍ରକାଶ କରିଛନ୍ତି ଯେ ଇସ୍ରାଏଲୀୟମାନଙ୍କର ସମସାମୟିକ ବାବିଲୋନୀୟ, ନୁଜି, ଉଗାରିଟ୍ ଓ ଅନ୍ୟ ଲୋକମାନେ ସମସ୍ତେ ସନ୍ତାନଗ୍ରହଣ ପ୍ରଥା ପାଳନ କରୁଥିଲେ ।

'ସନ୍ତାନଗ୍ରହଣ' ପାଇଁ ବ୍ୟବହୃତ ପ୍ରକୃତ ହିବ୍ରୁ ଶବ୍ଦ ପୁରାତନ ନିୟମରେ ମିଳେ ନାହିଁ । କିନ୍ତୁ, ଗୋଟିଏ ପିଲା ଅନ୍ୟ ପରିବାରର ଅଧିକାର, ନାମ ଓ ସୁବିଧାସୁଯୋଗ ପାଇବାର ଚିନ୍ତାଧାରା ଅନେକ ପୁରାତନ ନିୟମ ଅଧ୍ୟାୟରେ ଦେଖାଯାଏ ।

- ଅବ୍ରାମ ନିଜ ପରିବାରର ଦାସକୁ ନିଜର ଉତ୍ତରାଧିକାରୀ ଭାବରେ ଗ୍ରହଣ କରିବାର ପ୍ରସ୍ତାବ ରଖିଥିଲେ (ଆଦି ୧୫:୧-୪) ।
- ଅବ୍ରାମ ଓ ସାରୀ ହାଗାରର ସନ୍ତାନକୁ ଅବ୍ରାମଙ୍କର ଉତ୍ତରାଧିକାରୀ ଭାବରେ ଗ୍ରହଣ କରିବାକୁ ଇଚ୍ଛୁକ ହୋଇଥିଲେ (ଆଦି ୧୬:୧-୩) ।
- ଯୋଷେଫଙ୍କ ଦୁଇ ପୁତ୍ରକୁ ଯାକୁବ ନିଜ ପୁତ୍ର ଭାବରେ ଗ୍ରହଣ କରିଥିଲେ (ଆଦି ୪୮:୫) ।
- ଫାରୋଙ୍କ କନ୍ୟା ମୋଶାଙ୍କୁ ପୁତ୍ର ରୂପେ ଗ୍ରହଣ କରିଥିଲେ (ଯାତ୍ରା ୨:୧୦) ।

- ଗନୁବତ୍ ଫାରୋଙ୍କ ଦରବାରରେ ତାଙ୍କର ପୁତ୍ରମାନଙ୍କ ମଧ୍ୟରେ ପ୍ରତିପାଳିତ ହୋଇଥିଲେ (୧ରାଜା ୧୧:୧୯,୨୦) ।
- ମର୍ଦ୍ଦଖୟ ଏଷ୍ଟରଙ୍କୁ କନ୍ୟା ରୂପେ ଗ୍ରହଣ କରିଥିଲେ (ଏଷ୍ଟର ୨:୭,୧୫) ।

'ସନ୍ତାନଗ୍ରହଣ'ର ଚିନ୍ତାଧାରା ଇସ୍ରାଏଲୀୟ ସାହିତ୍ୟରେ ମଧ୍ୟ ରହିଛି (ହିତୋପଦେଶ ୧୭:୨, ୨୯:୨୧) । ଏହି ସୂଚନାଗୁଡ଼ିକ ଗୋଟିଏ ମୁକ୍ତ ପରିବାର ମଧ୍ୟରେ ଦାସମାନଙ୍କୁ ଗ୍ରହଣ କରିବା ବିଷୟ ଉଲ୍ଲେଖ କରିଥାଏ । ଆହୁରି ମଧ୍ୟ ଏହି ପ୍ରକାର ସନ୍ତାନଗ୍ରହଣ ହୁଏତ ଜଣେ ସ୍ୱାଧୀନ ପିତା ଓ ଜଣେ ଦାସୀ ମାତାଠାରୁ ଜନ୍ମିତ ସନ୍ତାନ ପାଇଁ ସଂପତ୍ତିର ଅଧିକାରୀ ହେବାର ମାର୍ଗ ଯୋଗାଇଥିଲା (ଆଦି ୨୧:୧-୧୦, ୩୦:୧-୧୩) ।

ଈଶ୍ୱରଙ୍କ ଦ୍ୱାରା ଗୃହୀତ

କିନ୍ତୁ ପୁରାତନ ନିୟମରେ ସନ୍ତାନଗ୍ରହଣର ସର୍ବାଧିକ ପ୍ରଭାବଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଚିତ୍ର ହେଉଛି - ଈଶ୍ୱର ଇସ୍ରାଏଲକୁ ନିଜର ସନ୍ତାନ ଭାବରେ ଗ୍ରହଣ କରିବା ।

ଇସ୍ରାଏଲର ଲୋକମାନେ ମିଶରର ଦାସତ୍ୱରୁ ଉଦ୍ଧାର ପାଇବା ସମୟରେ ଈଶ୍ୱରଙ୍କର ପୁତ୍ରଗଣ କିମ୍ବା ସନ୍ତାନଗଣ ଭାବରେ ଉଲ୍ଲିଖିତ ହୋଇଛନ୍ତି (ଯାତ୍ରା ୪:୨୨, ୧୪:୨, ୩୨:୫,୧୮-୨୦) । ଏପରିକି ଈଶ୍ୱର ଇସ୍ରାଏଲକୁ ଦଣ୍ଡ ଦେବାକୁ ଯାଉଥିବା ସମୟରେ ଓ ଇସ୍ରାଏଲ ଉପରେ ନିଜର ଅସନ୍ତୋଷ ଘୋଷଣା କରୁଥିବା ସମୟରେ ସୁଦ୍ଧା ସେ ଇସ୍ରାଏଲକୁ ନିଜର ପୁତ୍ର ବୋଲି କହିଥିଲେ (ଯିଶା. ୧:୨,୪, ଯିରି. ୩:୧୯, ହୋଶେୟ ୧:୧୦, ୧୧:୧-୨) ।

ପୁତ୍ରଗ୍ରହଣର ଚିନ୍ତାଧାରା ପୁରାତନ ନିୟମରେ ବିଦ୍ୟମାନ ଅଛି । ସେଥିପାଇଁ ଯିହୁଦୀ ଲୋକମାନଙ୍କର ସଂସ୍କୃତିରେ ଓ ଧର୍ମୀୟ ତାଲିମରେ, ଏପରିକି ପ୍ରେରିତ ପାଉଲଙ୍କର ଜୀବନକାଳ ମଧ୍ୟରେ ସୁଦ୍ଧା ଏହା ପ୍ରଚଳିତ ଥିଲା ।

୨. ରୋମୀୟ ଓ ଗ୍ରୀକ୍ ସଂସ୍କୃତି

ସ୍ୱଷ୍ଟତଃ, ଆତ୍ମିକ ପୁତ୍ରତ୍ୱ ସମ୍ବନ୍ଧରେ ପାଉଲଙ୍କର ସ୍ୱଷ୍ଟୀକରଣ ମଧ୍ୟରେ ମିଶରରୁ ଇସ୍ରାଏଲର ପ୍ରସ୍ଥାନ ସମ୍ବନ୍ଧୀୟ ଚିନ୍ତାଧାରା ଓ ଚିତ୍ର ଅନ୍ତର୍ଭୁକ୍ତ ହୋଇଛି । ମାତ୍ର ପାଉଲ ମଧ୍ୟ ତାଙ୍କ ସମୟର ମୁଖ୍ୟ ରୋମୀୟ ସଂସ୍କୃତିରେ ପ୍ରତିପାଳିତ ଓ ସେହି ସଂସ୍କୃତି ପ୍ରତି ଉନ୍ମୋଚିତ ହୋଇଥିଲେ । ଆଉ ଏହି ରୋମୀୟମାନେ ହିଁ ପୁତ୍ରଗ୍ରହଣର ସାଂସ୍କୃତିକ ପ୍ରଥାର ସଂପୂର୍ଣ୍ଣ ବିକାଶ କରିଥିଲେ । ଏହି ପ୍ରଥା ଉଭୟ ପ୍ରୟୋଗାତ୍ମକ ସାମାଜିକ କାର୍ଯ୍ୟ ଭାବରେ ଓ ଏକ ଆଇନ୍‌ଗତ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିଥିଲା ।

ଏହିପରି ଭାବରେ, ଯେତେବେଳେ ପାଉଲ ଆମର ଆତ୍ମିକ ପୁତ୍ରତ୍ୱକୁ ବୁଝାଇଛନ୍ତି, ସେତେବେଳେ ନିମ୍ନଲିଖିତ ସିଦ୍ଧାନ୍ତ ନେବା ଦ୍ୱାରା ଉଭୟ ସଂସ୍କୃତିର ସମୃଦ୍ଧ ଉପମା ଓ ଚିନ୍ତାଧାରାକୁ ମିଶ୍ରଣ କରିଛନ୍ତି :

- ଯିହୁଦୀ ଲୋକମାନଙ୍କର ଇତିହାସ ଓ
- ପାଉଲ ଯେଉଁ ସଂସ୍କୃତିରେ ପ୍ରତିପାଳିତ ହୋଇଥିଲେ, ସେହି ସଂସ୍କୃତିର ପୁତ୍ରଗ୍ରହଣ ନିୟମ ଓ ପ୍ରଥା ।

ଏହା ସ୍ମରଣରେ ରଖନ୍ତୁ ଯେ, ଏହି ଦୁଇ ସାଂସ୍କୃତିକ ପରଂପରାର ଅଧ୍ୟୟନ ଆତ୍ମିକ ପୁତ୍ରଗ୍ରହଣ ସମ୍ବନ୍ଧରେ ପାଉଲଙ୍କ ଚିନ୍ତାଧାରା ବୁଝିବାରେ ଆମକୁ ସାହାଯ୍ୟ କରିବ ।

ରୋମୀୟ ପୁତ୍ରଗ୍ରହଣ

ଗୋଟିଏ ରୋମୀୟ ପରିବାରରେ, ପିତା ନିରଙ୍କୁଶ ମୁଖ୍ୟ ଓ ଶାସକ ଥିଲେ । ସେହି ପରିବାରରେ ରକ୍ତ ଦ୍ୱାରା ସଂପୃକ୍ତ ସମସ୍ତ ବ୍ୟକ୍ତି ତାଙ୍କର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଅଧୀନରେ ରହିଥିଲେ । ଏହା ସେମାନଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ ଥିଲା, ଯେଉଁମାନଙ୍କୁ ଆଇନ୍‌ଗତ ପୁତ୍ରତ୍ୱ ମାଧ୍ୟମରେ ପରିବାର ସହିତ ସଂଯୁକ୍ତ କରାଯାଉଥିଲା ।

ରୋମୀୟ ଆଇନ୍‌ସମ୍ମତ ପୁତ୍ରଗ୍ରହଣ ପ୍ରକ୍ରିୟା ''ଘୋଷଣା ଉତ୍ସବ''ରେ ସମାପ୍ତ ହେଉଥିଲା । ଏହି ଉତ୍ସବ ଗୋଟିଏ ରୋମୀୟ ନ୍ୟାୟାଳୟରେ ସଂପାଦିତ ହେଉଥିଲା, ଯେଉଁଠାରେ ଗୃହୀତ ହେଉଥିବା ବ୍ୟକ୍ତିକୁ ଗ୍ରହଣ କରୁଥିବା ପରିବାରକୁ ହସ୍ତାନ୍ତର କରାଯାଉଥିଲା । ଏହି **'ହସ୍ତାନ୍ତର'** ଘଟଣାରେ ଅନ୍ୟ ଜଣେ ବିଶ୍ୱସ୍ତ ବ୍ୟକ୍ତି ସାକ୍ଷୀ ରହୁଥିଲେ ଓ ନିଜର ସ୍ୱାକ୍ଷର ଦେଇ ସମର୍ଥନ କରୁଥିଲେ । ରୋମୀୟ ପୁତ୍ରଗ୍ରହଣ ବ୍ୟବସ୍ଥାରେ ଗୃହୀତ ବ୍ୟକ୍ତିର ବୟସକୁ ବିଚାର କରାଯାଉ ନ ଥିଲା ।

ରୋମୀୟ ସମାଜରେ ପୁତ୍ରଗ୍ରହଣ ପ୍ରକ୍ରିୟା ବୁଝିବାର ମୁଖ୍ୟ ବିଷୟ ହେଉଛି : **(କ) ସନ୍ତାନଗ୍ରହଣକାରୀ ପିତାର କର୍ତ୍ତୃତ୍ୱ, (ଖ) ଗୃହୀତ ହେଉଥିବା ବ୍ୟକ୍ତିର ଜୀବନରେ ଆସୁଥିବା ସଂପୂର୍ଣ୍ଣ ପରିବର୍ତ୍ତନ ।**

ସନ୍ତାନଗ୍ରହଣ ମଧ୍ୟରେ ଗୃହୀତ ବ୍ୟକ୍ତିର ଜୀବନରେ ଅନେକ ପରିବର୍ତ୍ତନ ଆସୁଥିଲା, ଯଥା :

- ସମସ୍ତ ପୂର୍ବ ସମ୍ପର୍କ ଓ ଆନୁଗତ୍ୟ କାଟିବାକୁ ପଡୁଥିଲା ।
- ସମସ୍ତ ପୂର୍ବ ଋଣ ଓ ଦେୟ ବାତିଲ କରାଯାଉଥିଲା କିମ୍ବା ନୂତନ ପରିବାର ଦ୍ୱାରା ପରିଶୋଧ କରାଯାଉଥିଲା ।

- ଗୃହୀତ ବ୍ୟକ୍ତି ପିତାର ସଂପତ୍ତିର ଏକ ଉତ୍ତରାଧିକାରୀ ହେଉଥିଲା ।
- ଗୃହୀତ ବ୍ୟକ୍ତି ଗ୍ରହଣକର୍ତ୍ତା ପିତା ସହିତ ଓ ନୂତନ ପରିବାର ସହିତ ଆହୁରି ସଂପୂର୍ଣ୍ଣ ସଂପର୍କର ଅନୁଭୂତି ପାଉଥିଲା, ଯାହା ଜୀବନ ଉପରେ, ତା'ନିଜ ଉପରେ ଓ ତା'ର ଚତୁର୍ଦ୍ଦିଗସ୍ଥ ଜଗତ ଉପରେ ଗୃହୀତ ବ୍ୟକ୍ତିର ମତାମତ ନିର୍ଣ୍ଣୟ ଓ ସୁସଂଗଠିତ କରୁଥିଲା ।
- ଗୃହୀତ ପୁତ୍ର ମଧ୍ୟ ନୂତନ ପିତାର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଅଧୀନରେ ଥିଲା । ଏହାର ଅର୍ଥ ଥିଲା, ନୂତନ ପିତା –
- ଗୃହୀତ ବ୍ୟକ୍ତିର ସମସ୍ତ ସଂପତ୍ତି ଓ ଜୀବନର ମାଲିକ ବୋଲି ବିଚାରିତ ହେଉଥିଲେ ।
- ଗୃହୀତ ବ୍ୟକ୍ତିର ଆଚରଣକୁ ଶୃଙ୍ଖଳିତ କରିବା ପାଇଁ ଓ ନିର୍ଦ୍ଦେଶିତ କରିବା ପାଇଁ ତାଙ୍କର ଅଧିକାର ଥିଲା ।
- ଗୃହୀତ ବ୍ୟକ୍ତିର କାର୍ଯ୍ୟ ପାଇଁ ଦାୟୀ ରହୁଥିଲେ ।

ସନ୍ତାନଗଣ–କାର୍ଯ୍ୟର ଏହି ଅର୍ଥ ମଧ୍ୟ ଥିଲା ଯେ, ଉଭୟ ପକ୍ଷ ପରସ୍ପରକୁ ସମର୍ଥନ ଦେବା ପାଇଁ ଓ ସାହାଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ ଥିଲେ । ପିତା ଗୃହୀତ ବ୍ୟକ୍ତିର ସହାୟତା ଓ ଯତ୍ନ କରିବେ ଓ ଗୃହୀତ ପୁତ୍ର ତା'ର ନୂତନ ପରିବାରକୁ ସହାୟତା ଓ ଅବଦାନ ଦେବ ।

ପୁତ୍ରତ୍ୱ ନୂତନ ଉତ୍ତରାଧିକାରୀକୁ ଅନେକ ଗୁରୁତ୍ୱପୂର୍ଣ୍ଣ ଅଧିକାର ଓ ସୁବିଧା ପ୍ରଦାନ କରିଥିଲା । କିନ୍ତୁ ଏହା ଗୃହୀତ ବ୍ୟକ୍ତିର ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସଂପାଦନ ଆବଶ୍ୟକ କରୁଥିଲା ।

ନୂତନ ପିତା ପ୍ରତି ଗୃହୀତ ବ୍ୟକ୍ତିର ବାଧ୍ୟତା ଓ ବଶ୍ୟତା ନ୍ୟାୟୋଚିତ୍ତ ଭାବରେ ଆଶା କରାଯାଉଥିଲା । ଗୃହୀତ ବ୍ୟକ୍ତି ନୂତନ ପିତା ଓ ପରିବାର ପ୍ରତି ଲଜ୍ଜା କିମ୍ବା ଅସମ୍ମାନ ଆଣିବା ଅନୁଚିତ ଥିଲା । ଏହା ପରିବର୍ତ୍ତେ, ତାକୁ ଏପରି ଭାବରେ ଜୀବନ କାଟିବାକୁ ଥିଲା ଯେପରିକି ସେ ତା'ର ପିତା ଓ ପରିବାରର ସମ୍ମାନ, ପ୍ରଭାବ ଓ ଖ୍ୟାତି ବୃଦ୍ଧି କରିପାରିବ ।

ଭାଗ ୨

ଧର୍ମଶାସ୍ତ୍ରରୁ ପୁତ୍ରଗ୍ରହଣର ନିୟମାବଳୀ

'ପୁତ୍ରଗ୍ରହଣ' ପାଇଁ ନୂତନ ନିୟମର ଗ୍ରୀକ୍ ଶବ୍ଦ ହେଉଛି – *''ହୁଇଓଥେସିଆ''*। ଏହା ହେଉଛି ''ପୁତ୍ର'' ଓ ''ଏକ ସ୍ଥାପନ'' ପାଇଁ ମୂଳ ଶବ୍ଦ ଦୁଇଟିର ସମ୍ମିଶ୍ରଣ । ଏହା ଗୋଟିଏ ସନ୍ତାନକୁ ରଖିବା ଅପେକ୍ଷା ଅଧିକ ଅର୍ଥ ସୂଚାଏ – ଏହା ଏକ ପୁତ୍ର ସ୍ଥାପନ କରିବା ଅଟେ । ଏହାର ଗୁରୁତ୍ୱ ଏହି ଶିକ୍ଷାରେ ପରେ ଅଧ୍ୟୟନ କରାଯିବ ।

''ପୁତ୍ରଗ୍ରହଣ'' ଶବ୍ଦଟି ଇସ୍ରାଏଲ ପ୍ରତି ଉଲ୍ଲେଖରେ ଥରେ ବ୍ୟବହୃତ ହୋଇଛି (ରୋମୀୟ ୯:୪) । ଏହା ପୁନର୍ଜନ୍ମପ୍ରାପ୍ତ ବିଶ୍ୱାସୀର ଜୀବନ ପ୍ରତି ତିନିଥର ଉଲ୍ଲିଖିତ ହୋଇଛି (ରୋମୀୟ ୮:୧୨–୧୭, ଗାଲାତୀୟ ୪:୧–୫, ଏଫିସୀ ୧:୩–୬) ଓ ଶେଷରେ ପାଉଲ ସେହି ଭବିଷ୍ୟତ୍ ଆଶା ପ୍ରତି ଉଲ୍ଲେଖ କରିବାରେ ''ପୁତ୍ରଗ୍ରହଣ'' ବ୍ୟବହାର କରିଛନ୍ତି, ଯେତେବେଳେ ଆମେ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ଆମ ବିଶ୍ୱାସର ସଂପୂର୍ଣ୍ଣତାକୁ ସଂପୂର୍ଣ୍ଣ ଭାବରେ ଅନୁଭବ କରିବା (ରୋମୀୟ ୮:୨୨,୨୩) ।

୧. ପୁତ୍ରଗ୍ରହଣର ସଂଜ୍ଞା

ପୁତ୍ରଗ୍ରହଣ ସମ୍ବନ୍ଧୀୟ ଏହି ଅଧ୍ୟୟନ ଅବ୍ୟାହତ ରଖିବା ପୂର୍ବରୁ ଆମର ବୋଧଜ୍ଞାନରେ ସହାୟତା କରୁଥିବା ଅନ୍ୟ ଗୋଟିଏ ବାଇବଲ ଉଲ୍ଲିଖିତ ସତ୍ୟକୁ ସଂକ୍ଷିପ୍ତ ଭାବରେ ଉପସ୍ଥାପନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଯେତେବେଳେ ବାଇବଲ ଖ୍ରୀଷ୍ଟ ବିଶ୍ୱାସୀ ପ୍ରତି ''ପୁତ୍ର'' ଶବ୍ଦ ବ୍ୟବହାର କରେ, ସେତେବେଳେ ସେହି ଶବ୍ଦ ମଧ୍ୟରେ **ଉଭୟ ''ପୁରୁଷ ଓ ନାରୀ''** ଅନ୍ତର୍ଭୁକ୍ତ ହୁଅନ୍ତି । ଏହିପରି, ଏହି ଶିକ୍ଷାରେ ଆମେ ଗୃହୀତ ସନ୍ତାନକୁ ଉଲ୍ଲେଖ କରିବା ସମୟରେ ବାଇବଲ ଉଲ୍ଲିଖିତ ''ପୁତ୍ର'' ଶବ୍ଦ ବ୍ୟବହାର କରିବା, ଯାହା ଗୋଟିଏ ପୁରୁଷ କିମ୍ବା ନାରୀକୁ ସୂଚାଇପାରେ ।

ଉଭୟ ପୁରୁଷ ଓ ନାରୀ ବିଶ୍ୱାସୀ ପାଇଁ ''ପୁତ୍ରତ୍ୱ''ର ଅର୍ଥ ହେଉଛି ଯେ, *ଈଶ୍ୱରଙ୍କଠାରୁ ଆଗତ ସଂପୂର୍ଣ୍ଣ ଉତ୍ତରାଧିକାର* ସେହି **'ପ୍ରତ୍ୟେକ'** ବ୍ୟକ୍ତି ପ୍ରାପ୍ତ ହୁଏ ଯିଏ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପାଇଛି (ଗାଲାତୀୟ ୩:୨୬–୨୮ ଓ କଲସୀୟ ୩:୧୧ ଦେଖନ୍ତୁ) । ପୁରୁଷ ଓ ନାରୀ ଉତ୍ତରାଧିକାରୀ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ତା'ର ଅଧିକାର ପାଇଁ ଓ ଗୋଟିଏ ପୁତ୍ର ହେବାର ସଂପୂର୍ଣ୍ଣ ଉପକାର ଓ ଅଧିକାର ପାଇଁ ସମାନ ଭାବରେ ଯୋଗ୍ୟ ଅଟେ ।

ମାନବ ଗ୍ରହଣର ସୀମା

ପୁତ୍ରଗ୍ରହଣ ସମ୍ବନ୍ଧୀୟ ଶାସ୍ତ୍ର ଉଲ୍ଲିଖିତ ନିୟମକୁ ସଂପୂର୍ଣ୍ଣ ଭାବରେ ବୁଝିବା ପାଇଁ ନୂତନ ନିୟମରେ ଏହା କିପରି ବ୍ୟବହୃତ ହୋଇଛି, ତା'ର ସଂଜ୍ଞା ସ୍ପଷ୍ଟ ଭାବରେ ନିର୍ଣ୍ଣୟ କରିବାକୁ ହେବ । ଦୈନନ୍ଦିନ ଜୀବନରେ ଏହି ପଦ ସମ୍ବନ୍ଧରେ ଆମେ ଯାହା ଚିନ୍ତା କରିପାରୁ, ପାଉଲଙ୍କର ଏହି ପଦର ବ୍ୟବହାର ତା'ଠାରୁ ସଂପୂର୍ଣ୍ଣ ଭାବରେ ଭିନ୍ନ ଅଟେ ।

ଆମ ମଧ୍ୟରୁ ଅଧିକାଂଶ ''ପୁତ୍ରଗ୍ରହଣ''କୁ ଏହି ଅର୍ଥରେ ବୁଝନ୍ତି ଯେ, ଗୋଟିଏ ପରିବାରରେ ଜନ୍ମ ହୋଇ ନ ଥିବା ଗୋଟିଏ ପିଲା ସେହି ପରିବାର ଏକ ସଂପୂର୍ଣ୍ଣ ସଦସ୍ୟ ହୋଇପାରେ । ଏହି ଗୃହୀତ ପିଲା ନିକଟରେ ଗ୍ରହଣକର୍ତ୍ତା ପିତାମାତାଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଗୁଣ ରହିଥିବା ସମ୍ଭବ ଅଟେ । ଗୃହୀତ ପିଲା ଓ ଗ୍ରହଣକର୍ତ୍ତା ପିତାମାତା ହୁଏତ ଉଚ୍ଚତା କିମ୍ବା ଗଠନରେ, ବ୍ୟକ୍ତିତ୍ୱରେ, ମାନସିକ ପ୍ରତିକ୍ରିୟାରେ କିମ୍ବା ଅଭ୍ୟାସ କିମ୍ବା କଥା କହିବା ଶୈଳୀରେ ସୁଦ୍ଧା ଭିନ୍ନ ହୋଇପାରନ୍ତି ।

ସ୍ୱାଭାବିକ ଭାବରେ, ଗ୍ରହଣକର୍ତ୍ତା ପିତାମାତା ଗୋଟିଏ ଅନାଥ ପିଲାର ଏପରି ଗୁଣ କିମ୍ବା ସ୍ୱଭାବକୁ ଚିହ୍ନନ୍ତି, ଯାହା ସେମାନଙ୍କୁ ସେହି ସନ୍ତାନ ପ୍ରତି ଆକର୍ଷିତ କରାଏ । ଏହା ହୁଏତ ଶାରୀରିକ ଚେହେରା, ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ କିମ୍ବା ଖୁସି ମିଜାଜ୍ ହୋଇପାରେ । ବୋଧହୁଏ, ଏହା ଗୋଟିଏ ଅବାଞ୍ଛିତ ପିଲାର ଅତ୍ୟାବଶ୍ୟକତା ହୋଇଥିବ, ଗୋଟିଏ ପିଲାର ଶାରୀରିକ କିମ୍ବା ମାନସିକ ଦୁର୍ବଳତା ପାଇଁ ଦୟା ଓ ପିଲାଟିକୁ ସାହାଯ୍ୟ କରିବାର ଇଚ୍ଛା ହୋଇଥିବ ।

ପୁତ୍ର ଗ୍ରହଣର ମନୋଭାବ ସତ୍ତ୍ୱେ ମାନବ ପୁତ୍ରଗ୍ରହଣର କାର୍ଯ୍ୟ *ଆପେ ଆପେ* ଗୃହୀତ ପିଲାକୁ ଗ୍ରହଣକର୍ତ୍ତା ପିତାମାତାର ସ୍ୱଭାବ, ପ୍ରକୃତି କିମ୍ବା ଗୁଣ ପ୍ରଦାନ କରେ ନାହିଁ ।

କିନ୍ତୁ ଏହି କ୍ଷେତ୍ରରେ, ମନୁଷ୍ୟର ଗ୍ରହଣ ପ୍ରକ୍ରିୟା ଓ ଈଶ୍ୱରଙ୍କ ପରିବାର ମଧ୍ୟରେ ଆମର ଆତ୍ମିକ ଗ୍ରହଣ ପ୍ରକ୍ରିୟା ମଧ୍ୟରେ ସଂପୂର୍ଣ୍ଣ ଓ ଆଶ୍ଚର୍ଯ୍ୟଜନକ ଭିନ୍ନତା ରହିଛି ।

ଏକ ନୂତନ ସୃଷ୍ଟି

ପ୍ରଥମ ଓ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭିନ୍ନତା ହେଉଛି ଏହି ସତ୍ୟ ଯେ ଈଶ୍ୱରଙ୍କର ଦ୍ୱାରା ଗୃହୀତ ପ୍ରତ୍ୟେକ ବ୍ୟକ୍ତି (ହୁଇଓଥେସିଆ ଗୋଟିଏ ପୁତ୍ର ଭାବରେ ସ୍ଥାପିତ) ଈଶ୍ୱରଙ୍କ ସନ୍ତାନ ଭାବରେ ପୁନର୍ଜନ୍ମ ପାଇଥାଏ (ଯୋହନ ୧:୧୨,୧୩) । ଈଶ୍ୱରଙ୍କ ଦ୍ୱାରା ଗୃହୀତ ହେବା *'ଗୋଟିଏ ପୁତ୍ର କରିବା'* ନୁହେଁ । ବରଂ, ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣ ଦ୍ୱାରା **''ପୁତ୍ର ହୋଇସାରିଥିବା ଜଣେ ବ୍ୟକ୍ତିକୁ ସ୍ଥାପନ କରିବା''** ଅଟେ ।

ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ପୁନର୍ଜନ୍ମ ପ୍ରାପ୍ତ ହୁଏ (ଏଫିସୀ ୨:୮-୧୦), ସେତେବେଳେ ସେ ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ଦ୍ୱାରା ତାଙ୍କର ସନ୍ତାନ ଭାବରେ ଗୃହୀତ ହୁଏ । ଯୀଶୁଙ୍କର ଉତ୍ସର୍ଗୀକୃତ ମୃତ୍ୟୁ ଓ ପୁନରୁତ୍ଥାନ ସେହି ପ୍ରତ୍ୟେକ ବ୍ୟକ୍ତି ପାଇଁ ମାର୍ଗ ଯୋଗାଇଥିଲା, ଯିଏ ଈଶ୍ୱରଙ୍କ ସନ୍ତାନ ଭାବରେ ପୁନର୍ବାର ଗୃହୀତ ହେବା ପାଇଁ ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ ପରିତ୍ରାଣ ପାଇଥାଏ । ଏହାପରେ ଈଶ୍ୱର ସଙ୍ଗେ ସଙ୍ଗେ ଓ ସର୍ବୋଚ୍ଚ କ୍ଷମତାର ସହିତ ସେହି ବ୍ୟକ୍ତିକୁ ନିଜ ପରିବାର ମଧ୍ୟରେ ଗ୍ରହଣ କରନ୍ତି । ଆତ୍ମିକ ପୁତ୍ରତ୍ୱ ସେହି ମୁହୂର୍ତ୍ତରେ ମିଳେ, ଯେଉଁ ମୁହୂର୍ତ୍ତରେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ ଓ ଆତ୍ମାଙ୍କ ଦ୍ୱାରା ପୁନର୍ଜନ୍ମ ପାଏ ।

ବାଇବଲ ଏହା ପ୍ରକାଶ କରିଛି ଯେ, ଆମେ ପରିତ୍ରାଣ ପାଇବା ସମୟରେ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ସୃଷ୍ଟି ହୋଇଥାଉ (ଗାଲା. ୬:୧୫) । ଆମର ପରିତ୍ରାଣରେ, ଆମର ପୂର୍ବ ସ୍ୱଭାବ ପରିବର୍ତ୍ତିତ ହୁଏ (୧ କରିନ୍ଥୀୟ ୬:୯-୧୧) । ଆମେ ପୁନର୍ଜନ୍ମ ପାଇଥାଉ ଓ ଆମ ପାଇଁ ସମସ୍ତ ବିଷୟ ନୂତନ ହୋଇଯାଏ (୨ କରିନ୍ଥୀ. ୫:୧୭) । ଆମେ ଗୋଟିଏ କ୍ଷମାପ୍ରାପ୍ତ, ରକ୍ତ ଦ୍ୱାରା ଧୌତ ବ୍ୟକ୍ତି ଭାବରେ ଜୀବନ କାଟିବା ଆରମ୍ଭ କରୁ । ବର୍ତ୍ତମାନ ଆମ ମଧ୍ୟରେ ବାସ କରୁଥିବା ପବିତ୍ର ଆତ୍ମାଙ୍କ ଦ୍ୱାରା ଆମେ ଖ୍ରୀଷ୍ଟଙ୍କ ଉପସ୍ଥିତି ପାଇଥାଉ । ଆମେ ପ୍ରଥମ ଥର ପାଇଁ ଏକ ସଂପୂର୍ଣ୍ଣ ନୂତନ ଆତ୍ମିକ ଜୀବନ ଆରମ୍ଭ କରି ଆମର ଆଭ୍ୟନ୍ତରୀଣ ସ୍ୱଭାବରେ ଏକ ସଂପୂର୍ଣ୍ଣ ଆତ୍ମିକ ବ୍ୟକ୍ତି ହୋଇଯାଉ ।

ଏହାପରେ, ଏହି ସଂପୂର୍ଣ୍ଣ ନୂତନ ବ୍ୟକ୍ତି ଭାବରେ ଆମକୁ ସଙ୍ଗେ ସଙ୍ଗେ ଏକ ନୂତନ ପରିବାର - ଈଶ୍ୱରଙ୍କ ପରିବାର ମଧ୍ୟରେ ରଖାଯାଏ । ଆମେ ଆଉ ଅନାଥ ହୋଇ ନ ରହି ଏକ ଭିନ୍ନ ପରିବାର ମଧ୍ୟକୁ ଗତି କରିଥାଉ । କେବଳ ସେତିକି ନୁହେଁ, ଆମେ ଏକ ସଂପୂର୍ଣ୍ଣ ନୂତନ ପୁତ୍ର ଭାବରେ ଈଶ୍ୱରଙ୍କ ପରିବାର ମଧ୍ୟରେ *''ନୂତନ ଭାବେ ଜନ୍ମଗ୍ରହଣ''* କରିଥାଉ । ଆମେ ଖ୍ରୀଷ୍ଟଙ୍କ ଶରୀରର ଏକ ସଂପୂର୍ଣ୍ଣ ସଦସ୍ୟ ହୋଇଯାଉ ।

ଆମେ ଈଶ୍ୱରଙ୍କ ପରିବାରରେ ଗୃହୀତ ହେବା ପୂର୍ବରୁ ଆମକୁ ଆମର ପୁତ୍ରତ୍ୱ ଅର୍ଜନ କରିବାକୁ କିମ୍ବା ଆମର ମୂଲ୍ୟ ପ୍ରମାଣ କରିବାକୁ ହୁଏ ନାହିଁ । ଆମର ପରିତ୍ରାଣର ମୁହୂର୍ତ୍ତଠାରୁ ଆମକୁ ଆମର ସ୍ୱର୍ଗୀୟ ପିତାଙ୍କର ଏକ ପୁତ୍ର ଭାବରେ ବିଚାର କରାଯାଏ ।

ସଂପୂର୍ଣ୍ଣ ପୁତ୍ରତ୍ୱ - ସଙ୍ଗେ ସଙ୍ଗେ !

ଏହି 'ହଠାତ୍' ଆତ୍ମିକ ପୁତ୍ରତ୍ୱର ଏହି ଅର୍ଥ ମଧ୍ୟ ରହିଛି ଯେ, ଆମର ଖ୍ରୀଷ୍ଟଙ୍କଠାରେ ***'ତାତ୍କ୍ଷଣିକ ପରିପକ୍ୱତାର ସ୍ଥିତି'*** ରହିଛି । ତେବେ ସେଥିପାଇଁ, ଈଶ୍ୱରଙ୍କ ପରିବାରରେ ଏକ ପୁତ୍ର ହେବାର ସମସ୍ତ **ଦାୟିତ୍ୱ** ଓ **ଅଧିକାର** ସଙ୍ଗେ ସଙ୍ଗେ ଆମର ହୋଇଯାଏ ।

ଈଶ୍ୱରଙ୍କ ଆକାଂକ୍ଷରେ ଆମର ଜୀବନ ନିମନ୍ତେ ଏକ ''ବାଲ୍ୟକାଳ ପର୍ଯ୍ୟାୟ'' ନାହିଁ । ଆମକୁ ସଙ୍ଗେ ସଙ୍ଗେ ଆମର ସର୍ବୋତ୍ତମ ଯୋଗ୍ୟତାର ସହିତ ଓ ଈଶ୍ୱର ଆମକୁ ଦେଇଥିବା ଅଲୌକିକ ଅନୁଗ୍ରହ ଓ ସାହାଯ୍ୟ ଅନୁସାରେ ଏକ ପବିତ୍ରତା, ସେବା ଓ ଖ୍ରୀଷ୍ଟିୟ ଦାୟିତ୍ୱର ଜୀବନ ଆରମ୍ଭ କରିବାକୁ ହୁଏ (ଫିଲି. ୧:୬) । ଆମକୁ ଈଶ୍ୱରଙ୍କ ପରିବାରର ଏକ ସଦସ୍ୟ ଭାବରେ ଈଶ୍ୱରଙ୍କୁ ନିଜର ପ୍ରେମମୟ ପିତା ଭାବରେ ଗ୍ରହଣ କରି, ତାଙ୍କର ଆଜ୍ଞା ପାଳନ କରି ଓ ତାଙ୍କର ସେବା କରି ଜୀବନ କାଟିବା ଆରମ୍ଭ କରିବାକୁ ହୁଏ ।

ଅବଶ୍ୟ, ଯୀଶୁଖ୍ରୀଷ୍ଟଙ୍କର ଜଣେ ବିଶ୍ୱାସୀ ଭାବରେ ପ୍ରତ୍ୟେକ ନୂତନ ଖ୍ରୀଷ୍ଟିୟାନ ନିମନ୍ତେ ପରିପକ୍ୱ ହେବା ଓ ବୃଦ୍ଧି ପାଇବା ଆବଶ୍ୟକ ଅଟେ । ଆମେ ସଙ୍ଗେ ସଙ୍ଗେ ପରିପକ୍ୱ କିମ୍ବା ସିଦ୍ଧ ହେବା ନାହିଁ (ଫିଲି. ୨:୧୨,୧୩) । ମାତ୍ର ଏହା ସତ୍ତ୍ୱେ, ଆମର ପରିତ୍ରାଣ ପାଇବା ମୁହୂର୍ତ୍ତରେ ଆମେ ଆତ୍ମିକ ଭାବରେ **''ଗୋଟିଏ ପୂର୍ଣ୍ଣ ପୁତ୍ର''** ଭାବରେ ସ୍ଥାପିତ ହୋଇଛୁ ବୋଲି ଉପଲବ୍ଧି କରିବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଖ୍ରୀଷ୍ଟଙ୍କଠାରେ ଆମର ଆତ୍ମିକ ପରିପକ୍ୱତାର ସ୍ତର ଯା'ହେଉନା କାହିଁକି, ଆମେ ତତ୍କ୍ଷଣାତ୍ ଈଶ୍ୱରଙ୍କ ପରିବାରର ଏକ ସଦସ୍ୟ ହେବାର **ସମସ୍ତ** ଦାୟିତ୍ୱ ଓ ଅଧିକାର ପାଇଥାଉ । ଏହାହିଁ ଏକ ପରିପକ୍ୱ ପୁତ୍ର ହେବାର **'ସ୍ଥିତି'** ପ୍ରଦତ୍ତ ହେବାର ଅର୍ଥ ଅଟେ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକ, ଈଶ୍ୱରଙ୍କଠାରୁ ଏହି ଆତ୍ମିକ ସ୍ଥିତି ନୂତନ ବିଶ୍ୱାସୀମାନଙ୍କୁ ଶିକ୍ଷା ଓ ତାଲିମ ଦେବା ପାଇଁ ***ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ*** ହେବାର ଏକ କାରଣ ଅଟେ । ଈଶ୍ୱର କିଏ ଅଟନ୍ତି, ସେ ଯୀଶୁଙ୍କ ମାଧ୍ୟମରେ ସେମାନଙ୍କ ନିମନ୍ତେ କ'ଣ କରିଛନ୍ତି ଓ ସେମାନଙ୍କଠାରୁ କ'ଣ ଆଶା କରନ୍ତି, ତାହା ସେମାନେ ବୁଝିବା ଆବଶ୍ୟକ ଅଟେ । ଈଶ୍ୱରଙ୍କର ପ୍ରିୟ ପୁତ୍ର ଭାବରେ କିପରି କାର୍ଯ୍ୟ କରିବାକୁ ହୁଏ ଓ ଏହି ପୃଥିବୀରେ ତାଙ୍କର ଦୂତ ଭାବରେ କିପରି ଜୀବନ କାଟିବାକୁ ହୁଏ, ତାହା ସେମାନେ ଶିକ୍ଷା କରିବା ଆବଶ୍ୟକ ।

ଯେକୌଣସି ଛୋଟ ପିଲା ଭଳି ଯେଉଁମାନେ ''ଖ୍ରୀଷ୍ଟଙ୍କଠାରେ ଶିଶୁ'' ଅଟନ୍ତି, ସେମାନେ ପ୍ରତିପାଳିତ, ଶିକ୍ଷିତ ଓ ତାଲିମପ୍ରାପ୍ତ ହେବା ଆବଶ୍ୟକ । ଈଶ୍ୱରଙ୍କ ପଲର ମେଷପାଳକ ଭାବରେ ତାହା ଆମର ମୁଖ୍ୟ ଆହ୍ୱାନ ଅଟେ (୧ପିତର ୫:୨) ।

ଏହି ପାଳକୀୟ ଭୂମିକା ହେଉଛି ଏହି ଉଚ୍ଚ ଆହ୍ୱାନ ଓ ଏହା ଏକ ବଡ଼ ଦାୟିତ୍ୱର ସହିତ ପାଳନ କରାଯାଏ । ଈଶ୍ୱର ଆମକୁ ତାଙ୍କର ''ମେଷଶାବକ''ମାନଙ୍କୁ ସମର୍ପଣ କରିଛନ୍ତି । ଆମକୁ ସେମାନଙ୍କର ଯତ୍ନ ନେବାକୁ ହେବ, ସେମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଭୋଜନ କରାଇବାକୁ ହେବ ଓ ପ୍ରଭୁଙ୍କ ସହିତ କିପରି ଗମନାଗମନ କରିବାକୁ ହେବ, ତାହା ଜାଣିବା ପାଇଁ ସେମାନଙ୍କୁ ଚାଳନା ଦେବାକୁ ହେବ । ଆମକୁ ଜ୍ଞାନୀ, ପ୍ରତିଭାଯୁକ୍ତ କିମ୍ବା ବହୁଳ ଭାବରେ ଶିକ୍ଷିତ ହେବାକୁ ପଡ଼ିବ ନାହିଁ । ମାତ୍ର ଆମକୁ ଠିକ୍ ମୋଶାଙ୍କ ଭଳି *ବିଶ୍ୱସ୍ତ* ରହିବାକୁ ହେବ (ଏବ୍ରୀ ୩:୨) ।

ପାଳକ ଭାବରେ, ମେଷଗୁଡ଼ିକୁ ପ୍ରେମ କରିବା ପାଇଁ ଓ ଯେଉଁମାନେ ସେମାନଙ୍କର କ୍ଷତି କରିପାରନ୍ତି, ସେମାନଙ୍କଠାରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଆମେ ଆହୂତ ହୋଇଅଛୁ (ପ୍ରେରିତ ୨୦:୨୭-୨୯) ଆମକୁ ପ୍ରେମର ସହିତ ଆମ ପଲର ସେବା କରିବାକୁ ହେବ, ଆମର ସ୍ୱର୍ଗୀୟ ପିତାଙ୍କର ପୁତ୍ର ଓ କନ୍ୟା ଭାବରେ ପରିପକ୍ୱ ଓ ବୃଦ୍ଧିପ୍ରାପ୍ତ ହେବାରେ ସେମାନଙ୍କୁ ସାହାଯ୍ୟ କରିବାକୁ ହେବ ।

ମଣ୍ଡଳୀର ନେତା ଭାବରେ, ଆମକୁ ବିଶ୍ୱସ୍ତ ଭାବରେ ଶ୍ରେଷ୍ଠ ମେଷପାଳକଙ୍କର ତାଙ୍କର ମେଷମାନଙ୍କ ପ୍ରତି ଥିବା କାର୍ଯ୍ୟର ପ୍ରତିନିଧିତ୍ୱ କରିବାକୁ ହେବ । ଆମକୁ ସର୍ବଦା ଯଥାର୍ଥ ଭାବରେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ପାଇଁ ଚେଷ୍ଟା କରିବାକୁ ହେବ, ଯେପରିକି ଆମେ ଯେଉଁମାନଙ୍କୁ ନେତୃତ୍ୱ ଦେଉଅଛୁ, ସେମାନେ ସେମାନଙ୍କର ସ୍ୱର୍ଗୀୟ ପିତାଙ୍କୁ ଜାଣିପାରିବେ ଓ ବୁଝିପାରିବେ । ଏହି ପବିତ୍ର ଆହ୍ୱାନକୁ ଆମେ କିପରି ବିଶ୍ୱସ୍ତ ଭାବରେ ପାଳନ କରିଅଛୁ, ସେଥିନିମନ୍ତେ ଆମକୁ ଦିନେ ଏକ ହିସାବ ଦେବାକୁ ହେବ (ଏବ୍ରୀ ୧୩:୧୭, ୧ପିତର ୫:୨-୪) ।

ଭୁଲ୍ ମାନବିକ ଯୁକ୍ତି

ଆତ୍ମିକ ପୁତ୍ରର ସମ୍ବନ୍ଧରେ ଧର୍ମଶାସ୍ତ୍ରକୁ ପ୍ରାୟ ଭୁଲ୍ ଭାବରେ ବ୍ୟାଖ୍ୟା କରାଯାଏ । ଏହା ପରିତ୍ରାଣ ପରେ ଈଶ୍ୱରଙ୍କ ଛାମୁରେ ଆମର ପ୍ରକୃତ ଦଣ୍ଡାୟମାନର ଏକ ଭୁଲ୍ ଅର୍ଥ ଦିଗରେ କଢ଼ାଇନିଏ ।

ମନୁଷ୍ୟ ସମାଜରେ, ସାଧାରଣତଃ, ପରିପକ୍ୱ ବୟସ୍କ ପୁତ୍ର ପିତାଙ୍କ ସଂପତ୍ତିର ଏକ ଉତ୍ତରାଧିକାରୀ ହେବାର ଅଧିକାର ପ୍ରାପ୍ତ ହୁଏ । କେତେକ ଲୋକ ଭୁଲ୍‌ରେ ସେହି ସମାନ ମାନବିକ ଯୁକ୍ତିକୁ ଏପରି ଗୋଟିଏ ମୁଖ୍ୟ ଅଧ୍ୟାୟ ପ୍ରତି ପ୍ରୟୋଗ

କରନ୍ତି, ଯେଉଁଥିରେ ପାଉଲ ପୁତ୍ରଗ୍ରହଣର ନିୟମ ବିଷୟରେ ଲେଖିଛନ୍ତି (ଗାଲାତୀୟ ୪:୧-୭) । କିନ୍ତୁ ସେହି ଅଧ୍ୟାୟ ପରୀକ୍ଷା କରିବା ପୂର୍ବରୁ, ଆସନ୍ତୁ ଆମେ ପ୍ରଥମେ ଗାଲାତୀୟର ପୂର୍ବ ଅଧ୍ୟାୟ ପ୍ରତି ଦୃଷ୍ଟିପାତ କରିବା । ଏହା ଆମକୁ ଆମର ଆତ୍ମିକ ପୁତ୍ରଗ୍ରହଣ ବିଷୟରେ ପାଉଲଙ୍କର ପ୍ରକାଶିତ ଉକ୍ତି ପାଇଁ ପରିସର ଯୋଗାଇବାରେ ସାହାଯ୍ୟ କରିବ ।

ବ୍ୟବସ୍ଥାର ଉଦ୍ଦେଶ୍ୟ

ପାଉଲ ଶକ୍ତିପୂର୍ଣ୍ଣ ଭାବରେ ଏହି ତର୍କ କରିଛନ୍ତି ଯେ, କେହି ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହୋଇପାରିବ ନାହିଁ (ଗାଲା. ୩:୧୦-୧୪,୨୧,୨୨, ଆହୁରି ଗାଲାତୀୟ ୨:୧୬, ରୋମୀୟ ୩:୯-୨୮ ମଧ୍ୟ ଦେଖନ୍ତୁ) । ମନୁଷ୍ୟମାନଙ୍କ ନିମନ୍ତେ ବ୍ୟବସ୍ଥାର ସମସ୍ତ ବିଷୟ ପାଳନ କରିବା ସଂପୂର୍ଣ୍ଣ ଭାବରେ ଅସମ୍ଭବ ଅଟେ । ସେଥିପାଇଁ ବ୍ୟବସ୍ଥା ଆମକୁ ପରିତ୍ରାଣ ଦେଇପାରେ ନାହିଁ କିମ୍ବା ଆମକୁ ଜୀବିତ ଈଶ୍ୱରଙ୍କ ପୁତ୍ର ଭାବରେ ଆମର ସ୍ଥାନ ନିକଟକୁ ଆମକୁ ଫେରାଇ ଆଣିପାରେ ନାହିଁ ।

ମାତ୍ର ଈଶ୍ୱର ପ୍ରଦତ୍ତ ବ୍ୟବସ୍ଥାର ମଧ୍ୟ ବଡ଼ ଉଦ୍ଦେଶ୍ୟ ରହିଥିଲା : ''ସେହି ଉଦ୍ଦେଶ୍ୟ ଥିଲା - ଆମ ପ୍ରତି ଆମର ପାପକୁ ଓ ଆମର ଏପରି ଜଣେ ତ୍ରାଣକର୍ତ୍ତାଙ୍କ ଆବଶ୍ୟକତାକୁ ପ୍ରକାଶ କରିବା ଯିଏ ବ୍ୟବସ୍ଥାର ଆବଶ୍ୟକତା ପରିପୂରଣ କରି ଆମକୁ ଉଦ୍ଧାର କରିପାରିବେ (ଗାଲାତୀୟ ୩:୧୯-୨୨) ।

ଏହାପରେ ଈଶ୍ୱର କିପରି ବ୍ୟବସ୍ଥାକୁ ବ୍ୟବହାର କରିଥିଲେ, ତାହା ଆହୁରି ଦର୍ଶାଇବା ପାଇଁ ପାଉଲ ରୋମୀୟ ପୁତ୍ରଗ୍ରହଣର ଲକ୍ଷଣଗୁଡ଼ିକୁ ବ୍ୟବହାର କରିଛନ୍ତି । ଧର୍ମଶାସ୍ତ୍ର କହିଛି ଯେ, *''ସେହି ବିଶ୍ୱାସ (ପରିତ୍ରାଣ) ଆସିବା ପୂର୍ବେ''* ଆମ୍ଭେମାନେ *''ବ୍ୟବସ୍ଥାର ଅଧୀନରେ ବନ୍ଦୀ ହୋଇ ରହିଥିଲୁ''* ଓ *''ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକ ସ୍ୱରୂପ ହୋଇଥିଲା''* (ଗାଲାତୀୟ ୩:୨୩,୨୪) ।

ରୋମୀୟ ଗୃହଗୁଡ଼ିକରେ, ଜଣେ ବୟସ୍କ ତତ୍ତ୍ୱାବଧାୟକ କିମ୍ବା ଅଭିଭାବକ ରହିବା ସାଧାରଣ ବିଷୟ ଥିଲା ଓ ସେ ସନ୍ତାନମାନଙ୍କୁ ଶୃଙ୍ଖଳିତ କରିବା ଓ ସେମାନଙ୍କର ଯତ୍ନ ନେବା ପାଇଁ ଦାୟୀ ଥିଲେ । ଏହିପରି ଭାବରେ, ପାଉଲ *''ଏକ ତତ୍ତ୍ୱାବଧାୟକ (ବ୍ୟବସ୍ଥା) ଅଧୀନରେ ବନ୍ଦୀ ହୋଇ ରହିବା''* ବିଷୟ ଓ ଆମର ପରିତ୍ରାଣ ପରେ ପୁତ୍ର ଭାବରେ ଆମର ନୂତନ ସ୍ଥିତି ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି : *''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ''* (୩:୨୬) ।

ଏହି ଅଧ୍ୟାୟରେ ପାଉଲ ବ୍ୟବହାର କରିଥିବା ''ପୁତ୍ର''ର ଗ୍ରୀକ୍ ଶବ୍ଦ *'ହୁଇଓସ୍'* (huios) ଅଟେ । ଏହା ଲକ୍ଷ୍ୟ କରନ୍ତୁ ଯେ, ଏହା ସେହି ସମାନ ମୂଳ ଶବ୍ଦ ଯାହା ''ପୁତ୍ରଗ୍ରହଣ''(huios/thesia, ପୁତ୍ର/ସମାନ) ନିମନ୍ତେ ବ୍ୟବହୃତ ହୋଇଛି ।

ପାଉଲଙ୍କର ଏହି ଶବ୍ଦର ବ୍ୟବହାର ଆମ ନିକଟରେ ଏହା ପ୍ରକାଶ କରିଛି ଯେ ଆମେ ଯେଉଁ ମୁହୂର୍ତ୍ତରେ ପୁନର୍ଜନ୍ମ ପାଉ, ସେହି ମୁହୂର୍ତ୍ତରୁ ଆଉ ବ୍ୟବସ୍ଥାର 'ଅଭିଭାବକତ୍ୱ' ଅଧୀନରେ ନ ଥାଉ (ଗାଲା. ୩:୨୫, ରୋମୀୟ ୭:୬) । ବରଂ, ଆମେ **''ଈଶ୍ୱରଙ୍କ ପରିବାରରେ ସଂପୂର୍ଣ୍ଣ ପୁତ୍ର ଭାବରେ''** ଈଶ୍ୱରଙ୍କ ସାର୍ବଭୌମ କାର୍ଯ୍ୟ ଦ୍ୱାରା ସ୍ଥାପିତ ହୋଇଥାଉ । ଅନ୍ୟ ଭାଷାରେ, ପରିତ୍ରାଣ ସମୟରେ, ଈଶ୍ୱର ଆମକୁ *'ଏକ ପରିପକ୍ୱ ପୁତ୍ରର ସ୍ଥିତି'* ମଧ୍ୟରେ ରଖନ୍ତି ।

ବର୍ତ୍ତମାନ, ଏହି ପରିସରକୁ ମନ ମଧ୍ୟରେ ରଖି, ଆସନ୍ତୁ, ଆମେ ଆମର ଆତ୍ମିକ ପୁତ୍ରତ୍ୱ ସମ୍ବନ୍ଧରେ ପାଉଲଙ୍କର ମୁଖ୍ୟ ଅଧ୍ୟାୟ ପ୍ରତି ଦୃଷ୍ଟିପାତ କରିବା ।

ପୁତ୍ର ରୂପେ ଗୃହୀତ ହେବା ପୂର୍ବେ ଆମର ଆତ୍ମିକ ସ୍ଥିତି

''କିନ୍ତୁ ମୁଁ କହୁଅଛି, ଯେତେ ଦିନ ପର୍ଯ୍ୟନ୍ତ ଉତ୍ତରାଧିକାରୀ ନାବାଳକ ଥାଏ, ସେତେ ଦିନ ପର୍ଯ୍ୟନ୍ତ ସେ ସମସ୍ତ ବିଷୟର କର୍ତ୍ତା ହେଲେ ହେଁ କୌଣସି ପ୍ରକାରେ ଦାସଠାରୁ ଭିନ୍ନ ନୁହେଁ, କିନ୍ତୁ ପିତାଙ୍କ ନିରୂପିତ ସମୟ ପର୍ଯ୍ୟନ୍ତ ସେ ଅଭିଭାବକ ଓ ବେବର୍ତ୍ତାମାନଙ୍କ ଅଧୀନରେ ଥାଏ । ସେହିପରି ଆମ୍ଭେମାନେ ମଧ୍ୟ ଯେତେବେଳେ ଧର୍ମରେ ନାବାଳକ ଥିଲୁ, ସେତେବେଳେ ଜଗତର ପ୍ରାଥମିକ ବିଷୟଗୁଡ଼ିକର ଦାସ ଥିଲୁ, କିନ୍ତୁ କାଳ ସଂପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ । ଆଉ ତୁମ୍ଭେମାନେ ପୁତ୍ର, ଏଥିସକାଶେ ଈଶ୍ୱର ଆପଣା ଆପଣା ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ । ସେହି ଆତ୍ମା ଆବ୍ବା, ପିତଃ, ବୋଲି ଡାକନ୍ତି । ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ୍ର, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ ଅଟ'' (ଗାଲାତୀୟ ୪:୧-୭) ।

ଏହି ଅଧ୍ୟାୟରେ, ପାଉଲ ଆତ୍ମିକ ସତ୍ୟ ପ୍ରକାଶ କରିବା ପାଇଁ ରୋମୀୟ ସାଂସ୍କୃତିକ ପୁତ୍ରଗ୍ରହଣ ସମ୍ବନ୍ଧରେ ''ଏକ ଶବ୍ଦ-ଚିତ୍ର'' ବ୍ୟବହାର କରିଛନ୍ତି । ପରିବାରର ଗୋଟିଏ ପିଲା ନିଜ ସ୍ୱାଧୀନତା ପରିପ୍ରେକ୍ଷୀରେ ଗୋଟିଏ ଦାସ ଅପେକ୍ଷା ସାମାନ୍ୟ ଅଧିକ ଥିଲା (୧ପଦ) । ତଥାପି, ତା' ନିକଟରେ ଗୋଟିଏ ପୁତ୍ର ଭାବରେ ସ୍ଥାପିତ ହେବାର *ସମ୍ଭାବନା* ଥିଲା ଓ ସେ ସଂପୂର୍ଣ୍ଣ ପରିପକ୍ୱ ହେବା ସମୟରେ କିମ୍ବା ପିତା ମୃତ୍ୟୁବରଣ କରିବା ସମୟରେ ସେହି ମଙ୍ଗଳଜନକ ବିଷୟ ପ୍ରାପ୍ତ ହେଉଥିଲା ।

ଏହାପରେ ପାଉଲ ୩ ପଦରେ **''ପିଲାମାନଙ୍କର''** ଆତ୍ମିକ ସ୍ଥିତି ସମ୍ବନ୍ଧରେ ଏକ ମନ୍ତବ୍ୟ ଦେଇଛନ୍ତି ଯେ, ସେମାନେ *''ଜଗତର ପ୍ରାଥମିକ ବିଷୟଗୁଡ଼ିକର ଦାସ ଥିଲେ ।''* ଏହା ଆତ୍ମିକ ପୁତ୍ରଗ୍ରହଣ ବୁଝିବାରେ ଏକ ମୁଖ୍ୟ ବିଷୟ ପ୍ରକାଶ କରେ ।

ପୁତ୍ରଗ୍ରହଣ : ଗୋଟିଏ ମୁକ୍ତ ଅବଦାନ

ପାଉଲଙ୍କ ଦ୍ୱାରା ବ୍ୟବହୃତ *''ପ୍ରାଥମିକ ବିଷୟ''*ର ନୂତନ ନିୟମରେ ଦୁଇଟି ଅର୍ଥ ରହିଛି । ଏହା ଉଭୟ ପୁରାତନ ନିୟମ ବ୍ୟବସ୍ଥାର ଓ ବିଜାତିମାନଙ୍କର ଧର୍ମୀୟ ପ୍ରଥାର ପ୍ରାଥମିକ ନିୟମଗୁଡ଼ିକ ବର୍ଣ୍ଣନା କରେ (ଗାଲାତୀୟ ୪:୮-୧୧, କଲସୀୟ ୨:୧୬-୨୩ ଦେଖନ୍ତୁ) ।

ଯିହୁଦୀ ବ୍ୟବସ୍ଥା ଓ ବିଜାତି ଧର୍ମ ମଧ୍ୟରେ ଆଦୌ ସାଧାରଣ ବିଷୟ ନ ଥିବା ଭଳି ମନେ ହୁଏ । କିନ୍ତୁ ସେମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଓ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ମିଳୁଥିବା ପ୍ରକୃତ ପରିତ୍ରାଣ ସ୍ଥାନରେ ଧର୍ମକର୍ମ, ପରଂପରା ଓ ମନୁଷ୍ୟମାନଙ୍କର ପ୍ରଥା ସ୍ଥାପନ କରିବାକୁ ଚେଷ୍ଟା କରୁଥିଲେ । (ଗାଲାତୀୟ ୩:୧-୯ ମଧ୍ୟ ଦେଖନ୍ତୁ) । କିନ୍ତୁ ବ୍ୟବସ୍ଥାର ପରଂପରା କିମ୍ବା ବିଜାତି ଧର୍ମର ପ୍ରଥା, କୌଣସି ବିଷୟ କାହାରିକୁ ପରିତ୍ରାଣ ଦେଇପାରି ନ ଥିଲା ।

ଯେତେବେଳେ ପାଉଲ ଜଗତର ପ୍ରାଥମିକ ବିଷୟଗୁଡ଼ିକ ନିକଟରେ ବନ୍ଦୀ ଥିବା ଲୋକମାନଙ୍କ ବିଷୟରେ କହିଛନ୍ତି, ସେତେବେଳେ ଏହା ସ୍ପଷ୍ଟ ଅଟେ ଯେ, ପାଉଲ ସେହି **''ପରିତ୍ରାଣ ପାଇ ନ ଥିବା''** ଲୋକମାନଙ୍କ ବିଷୟ ଉଲ୍ଲେଖ କରିଛନ୍ତି (ଗାଲାତୀୟ ୪:୩) । ସେ ଏପରି କୌଣସି ବ୍ୟକ୍ତିକୁ ଉଲ୍ଲେଖ କରୁ ନ ଥିଲେ, ଯିଏ ନୂତନ ଭାବରେ ଜନ୍ମ ହେଉଥିଲା କିମ୍ବା ଈଶ୍ୱରଙ୍କ ବିଷୟରେ ଅପରିପକ୍ୱ ଥିଲା ।

ଏହିପରି ଭାବରେ, ପାଉଲ ଏହା କହୁ ନ ଥିଲେ ଯେ ଆମେ ଖ୍ରୀଷ୍ଟଙ୍କଠାରେ ପରିପକ୍ୱ ହେବା ସମୟରେ କେବଳ ଆମର ଆତ୍ମିକ ପୁତ୍ରତ୍ୱ ଅର୍ଜନ କରୁ । ପାଉଲଙ୍କର ଶବ୍ଦ ଚିତ୍ର ଏହାର ଅର୍ଥରେ ସ୍ପଷ୍ଟ ଅଟେ : ଆମେ ଈଶ୍ୱରଙ୍କ ପୁତ୍ର ଭାବରେ ଆମର ସ୍ଥାନ ଅର୍ଜନ କରିପାରିବା ନାହିଁ । ଏହା ପରିବର୍ତ୍ତେ, ଯେତେବେଳେ ଆମେ ଆମର ତ୍ରାଣକର୍ତ୍ତା ଭାବରେ ଖ୍ରୀଷ୍ଟଙ୍କୁ ପାଉ, ସେତେବେଳେ ପରିତ୍ରାଣ ସମୟରେ ସେହି **''ପିଲାଟି ସଙ୍ଗେ ସଙ୍ଗେ ପୁତ୍ର''** ହୋଇଯାଏ । ଆମେ ପିତାଙ୍କ ସହିତ ସଂପୂର୍ଣ୍ଣ ସଂପର୍କରେ ଓ ଏକ ସଂପୂର୍ଣ୍ଣ ଉତ୍ତରାଧିକାରୀ ଭାବରେ *''ଏକ ପରିପକ୍ୱ ସ୍ଥିତିରେ ସ୍ଥାପିତ ହୋଇଥାଉ ।''*

ଏହି ସ୍ଥାପନ ଏପରି ବିଷୟ ନୁହେଁ, ଯାହା ସଂପୂର୍ଣ୍ଣ କରିବାକୁ ଆମକୁ କାର୍ଯ୍ୟ କରିବାକୁ ହେବ । ଆମକୁ ଈଶ୍ୱର ବିନାମୂଲ୍ୟରେ ପ୍ରଦାନ କରିଥିବା ସ୍ଥିତି, ଅର୍ଥାତ୍, ତାଙ୍କ ପୁତ୍ର ହେବାର ସ୍ଥିତିକୁ ଆମେ ଅର୍ଜନ କରିପାରିବା ନାହିଁ । ଏହା ପରିବର୍ତ୍ତେ, ଏହା ଏକ **ମୁକ୍ତ ଅବଦାନ** ଅଟେ । ଏହି ଦାନ ଈଶ୍ୱରଙ୍କ ଇଚ୍ଛା ପୂରଣ କରିବା ପାଇଁ ଓ ତାଙ୍କ ନାମ ପ୍ରତି ଅଧିକ ଗୌରବ ଆଣିବା ପାଇଁ ଆମକୁ ଶକ୍ତିଯୁକ୍ତ କରେ । ହାଲ୍ଲିଲୁୟା !

ଈଶ୍ୱରଙ୍କ ଯଥାର୍ଥ ସମୟ

ପାଉଲ ମାନବ ଇତିହାସର ସ୍ରୋତରେ ଈଶ୍ୱରଙ୍କ କାର୍ଯ୍ୟ ପ୍ରକାଶ କରିବା ପାଇଁ ଏହି ଅଧ୍ୟାୟରେ ନିଜର ଉକ୍ତି ଅବ୍ୟାହତ ରଖିଛନ୍ତି । ଖ୍ରୀଷ୍ଟଙ୍କ ଆଗମନ

ପୂର୍ବରୁ, ଜଣେ ହୁଏତ ଗୋଟିଏ ମିଥ୍ୟା ବିଜାତି ଧର୍ମ କିମ୍ବା ଯିହୁଦୀ ବ୍ୟବସ୍ଥା ଅନୁସରଣ କରିବା ପାଇଁ ମନୋନୀତ କରିପାରୁଥିଲା । ଆଉ ଏହି ଦୁଇଟିଯାକ ବିଷୟ ପରିତ୍ରାଣ ଆଣିପାରୁ ନ ଥିଲା କିମ୍ବା ଈଶ୍ୱରଙ୍କ ନିକଟକୁ ଜଣଙ୍କୁ ଫେରାଇ ଆଣିପାରୁ ନ ଥିଲା ।

ମାତ୍ର ସଠିକ୍ ସମୟରେ, ଯେତେବେଳେ *''କାଳ ସଂପୂର୍ଣ୍ଣ ହେଲା, ସେତେବେଳେ ଈଶ୍ୱର ନିଜ ପୁତ୍ରଙ୍କୁ ପ୍ରେରଣ କଲେ''*, ଯେପରିକି ପୁତ୍ର ବ୍ୟବସ୍ଥା ସଫଳ କରିବେ (ମାଥିଉ ୫:୧୭,୧୮) ଓ ତାଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣକୁ ସମ୍ଭବ କରିବେ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ଗାଲାତୀୟ ୪:୮ରେ ପାଉଲ ଲେଖିଛନ୍ତି, *''ମାତ୍ର ପୂର୍ବରେ ତୁମ୍ଭେମାନେ ଈଶ୍ୱରଙ୍କୁ ନ ଜାଣି ଯେଉଁମାନେ ପ୍ରକୃତରେ ଈଶ୍ୱର ନୁହଁନ୍ତି, ସେମାନଙ୍କର ଦାସ ଥିଲ ।''* ଏହାପରେ ପାଉଲ *''ଦୁର୍ବଳ ଓ ଅକିଞ୍ଚନ ପ୍ରାଥମିକ ବିଷୟଗୁଡ଼ିକ''* ବିଷୟରେ ଲେଖିଛନ୍ତି (ଗାଲା. ୪:୯) । ଏହା ସ୍ପଷ୍ଟ ଅଟେ ଯେ ପାଉଲ, ପବିତ୍ର ଆତ୍ମାଙ୍କ ଦ୍ୱାରା ଭୂତାତ୍ମାକୁ ମାନବିକ ଧର୍ମକର୍ମ ଓ ଦର୍ଶନ ସହିତ ସଂଯୁକ୍ତ କରିଛନ୍ତି ।

ଲୋକମାନେ ଧାର୍ମିକ ଥିବା ସମୟରେ ପ୍ରେତାତ୍ମା ସ୍ତର ସଂପୃକ୍ତ ନ ଥାଏ । ସର୍ବୋପରି, ଭୂତାତ୍ମାଗୁଡ଼ିକ ହିଁ ମିଥ୍ୟା ମାନବିକ ଧର୍ମ ସବୁ ଉଦ୍ଭାବନ କରିଛନ୍ତି ଓ ବିକାଶ କରିଛନ୍ତି । ଆଉ ଏହି ପ୍ରତାରଣା ପ୍ରତି ଦାସତ୍ୱ ପୃଥିବୀର ଲୋକମାନଙ୍କୁ ଧ୍ୱଂସ କରେ ।

କିନ୍ତୁ, ଶୟତାନ ଓ ତା'ର ଦୂତମାନେ ସେତେବେଳେ ସଂପୃକ୍ତ ହୁଅନ୍ତି ଯେତେବେଳେ ସେମାନେ ଈଶ୍ୱରଙ୍କ ପ୍ରକୃତ ଶକ୍ତିର ସମ୍ମୁଖୀନ ହୁଅନ୍ତି । କାରଣ ସେମାନେ ଏହା ଜାଣନ୍ତି ଯେ, ସେମାନଙ୍କର ଶକ୍ତି ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ନିକଟରେ ଭଗ୍ନ ହୋଇଥିଲା (କଲ. ୨:୧୪,୧୫, ଏବ୍ରୀ ୨:୧୪, ୧ଯୋହ. ୩:୮, ୪:୪) । ସେମାନେ ଅନନ୍ତ ଦଣ୍ଡ ପାଇଁ ରକ୍ଷିତ ହୋଇଛନ୍ତି ବୋଲି ମଧ୍ୟ ଜାଣନ୍ତି (ପ୍ରକାଶିତ ୨୦:୧୦) ।

ଈଶ୍ୱର ଆମକୁ ଗୋଟିଏ ନୂତନ ଧର୍ମ, ଦର୍ଶନ କିମ୍ବା ପରଂପରା ଦେବା ପାଇଁ ଯୀଶୁଙ୍କୁ ପ୍ରେରଣ କରି ନ ଥିଲେ । ବରଂ, ଯୀଶୁ ଆମକୁ ***ପ୍ରଚୁର ଜୀବନ*** ଦେବାକୁ ଆସିଥିଲେ (ଯୋହନ ୧୦:୧୦) – ସେହି ଜୀବନକୁ ବର୍ତ୍ତମାନ ତାଙ୍କ କାର୍ଯ୍ୟ କରିବା ପାଇଁ ଆମକୁ ପ୍ରସ୍ତୁତ କରିବାକୁ (କଲସୀ ୧:୨୭–୨୯) ଓ ଆସିବାକୁ ଥିବା ଅନନ୍ତ ଭାଗ୍ୟକୁ ନିଶ୍ଚିତ ଭରସାର ସହିତ ଅପେକ୍ଷା କରିବାକୁ (୧ପିତ. ୧:୩–୯) ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଅଭିଷିକ୍ତ କରାଯାଇଛି ।

ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମେ ସେହି ମିଥ୍ୟା ଧର୍ମ ଓ ପ୍ରତାରଣା ସମ୍ବନ୍ଧୀୟ *''ଦୁର୍ବଳ ଓ ଅକିଞ୍ଚନ ପ୍ରାଥମିକ ବିଷୟରୁ''* ମୁକ୍ତ ହୋଇଅଛୁ ଯେପରିକି ଆମେ ଈଶ୍ୱରଙ୍କ ପ୍ରିୟ ପୁତ୍ରଙ୍କ ଆଲୋକରେ ଓ ସତ୍ୟତାରେ ଆଚରଣ କରିପାରିବୁ (କଲସୀ ୧:୧୩) । ହାଲ୍ଲିଲୁୟା !

ପରିତ୍ରାଣର ମୁହୂର୍ତ୍ତଠାରୁ ସଂପୂର୍ଣ୍ଣ ରୂପେ ପୁତ୍ର

ଗାଲାତୀୟରେ ପାଉଲ ନିଜର ଶବ୍ଦ ଚିତ୍ର ଅବ୍ୟାହତ ରଖିଛନ୍ତି । ସେ ଏହା ପ୍ରକାଶ କରିଛନ୍ତି ଯେ, ଠିକ୍ ଯେପରି ରୋମୀୟ ପୁତ୍ର ଗ୍ରହଣ ଏକ ସାକ୍ଷୀ ଆବଶ୍ୟକ କରୁଥିଲା, ସେହିପରି ଖ୍ରୀଷ୍ଟିୟାନମାନଙ୍କୁ ମଧ୍ୟ ଏକ ସାକ୍ଷୀ ପ୍ରଦତ୍ତ ହୋଇଛନ୍ତି : ପବିତ୍ର ଆତ୍ମା (ଗାଲା. ୪:୬) । ଯେତେବେଳେ ଆମେ ପରିତ୍ରାଣ ପାଉ, ସେତେବେଳେ ପବିତ୍ର ଆତ୍ମା ଏହି ସାକ୍ଷ୍ୟ ବହନ କରନ୍ତି ଯେ, ଆମେ ଈଶ୍ୱରଙ୍କ ପରିବାରର ଅଂଶବିଶେଷ ହୋଇଅଛୁ ।

ପରିତ୍ରାଣ ସମୟରେ ଆମକୁ ପବିତ୍ର ଆତ୍ମା ପ୍ରଦତ୍ତ ହୁଅନ୍ତି (ଯୋହନ ୩:୫–୮, ତିତସ ୩:୫) । ପରିତ୍ରାଣ ପାଇବା ମୁହୂର୍ତ୍ତରେ କ'ଣ ଘଟେ, ତାହା ସମ୍ବନ୍ଧରେ ପାଉଲ ଆମକୁ ଆହୁରି ଅଧିକ କହିଛନ୍ତି :

- ଆମ ନିକଟରେ ପିତାଙ୍କ ସହିତ ଆଶୁ ଅନ୍ତରଙ୍ଗତା ରହିଛି (ଗାଲା. ୪:୬, ରୋମୀୟ ୮:୧୫,୧୬) ।
- ଆମେ ଖ୍ରୀଷ୍ଟଙ୍କ ସହିତ ସଂପୂର୍ଣ୍ଣ ଉତ୍ତରାଧିକାରୀ ହୋଇଅଛୁ (ଗାଲା. ୪:୭) ।

ଆମର ଆତ୍ମିକ ପୁତ୍ରତ୍ୱ ସହିତ ଏକକାଳୀନ ଭାବରେ ଘଟୁଥିବା ଏହି ସମସ୍ତ ବିଷୟ ଆମର ପରିତ୍ରାଣପ୍ରାପ୍ତି ସମୟରେ ସଙ୍ଗେ ସଙ୍ଗେ ସଂଘଟିତ ହୁଏ । ସେଗୁଡ଼ିକ ଈଶ୍ୱରଙ୍କର ଅନୁଗ୍ରହଜନକ ସାର୍ବଭୌମ କାର୍ଯ୍ୟ ଦ୍ୱାରା, ମୁଖ୍ୟତଃ, ସଂପାଦିତ ହୋଇଥାଏ । ଆମର ପରିତ୍ରାଣ ସଦୃଶ, ଆମର ପୁତ୍ରତ୍ୱପ୍ରାପ୍ତି ମଧ୍ୟ **ଅର୍ଜନ କରାଯାଇପାରେ ନାହିଁ** କିମ୍ବା ଆମର କୌଣସି ନିଜସ୍ୱ ଚେଷ୍ଟା ଦ୍ୱାରା ହାସଲ କରି ହୁଏ ନାହିଁ ।

ପରିତ୍ରାଣ ସମୟରେ, ଆମକୁ ଆମର ପିତା ଈଶ୍ୱରଙ୍କ ପ୍ରେମମୟ ହସ୍ତ ଦ୍ୱାରା ଈଶ୍ୱରଙ୍କ ପରିବାର ମଧ୍ୟରେ ସଂପୂର୍ଣ୍ଣ ପୁତ୍ର ଭାବରେ ସ୍ଥାପନ କରାଯାଇଛି । ନିଃସନ୍ଦେହରେ, ଆମେ ବ୍ୟକ୍ତିଗତ ପରିପକ୍ୱତାରେ ବୃଦ୍ଧି ପାଇବା ସମୟରେ ଓ ଈଶ୍ୱରଙ୍କ ବିଷୟରେ ଶୃଙ୍ଖଳିତ ହେବା ସମୟରେ ତାଙ୍କ ପ୍ରତି ଆମେ ସେବାରେ ଅଧିକ ଫଳପୂର୍ଣ୍ଣ ଓ ସଫଳ ହେବା । କିନ୍ତୁ, ଆମର ସେବା ଯୋଗୁ ଆମେ ଈଶ୍ୱରଙ୍କର ଅଧିକ ପ୍ରେମ ପାଇବା ନାହିଁ କିମ୍ବା ଅଧିକ ଭାବରେ ତାଙ୍କର ପୁତ୍ର ହେବା ନାହିଁ । **''ଆମେ ପରିତ୍ରାଣ ପାଇବା ମୁହୂର୍ତ୍ତରୁ ହିଁ ସଂପୂର୍ଣ୍ଣ ଭାବରେ ପୁତ୍ର ଅଟୁ ।''**

ଜଣେ ବିଶ୍ୱାସୀ ଭାବରେ ଆମର ପରିଚୟ ପ୍ରଥମେ ଏହା ଅଟେ ଯେ, ଆମେ ଈଶ୍ୱରଙ୍କର ଗୋଟିଏ ପୁତ୍ର ଓ ତାଙ୍କ ପରିବାର ଏକ ଅଂଶବିଶେଷ ଅଟୁ । ଏହାପରେ ଅନ୍ୟ ସମସ୍ତ ବିଷୟ ଆସେ । ଆମେ ଜଣେ ପାଳକ ନୋହୁଁ ଯିଏ ଏକ ପୁତ୍ର ଅଟନ୍ତି । ଆମେ ଏକ ପ୍ରିୟପୁତ୍ର ଅଟୁ ଯିଏ ଜଣେ ପାଳକଙ୍କର କାର୍ଯ୍ୟ କରୁଛନ୍ତି !

ଯଦିଓ ଏହି ଜୀବନରେ ଆପଣ ଯାହା କରନ୍ତି ଓ ଆପଣ ଯାହା ହୋଇଛନ୍ତି, ତାହା *ଗୁରୁତ୍ୱପୂର୍ଣ୍ଣ* ଅଟେ, ତଥାପି ଆମକୁ ଏହା ମନେରଖିବାକୁ ହେବ – ଏହି ଜୀବନରେ ପ୍ରତ୍ୟେକ ଖ୍ରୀଷ୍ଟିଆନ ପାଇଁ ଏହା ବୁଝିବା ଅତ୍ୟନ୍ତ *ଗୁରୁତ୍ୱପୂର୍ଣ୍ଣ* ଅଟେ ଯେ ସେମାନେ ପ୍ରଥମେ ଈଶ୍ୱରଙ୍କ ପ୍ରେମ ପାଇଥାନ୍ତି ଓ ତାଙ୍କର ପୁତ୍ର ଭାବରେ ସ୍ଥାପିତ ହୋଇଥାନ୍ତି – ଏହାପରେ ସେମାନେ ଆଉ ଯାହା କିଛି ଅଟନ୍ତି ଓ ଯାହା ସବୁ କରିବେ, ତାହା ସେହି ବୋଧଜ୍ଞାନରୁ ପ୍ରବାହିତ ହେବ ।

ପରବର୍ତ୍ତୀ ଭାଗଗୁଡ଼ିକରେ, ଆମେ ସେହି ସମସ୍ତ ଅଧିକାର, ଦାୟିତ୍ୱ ଓ ସ୍ୱାଧୀନତାକୁ ଅଧିକ ସଂପୂର୍ଣ୍ଣ ଭାବରେ ଆଲୋଚନା କରିବା, ଯେଉଁଗୁଡ଼ିକ ଈଶ୍ୱରଙ୍କ ପରିବାର ମଧ୍ୟରେ ଆତ୍ମିକ ଭାବରେ ଗୃହୀତ ହୋଇଥିବା ପ୍ରିୟପୁତ୍ର ଭାବରେ ଆମ ନିକଟକୁ ଆସେ ।

ପୁର୍ନଜୀବନ ଓ ଧାର୍ମିକଗଣନା

ଏହି ଅଧ୍ୟୟନ ଆମକୁ ଦୃଢ଼ତାର ସହିତ ଏହା ଗ୍ରହଣ କରିବାକୁ ଅନୁମତି ଦେଇଛି ଯେ, ଆମର ଆତ୍ମିକ ପୁତ୍ରତ୍ୱ – ଈଶ୍ୱରଙ୍କ ପରିବାର ମଧ୍ୟରେ ପୁତ୍ର ଭାବରେ ଆମର ସ୍ଥାପନ ସେତେବେଳେ ଘଟେ, ଯେତେବେଳେ ଆମେ ପୁନର୍ଜନ୍ମ ପାଉ । ଏହି ସମାନ ମୁହୂର୍ତ୍ତରେ ଆମେ ମଧ୍ୟ ଖ୍ରୀଷ୍ଟଙ୍କଠାରେ ଆମର ବିଶ୍ୱାସ ଦ୍ୱାରା ଧାର୍ମିକତା ପାଇଅଛୁ (ଗାଲା. ୨:୧୬) ଓ ଆମେ ପବିତ୍ର ଆତ୍ମାଙ୍କ ଦ୍ୱାରା ପୁର୍ନଜୀବନର ଅନୁଭୂତି ପାଇଛୁ (ତିତସ ୩:୫) ।

'ଧାର୍ମିକଗଣନା' ସଂକ୍ଷିପ୍ତ ଭାବରେ ଏହି ଅର୍ଥ ସୂଚାଇଥାଏ ଯେ, ଯେତେବେଳେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଆମେ ପରିତ୍ରାଣ ପାଉ, ସେତେବେଳେ ଈଶ୍ୱର ଆମକୁ ଧାର୍ମିକ ଘୋଷଣା କରନ୍ତି । ଏହା ମୁଖ୍ୟତଃ, କ୍ରୁଶ ନିକଟରେ ଆମର ପାପ ନିମନ୍ତେ ଖ୍ରୀଷ୍ଟଙ୍କର ବଳିଦାନରେ ଆମ ବିଶ୍ୱାସ ଉପରେ ପର୍ଯ୍ୟବେଶିତ ଅଟେ (ରୋମୀ. ୪:୩) । ଆମେ ଆମ ନିଜସ୍ୱ କାର୍ଯ୍ୟ ଦ୍ୱାରା ଆଦୌ ଧାର୍ମିକ ହୋଇପାରିବା ନାହିଁ ।

ମାତ୍ର ଧାର୍ମିକଗଣନା, ଆମ ପାପର କ୍ଷମା ଓ ଆମ ଅପରାଧ ଦୂରୀକରଣ ଅପେକ୍ଷା ଅଧିକ ଅଟେ । ଯେତେବେଳେ ଈଶ୍ୱର ଆମକୁ ଧାର୍ମିକଗଣନା କରନ୍ତି, ସେତେବେଳେ ସେ ଆମର *ଆତ୍ମିକ ହିସାବ* ମଧ୍ୟରେ ଖ୍ରୀଷ୍ଟଙ୍କର ସିଦ୍ଧ ଧାର୍ମିକତା ସ୍ଥାପନ କରନ୍ତି (୧କରିନ୍ଥୀ ୧:୩୦, ୨କରିନ୍ଥୀ ୫:୨୧) । ଆମ ପାପର ଦଣ୍ଡ ପାଇଁ ଆମର ସଂପୂର୍ଣ୍ଣ ଋଣ ଆମ ନିମନ୍ତେ ଖ୍ରୀଷ୍ଟଙ୍କ ସିଦ୍ଧ ବଳିଦାନ ଦ୍ୱାରା ପରିଶୋଧ ହୋଇଅଛି । ଆମେ କେବଳ ତାଙ୍କ ତ୍ରାଣକାରୀ କାର୍ଯ୍ୟପ୍ରାପ୍ତ ହେବା ଆବଶ୍ୟକ କରୁ ।

'ପୁର୍ନଜୀବନ' ପବିତ୍ର ଆତ୍ମାଙ୍କ ଦ୍ୱାରା ଈଶ୍ୱରଙ୍କର ଏକ ସାର୍ବଭୌମ କାର୍ଯ୍ୟ ଅଟେ, ଯାହା ଆମର ପରିତ୍ରାଣ ସମୟରେ ଘଟିଥାଏ (ଯୋହନ ୩:୫–୮) । ପୁର୍ନଜୀବନ, କିମ୍ବା ନୂତନ ଜନ୍ମ ଆମର ପତିତ ମାନବ ସ୍ୱଭାବର ଏକ ଆଭ୍ୟନ୍ତରୀଣ ପୁନଃ–ସୃଷ୍ଟି ଅଟେ । ଆମେ ଆମର ଆଜ୍ଞାଲଂଘନ ଓ ପାପରେ ମୃତ ଥିଲୁ, ମାତ୍ର ପରିତ୍ରାଣ ସମୟରେ ଆମେ ପୁର୍ନଜୀବିତ ହୋଇଅଛୁ ଓ ଏପରି ଏକ ନୂତନ ସୃଷ୍ଟି ହୋଇଅଛୁ ଯିଏ ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ଜୀବିତ ଅଟେ (ଏଫିସୀ ୨:୧,୫) ।

ପୁର୍ନଜୀବନ ପୁତ୍ର ଗ୍ରହଣ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଅଟେ ଓ ଏହା ସହିତ ଏକତ୍ର ବନ୍ଧା ଅଟେ । ପୁର୍ନଜୀବନ ଈଶ୍ୱରଙ୍କ ପରିବାରର ଏକ ସଦସ୍ୟ ଭାବରେ ଏକ ନୂତନ ଜୀବନ ପାଇଁ ଆମକୁ ପ୍ରସ୍ତୁତ କରେ । ଏହା ପୁତ୍ରତ୍ୱରେ ବଞ୍ଚିବା ପାଇଁ ଓ ଏହାର ଅଧିକାର ପ୍ରୟୋଗ କରିବା ପାଇଁ ମଧ୍ୟ ଆମକୁ ପ୍ରସ୍ତୁତ କରେ । ଯେଉଁମାନେ ପୁର୍ନଜୀବିତ ହୋଇଛନ୍ତି, ସେମାନେ ଈଶ୍ୱରଙ୍କ ଦ୍ୱାରା ଗୃହୀତ ହୋଇଛନ୍ତି ଓ ଈଶ୍ୱରଙ୍କ ଉତ୍ତରାଧିକାରୀ ଭାବରେ ଓ ଖ୍ରୀଷ୍ଟଙ୍କ ସହିତ ସହ–ଉତ୍ତରାଧିକାରୀ ଭାବରେ ପରିପକ୍ୱ ସ୍ଥିତି ମଧ୍ୟରେ ସ୍ଥାପିତ ହୋଇଛନ୍ତି (ରୋମୀୟ ୮:୧୫–୧୭, ଗାଲା. ୪:୬,୭) ।

ପୁତ୍ରଗଣ ହେବା ପାଇଁ ନିରୂପିତ

ଆମର ପୁତ୍ରତ୍ୱ ପ୍ରାପ୍ତିକୁ ଈଶ୍ୱରଙ୍କର ଶାଶ୍ୱତ ପରିଷଦର ଯୋଜନା କରାଯାଇଥିଲା, *"ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ"* (ଏଫିସୀ ୧:୫) । ପୁତ୍ର ଭାବରେ ଆମର ସ୍ଥାପନା ଈଶ୍ୱରଙ୍କ ପରବର୍ତ୍ତୀ ଚିନ୍ତା ନୁହେଁ । ସେ ତାଙ୍କର ସନ୍ତାନ ହେବା ପାଇଁ ଆମକୁ ସୃଷ୍ଟି କରିଥିଲେ, ମାତ୍ର ଆମେ ପାପ ମାଧ୍ୟମରେ ଆମର ଉତ୍ତରାଧିକାର ହରାଇଥିଲୁ । ସେଥିପାଇଁ ଈଶ୍ୱର ନିଜ ପ୍ରେମ ଓ ଦୟାରେ, ଆମ ପାପ ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କର ଉତ୍ସର୍ଗୀକୃତ ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ – ଆମର ପ୍ରକୃତ ଉତ୍ତରାଧିକାର ଓ ସ୍ଥିତି ଫେରି ପାଇବାର ଏକ ମାର୍ଗ ଯୋଗାଇଥିଲେ (ଗାଲା. ୪:୪,୫) ।

ଆମେ ପୁତ୍ର ଭାବରେ ଆମ ନିଜ ନିଜକୁ ସ୍ଥାପନ କରିପାରିବା ନାହିଁ । କେବଳ ପିତା ଈଶ୍ୱର ଆମ ପାଇଁ ଏହା କରିପାରନ୍ତି । ଯେଉଁମାନେ ଖ୍ରୀଷ୍ଟଙ୍କ ନିକଟରେ ନିଜ ନିଜର ହୃଦୟ ସମର୍ପଣ କରିଛନ୍ତି ଓ ପରିତ୍ରାଣ ପାଇଁ ତାଙ୍କଠାରେ ବିଶ୍ୱାସ କରିଛନ୍ତି, ସେମାନଙ୍କ ନିମନ୍ତେ ଏହା ଈଶ୍ୱରଙ୍କ ଇଚ୍ଛା ଅଟେ, ଯେପରିକି ସେମାନେ ପୁତ୍ର ଭାବରେ ତାଙ୍କ ପରିବାର ମଧ୍ୟରେ ଗୃହୀତ–ସ୍ଥାପିତ ହୁଅନ୍ତି ! ତାଙ୍କର ପୁତ୍ର ଭାବରେ ଗୃହୀତ ହେବା ପାଇଁ ଜଣେ ଯେ ଯୋଗ୍ୟ ଅଟେ, ତାହା ପ୍ରମାଣ କରିବା ପାଇଁ କିଛି ଅର୍ଜନ କରିବାକୁ, କାର୍ଯ୍ୟ କରିବାକୁ କିମ୍ବା ଅପେକ୍ଷା କରିବାକୁ ହୁଏ ନାହିଁ ।

ଭାଗ ୩

ପୁତ୍ରତ୍ୱର ମୂଲ୍ୟ

ସେ ଆମ ନିମନ୍ତେ ଯାହା କରିଛନ୍ତି, ସେଥିପାଇଁ ଈଶ୍ୱରଙ୍କର ଧନ୍ୟବାଦ ହେଉ, ଯଥା– ଆମ ନିମନ୍ତେ ମୃତ୍ୟୁବରଣ କରି ଆମକୁ ପରିତ୍ରାଣ ଦେବା ପାଇଁ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେରଣ କରିବା ଓ ତାଙ୍କର ସଂପୂର୍ଣ୍ଣ ଭାବରେ **ଗୃହୀତ** ଓ **ସ୍ଥାପିତ** ସନ୍ତାନ ଭାବରେ ଆମକୁ ଗ୍ରହଣ କରିବା – ଆମକୁ ସଂସ୍ଥାପିତ କରିବା (ଏଫିସୀ ୧:୬) । ମାତ୍ର ଆମର ସ୍ୱର୍ଗୀୟ ପିତା ଆମର ପୁତ୍ରତ୍ୱ ମାଧ୍ୟମରେ ଆମ ନିମନ୍ତେ ଯାହା ଯୋଗାଇଛନ୍ତି, ସେଥିପାଇଁ ନିଶ୍ଚିତ ଭାବରେ ଏକ ମୂଲ୍ୟ ରହିଥିବ । ଆମେ ଯୋଗ୍ୟ କିମ୍ବା ଉପଯୁକ୍ତ ହୋଇଥିବାରୁ, ସ୍ୱଷ୍ଟତଃ, ଗୃହୀତ ହୋଇ ନ ଥିଲୁ ।

କ. ମୁକ୍ତଦାନର ମୂଲ୍ୟ

ଆମର ପୁତ୍ରତ୍ୱ ଆମର ଯୋଗ୍ୟତା ଉପରେ ନିର୍ଭର କରେ ନାହିଁ ବୋଲି ଆମେ ଧନ୍ୟବାଦ ଦେଇପାରିବା । କାରଣ ଆମ ମଧ୍ୟରୁ କିଏ ପ୍ରକୃତରେ ଈଶ୍ୱରଙ୍କ ପ୍ରେମ ଓ କୋମଳ ଦୟାର ଯୋଗ୍ୟ ଅଟେ ? *"...ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି"* (ରୋମୀୟ ୩:୨୩, ୧୦–୧୮ ପଦ ମଧ୍ୟ ଦେଖନ୍ତୁ) ।

ସମସ୍ତ ମାନବିକତା ଆମ ପାପରେ ସଂପୂର୍ଣ୍ଣ ଭାବରେ ବିନଷ୍ଟ ହୋଇଛି ଓ ନ୍ୟାୟୋଚିତ ଓ ଯଥାର୍ଥ ଦଣ୍ଡର ଅଧୀନରେ ରହିଛି (ଏଫିସୀ ୨:୩, ୫:୬, କଲସୀ ୩:୬,୭) । ମନୁଷ୍ୟ ନିଜକୁ ରକ୍ଷା କରିବା ପାଇଁ କିଛି କରିପାରେ ନାହିଁ (ଏଫିସୀ ୨:୮,୯, ରୋମୀୟ ୩:୨୦, ଗାଲାତୀୟ ୨:୧୬) ତେବେ ଆମକୁ କିଏ ରକ୍ଷା କରିପାରେ ? ଆଉ ଯଦି ସେମାନେ ଆମକୁ ରକ୍ଷା କରିବାକୁ **ସମର୍ଥ** ଅଟନ୍ତି, ତେବେ ଆମକୁ ରକ୍ଷା କରିବାକୁ ସେମାନେ *ଇଚ୍ଛୁକ* ଅଟନ୍ତି କି ?

ପାପ ସମ୍ବନ୍ଧରେ ଈଶ୍ୱରଙ୍କ ଯଥାର୍ଥ ଦଣ୍ଡାଜ୍ଞା ଏହା ଆବଶ୍ୟକ କରେ ଯେ ତାଙ୍କର ଦୟା ପ୍ରଦତ୍ତ ହେବା ପୂର୍ବରୁ ତାଙ୍କର ନ୍ୟାୟ ପରିତୃପ୍ତ ହେବା ଆବଶ୍ୟକ । ପାପ ପାଇଁ ଈଶ୍ୱରଙ୍କ ଦଣ୍ଡ ସଂପୂର୍ଣ୍ଣ ଭାବରେ ସ୍ଥିରୀକୃତ ହୋଇଛି । *"ଯେଉଁ ପ୍ରାଣୀ ପାପ କରେ, ସେ ମରିବ"* (ଯିହିଜିକଲ ୧୮:୪,୨୦) । ପାପ ସମ୍ବନ୍ଧରେ ଆମର ସ୍ୱେଚ୍ଛାପୂର୍ଣ୍ଣ ମନୋନୟନର ଦଣ୍ଡ ମୃତ୍ୟୁ ଅଟେ ।

ତଥାପି ଈଶ୍ୱରଙ୍କ ହୃଦୟ ସେହି ମନୁଷ୍ୟଜାତି ନିମନ୍ତେ ତାଙ୍କର ନିରଙ୍କୁଶ ପ୍ରେମରୁ ଆଦୌ ବିଚଳିତ ହୋଇନାହିଁ, ଯାହାକୁ ସେ ନିଜ ପ୍ରତିମୂର୍ତ୍ତିରେ (ଆଦି ୧:୨୬,୨୭) ଓ ତାଙ୍କ ଗୌରବ ନିମନ୍ତେ ନିର୍ମାଣ କରିଛନ୍ତି ।

ଈଶ୍ୱରଙ୍କର ଯଥାର୍ଥ ପବିତ୍ରତା ଓ ନ୍ୟାୟ ଆମ ପାପର ନ୍ୟାୟୋଚିତ ଦଣ୍ଡାଜ୍ଞା ଓ ଦଣ୍ଡ ଦାବୀ କରେ । ତଥାପି ବାଇବଲ ଏହା ସ୍ପଷ୍ଟ କରିଦିଏ ଯେ, ଆମ ନିମନ୍ତେ ଈଶ୍ୱରଙ୍କ ପ୍ରେମ ଓ ଦୟା ମହାନ୍ ଓ ଚିରସ୍ଥାୟୀ ଅଟେ (ଯିରି. ୩୧:୩, ବିଳାପ ୩:୨୨,୨୩, ରୋମୀୟ ୮:୩୭–୩୯) । ଏହାପରେ ଈଶ୍ୱର ଆଉ କ'ଣ କରିପାରିବେ ?

ପିତାଙ୍କର ଅନନ୍ତକାଳୀନ ଯୋଜନାର ସଫଳତା

ଆଦମ ଓ ହବାଙ୍କର ବିଦ୍ରୋହ ଓ ପାପରେ ପତନର ମୁହୂର୍ତ୍ତଠାରୁ ଈଶ୍ୱର ନିଜର ସର୍ବଶକ୍ତିମାନ ଜ୍ଞାନ ଓ ମହାଦୟାରେ କ'ଣ କରିବେ, ତାହା ଜାଣିଥିଲେ (ଆଦି ୩ ଦେଖନ୍ତୁ) । ପାଞ୍ଚଟି ନୂତନ ନିୟମ ଅଧ୍ୟାୟ ଆମର ଆତ୍ମିକ ପୁତ୍ରଗ୍ରହଣ ସମ୍ବନ୍ଧରେ କହିଛି ଓ ତନ୍ମଧ୍ୟରୁ ଗୋଟିଏ ପିତାଙ୍କର ଏହି ଅନନ୍ତକାଳୀନ ଯୋଜନା ମଧ୍ୟ ପ୍ରକାଶ କରିଛି : *"କିନ୍ତୁ କାଳସଂପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ* (ପାପର ଯଥାର୍ଥ ଦଣ୍ଡାଜ୍ଞା) *ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ"* (ଗାଲାତୀୟ ୪:୪,୫) ।

ପ୍ରେରିତ ଯୋହନ ଏହାକୁ ଏହିପରି ଭାବରେ ଲେଖିଛନ୍ତି : *"କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ"* (ଯୋହନ ୩:୧୬) ।

ଈଶ୍ୱରଙ୍କ ମଣ୍ଡଳୀର ପାଳକ ଓ ନେତା ଭାବରେ ଆପଣମାନେ ଏହା ଜାଣନ୍ତି ଯେ, କେବଳ ଗୋଟିଏ ଭ୍ରମଣ ପାଇଁ କିମ୍ବା ଧର୍ମ ବିଷୟରେ ଆମକୁ କିଛି ନୂତନ ଚିନ୍ତାଧାରା ଦେବା ପାଇଁ ଈଶ୍ୱର ନିଜର ପୁତ୍ରଙ୍କୁ ପୃଥିବୀକୁ ପ୍ରେରଣ କରି ନ ଥିଲେ । ଏହା ପରିବର୍ତ୍ତେ, ଈଶ୍ୱର ମୃତ୍ୟୁବରଣ କରିବାର ଉଦ୍ଦେଶ୍ୟ ପ୍ରକାଶ କରିବା ପାଇଁ ନିଜର ପୁତ୍ରଙ୍କୁ ପ୍ରେରଣ କରିଥିଲେ (ପ୍ରେରିତ ୨:୨୩, ୩:୧୮, ଏବ୍ରୀ ୨:୯ ମଧ୍ୟ ଦେଖନ୍ତୁ) । ଖ୍ରୀଷ୍ଟ ଆମ ସ୍ଥାନରେ ମୃତ୍ୟୁବରଣ କରିଥିଲେ – ନିଜର ଜୀବନ ଦେଇଥିଲେ । ସେ ଆମ ସ୍ଥାନରେ ଦୁଃଖଭୋଗ କରି ଓ ମୃତ୍ୟୁର ଦଣ୍ଡ ଗ୍ରହଣ କରି ଆମ ପାପର ଯଥାର୍ଥ ଦଣ୍ଡାଜ୍ଞା ନିଜ ଉପରକୁ ସ୍ୱେଚ୍ଛାରେ ନେଇଥିଲେ (୨କରିନ୍ଥୀୟ ୫:୨୧) ।

ଯେତେବେଳେ ଆମେ ତାଙ୍କଠାରେ ବିଶ୍ୱାସ କରିବାକୁ ମନୋନୀତ କରୁ ଓ ସେ ଆମ ପାପ ନିମନ୍ତେ ମୃତ୍ୟୁବରଣ କରିଥିଲେ ବୋଲି ଗ୍ରହଣ କରୁ, ସେତେବେଳେ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ପରିତ୍ରାଣ ନିମନ୍ତେ ବିଶ୍ୱାସରେ ତାଙ୍କ ପ୍ରତି ଫେରିବା ଆମ ପାଇଁ ସମ୍ଭବ କରିଦିଏ । ଖ୍ରୀଷ୍ଟଙ୍କର ତ୍ରାଣକାରୀ କାର୍ଯ୍ୟ ଅନୁଗ୍ରହର ଏକ ମୁକ୍ତଦାନ ଅଟେ, ଯାହାକୁ ଅର୍ଜନ କରାଯାଇପାରେ ନାହିଁ । ଆମ ନିମନ୍ତେ ଥିବା ତାଙ୍କର ପ୍ରେମ ଯୋଗୁ (ରୋମୀୟ ୫:୬-୧୦, ଏଫିସୀ ୨:୧-୧୦) ଓ *''ଅନେକ ସନ୍ତାନଙ୍କୁ ଗୌରବରେ ପ୍ରବେଶ କରାଇବାରେ''* ତାଙ୍କର ଇଚ୍ଛା ଯୋଗୁ ଈଶ୍ୱର ଯୀଶୁଙ୍କୁ ପ୍ରେରଣ କରିଥିଲେ (ଏବ୍ରୀ ୨:୧୦) । ହାଲେଲୁୟା !

ଈଶ୍ୱରଙ୍କ ନିକଟରେ ଆପଣଙ୍କର ମୂଲ୍ୟ

ଆମର ପୁତ୍ରତ୍ୱ - ସଂପୂର୍ଣ୍ଣ ଅଧିକାର ସହିତ ପରିପକ୍ୱ ପୁତ୍ର ଭାବରେ ଆମର ସ୍ଥାପନ - ଅନୁଗ୍ରହର ଏହି କାର୍ଯ୍ୟରେ ଅଂଶବିଶେଷ ଅଟେ, ଯାହା ପୁତ୍ର ଈଶ୍ୱର (ଯୀଶୁ) ଆମ ନିମନ୍ତେ କ୍ରୁଶରେ ସାଧନ କରିଥିଲେ । *''...ସେ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ''* (ଏଫିସୀ ୧:୫) । ଆମ ନିମନ୍ତେ ଦୁଃଖଭୋଗ କରି ମୃତ୍ୟୁବରଣ କରିବା ଦ୍ୱାରା କ୍ରୁଶରେ ତାଙ୍କର ଗୋଟିଏ କାର୍ଯ୍ୟରେ ଯୀଶୁ କ୍ରୋଧର ସନ୍ତାନମାନଙ୍କୁ (ଉତ୍ତରାଧିକାରୀମାନଙ୍କୁ) (ଏଫିସୀ ୨:୩) *''ପ୍ରତିଜ୍ଞାର ସନ୍ତାନଗଣ''* (ଉତ୍ତରାଧିକାରୀ) ହେବା ସମ୍ଭବ କରିଛନ୍ତି (ରୋମୀ. ୮:୧୭, ଗାଲା. ୪:୨୮) ।

ଖ୍ରୀଷ୍ଟ କ୍ରୁଶରେ ଆମ ନିମନ୍ତେ ତାଙ୍କର ଉତ୍ସର୍ଗୀକୃତ ରକ୍ତ କ୍ଷରଣ କରିବା ପୂର୍ବରୁ ଆମେ ''ଶତ୍ରୁଗଣ'' ଓ ''ବିଦେଶୀ'' ଥିଲୁ (ରୋମୀୟ ୫:୧୦, ଏଫିସୀ ୨:୧୨, ୪:୧୮, କଲସୀୟ ୧:୨୦ ମଧ୍ୟ ଦେଖନ୍ତୁ) । ତଥାପି ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଆମେ ଈଶ୍ୱରଙ୍କ ପୁତ୍ର ହୋଇଅଛୁ (ଗାଲା. ୩:୨୬) । ଆମର ପରିତ୍ରାଣ ସଦୃଶ ଆମର ପୁତ୍ରତ୍ୱ ଆମର ନିଜସ୍ୱ କୌଣସି ଯୋଗ୍ୟତା କିମ୍ବା ପ୍ରଚେଷ୍ଟା ଉପରେ ନିର୍ଭର କରେ ନାହିଁ କିମ୍ବା ତଦ୍ୱାରା ଲାଭ କରିହୁଏ ନାହିଁ । ବରଂ, ଏହା ସେହି ଯୋଗ୍ୟତାବିହୀନ ଦୟା - ଅନୁଗ୍ରହ ଉପରେ, ମୁଖ୍ୟତଃ, ନିର୍ଭର କରେ ଯାହା ଈଶ୍ୱର ଯେକୌଣସି ବ୍ୟକ୍ତି କିମ୍ବା ସେହି ସମସ୍ତଙ୍କ ଉପରେ ପ୍ରଦାନ କରନ୍ତି, ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ତାଙ୍କ ନିକଟକୁ ଆସନ୍ତି ।

ଆମର ପୁତ୍ରତ୍ୱର ମୂଲ୍ୟ ଆକ୍ଷରିକ ଭାବରେ, ଯୀଶୁ ଖ୍ରୀଷ୍ଟଙ୍କର ଜୀବନ ଓ ରକ୍ତ ଅଟେ, ଆଉ ତା'ଠାରୁ କମ୍ ନୁହେଁ । ପିତର ଘୋଷଣା କରିଛନ୍ତି, *''ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ (ଅଦରକାରୀ, ଶୂନ୍ୟ, ନିଷ୍ଫଳ) ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ''* (୧ପିତର ୧:୧୮,୧୯, ୧:୨୩ ମଧ୍ୟ ଦେଖନ୍ତୁ) ।

ଆପଣଙ୍କୁ ଜଣେ ପୁତ୍ର କରିବା ପାଇଁ ଓ ଖ୍ରୀଷ୍ଟଙ୍କ ସହିତ ଏକ ସହ-ଉତ୍ତରାଧିକାରୀ ଭାବରେ ଆପଣଙ୍କୁ ସ୍ଥାପନ କରିବା ପାଇଁ ଆମର ସ୍ୱର୍ଗସ୍ଥ ପିତାଙ୍କୁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଛି, ତଦ୍ୱାରା ଜଣେ ବ୍ୟକ୍ତି ଭାବରେ ଆପଣଙ୍କ ମୂଲ୍ୟ - ଈଶ୍ୱରଙ୍କ ନିକଟରେ ଆପଣଙ୍କର ମୂଲ୍ୟ ପ୍ରକାଶିତ ହୁଏ । ଆପଣଙ୍କ ନିମନ୍ତେ ଦିଆଯାଇଥିବା ମୂଲ୍ୟ ଦିଆଯାଇଥିବା ମୂଲ୍ୟ ପୁତ୍ର ଈଶ୍ୱରଙ୍କ ଅମୂଲ୍ୟ ଓ ଅତୁଳନୀୟ ରକ୍ତଠାରୁ କିଛି କମ୍ ନୁହେଁ । ***ତାହା ହିଁ*** ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁଙ୍କ ନିକଟରେ ଆପଣାର ଯୋଗ୍ୟତା ଓ ମୂଲ୍ୟ ଅଟେ ।

ଆମର ମୂଲ୍ୟ ସମ୍ବନ୍ଧୀୟ ସଂନ୍ଦେହ ସହିତ ଆମେ ଆଉ ସଂଘର୍ଷ କରିବା ଅନାବଶ୍ୟକ । ଖ୍ରୀଷ୍ଟଙ୍କ ରକ୍ତ, କ୍ଷମା ଓ ପ୍ରେମ ଆମକୁ ଯୋଗ୍ୟ କରିଅଛି । ଆମର ଭବିଷ୍ୟତ୍ ପାଇଁ ଆମେ ଭୟ କରିବା ଅନାବଶ୍ୟକ । ଈଶ୍ୱରଙ୍କର ଗୃହୀତ ପୁତ୍ର ଭାବରେ, ଆମେ ସେହି ସମସ୍ତର ଉତ୍ତରାଧିକାରୀ ଅଟୁ, ଯାହା ଖ୍ରୀଷ୍ଟଙ୍କର ଲୋକମାନଙ୍କୁ ଦେବେ ବୋଲି ଆମର ସ୍ୱର୍ଗୀୟ ପିତା ପ୍ରତିଜ୍ଞା କରିଛନ୍ତି । ଆମ ଅତୀତର ପାପ ସହିତ ଆମେ ସଂଘର୍ଷ କରିବା ଅନାବଶ୍ୟକ । କାରଣ ଆମେ ଅନୁତାପ କରି ପରିତ୍ରାଣ ପାଇବା ସମୟରେ ଓ ଆମ ପିତାଙ୍କର ପରିବାର ମଧ୍ୟରେ ଗୃହୀତ ହେବା ସମୟରେ, ଆମେ ଅତୀତର ପାପଦାଗରୁ ଓ ଆମ ପାପ ଓ ବିଫଳତା ଦଣ୍ଡରୁ ବିଚ୍ଛିନ୍ନ ହୋଇଛୁ । ଈଶ୍ୱରଙ୍କ ଗୌରବ ହେଉ !

ଆମକୁ ଦାସ କରିବା ପାଇଁ ଶୟତାନର ଆଉ ଶକ୍ତି ନାହିଁ (ଏବ୍ରୀ ୨:୧୪-୧୬), କାରଣ ସେ କ୍ରୁଶ ନିକଟରେ ପରାସ୍ତ ହୋଇଥିଲା (କଲସୀ ୨:୧୫) । ମାତ୍ର ଆମେ ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କର ଗୃହୀତ ସନ୍ତାନଗଣ ଅଟୁ - ଏହି ସତ୍ୟ ଘୋଷଣା କରି ଆମକୁ ତା'ର ପ୍ରତିରୋଧ ପାଇଁ ଠିଆ ହେବାକୁ ପଡ଼ିବ ।

ଆମର ମୂଲ୍ୟହୀନ ପୁତ୍ରତ୍ୱରେ ଈଶ୍ୱରଙ୍କ ପୁତ୍ର ଭାବରେ ଆମ ନିମନ୍ତେ ବଳିଷ୍ଠ ପ୍ରୟୋଗ ମଧ୍ୟ ରହିଛି । ତାଙ୍କର ଗୃହୀତ ପୁତ୍ର ହେବାର ଏହି ଅର୍ଥ ଅଟେ ଯେ, ଆମେ ଗୃହୀତ ହେବା ପୂର୍ବରୁ ଯେପରି ଜୀବନ କାଟୁଥିଲୁ, ତା'ଠାରୁ ଭିନ୍ନ ଭାବରେ ଜୀବନ କାଟୁ ବୋଲି ଈଶ୍ୱର ଆମଠାରୁ ଆଶା କରନ୍ତି ।

ଆମର ପୁତ୍ରତ୍ୱ ଖ୍ରୀଷ୍ଟଙ୍କ ସିଦ୍ଧ ଓ ଅକ୍ଷୟ ରକ୍ତ ଉପରେ ନିର୍ଭରଶୀଳ ଅଟେ । ଏପରି ସମୟ ଆସିବ, ଯେତେବେଳେ ଆପଣ ଜଣେ ବିଫଳ ବ୍ୟକ୍ତି କିମ୍ବା ଆପଣ ପ୍ରେମ ପାଉ ନ ଥିବା ବ୍ୟକ୍ତି କିମ୍ବା ଅଯୋଗ୍ୟ ବ୍ୟକ୍ତି ବୋଲି କହିବା ଦ୍ୱାରା ଶୟତାନ ଆପଣଙ୍କୁ ଦୋଷ ଦେବ କିମ୍ବା ଆପଣଙ୍କ ନିକଟରେ ମିଥ୍ୟା କହିବ କିମ୍ବା ଆପଣଙ୍କୁ ନିରୁତ୍ସାହିତ କରିବାକୁ ଚେଷ୍ଟା କରିବ । ମାତ୍ର ଆପଣ ତାକୁ ଏହା କହିପାରିବେ ଯେ *''ଶୟତାନ ଏକ ମିଥ୍ୟାବାଦୀ''* ବୋଲି ଆପଣଙ୍କ ନିକଟରେ ଏକ ନିରଙ୍କୁଶ ପ୍ରମାଣ ରହିଛି !

ଖ. ବିନାମୂଲ୍ୟ ଦାନର ପ୍ରୟୋଗ

ଆମେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା

ସମୟରେ ଈଶ୍ୱରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତରୀତ ହେଉ (କଲସୀ ୧:୧୩) ଓ ଆମେ ସଂପୂର୍ଣ୍ଣ ଭାବରେ (ରୋମୀ. ୮:୧୭) ତାଙ୍କ ପରିବାରର ସଦସ୍ୟ ହୋଇଯାଉ (ଏଫିସୀ ୨:୧୯) । ଏଥିଯୋଗୁ, ଆମକୁ ପ୍ରତିଦିନ କିପରି ଆମର ଜୀବନ କାଟିବାକୁ ହେବ, ତାହାର କିଛି ସୁସଂଗତ ପ୍ରୟୋଗ ରହିଥାଏ । ପିତାଙ୍କର ଗୃହୀତ ପୁତ୍ର ଭାବରେ–

୧. ଆମେ ଆଉ ଆମର ପୁରାତନ କର୍ତ୍ତା ପ୍ରତି ବଶ୍ୟତା କିମ୍ବା ଆନୁଗତ୍ୟ ଦେଖାଉନାହୁଁ ।

ଏହି ପୂର୍ବ କର୍ତ୍ତା କେଉଁମାନେ ? ଗାଲାତୀୟ ୪:୩ରେ ଆମକୁ କୁହାଯାଇଛି : *"...ଆମ୍ଭେମାନେ ମଧ୍ୟ ଯେତେବେଳେ ଧର୍ମରେ ନାବାଳକ ଥିଲୁ, ସେତେବେଳେ ଜଗତର ପ୍ରାଥମିକ ବିଷୟଗୁଡ଼ାକର ଦାସ ଥିଲୁ ।"* ଆମେ ଏହା ଶିକ୍ଷା କରିଅଛୁ ଯେ ଏହି ଅଧ୍ୟାୟରେ ଉଲ୍ଲିଖିତ "ପ୍ରାଥମିକ ବିଷୟଗୁଡ଼ିକ" ବୃଥା ଧର୍ମକର୍ମ, ଦର୍ଶନ ଓ ସେହି ବିଧିବିଧାନ ପ୍ରତି ଆମର ଦାସତ୍ୱକୁ ସୂଚିତ କରେ, ଯାହା ଆମକୁ ରକ୍ଷା କରିପାରେ ନାହିଁ ।

ଆମେ ପରିତ୍ରାଣ ପାଇବା ପୂର୍ବରୁ ଏହି ପୁରାତନ କର୍ତ୍ତାମାନଙ୍କର ବନ୍ଧନରେ ରହିଥିଲୁ । ମାତ୍ର ବର୍ତ୍ତମାନ, ଖ୍ରୀଷ୍ଟଙ୍କଠାରେ ଆମକୁ ନିମ୍ନଲିଖିତ ବିଷୟରୁ **ମୁକ୍ତ** କରାଯାଇଛି –

- ଆମର ପାପ ଓ ଏଥିଯୋଗୁ ଦଣ୍ଡ (କଲ. ୧:୧୧–୧୪, ୨:୧୪),
- ଆମ ପାପ ସ୍ୱଭାବର ବନ୍ଧନ (ରୋମୀୟ ୬),
- ଧର୍ମକର୍ମ, ଭୂତ ସମ୍ବନ୍ଧୀୟ ମତବାଦ ଓ ଆମର ପରିତ୍ରାଣ ଅର୍ଜନ କରିବା ପାଇଁ ଆତ୍ମ–ପ୍ରଚେଷ୍ଟା (କଲ. ୨:୧୬–୨୩),
- ଭୟ, ଶୟତାନର ଧମକ ଓ ଚାତୁର୍ଯ୍ୟପୂର୍ଣ୍ଣ ମିଥ୍ୟା (କଲ. ୨:୧୫, ଏବ୍ରୀ ୨:୧୪–୧୮) ।

ଆମକୁ ଅଧାର୍ମିକ କର୍ତ୍ତାମାନଙ୍କ ପ୍ରତି ଆମର ପୁରାତନ ଆନୁଗତ୍ୟ ଛିନ୍ନ ଓ ଅଗ୍ରାହ୍ୟ କରିବାକୁ ହେବ । ଧର୍ମଶାସ୍ତ୍ର ଆମକୁ ଅଧାର୍ମିକ କର୍ତ୍ତାମାନଙ୍କୁ ପରିତ୍ୟାଗ କରିବା ପାଇଁ ଖ୍ରୀଷ୍ଟଙ୍କଠାରେ ରହିଥିବା ଶକ୍ତିର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଛି : *"ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି"* (୨ କରିନ୍ଥୀ ୫:୧୭) ।

କିନ୍ତୁ, ପରିତ୍ରାଣ ସମୟରେ ଆମକୁ ପ୍ରଦତ୍ତ ହେଉଥିବା ପାପ ଓ ବନ୍ଧନରୁ ମୁକ୍ତି ସ୍ୱାର୍ଥପର ଭାବରେ ବ୍ୟବହୃତ ହେବା ଉଚିତ ନୁହେଁ । ଆମେ ଯାହା ଇଚ୍ଛା କରୁ, ତାହା କରିବା ନିମନ୍ତେ ମୁକ୍ତ ହୋଇନାହୁଁ । ବରଂ, ଆମେ ଯାହା କରିବା ଉଚିତ, ବର୍ତ୍ତମାନ ତାହା କରିବା ପାଇଁ ମୁକ୍ତିଲାଭ କରିଅଛୁ ! ଏହିପରି ଭାବରେ, ଆମ ପୁତ୍ରତ୍ୱର ଅନ୍ୟ ଗୋଟିଏ ପ୍ରୟୋଗ ହେଉଛି ଯେ –

୨. ଆମେ ସର୍ବୋପରି ଈଶ୍ୱରଙ୍କ ପ୍ରତି ଅନୁଗତ ଓ ବିଶ୍ୱସ୍ତ ହେଉ–

ବାଇବଲ ପ୍ରକାଶ କରେ : *"ଆଉ ସେ ସମସ୍ତ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ଯେଉଁମାନେ ଜୀବିତ, ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ଥିତ ହେଲେ, ତାହାଙ୍କ ନିମନ୍ତେ ଜୀବନଯାପନ କରନ୍ତି"* (୨ କରିନ୍ଥୀ ୫:୧୫) ।

ଆମେ ଗୀର୍ଜା ଗୃହରେ ରହିଥିବା ସମୟରେ କିମ୍ବା ସେବାକାର୍ଯ୍ୟ କରୁଥିବା ସମୟରେ କେବଳ ଆମର ପ୍ରଭୁଙ୍କୁ ଆମର ବାକ୍ୟ ଓ କାର୍ଯ୍ୟ ପାଇଁ ଆଦେଶ ଦେବାକୁ ହେବ, ତା'ନୁହେଁ । ଯଦି ଆମେ ତାଙ୍କୁ ଏହି ସମସ୍ତ ବିଷୟ ପାଇଁ ଅନୁମତି ଦେଉ, ତେବେ ଆମେ ଯୀଶୁଙ୍କ ସମୟର ଫାରୂଶୀ ଓ ସାଦ୍ଦୁକୀମାନଙ୍କ ସଦୃଶ ବ୍ୟବହାର ପ୍ରଦର୍ଶନ କରୁଥାଉ (ମାଥିଉ ୨୩) । ଆମର କେବଳ ଏକ ବାହ୍ୟ ଧର୍ମକର୍ମ ରହିଛି, ମାତ୍ର ଆମେ ଈଶ୍ୱରଙ୍କୁ ସଂପୂର୍ଣ୍ଣ ଭାବରେ ଆମର ହୃଦୟ ମଧ୍ୟରୁ ଓ ଆମ ଜୀବନର ସମସ୍ତ ବିଷୟ ସହିତ ସେବା କରୁନାହୁଁ (ମାଥିଉ ୧୫:୭–୯) ।

ଯୀଶୁ ନିଜର ବହୁମୂଲ୍ୟ ରକ୍ତ ଢାଳି ନିଜର ଜୀବନ ଦେଇଥିଲେ, ଯେପରିକି ସେ ଆମ ଜୀବନର **ପ୍ରତ୍ୟେକ ବିଷୟ**ର ପ୍ରଭୁ ହୋଇପାରନ୍ତି – ଆମ ହୃଦୟ ସଙ୍ଗେ ସଙ୍ଗେ ଆମ ଅଭ୍ୟାସଗୁଡ଼ିକର ପ୍ରଭୁ ହୋଇପାରନ୍ତି ! ଯୀଶୁ ଓ ପିତା ଯେପରି ଆମ ହୃଦୟରେ "ପ୍ରଥମ ସ୍ଥାନ" ଅଧିକାର କରି ଆମ ଜୀବନକୁ ପୂର୍ଣ୍ଣ କରନ୍ତି, ଏହା ସେମାନଙ୍କର ଇଚ୍ଛା ଅଟେ ।

ଆମର ଏକ *'ଅପବ୍ୟୟୀ ପୁତ୍ର'* ଅପେକ୍ଷା ଅଧିକ କର୍ତ୍ତବ୍ୟ ରହିଛି । ଅନ୍ୟ ଭାଷାରେ, ଯୀଶୁଙ୍କ ମୃତ୍ୟୁ ଓ ଆମର ପୁତ୍ରତ୍ୱ ଦ୍ୱାରା ଲବ୍ଧ ଆମର ବିଶାଳ ଆତ୍ମିକ ଉତ୍ତରାଧିକାରକୁ ନେଇ ସ୍ୱାର୍ଥପର ଭାବରେ ଆମର ଜୀବନ, ଆନନ୍ଦ, ଶାନ୍ତି, ଅନୁଗ୍ରହ ଓ ଉଦ୍ଦେଶ୍ୟ ଓ ଆଶାକୁ ଅପଚୟ କରିବା ଅନୁଚିତ । (ଆପଣମାନେ ଲୂକ ୧୫:୧୧–୩୨ରେ ଅପବ୍ୟୟୀ ପୁତ୍ର ବିଷୟରେ ଅଧିକ ପାଠ କରିପାରିବେ) । ଈଶ୍ୱରଙ୍କ ଦାନ ଓ ଆହ୍ୱାନ ତାଙ୍କ ଗୌରବ ଆଣିବା ପାଇଁ ଓ ତାଙ୍କ ରାଜ୍ୟର ବୃଦ୍ଧି ପାଇଁ ଆମର ଆଶୀର୍ବାଦ ନିମନ୍ତେ ଓ ତାଙ୍କର ଉଦ୍ଦେଶ୍ୟ ଓ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ଅଟେ ।

ଏହା ସତ୍ୟ ଅଟେ ଯେ, ଅପବ୍ୟୟୀ ପୁତ୍ର କ୍ଷମା ପାଇଥିଲା ଓ ନିଜ ପିତାଙ୍କ ଦ୍ୱାରା ପୁଣି ଥରେ ଗୃହୀତ ହୋଇଥିଲା । ଏହା ଈଶ୍ୱରଙ୍କ ଦୟା ଓ ପ୍ରେମର ଏକ

ସୁନ୍ଦର ଚିତ୍ର ଯୋଗାଏ । କିନ୍ତୁ, ଅପବ୍ୟୟୀ ପୁତ୍ର ଉଦ୍ଦେଶ୍ୟ ଓ ଦାନରେ ଓ ଈଶ୍ୱରପ୍ରଦତ୍ତ ସାମ୍ଭାବ୍ୟ ପ୍ରତିଭାରେ ଯାହା ହରାଇଥିଲା, ତା'ମଧ୍ୟରୁ ଅଧିକାଂଶ ପୁନର୍ବାର ଫେରପାଇ ନ ଥିଲା । ଅଧିକନ୍ତୁ, ଯଦି ସେ ଅନୁତାପ କରି ନ ଥାନ୍ତା, ତେବେ ଅପବ୍ୟୟୀ ପୁତ୍ରର ପଥଭ୍ରଷ୍ଟ ଜୀବନ ଏକ ନିଶ୍ଚିତ ଓ ଅନନ୍ତ ଧ୍ୱଂସ ଦିଗରେ ପରିଚାଳିତ ହୋଇଥାନ୍ତା ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ଆମେ ସମସ୍ତେ ସେହି ଆତ୍ମିକ ନେତାମାନଙ୍କ ବିଷୟରେ ସଚେତନ ଅଟୁ ଯେଉଁମାନଙ୍କୁ ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ଈଶ୍ୱରଙ୍କ ଦ୍ୱାରା ଆହ୍ୱାନ ଓ ଶକ୍ତିଯୁକ୍ତ କରାଯାଇଥିଲା । ସେ ସେମାନଙ୍କୁ ଉତ୍ତମ ଦାନ ଓ ସାମର୍ଥ୍ୟ ପ୍ରଦାନ କରିଥିଲେ । ସେ ଈଶ୍ୱରଙ୍କର ଅନନ୍ତକାଳୀନ ଉଦ୍ଦେଶ୍ୟ ପାଇଁ ତାଙ୍କର ଓ ଅନ୍ୟମାନଙ୍କର ସେବା କରିବାକୁ ନିଜର ବ୍ୟବହାର ନିମନ୍ତେ ସେମାନଙ୍କୁ ଆହ୍ୱାନ କରିଥିଲେ ।

ମାତ୍ର ଏହାପରେ ସେମାନେ ସେମାନଙ୍କର ହୃଦୟରେ ଅଧାର୍ମିକତାକୁ ଅନୁମତି ଦେବାକୁ ଆରମ୍ଭ କରିଥିଲେ । ପ୍ରାୟତଃ, ଗର୍ବ କିମ୍ବା ଶାରୀରିକ ଇଚ୍ଛା ସେମାନଙ୍କ ମଧ୍ୟରେ ପ୍ରବେଶ କରୁଥିଲା ଓ ସେଗୁଡ଼ିକୁ ଦୂର କରାଯାଉ ନ ଥିଲା । ଅତିଶୀଘ୍ର ତାହା ଏହି ସମସ୍ତ ପାପ ଆଡ଼କୁ କଢ଼ାଇ ନେଉଥିଲା, ଯଥା, ଟଙ୍କା ଚୋରୀ କରିବାର ଯଥାର୍ଥତା ପାଇଁ, ଯୌନଗତ ପାପ କରିବା ପାଇଁ, କିମ୍ବା ଶରୀର ସହିତ ଅନ୍ୟାନ୍ୟ ବୁଝାମଣା ପାଇଁ । ସେମାନେ ସେମାନଙ୍କର ସ୍ଥିତିକୁ, ସମ୍ମାନର ପଦବୀକୁ ଓ *"ଈଶ୍ୱରଙ୍କ ପ୍ରଶଂସା* (ଅନୁମୋଦନ) *ଅପେକ୍ଷା ମନୁଷ୍ୟମାନଙ୍କ ପ୍ରଶଂସା"*କୁ ଅଧିକ ପ୍ରେମ କରିଥିଲେ (ଯୋହନ ୧୨:୪୩) – ପ୍ରଭୁଙ୍କ ପରିବର୍ତ୍ତେ ସେହି ସବୁ ବିଷୟର ସେବା କରିଥିଲେ ।

କିଛି ସମୟ ପାଇଁ, ଏହା ମନେ ହୁଏ ଯେ ଏହି ନେତାମାନେ କିଛି ବିଷୟ ସହିତ ଅନ୍ୟମାନଙ୍କୁ ଓ ଏପରିକି ଈଶ୍ୱରଙ୍କୁ ପ୍ରତାରିତ କରିଥିଲେ । ମାତ୍ର ଈଶ୍ୱର କେବେ ପ୍ରତାରିତ ହୁଅନ୍ତି ନାହିଁ(ଗାଲା. ୬:୭,୮) କିମ୍ବା ଈଶ୍ୱର ପାପ ଓ ବିଦ୍ରୋହକୁ ହାଲୁକା ଭାବରେ ଗ୍ରହଣ କରନ୍ତି ନାହିଁ (ଏବ୍ରୀ ୩:୧୨–୧୫, ଯିହୁଦା ୮–୧୧) । ପାପପୂର୍ଣ୍ଣ ବ୍ୟବହାର ଶେଷରେ ଗୁରୁତର ପରିଣତି, ଏପରିକି ଧ୍ୱଂସ ଦିଗରେ କଢ଼ାଇ ନିଏ (ଯାକୁବ ୧:୧୩–୧୫) । ଏହା ସମସ୍ତ ଲୋକଙ୍କ ପ୍ରତି, ଏପରିକି ମଣ୍ଡଳୀ ନେତାମାନଙ୍କ ପ୍ରତି ପ୍ରଯୁଜ୍ୟ ହୁଏ ।

ପାପ, ପାଳକଙ୍କର ସାକ୍ଷ୍ୟ ଓ ସଂପ୍ରଦାୟରେ ମଣ୍ଡଳୀର ସାକ୍ଷ୍ୟକୁ ମଧ୍ୟ ନଷ୍ଟ କରେ । ପରିବାରଗୁଡ଼ିକ ଦୁଃଖଭୋଗ କରନ୍ତି ଓ ବିଫଳତା ସମ୍ବନ୍ଧରେ ସଚେତନ ହେଉଥିବା ବ୍ୟକ୍ତିମାନେ ଅଧିକ ଯନ୍ତ୍ରଣା ଓ ଦୁଃଖର ଅନୁଭୂତି ପାଆନ୍ତି । ଶୟତାନ ମଣ୍ଡଳୀର ନେତାମାନଙ୍କୁ ପ୍ରଲୋଭିତ କରି ଧ୍ୱଂସ କରିବା ପାଇଁ ଯେ ଅତି କଠୋର ଚେଷ୍ଟା କରେ, ତାହା ଆଶ୍ଚର୍ଯ୍ୟର ବିଷୟ ନୁହେଁ ! (ଲୂକ ୨୨:୩୧)

କିନ୍ତୁ ପାପ କେଉଁଠାରୁ ଆରମ୍ଭ ହୁଏ ? ଏହା ହୃଦୟରେ ଆରମ୍ଭ ହୁଏ (ମାଥିଉ ୧୨:୩୪,୩୫, ୧୫:୧୯, ୨ପିତର ୨) । ଯେତେବେଳେ ଆମର ହୃଦୟ ଈଶ୍ୱରଙ୍କୁ ସମସ୍ତ ଧାର୍ମିକତା ଓ ଭକ୍ତିରେ ଭୟ କରି ତାଙ୍କ ପ୍ରତି ସଂପୂର୍ଣ୍ଣ ଭାବରେ ବିଶ୍ୱସ୍ତ ଓ ବଶୀଭୂତ ହୁଏ ନାହିଁ – ସେତେବେଳେ ଅନ୍ୟ ବିଷୟଗୁଡ଼ିକ ଆମ ହୃଦୟରେ ଥିବା ପ୍ରଭୁଙ୍କର ପ୍ରଥମ ସ୍ଥାନକୁ ଠେଲି ବାହାର କରିଦେବାକୁ ଆରମ୍ଭ କରେ । ମାତ୍ର ଯଦି ଆମେ ଆମର ହୃଦୟକୁ ପ୍ରସ୍ତୁତ କରି ସଂପୂର୍ଣ୍ଣ ଭାବରେ ପ୍ରଭୁଙ୍କୁ ଦେବା, ତେବେ ସେ ଆମ ଆଗେ ଆଗେ ଯାଇ ଆମର ମାର୍ଗ ସ୍ଥାପନ କରିବେ (୧ଶାମୁୟେଲ ୭:୩, ହିତୋ. ୩:୫–୮) ।

ସେଥିପାଇଁ ପାଳକମାନେ, ଆପଣମାନଙ୍କର ହୃଦୟକୁ ଜାଗ୍ରତରେ ରଖନ୍ତୁ (ହିତୋ. ୪:୨୩) । ପ୍ରଭୁଙ୍କ ନିକଟରେ ପ୍ରାର୍ଥନାରେ ଆପଣଙ୍କ ହୃଦୟକୁ ପ୍ରତିଦିନ ସମର୍ପଣ କରନ୍ତୁ । ଅଙ୍କୁରିତ ହେଉଥିବା ଯେକୌଣସି ଦୁର୍ବଳତା, ପ୍ରତାରଣା କିମ୍ବା ଶାରୀରିକ ଇଚ୍ଛାକୁ ପ୍ରକାଶ କରିବା ପାଇଁ ତାଙ୍କୁ ଅନୁରୋଧ କରନ୍ତୁ । ଆମେ ସର୍ବଦା ଆମର ନିଜସ୍ୱ ହୃଦୟକୁ ଜାଣିପାରିବା ନାହିଁ (ଯିରି. ୧୭:୯,୧୦) । ମାତ୍ର ଈଶ୍ୱର ଆମ ହୃଦୟ ପ୍ରତି ଦୃଷ୍ଟିପାତ କରନ୍ତି (୧ଶାମୁ. ୧୬:୭) ଓ ସେ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଆମକୁ ଚେତନା ଦେଇପାରନ୍ତି ।

ପ୍ରତିଦିନ ଆପଣଙ୍କ ବାଇବଲ ପଠନରେ ମଧ୍ୟ ବିଶ୍ୱସ୍ତ ରହନ୍ତୁ । କାରଣ ଈଶ୍ୱରଙ୍କ ଜୀବିତ ବାକ୍ୟରେ ଆପଣଙ୍କ ହୃଦୟରେ ଯାହା ଅଛି, ତାହା ପ୍ରକାଶ କରିବାର ଶକ୍ତି ରହିଛି (ଏବ୍ରୀ ୪:୧୨) । ଏହାପରେ ବାକ୍ୟର କାର୍ଯ୍ୟକାରୀ ହୋଇ ଆପଣ ଯାହା ପାଠ କରନ୍ତି, ତାହା **ପାଳନ କରନ୍ତୁ !** (ଯାକୁବ ୧:୨୨)

୩. ଆମର ଯାହା ଅଛି ଓ ଆମେ ଯାହା କିଛି ଅଟୁ – ସେସବୁ ପ୍ରଭୁଙ୍କର ଅଟେ ।

ଗୃହୀତ ପୁତ୍ର ଭାବରେ ଆମର ଜୀବନ, ସଂପର୍କ, ଦାନ, ଯୋଗ୍ୟତା, ସମ୍ଭାବନା ଓ ପାର୍ଥିବ ସଂପତ୍ତି ସବୁକିଛି ଈଶ୍ୱରଙ୍କର ଅଟେ । ଆମର ଇଚ୍ଛା ଓ ଭରସା ସମେତ ଆମ ସମ୍ବନ୍ଧୀୟ ସବୁକିଛି (ଗୀତ. ୩୭:୪,୫) ଈଶ୍ୱରଙ୍କ ନିକଟରେ ଓ ତାଙ୍କର ଜ୍ଞାନଯୁକ୍ତ ରାଜତ୍ୱ ନିକଟରେ ସମର୍ପିତ ହେବା ଉଚିତ ।

କେତେକ ଲୋକ ସେମାନଙ୍କ ଭୟରେ କିମ୍ବା ସେମାନଙ୍କ ସ୍ୱାର୍ଥପରତାରେ ଈଶ୍ୱରଙ୍କଠାରୁ ସେମାନଙ୍କର *ସମୟ, ପ୍ରତିଭା* କିମ୍ବା *ସଂପଦ* ସ୍ଥଗିତ ରଖିବା ଯଥାର୍ଥ ବୋଲି ପ୍ରତିପାଦନ କରିପାରନ୍ତି । ମାତ୍ର ବାସ୍ତବ ବିଷୟ ହେଉଛି ଯେ, ଈଶ୍ୱରଙ୍କୁ ଯାହା ଦିଆ ନ ଯାଇ ଆମ ନିଜ ନିମନ୍ତେ ରଖାଯାଏ, ତାହା ମଧ୍ୟ ଏହା ଉପରେ ତାଙ୍କ ଆଶୀର୍ବାଦକୁ ସ୍ଥଗିତ ରଖେ ।

ଆମେ ଆମ ଜୀବନର ପ୍ରତ୍ୟେକ ବିଷୟ ଉପରେ ସର୍ବୋପରି ଈଶ୍ୱରଙ୍କ ଆଶୀର୍ବାଦ ଇଚ୍ଛା କରିବା ଉଚିତ ! ମାତ୍ର ସେଥିପାଇଁ ଈଶ୍ୱରଙ୍କ ନିକଟରେ ସବୁକିଛି ସମର୍ପଣ କରିବା ଆବଶ୍ୟକ ହୁଏ । ଏହାର ଅର୍ଥ ହେଉଛି– ଆମ ଜୀବନର ପରିବର୍ତ୍ତିତ କ୍ଷେତ୍ରଗୁଡ଼ିକର ଦାୟିତ୍ୱ ସୁଦ୍ଧା ତାଙ୍କୁ ସମର୍ପଣ କରିବା । ଆମେ ତାହା କରିବା ସମୟରେ ଈଶ୍ୱର ନିଜର ସର୍ବଜ୍ଞ ଓ ସର୍ବଶକ୍ତିମାନ ମାର୍ଗରେ ଆମ ପ୍ରତି, ଆମର ଆବଶ୍ୟକତା ପ୍ରତି, ଆମର ପାପ ଓ ଆମର ଇଚ୍ଛା ପ୍ରତି ବ୍ୟବହାର ପ୍ରଦର୍ଶନ କରିବାକୁ ମୁକ୍ତ ହୁଅନ୍ତି । ଆମେ ତାଙ୍କର ଚେତନାଦାୟକ କାର୍ଯ୍ୟର ବଶୀଭୂତ ହୋଇ ପ୍ରତିକ୍ରିୟା ଦେଖାଇବା ସମୟରେ, ଅର୍ଥାତ୍, ଆମ ପାପ ସ୍ୱୀକାର କରି ଅନୁତାପ କରିବା ଓ ତାଙ୍କ ବାକ୍ୟ ପ୍ରତି ଅଧିକରୁ ଅଧିକ ବାଧ୍ୟ ହେବା ସମୟରେ ସେ ତାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଆମକୁ ସୁଗଠିତ କରିବେ, ଆଉ ଏହା ହିଁ ଆମ ନିମନ୍ତେ ତାଙ୍କର ଇଚ୍ଛା ଅଟେ (ରୋମୀ. ୮:୨୯) । ଏହାପରେ ଈଶ୍ୱର ଆମକୁ ତାଙ୍କର ଆହୁରି ଅଧିକ ଆଶୀର୍ବାଦ ଓ କାର୍ଯ୍ୟ ସମର୍ପଣ କରିପାରିବେ !

ମନେରଖନ୍ତୁ, ଗୋଟିଏ ଗୃହୀତ ପୁତ୍ର ଭାବରେ, ଆମ ଜୀବନର ଲକ୍ଷ୍ୟ ଓ ପ୍ରଚେଷ୍ଟା ହେଉଛି – ଆମ ସ୍ୱର୍ଗୀୟ ପିତାଙ୍କୁ ଗୌରବ ଓ ସମ୍ମାନ ଦେବା । ଆମକୁ ତାଙ୍କ ପରିବାର (ମଣ୍ଡଳୀ– ଗାଲା. ୬:୧୦, ଏଫି. ୨:୧୯)କୁ ମଧ୍ୟ ଆଶୀର୍ବାଦ ଓ ସମ୍ମାନ ଦେବାକୁ ହେବ – ଯାହାର ଆମେ ଏକ ଅତ୍ୟାବଶ୍ୟକ ଅଂଶ ଅଟୁ ।

୪. ପୁତ୍ରମାନଙ୍କୁ ଉତ୍ତରାଧିକାରର ଏକ ପରିପକ୍ୱ ସ୍ଥିତିରେ ସ୍ଥାପିତ କରୁଥିବା ସମୟରେ ଆମେ ସୁସଂଗତ ଭାବରେ ଆତ୍ମିକ ପରିପକ୍ୱତାର ଅନୁସରଣ କରିବାକୁ ବାଧ୍ୟ ହେଉ ।

ଗୋଟିଏ ପୁତ୍ର ଭାବରେ ସ୍ଥାପିତ ହେବା– ଅର୍ଥାତ୍–ଆତ୍ମିକ ପୁତ୍ରତ୍ୱ ସେତେବେଳେ ମିଳେ, ଯେତେବେଳେ ଆମେ ପୁନର୍ଜନ୍ମ ପାଉ । *ମାନବ ପୁତ୍ରଗ୍ରହଣ* କ୍ଷେତ୍ରରେ, ଗୃହୀତ ପିଲା, ସାଧାରଣ ଭାବରେ, ଗ୍ରହଣକାରୀ ପିତାର ମୃତ୍ୟୁ ପରେ ଗୋଟିଏ ଉତ୍ତରାଧିକାରୀ ହୋଇଥାଏ । ଅନୁମାନ କରାଯାଏ ଯେ, ପିଲାଟି ବୃଦ୍ଧିପ୍ରାପ୍ତ ଓ ପରିପକ୍ୱ ହେବ ଓ ତା'ର ଅଧିକାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ ।

କିନ୍ତୁ, ଈଶ୍ୱରଙ୍କ ମାର୍ଗ ସର୍ବଦା ମନୁଷ୍ୟର ମାର୍ଗ ସଦୃଶ ନୁହେଁ (ଯିଶା. ୫୫:୮,୯) । ଈଶ୍ୱରଙ୍କ ସନ୍ତାନ ଓ ସାଧୁ ଭାବରେ ଆମ ନିଜ ନିଜକୁ ଉତ୍ତରାଧିକାରର ଯୋଗ୍ୟ ବୋଲି ପ୍ରମାଣ କରିବାକୁ ହୁଏ ନାହିଁ । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ, ଯେହେତୁ କେହି ସେହି ସୁନ୍ଦର ଦାନ ଓ ଆଶୀର୍ବାଦର ଯୋଗ୍ୟ ନୁହଁନ୍ତି, ଯେଉଁଗୁଡ଼ିକ ଆମକୁ ଏକ ଆତ୍ମିକ ଉତ୍ତରାଧିକାର ଭାବରେ ପ୍ରଦତ୍ତ ହୋଇଥାଏ । ଏହା ପରିବର୍ତ୍ତେ, ଆମର ପୁତ୍ର–ସ୍ଥାପନା (ପୁତ୍ରତ୍ୱ) ଓ ଆମର ଉତ୍ତରାଧିକାର ବିଶ୍ୱାସ ଦ୍ୱାରା ବିନାମୂଲ୍ୟରେ ମିଳିଅଛି, ଠିକ୍ ଯେପରି ଆମେ ଆମର ପରିତ୍ରାଣ ପାଇଅଛୁ । ଈଶ୍ୱର ତାଙ୍କ ବାକ୍ୟରେ

ଯାହା ପ୍ରତିଜ୍ଞା କରିଛନ୍ତି, ତାହା ଆମକୁ *ବିଶ୍ୱାସ* କରିବାକୁ ହେବ ଓ ସେ ଆମକୁ ବିନାମୂଲ୍ୟରେ ଯାହା ଦେଇଛନ୍ତି, ତାହା ଗ୍ରହଣ କରିବାକୁ ହେବ ।

କିନ୍ତୁ, ଏହା ଉପରେ ଜୋର୍ ଦେବା ଗୁରୁତ୍ୱପୂର୍ଣ୍ଣ ଯେ, ''ଆମକୁ ଆତ୍ମିକ ଭାବରେ ମଧ୍ୟ ପରିପକ୍ୱ ହେବାକୁ ପଡ଼ିବ'' ବୋଲି ଧର୍ମଶାସ୍ତ୍ର ପ୍ରକାଶ କରିଛି । ଆମେ ସମସ୍ତେ ଖ୍ରୀଷ୍ଟଙ୍କଠାରେ ଏପରି ଶିଶୁ ଭାବରେ ଆରମ୍ଭ କରୁ ଯେଉଁମାନଙ୍କର ବୃଦ୍ଧି ପାଇବା ଆବଶ୍ୟକ (୧କରି. ୩:୧–୩) । ଯଦିଓ ଆମର ପୁତ୍ରତ୍ୱ ଆମକୁ ଏକ ପରିପକ୍ୱ ସ୍ଥିତିରେ ସ୍ଥାପନ କରେ – ଈଶ୍ୱରଙ୍କ ସମସ୍ତ ଯୋଗାଣ ଗ୍ରହଣ କରିବାକୁ ଯୋଗ୍ୟ କରେ– ତଥାପି ଆମକୁ ସାଂସାରିକତାଠାରୁ ଦୂରେଇ ଯାଇ ପ୍ରକୃତ ଆତ୍ମିକତା ଦିଗରେ, ଆମର ବିଶ୍ୱାସର ବିଷୟରେ *ବୃଦ୍ଧି* ପାଇବାକୁ ହେବ ।

''ଏହି ଆତ୍ମିକ ଅଭିବୃଦ୍ଧି ଆମ ପାଇଁ ଅଧିକ ଉତ୍ତରାଧିକାର'' ଅର୍ଜନ କରେ ନାହିଁ । ଖ୍ରୀଷ୍ଟ କ୍ରୁଶରେ ତାଙ୍କର କାର୍ଯ୍ୟ ମାଧ୍ୟମରେ ଆମ ପାଇଁ ଯାହା କରିସାରିଛନ୍ତି, ତାହା ଅପେକ୍ଷା ଆମେ ଆଉ ଅଧିକ ଯୋଗ୍ୟ ହୋଇପାରିବା ନାହିଁ । ମାତ୍ର ଈଶ୍ୱର ଆମକୁ ପ୍ରଦାନ କରିଥିବା ପୁତ୍ରତ୍ୱରେ ଓ ଉତ୍ତରାଧିକାରରେ ଅଧିକ ବିଶ୍ୱସ୍ତ ଭାବରେ ଓ ଫଳପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ଶିକ୍ଷା କରିବାକୁ ହେବ ।

ଅଭିବୃଦ୍ଧିର ଆବଶ୍ୟକତା

ଆମେ ଈଶ୍ୱରଙ୍କର ବାଧ୍ୟ ହେବା ପାଇଁ ଓ ଅନ୍ତର ମଧ୍ୟରୁ ପରିବର୍ତ୍ତିତ ହେବା ପାଇଁ ବିଶ୍ୱସ୍ତ ହେବା ସମୟରେ ଆମେ ଯେଉଁ ଅଧିକାର ପାଉ ବୋଲି ଆମ ପିତା ଚାହାଁନ୍ତି, ସେହି ଅଧିକାର ଧରି ରଖିବାରେ ଆମେ ଅଧିକରୁ ଅଧିକ ସମର୍ଥ ହେଉ (ମାଥିଉ ୨୫:୧୪–୨୯ ଦେଖନ୍ତୁ) ।

ଈଶ୍ୱରଙ୍କ ପୁତ୍ର ଭାବରେ ଆମର ପରିପକ୍ୱ ହେବା ସମ୍ବନ୍ଧରେ ଅନେକ ବାଇବଲ ଅଧ୍ୟାୟଗୁଡ଼ିକ ରହିଛି । ଉଦାହରଣ ସ୍ୱରୂପ, ଆମକୁ ନିମ୍ନ ବିଷୟରେ ବୃଦ୍ଧି ପାଇବାକୁ ହେବ–

- ବିଶ୍ୱାସରେ (୨କରିନ୍ଥୀ ୧୦:୧୫),
- ଈଶ୍ୱରଙ୍କ ଜ୍ଞାନରେ (କଲସୀ ୧:୧୦, ୨ପିତର ୧:୧–୪),
- ଅନୁଗ୍ରହରେ (୨ପିତ. ୩:୧୮),
- ଆତ୍ମିକ ଜ୍ଞାନରେ (ଏଫିସୀ ୧:୧୭–୧୯),
- ଖ୍ରୀଷ୍ଟ ଓ ତାଙ୍କ କାର୍ଯ୍ୟ ଜାଣିବାରେ (ଫିଲି. ୩:୭–୧୧),
- ଆମ ଆହ୍ୱାନ ବୁଝିବାରେ (ଫିଲି. ୩:୧୨–୧୬),
- ଧର୍ମ ସମ୍ବନ୍ଧୀୟ ପ୍ରାଥମିକ ବିଷୟଗୁଡ଼ିକରେ (କଲ. ୩:୧–୪),
- ଶୁଚିକରଣରେ (୨ପିତର ୧:୫–୮),

ଏହି ଦୃଷ୍ଟାନ୍ତଗୁଡ଼ିକ ଅନେକ ମାର୍ଗ ମଧ୍ୟରୁ ଅଳ୍ପ କିଛିର ପ୍ରତିନିଧିତ୍ୱ କରନ୍ତି, ଯେଉଁଗୁଡ଼ିକୁ ଧୀରେ ଧୀରେ ବୃଦ୍ଧି ପାଇବାକୁ ହୁଏ ଓ ଆମର ପରିତ୍ରାଣ ପରେ ପରିବର୍ତ୍ତିତ ହେବାକୁ ହୁଏ । ଈଶ୍ୱରଙ୍କର ଗୋଟିଏ ପୁତ୍ର ଭାବରେ ଆପଣ ଯେପରି ଆତ୍ମିକ ଭାବରେ ବୃଦ୍ଧି ପାଇପାରିବେ, ଏଥିପାଇଁ ଧର୍ମଶାସ୍ତ୍ରରୁ ଆହୁରି ଅଧିକ ମାର୍ଗର ଅନୁସନ୍ଧାନ କରିବା ପାଇଁ ସମୟ ନିଅନ୍ତୁ ।

ଅଭିବୃଦ୍ଧିର ପଥ

ଏହା ଅବଶ୍ୟ କୁହାଯିବ ଯେ, ଖ୍ରୀଷ୍ଟଙ୍କଠାରେ ଆତ୍ମିକ ଅଭିବୃଦ୍ଧି ଓ ପରିପକ୍ୱତା *'ସ୍ୱୟଂକ୍ରିୟ'* ନୁହେଁ । ପବିତ୍ର ଆତ୍ମାଙ୍କ ଦ୍ୱାରା ଈଶ୍ୱର ଆମ ସହିତ ସାକ୍ଷାତ୍ କରବା ପାଇଁ ଓ ପରିବର୍ତ୍ତିତ ହେବାରେ ଆମକୁ ସାହାଯ୍ୟ କରିବା ପାଇଁ ସର୍ବଦା ବିଶ୍ୱସ୍ତ ରହିବେ । ମାତ୍ର ଏହି ପ୍ରକ୍ରିୟାରେ ଅନୁତାପ କରିବାର, ପରିବର୍ତ୍ତିତ ହେବାର, ଆମ ଶାରୀରିକ ଅଭିଳାଷକୁ ଅସ୍ୱୀକାର କରିବାର ଓ ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେବାର ଓ ଆହୁରି ଅଧିକ ବିଷୟର ଏକ ଇଚ୍ଛା ସମେତ ଆମର ସଂପୂର୍ଣ୍ଣ ସହଯୋଗ ରହିବା ଆବଶ୍ୟକ ଅଟେ ।

ବାଇବଲ ଏହି ବିଷୟରେ ସ୍ପଷ୍ଟ ଅଟେ ଯେ, ଆତ୍ମିକ ଭାବରେ ବୃଦ୍ଧି ପାଇ ପରିପକ୍ୱ ହେବା ପାଇଁ, ଆମକୁ କେତେଗୁଡ଼ିଏ କାର୍ଯ୍ୟ କରିବାକୁ ହେବ । ଆମକୁ–

- ଈଶ୍ୱରଙ୍କ ବାକ୍ୟ ଭୋଜନ କରିବାକୁ ହେବ (୧ପିତର ୨:୨, ଏବ୍ରୀ ୫:୧୧–୧୪),
- ଈଶ୍ୱରଙ୍କ ବାକ୍ୟର ସୁଶୃଙ୍ଖଳିତ ଅଧ୍ୟୟନ ପ୍ରତି ଉତ୍ସର୍ଗୀକୃତ ରହିବାକୁ ହେବ (୧ତୀମଥି ୪:୧୩, ୨ତୀମଥି ୨:୧୫), ବିଶେଷ ଭାବରେ ମଣ୍ଡଳୀ ନେତା ହିସାବରେ,
- ଜୀବନରେ ଏପରି ମନୋନୟନ ପାଇଁ ଚେଷ୍ଟା କରିବାକୁ ହେବ, ଯାହା ଆତ୍ମିକ ଭାବରେ ପରିପକ୍ୱ ହେବାରେ ଆପଣଙ୍କୁ ସାହାଯ୍ୟ କରିବ (୧ତୀମଥି ୪:୮–୧୬, ୬:୧୧,୧୨,୨୦, ଏବ୍ରୀ ୫:୧୪, ୧ଯୋହନ ୩:୧–୩),
- ବାରମ୍ବାର, ଈଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହେବାକୁ ପଡ଼ିବ (ଏଫିସୀ ୫:୧୮) ।

ଆମେ ତାଙ୍କଠାରେ ବୃଦ୍ଧି ପାଉ ବୋଲି ଆମର ପିତା ଚାହାଁନ୍ତି । ସେ ଆମକୁ ସେହି ସମସ୍ତ ବିଷୟ ଦେଇଛନ୍ତି ଯାହା ଆମେ ତାଙ୍କ ସ୍ୱର୍ଗୀୟ ସ୍ୱଭାବର ଅଂଶାଧିକାରୀ ହେବା ପାଇଁ ଆବଶ୍ୟକ କରୁ (୨ପିତ. ୧:୨–୪) । ସେ ଆମର ଅଭିବୃଦ୍ଧି ଓ ଆତ୍ମିକ ପରିପକ୍ୱତାର ପ୍ରକ୍ରିୟା ପ୍ରତି ନିଜକୁ ଓ ସ୍ୱର୍ଗର ସମସ୍ତ ସମ୍ବଳକୁ ସମର୍ପିତ

କରିଛନ୍ତି । ଆଉ ସେ ଆମଠାରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ସହିତ ମିଳିତ ହେବାର ଅଧିକାର ଆମକୁ ପ୍ରଦାନ କରିଛନ୍ତି (ଫିଲି. ୨:୧୨,୧୩) ।

ଆମେ ଈଶ୍ୱରଙ୍କ ପୁତ୍ର ଭାବରେ ତାଙ୍କ ରାଜ୍ୟରେ ଯେପରି ମହତ୍ କାର୍ଯ୍ୟ କରୁ, ଏହା ଈଶ୍ୱର ଆମଠାରୁ ଇଚ୍ଛା କରନ୍ତି । ଏହା ସତ୍ୟ ହୋଇଥିବାରୁ ଆମକୁ ପରିପକ୍ୱ ଓ ବିଶ୍ୱାସଯୋଗ୍ୟ ଉତ୍ତରାଧିକାରୀ ହେବା ପାଇଁ ନିଜ ନିଜକୁ ସମର୍ପିତ କରିବାକୁ ହେବ (୧କରିନ୍ଥୀୟ ୨:୬, ୧୪:୨୦, ଫିଲିପ୍ପୀୟ ୧:୬, ୩:୧୫, ଏବ୍ରୀ ୫:୧୨–୧୪) ।

ଆମେ ଏହା ଶିକ୍ଷା କରିଅଛୁ ଯେ, ଗୃହୀତ ପୁତ୍ର କିମ୍ବା କନ୍ୟା ଭାବରେ ଆମର ଉଭୟ ଦାୟିତ୍ୱ ଓ ଅଧିକାର ରହିଛି । ବର୍ତ୍ତମାନ ଈଶ୍ୱରଙ୍କର ଗୃହୀତ ସନ୍ତାନ ଭାବରେ ଆମକୁ ପ୍ରଦତ୍ତ ହୋଇଥିବା କିଛି ସୁନ୍ଦର ଅଧିକାରକୁ ବର୍ତ୍ତମାନ ଆମେ ପରୀକ୍ଷା କରିବା–

ଭାଗ ୪

ପୁତ୍ରତ୍ୱର ଅଧିକାର

ଆମର ପୁତ୍ରତ୍ୱ – ଅର୍ଥାତ୍, ପୁତ୍ର ଭାବରେ ଆମର ସ୍ଥାପନା – ଆମକୁ ଏକ ନୂତନ ପ୍ରକାରର ସଂପର୍କ ମଧ୍ୟରେ ରଖେ । ଉଭୟ ଗୃହୀତ ପୁତ୍ର ଓ ଗ୍ରହଣକର୍ତ୍ତା ପିତା/ମାତା ପରସ୍ପରକୁ ସହାୟତା କରିବା ପାଇଁ, ସାହାଯ୍ୟ କରିବା ପାଇଁ ଓ ରକ୍ଷଣାବେକ୍ଷଣ କରିବା ପାଇଁ 'ପୁତ୍ରଗ୍ରହଣ' କାର୍ଯ୍ୟ ଦ୍ୱାରା ସମର୍ପିତ ହୋଇଥାନ୍ତି । ଆମେ ଗୃହୀତ ବ୍ୟକ୍ତି ଦ୍ୱାରା ସଂପାଦିତ ହେବାକୁ ଥିବା କାର୍ଯ୍ୟ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅଧ୍ୟୟନ କରିସାରିଛୁ ।

ମାତ୍ର ପୁତ୍ର ଭାବରେ ସ୍ଥାପିତ ହୋଇଥିବା ବ୍ୟକ୍ତିକୁ ମଧ୍ୟ ବଡ଼ ***'ଅଧିକାର'*** ପ୍ରଦତ୍ତ ହୋଇଅଛି । ଏହା ''ମାନବ ଗ୍ରହଣ'' ପ୍ରତି ମଧ୍ୟ ପ୍ରଯୁଜ୍ୟ ଅଟେ । କିନ୍ତୁ ଯେଉଁମାନେ ଈଶ୍ୱରଙ୍କର ପୁତ୍ର ହୋଇଛନ୍ତି, ସେମାନଙ୍କୁ ବିନାମୂଲ୍ୟର ଅନନ୍ତ ଅଧିକାର ଦିଆଯାଇଅଛି । ଆସନ୍ତୁ, ସେଗୁଡ଼ିକୁ ବର୍ତ୍ତମାନ ଅଧ୍ୟୟନ କରିବା ।

କ. ପୁତ୍ରତ୍ୱର ସର୍ବଶ୍ରେଷ୍ଠ ଅଧିକାର ହେଉଛି – ବର୍ତ୍ତମାନ ଈଶ୍ୱରଙ୍କୁ ନିଜର ପିତା ଭାବରେ ପାଇବା (ରୋମୀୟ ୮:୧୫, ଗାଲା. ୪:୫) ।

ପ୍ରତ୍ୟେକ ଜୀବିତ ପ୍ରାଣୀ, ବିଶେଷ ଭାବରେ, ମନୁଷ୍ୟ ଜାତିର ସ୍ଥିତି ଈଶ୍ୱରଙ୍କଠାରୁ ହୋଇଅଛି (ପ୍ରେରିତ ୧୭:୨୫,୨୮) । ସମସ୍ତ ମନୁଷ୍ୟ ଈଶ୍ୱରଙ୍କୁ ପିତା ଭାବରେ ପାଇଛନ୍ତି, ମାତ୍ର ସେ ଯେ ସମସ୍ତଙ୍କର ସୃଷ୍ଟିକର୍ତ୍ତା ଅଟନ୍ତି, କେବଳ ଏହି ଅର୍ଥରେ (ଯୋହନ ୧:୩) । ଆମେ ପୁନର୍ଜନ୍ମ ପାଇ ଈଶ୍ୱରଙ୍କର ପୁତ୍ର ଭାବରେ ଗୃହୀତ ହେବା ପୂର୍ବରୁ ପିତା ଭାବରେ ଈଶ୍ୱରଙ୍କ ସହିତ ଆମର ସଂପର୍କ ନ ଥାଏ । ଅବିଶ୍ୱାସୀମାନେ ଈଶ୍ୱରଙ୍କୁ ''ବିଚାରକର୍ତ୍ତା'' ବୋଲି ଡାକିପାରନ୍ତି, ମାତ୍ର ''ପିତା'' ନୁହେଁ ।

ବର୍ତ୍ତମାନ ଆମେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ନୂତନ ଜନ୍ମ ଦ୍ୱାରା ପ୍ରକୃତରେ ଈଶ୍ୱରଙ୍କର ପୁତ୍ର ହୋଇଅଛୁ, ଆମକୁ ସବୁଠାରୁ ଶ୍ରେଷ୍ଠତମ ଅଧିକାର ପ୍ରଦାନ କରାଯାଇଛି । ଆମକୁ ଈଶ୍ୱରଙ୍କ ପରିବାର ମଧ୍ୟକୁ ଅଣାଯାଇଛି,

ଆଉ ସେ ଆମ ଉପରେ ଗୋଟିଏ ପୁତ୍ରର ସମସ୍ତ ପ୍ରେମ, ସୁବିଧା ଓ ଅଧିକାର ପ୍ରଦାନ କରିଛନ୍ତି ।

ଆମର ପିତା ଆମକୁ ତାଙ୍କର ପୁତ୍ର ଓ କନ୍ୟା ବୋଲି ଡାକିବାକୁ ଲଜ୍ଜିତ ନୁହଁନ୍ତି (୨କରିନ୍ଥୀ ୬:୧୮, ଏବ୍ରୀ ୨:୧୧) । ଆମେ ଏପରି ପରିତ୍ୟକ୍ତ ପିଲା ନୋହୁଁ, ଯେଉଁମାନଙ୍କୁ ଗ୍ରହଣ କରିବା ପାଇଁ ଈଶ୍ୱର ବାଧ୍ୟ ହୋଇଥିଲେ । ବାଇବଲ ଆମକୁ ଏହି ଶିକ୍ଷା ଦିଏ ଯେ, ଈଶ୍ୱର *''ଜଗତର ପତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ''* (ଏଫିସୀ ୧:୪) । ସମସ୍ତ ମନୁଷ୍ୟ ଜାତି ଜଗତର ସ୍ଥିତି ଆସିବା ପୂର୍ବରୁ ଈଶ୍ୱରଙ୍କ ଦ୍ୱାରା ବାଞ୍ଛିତ ଓ ମନୋନୀତ ହୋଇଥିଲେ !

ଈଶ୍ୱର *''ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ''* (ଏଫି. ୧:୫) । ଈଶ୍ୱର ଅନେକ ବିଷୟ ଇଚ୍ଛା କରିଥାନ୍ତି, ମାତ୍ର ଆମର ପୁତ୍ରତ୍ୱ ତାଙ୍କ ସ୍ୱଚ୍ଛନ୍ଦ ଇଚ୍ଛା ଅନୁସାରେ ହୋଇଥାଏ । ସେ ସର୍ବଦା ଆମ ପାଇଁ ଇଚ୍ଛୁକ ଥାଆନ୍ତି ଓ ତାଙ୍କର ସନ୍ତାନ ଭାବରେ ତାଙ୍କ ନିକଟକୁ ଆସିବା ନିମନ୍ତେ ସେ ଆମ ପାଇଁ ଖ୍ରୀଷ୍ଟଙ୍କଠାରେ ମାର୍ଗ ଯୋଗାଇଥାନ୍ତି । ଈଶ୍ୱରଙ୍କ ବାଞ୍ଛିତ ପୁତ୍ର ହେବା କେତେ ବଡ଼ ସମ୍ମାନ ଓ ଗୌରବର ବିଷୟ ଅଟେ !

ହୁଏତ ଆପଣ (କିମ୍ବା ଆପଣଙ୍କ ମଣ୍ଡଳୀର କେହି ଜଣେ) ଆପଣଙ୍କ ପାର୍ଥିବ ପିତାମାତାଙ୍କର ଏକ ଅବାଞ୍ଛିତ ସନ୍ତାନ ହୋଇଥିବେ କିମ୍ବା ଆପଣ ହୁଏତ କାହାରିଠାରୁ ପ୍ରେମ ପାଇ ନ ଥିବେ, କିମ୍ବା କାହା ପାଇଁ ଏକ ବୋଝ କିମ୍ବା ଏକ ଆବର୍ଜନା ସ୍ୱରୂପ ହୋଇଥିବେ ।

ଦୟାକରି ଏହା ଜାଣନ୍ତୁ ଯେ, ଈଶ୍ୱର, ଅର୍ଥାତ୍, ଆପଣଙ୍କର ସ୍ୱର୍ଗୀୟ ପିତା ସର୍ବଦା ଆପଣଙ୍କୁ ଇଚ୍ଛା କରିଥାନ୍ତି ! ସେ ଆପଣଙ୍କ ଜୀବନ ପାଇଁ ଓ ଆପଣଙ୍କ ମଣ୍ଡଳୀ ଓ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଜୀବନ ପାଇଁ ବହୁମୂଲ୍ୟ ଓ ସୁନ୍ଦର ଯୋଜନା କରିଛନ୍ତି (ଯିରି. ୨୯:୧୧–୧୩, ଏଷ୍ଟର ୪:୧୪, ୧କରି. ୨:୯) । ଈଶ୍ୱର ଆପଣଙ୍କ ନିମନ୍ତେ ଯୋଗାଣ ଓ ସମ୍ବଳ ପୃଥକ୍ କରି ରଖିଛନ୍ତି (ମାଥି. ୬:୩୩, ଫିଲି. ୪:୧୯) । ଆଉ ସେ ଆପଣଙ୍କଠାରେ ଓ ଆପଣଙ୍କ ମଙ୍ଗଳ ନିମନ୍ତେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି (ରୋମୀ. ୮:୨୮–୩୧) । ତାଙ୍କ ପବିତ୍ର ନାମର ପ୍ରଶଂସା ହେଉ !

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପ୍ରାୟତଃ, ପିତାମାତାଙ୍କ ଅବହେଳା, ଅଗ୍ରାହ୍ୟ କିମ୍ବା ପରିତ୍ୟାଗ ହିଁ ଜଣେ ବ୍ୟକ୍ତିକୁ ଅନ୍ୟମାନଙ୍କର ଓ ଈଶ୍ୱରଙ୍କର ଅବାଞ୍ଛିତ ଓ ଘୃଣିତ ହେବାର ଅନୁଭବ ଦିଏ । ସେଥିପାଇଁ, ପ୍ରିୟପାଳକ ଏହି ପରିପ୍ରେକ୍ଷୀରେ ଆପଣଙ୍କ ସ୍ତ୍ରୀ ଓ ପିଲାମାନଙ୍କ

ପ୍ରତି ଆପଣଙ୍କର ପ୍ରଥମ ଦାୟିତ୍ୱ ପୂରଣ କରିବାରେ ଆପଣଙ୍କୁ ବିଫଳ କରୁଥିବା ସେବାକାର୍ଯ୍ୟରେ ବ୍ୟସ୍ତ ରହିବା ପାଇଁ ଆପଣ ନିଜକୁ ଆଦୌ ଅନୁମତି ଦିଅନ୍ତୁ ନାହିଁ ବୋଲି ମୁଁ ଉତ୍ସାହିତ କରୁଅଛି ।

ଆପଣଙ୍କ ବିବାହ ଓ ପରିବାର ଆପଣଙ୍କ ସେବାକାର୍ଯ୍ୟ ଅପେକ୍ଷା ଉଚ୍ଚତର ବୋଲି ବାଇବଲ ସ୍ପଷ୍ଟ କରିଦେଇଛି (ଏଫି. ୫:୨୨-୩୩) । ପ୍ରଭୁଙ୍କ ସହିତ ଆପଣଙ୍କ ବ୍ୟକ୍ତିଗତ ସଂପର୍କ ସର୍ବଦା ଆପଣଙ୍କ ଜୀବନ ପାଇଁ ପ୍ରଥମ ଅଗ୍ରାଧିକାର ଅଟେ, ମାତ୍ର ଯଦି ଆପଣ ବିବାହିତ, ତେବେ ଆପଣଙ୍କ ସ୍ତ୍ରୀଙ୍କର ସ୍ଥାନ ଦ୍ୱିତୀୟ ଅଟେ । ଯଦି ଆପଣଙ୍କ ସନ୍ତାନସନ୍ତତି ରହିଛି, ତେବେ ସେମାନଙ୍କର ଯତ୍ନ ନେବା ଆପଣଙ୍କର ତୃତୀୟ କର୍ତ୍ତବ୍ୟ ଅଟେ । ଏହାର ଅର୍ଥ ହେଉଛି – ଆପଣଙ୍କ ପରିବାରକୁ ପ୍ରେମ କରିବା ଓ ସେମାନଙ୍କୁ ଆବଶ୍ୟକୀୟ ବିଷୟ ଯୋଗାଇବା, ସେମାନଙ୍କର ପ୍ରତିପାଳନ କରିବା ଓ ପ୍ରଭୁଙ୍କ ମାର୍ଗ ଶିକ୍ଷା ଦେବା (ଦ୍ୱିତୀୟ ବିବରଣ ୬:୭) । ପ୍ରଭୁଙ୍କ ସହିତ ଆପଣଙ୍କର ବ୍ୟକ୍ତିଗତ ଗମନାଗମନ ପରେ ଓ ଆପଣଙ୍କ ସ୍ତ୍ରୀ ଓ ପିଲାମାନଙ୍କ ପ୍ରତି ଆପଣଙ୍କ ଦାୟିତ୍ୱ ପରେ ସେବାକାର୍ଯ୍ୟ ଆସେ ।

ଯଦି ଆପଣଙ୍କର ବିବାହ କିମ୍ବା ସନ୍ତାନସନ୍ତତି ଅବହେଳାର ଚିହ୍ନ ପ୍ରଦର୍ଶନ କରୁଛନ୍ତି, ତେବେ ମଣ୍ଡଳୀର ନେତୃତ୍ୱ ପାଇଁ ଆପଣ ଅଯୋଗ୍ୟ ହୋଇଛନ୍ତି (୧ତୀମଥି ୩:୧-୫) । ଆହୁରି ମନ୍ଦ ବିଷୟ ହେଉଛି – ଆପଣଙ୍କ ଅବହେଳା ଏପରି କ୍ଷତି ସୃଷ୍ଟି କରିପାରେ ଯାହା ସେମାନଙ୍କ ପାଇଁ ଥିବା ଈଶ୍ୱରଙ୍କ ପ୍ରେମ ଓ ଯୋଜନା ଗ୍ରହଣ କରିବା ନିମନ୍ତେ ଆପଣଙ୍କ ପରିବାରକୁ ଅନିଚ୍ଛୁକ କିମ୍ବା ଅସମର୍ଥ କରିଦିଏ ।

କାର୍ଯ୍ୟ, ପରିବାର ଓ ସେବାକୁ ସନ୍ତୁଳନ କରିବା ଏକ ଆହ୍ୱାନ ଅଟେ । ଆମ ମଧ୍ୟରୁ କେହି ତାହା ସଠିକ୍ ଭାବରେ କରେ ନାହିଁ । ମାତ୍ର ଆମକୁ ସର୍ବଦା ଆମ ଜୀବନ ପାଇଁ ଈଶ୍ୱରଙ୍କ ନିର୍ଦ୍ଦେଶ ଅନୁସରଣ କରିବାକୁ ହେବ । ଏହି ନିର୍ଦ୍ଦେଶଗୁଡ଼ିକ ତାଙ୍କ ବାକ୍ୟରେ ହିଁ ମିଳେ । ସେଥିପାଇଁ, ସେହି ଶାସ୍ତ୍ରାଂଶଗୁଡ଼ିକୁ ଅଧ୍ୟୟନ କରିବାରେ ସମୟ ଦିଅନ୍ତୁ, ଯେଉଁଗୁଡ଼ିକ ଆପଣଙ୍କ ପରିବାରର କିପରି ନେତୃତ୍ୱ ନେବାକୁ ହେବ – ସେସମ୍ବନ୍ଧରେ ଈଶ୍ୱରଙ୍କର ଅଗ୍ରାଧିକାର ଓ ଆଦର୍ଶଗୁଡ଼ିକୁ ବୁଝାଇଅଛି । (ଏଫିସୀୟ ୬:୧-୪, କଲସୀୟ ୩:୨୦-୨୧, ୧ପିତର ୩:୧-୭ ଓ ମଲାଖି ୨:୧୩,୧୪,୧୬ରୁ ଆରମ୍ଭ କରନ୍ତୁ) ।

ଖ. ଆମର ପିତା ଆମକୁ ତାଙ୍କର ପବିତ୍ର ଆତ୍ମା ପ୍ରଦାନ କରିଛନ୍ତି

ଈଶ୍ୱରଙ୍କର ପବିତ୍ର ଆତ୍ମାଙ୍କର ''ଉତ୍ତରାଧିକାର ଦାନ''ର ଉପକାରିତା ଅସଂଖ୍ୟ ଅଟେ । ମାତ୍ର ସେଥିମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହୋଇଛି –

୧. ପବିତ୍ର ଆତ୍ମା *''ପୁତ୍ରତ୍ୱର ଆତ୍ମା''* ଅଟନ୍ତି (ରୋମୀ. ୮:୧୫)

ଏହାର ଏହି ଅର୍ଥ ଅଟେ ଯେ, ଆମଠାରେ ପବିତ୍ର ଆତ୍ମାଙ୍କର ଉପସ୍ଥିତି ଦ୍ୱାରା ଆମେ ପ୍ରକୃତରେ ଓ ବ୍ୟକ୍ତିଗତ ଭାବରେ ଆମର ସ୍ୱର୍ଗୀୟ ପିତାଙ୍କ ସହିତ ଏକ ଘନିଷ୍ଠ ଓ ବ୍ୟକ୍ତିଗତ ସଂପର୍କ ଜାଣିପାରିବା ଓ ଅନୁଭବ କରିପାରିବା । ଆତ୍ମା ମାଧ୍ୟମରେ, ଆମେ *''ଆବ୍ବା, ପିତଃ''* ବୋଲି ଡାକିପାରିବା (ରୋମୀୟ ୮:୧୫, ଗାଲା. ୪:୬) ।

''ଆବ୍ବା'' ପଦଟି ଅନ୍ତରଙ୍ଗତା ଓ ଶ୍ରଦ୍ଧାଯୁକ୍ତ ସମ୍ମାନକୁ ସୂଚାଏ । ବାଇବଲ ଯୁଗରେ ପିଲାମାନେ (ଏପରିକି ବୟସ୍କ ପିଲାମାନେ) ଶ୍ରଦ୍ଧାରେ ସେମାନଙ୍କର ପିତାମାନଙ୍କୁ ଓ ବେଳେବେଳେ ଛାତ୍ରମାନେ ସେମାନଙ୍କର ଶିକ୍ଷକମାନଙ୍କୁ ସମ୍ବୋଧନ କରିବା ପାଇଁ ଏହାକୁ ବ୍ୟବହାର କରୁଥିଲେ । ଆମେ ''ବାପା'' ଭଳି ସମାନ ପଦ ଆମର ପାର୍ଥିବ ପିତାଙ୍କ ପାଇଁ ବ୍ୟବହାର କରିପାରୁ ।

ଯୀଶୁ ପିତାଙ୍କ ସହିତ କଥାବାର୍ତ୍ତା କରିବା ସମୟରେ 'ଆବ୍ବା' ପଦଟି ବ୍ୟବହାର କରିଥିଲେ (ମାର୍କ ୧୪:୩୬), ମାତ୍ର ଯିହୁଦୀମାନେ ଈଶ୍ୱରଙ୍କୁ ଉଲ୍ଲେଖ କରିବା ସମୟରେ ''ଆବ୍ବା'' ଶବ୍ଦଟିକୁ କ୍ୱଚିତ୍ ବ୍ୟବହାର କରୁଥିଲେ । କାରଣ ଯଦିଓ ସେମାନଙ୍କ ନିକଟରେ ଈଶ୍ୱରଙ୍କ ବ୍ୟବସ୍ଥା ରହିଥିଲା, ତଥାପି ସେମାନଙ୍କ ନିକଟରେ ତାଙ୍କ ସହିତ ଅନ୍ତରଙ୍ଗ ବ୍ୟକ୍ତିଗତ ସଂପର୍କର ଅତ୍ୟୁତ୍କୃଷ୍ଟ ଅଧିକାର ନ ଥିଲା । ଏହା କେବଳ କ୍ରୁଶରେ ଖ୍ରୀଷ୍ଟଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ମାଧ୍ୟମରେ ଉପଲବ୍ଧ ହୋଇଥିଲା ।

୨. ଈଶ୍ୱରଙ୍କ ପ୍ରତି ଏକ ଦାସସଦୃଶ ଭୟରୁ ଆମେ ଉଦ୍ଧାର ପାଇଅଛୁ

''କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ'' (ରୋମୀୟ ୮:୧୫) । ସର୍ବଶକ୍ତିମାନ ଈଶ୍ୱରଙ୍କ ପାଇଁ ଏକ ସୁସ୍ଥ ଓ ଧାର୍ମିକ ''ସଦାପ୍ରଭୁ ବିଷୟକ ଭୟ'', ଏକ ସମ୍ମାନ ଓ ଭୟଯୁକ୍ତ ଉକ୍ତି ରହିବା ଉଚିତ ବୋଲି ଆମେ ଜାଣୁ । ମାତ୍ର ଖ୍ରୀଷ୍ଟିଆନ ଭାବରେ *''ବିଚାରର ଏକ ଭୟଙ୍କର ପ୍ରତୀକ୍ଷା ଓ ବିପକ୍ଷମାନଙ୍କ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା''* ଅଧୀନରେ ରହିବା ଆମ ପାଇଁ ଆବଶ୍ୟକ ହୁଏ ନାହିଁ (ଏବ୍ରୀ ୧୦:୨୭) । ଆମ ପାପର ଦଣ୍ଡ ମିଳିସାରିଛି । ପାପ ପାଇଁ ଆମ ମୃତ୍ୟୁଦଣ୍ଡାଜ୍ଞା (ଯିହି. ୧୮:୨୦) ଖ୍ରୀଷ୍ଟଙ୍କ ଦ୍ୱାରା ପରିଶୋଧ ହୋଇଅଛି । ଆମେ ଏହି ଘୋଷଣା କରିପାରିବା, *''ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ, ସେମାନେ ଶରୀର ଅନୁସାରେ ଆଚରଣ ନ କରି ଆତ୍ମାଙ୍କ ଅନୁସାରେ ଆଚରଣ କରନ୍ତି''* (ରୋମୀୟ ୮:୧) ।

ଏହା ସତ୍ୟ ହୋଇଥିବାରୁ ଆମେ *''କୃପାପ୍ରାପ୍ତି ନିମନ୍ତେ, ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ''* ଯାଇ ପାରିବା (ଏବ୍ରୀ ୪:୧୬, ୧୦:୧୯,୨୨ ମଧ୍ୟ ଦେଖନ୍ତୁ) ।

ଆମେ ତାଙ୍କୁ ଡାକିବା ସମୟରେ ଆମର ପ୍ରେମୀ ପିତା ଆମର କଥା ଶୁଣିବେ ଓ ତାଙ୍କର ଯଥାର୍ଥ ପ୍ରେମ ଓ ଜ୍ଞାନ ଅନୁସାରେ ଉତ୍ତର ଦେବେ ।

୩. ଆମେ ପବିତ୍ର ଆତ୍ମାଙ୍କ ଦ୍ୱାରା ''ମୁଦ୍ରାଙ୍କିତ'' ହୋଇଅଛୁ ।

''ତାହାଙ୍କଠାରେ ତୁମ୍ଭେମାନେ ସୁଦ୍ଧା ସତ୍ୟ ବାକ୍ୟ, ଅର୍ଥାତ୍, ତୁମ୍ଭମାନଙ୍କ ପରିତ୍ରାଣର ସୁସମାଚାର ଶୁଣି ବିଶ୍ୱାସ କରି ପ୍ରତିଜ୍ଞାତ ପବିତ୍ର ଆତ୍ମାଙ୍କ ଦ୍ୱାରା ମଧ୍ୟ ମୁଦ୍ରାଙ୍କିତ ହୋଇଅଛ, ଈଶ୍ୱରଙ୍କ ଗୌରବର ପ୍ରଶଂସା ନିମନ୍ତେ ତାହାଙ୍କ ନିଜ ସ୍ୱର ମୁକ୍ତି ଉଦ୍ଦେଶ୍ୟରେ ସେ ଆମ୍ଭମାନଙ୍କ ଅଧିକାରର ବଇନା ସ୍ୱରୂପ'' (ଏଫିସୀ ୧:୧୩,୧୪) ।

ଏକ ଆଇନ୍‌ଗତ କାର୍ଯ୍ୟ ଭାବରେ, ରୋମୀୟ ପୁତ୍ରଗ୍ରହଣ କାର୍ଯ୍ୟ ଏକ ନିର୍ଭରଯୋଗ୍ୟ ସାକ୍ଷୀ ଦ୍ୱାରା ସ୍ୱୀକୃତ ହେବା ଉଚିତ ଥିଲା । ଆମେ ଏହା ଶିକ୍ଷା କରିସାରିଛୁ ଯେ, ଆତ୍ମିକ ପୁତ୍ରତ୍ୱରେ, ଆମ ମଧ୍ୟରେ ପବିତ୍ର ଆତ୍ମାଙ୍କ ଉପସ୍ଥିତି ଆମର ସାକ୍ଷୀ ଅଟନ୍ତି ।

ଆମେ ଯେ ପ୍ରକୃତରେ ଈଶ୍ୱରଙ୍କର ଆଇନ୍‌ସମ୍ମତ ପୁତ୍ର ହୋଇଅଛୁ, ସେସମ୍ବନ୍ଧରେ ସାକ୍ଷୀ ହେବା ପାଇଁ, ପରୀକ୍ଷା କରିବା ପାଇଁ ପବିତ୍ର ଆତ୍ମା ଥାଆନ୍ତି । ଈଶ୍ୱରଙ୍କ ସନ୍ତାନ ଭାବରେ, ଆମେ ତାଙ୍କର ସେହି ଅଧିକାରର ଉତ୍ତରାଧିକାରୀ ଅଟୁ, ଯାହା ଖ୍ରୀଷ୍ଟଙ୍କଠାରେ ଆମର ରହିଅଛି । *''ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି, ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ, ଅର୍ଥାତ୍, ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସାଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ ଅଟୁ''* (ରୋମୀୟ ୮:୧୬,୧୭, ଗାଲାତୀୟ ୪:୬,୭ ମଧ୍ୟ ଦେଖନ୍ତୁ) ।

ପବିତ୍ର ଆତ୍ମାଙ୍କ ଦ୍ୱାରା ''ମୁଦ୍ରାଙ୍କିତ'' ହେବାର ଏହି ଚିନ୍ତାଧାରା (ଏଫିସୀ ୧:୧୩, ୪:୩୦, ୨କରିନ୍ଥୀ ୧:୨୨, ୫:୫) ଆମ ପାଇଁ ବହୁଗୁରୁତ୍ୱପୂର୍ଣ୍ଣ ଅଟେ । ଗ୍ରୀକ୍ ସଂସ୍କୃତିରେ ଗୋଟିଏ ''ମୋହର'' ଗୋଟିଏ ସଂପତ୍ତି ଉପରେ ଅଙ୍କିତ ହେବା ସମୟରେ ମାଲିକାନା ଦର୍ଶାଉଥିଲା ଓ ଚୋରୀ ବିରୁଦ୍ଧରେ ସୁରକ୍ଷା ଯୋଗାଉଥିଲା । ଗୋଟିଏ ମୋହର ଏହା ମଧ୍ୟ ସୂଚାଉଥିଲା ଯେ ଗୋଟିଏ ଦଲିଲ କିମ୍ବା ବାର୍ତ୍ତା କର୍ତ୍ତୃତ୍ୱପୂର୍ଣ୍ଣ ଥିଲା (ଅସଲି ଥିଲା) ଓ ଏହାକୁ ପ୍ରେରଣ କରିଥିବା ବ୍ୟକ୍ତିର କର୍ତ୍ତୃତ୍ୱକୁ (ଲେଖକତ୍ୱକୁ) ଏହା ଦର୍ଶାଉଥିଲା ।

ଈଶ୍ୱରଙ୍କର ଗୃହୀତ ପୁତ୍ର ଭାବରେ, ଆମେ ଯେଉଁମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଅଛୁ, ଆମେ ଈଶ୍ୱରଙ୍କ ପ୍ରକୃତ ସନ୍ତାନ ଭାବରେ ଚିହ୍ନିତ ହୋଇଅଛୁ । ଆମେ ତାଙ୍କର ଅଟୁ ଓ ସେ ଆମର ଦାୟିତ୍ୱ ତାଙ୍କ ଦୂତମାନଙ୍କ ଉପରେ

ନ୍ୟସ୍ତ କରିଛନ୍ତି (ଗୀତ ୯୧:୧୧,୧୨) । ଆମେ ତାଙ୍କର ଇଚ୍ଛା ସାଧନ କରିବା ପାଇଁ ଈଶ୍ୱରଙ୍କ କର୍ତ୍ତୃତ୍ୱ **'ଅଧୀନରେ'** ରହିଛୁ ଓ ତାଙ୍କ ଇଚ୍ଛା ପାଳନ କରିବା ପାଇଁ ଆମକୁ ସାମର୍ଥ୍ୟ ପ୍ରଦାନ କରିବାକୁ ଆମ ନିକଟରେ ଈଶ୍ୱରଙ୍କ କର୍ତ୍ତୃତ୍ୱ ଉପଲବ୍ଧି ଅଟେ (ଲୂକ ୧୯:୩, ଯୋହନ ୧୪:୧୩, ୧୫:୧୬) ।

ପରିପକ୍ୱ ସନ୍ତାନ ଭାବରେ, ଆମକୁ ଆମ ଚତୁଃପାର୍ଶ୍ୱସ୍ଥ ଜଗତରେ ଆମ ''ପିତାଙ୍କ କାର୍ଯ୍ୟ'' ସଂପାଦନ କରିବା ପାଇଁ ଅଧିକାର ପ୍ରଦତ୍ତ ହୋଇଅଛି । ଆମକୁ ତାଙ୍କ କର୍ତ୍ତୃତ୍ୱ ଦ୍ୱାରା ଯୀଶୁଙ୍କ ନାମରେ ବଞ୍ଚିବାକୁ ସେବା କରିବାକ ହେବ ଓ ଈଶ୍ୱରଙ୍କ ଇଚ୍ଛା ସହିତ ମିଳିତ ହୋଇ ସ୍ୱର୍ଗରାଜ୍ୟର କାର୍ଯ୍ୟ ସାଧନ କରିବାକୁ ହେବ । ଆମେନ୍ !

୪. ପବିତ୍ର ଆତ୍ମା ଆମକୁ ଚାଳନା ଦେବେ ।

''ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ ଅଟନ୍ତି'' (ରୋମୀୟ ୮:୧୪) ।

''ଚାଳିତ'' ଭାବରେ ଅନୁବାଦିତ ଗ୍ରୀକ୍ ଶବ୍ଦ ଏକ 'ବର୍ତ୍ତମାନ' କାଳର ଅର୍ଦ୍ଧକ୍ରିୟା ଅଟେ । ଏହାର ଅର୍ଥ ହେଉଛି – ''ଆମକୁ ନିରନ୍ତର ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହେବାକୁ ପଡ଼ିବ ।'' ଏହା ପ୍ରତ୍ୟେକ ପରିପକ୍ୱ ବିଶ୍ୱାସୀ ପାଇଁ, ମାତ୍ର ବିଶେଷ ଭାବରେ ଖ୍ରୀଷ୍ଟଙ୍କ ଶରୀରରେ ଥିବା ପାଳକ ଓ ନେତାମାନଙ୍କ ପାଇଁ ଜୀବନର ଏକ ମାର୍ଗ ହେବା ଉଚିତ ।

ପବିତ୍ର ଆତ୍ମାଙ୍କର ଏହି ନିରନ୍ତର ଚାଳନା ଦୁଇ ପ୍ରକାରେ ଘଟିବ :

୧) ଈଶ୍ୱରଙ୍କ ବାକ୍ୟର ଉଭୟ ଅକ୍ଷର ଓ ଆତ୍ମା ପାଳନ କରିବା ପାଇଁ ଏକ ଉଦ୍‌ଯୋଗ ଓ ସଚେତନାର ମନୋଭାବ ସହିତ ଏକ ନିରନ୍ତର ଓ କ୍ରମବର୍ଦ୍ଧିଷ୍ଣୁ ବାଇବଲ ଜ୍ଞାନ ଦ୍ୱାରା (୧ତୀମଥି ୪:୧୨–୧୬, ୨ତୀମଥି ୨:୧୫, ୩:୧୬,୧୭, ଯାକୁ. ୧:୨୧–୨୫),

୨) ଦୈନନ୍ଦିନ ଜୀବନଯାପନ କରିବା ସମୟରେ ଉଭୟ ପ୍ରାର୍ଥନା କରିବା ପାଇଁ ଓ ଏକ ପ୍ରତିକ୍ରିୟା ନିମନ୍ତେ 'ଶୁଣିବା' ପାଇଁ ସମୟ ଦେଉ ଦେଉ ପବିତ୍ର ଆତ୍ମାଙ୍କ ସ୍ୱର ଓ ଚାଳନା ପ୍ରତି ଏକ ସମ୍ବେଦନଶୀଳତାର ବିକାଶ କରିବା ଦ୍ୱାରା ।

ପ୍ରତିଦିନ ଆମ ଜୀବନ ମଧ୍ୟକୁ ପବିତ୍ର ଆତ୍ମାଙ୍କର ଉପସ୍ଥିତିକୁ ସକ୍ରିୟ ଭାବରେ ଆମନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ (ଗାଲା. ୫:୧୬) । ଆମେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ପରିସ୍ଥିତି କିମ୍ବା ପରିବେଶରେ ଆମକୁ ଚାଳନା ଦେବା ପାଇଁ ଆମେ ତାଙ୍କୁ ନିବେଦନ କରିପାରିବା ।

ପବିତ୍ର ଆତ୍ମାଙ୍କୁ ଚାଳନା ମାଗି ଓ ଆପଣଙ୍କ ହୃଦୟରେ ସେ ଯାହା ପ୍ରକାଶ କରିବେ, ତାହା ଶୁଣିବାକୁ ସମୟ ଦେଇ ତାଙ୍କ ସହିତ ନିୟମିତ ଭାବରେ କଥାବାର୍ତ୍ତା କରିବାର ଏକ ଅଭ୍ୟାସ କରନ୍ତୁ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକ, ଏହା ଜାଣନ୍ତୁ ଯେ, ପବିତ୍ର ଆତ୍ମା ଆପଣଙ୍କୁ ଏପରି କୌଣସି କାର୍ଯ୍ୟ କରିବାକୁ କିମ୍ବା କଥା କହିବାକୁ ଚାଳନା ଦେବେ ନାହିଁ, ଯାହା ସଦାପ୍ରଭୁଙ୍କୁ ଅସନ୍ତୁଷ୍ଟ କରିବ କିମ୍ବା ଈଶ୍ୱରଙ୍କ ବାକ୍ୟରେ ଯାହା ଲେଖାଯାଇଛି, ତା'ର ବିରୋଧ କରିବ ।

ପବିତ୍ର ଆତ୍ମା, ଈଶ୍ୱର ଓ ତ୍ରିତ୍ୱର ତୃତୀୟ ବ୍ୟକ୍ତିଭାବରେ ସର୍ବଦା ଈଶ୍ୱରଙ୍କ ବାକ୍ୟକୁ ସୁଦୃଢ଼ କରିବେ ଓ ଈଶ୍ୱର ବାଇବଲରେ ଯାହା ପ୍ରକାଶ କରିସାରିଛନ୍ତି, ତା'ପ୍ରତି ବାଧ୍ୟ ହେବା ପାଇଁ ଚାଳନା ଦେବେ ।

ଯଦି କିଛି କହିବା ପାଇଁ ପବିତ୍ର ଆତ୍ମା ଆପଣଙ୍କୁ ଚାଳନା ଦେଉଛନ୍ତି ବୋଲି ଆପଣ ଅନୁଭବ କରୁଛନ୍ତି, ତେବେ ଖ୍ରୀଷ୍ଟିୟ ବିଶ୍ୱାସରେ ଅଧିକ ପରିପକ୍ୱ ଓ ବାକ୍ୟରେ ଅଧିକ ଜ୍ଞାନୀ ଅନ୍ୟ ପରାମର୍ଶଦାତାମାନଙ୍କର ପରାମର୍ଶ ଲୋଡ଼ିବା ବିଜ୍ଞତାର ବିଷୟ ଅଟେ (ହିତୋପଦେଶ ୧୧:୧୪, ୨୪:୬) । ସେହିମାନଙ୍କୁ ମନୋନୀତ କରନ୍ତୁ, ଯେଉଁମାନେ ଅଭିଜ୍ଞ, ପରିପକ୍ୱ ବିଶ୍ୱାସୀ ଅଟନ୍ତି ଓ ଯେଉଁମାନଙ୍କର ଈଶ୍ୱରଙ୍କ ବାକ୍ୟ ପ୍ରତି ବିଶ୍ୱସ୍ତ ରହିଥିବାର ଏକ ପ୍ରମାଣସିଦ୍ଧ ଇତିହାସ ରହିଛି । ସେହିମାନଙ୍କର ଅନ୍ୱେଷଣ କରନ୍ତୁ, ଯେଉଁମାନେ ଆପଣଙ୍କୁ ସଂଶୋଧନ କରିବାର ଆବଶ୍ୟକତା ଅନୁଭବ କଲେ ସତ୍ୟ କହିବାର ସାହସ ରଖିଥିବେ ।

ଆପଣ ପବିତ୍ର ଆତ୍ମାଙ୍କଠାରୁ ଯାହା ଅନୁଭବ କରୁଛନ୍ତି, ତାହା ଈଶ୍ୱରଙ୍କ ବାକ୍ୟର ଲେଖା କିମ୍ବା ଆତ୍ମାର ବିରୋଧ କରେ ନାହିଁ ବୋଲି ମଧ୍ୟ ଆପଣ ସୁଦୃଢ଼ ହେବା ଉଚିତ । ଉଦାହରଣ ସ୍ୱରୂପ, ପବିତ୍ର ଆତ୍ମା ଏପରି କୌଣସି ବିଷୟ ନେବା ପାଇଁ ଆପଣଙ୍କୁ ଆଦୌ ଚାଳନା ଦେବେ ନାହିଁ, ଯାହା ଆପଣଙ୍କର ନୁହେଁ, କାରଣ ବାଇବଲ ସ୍ପଷ୍ଟ ଭାବରେ ଏହା ପ୍ରକାଶ କରେ ଯେ, ଆମେ ଚୋରି କରିବା ଅନୁଚିତ (ଯାତ୍ରା ୨୦:୧୫, ଏଫିସୀ ୪:୨୮) ।

ଏଠାରେ, ବିଶେଷ ଭାବରେ ପୁରୁଷମାନଙ୍କ ପ୍ରତି କିଛି କଥା ରହିଛି : ଈଶ୍ୱର ଆପଣଙ୍କୁ ଯୋଗାଇ ସାରିଥିବା ଜ୍ଞାନଯୁକ୍ତ ପରାମର୍ଶର ଏକ ବ୍ୟବସ୍ଥା ଆପଣଙ୍କର ସ୍ତ୍ରୀ ଅଟନ୍ତି । ଏହାର ଏହି ଅର୍ଥ ନୁହେଁ ଯେ, ସେ ସର୍ବଦା ସଠିକ୍ ଅଟନ୍ତି – ଠିକ୍ ଯେପରି ଆପଣ ସର୍ବଦା ସଠିକ୍ ହେବେ ନାହିଁ । କିନ୍ତୁ, ଗୋଟିଏ ଉତ୍ତମ ଓ ଧାର୍ମିକା ପତ୍ନୀ ଏକ ସାହାଯ୍ୟକାରିଣୀ ଅଟନ୍ତି (ଆଦି ୨:୧୮) । ଆଉ ତାଙ୍କର ସାହାଯ୍ୟ ବେଳେବେଳେ ଉତ୍ତମ ପରାମର୍ଶ ରୂପରେ ଆସିପାରେ ।

ଯେତେବେଳେ ସମ୍ଭବ, ସେତେବେଳେ ନିଜ ପତ୍ନୀଙ୍କ ସହିତ ପ୍ରାର୍ଥନା କରିବା ପାଇଁ ସମୟ ବାହାର କରନ୍ତୁ । ଆଉ ତାହା କରିବା ସମୟରେ, ପବିତ୍ର ଆତ୍ମାଙ୍କଠାରୁ ଆପଣ ଯାହା ଅନୁଭବ କରୁଛନ୍ତି, ସେ ବିଷୟରେ ମଧ୍ୟ କିଛି ସମୟ କଥାବାର୍ତ୍ତା କରନ୍ତୁ । ଅନେକ ସ୍ତ୍ରୀ ପବିତ୍ର ଆତ୍ମାଙ୍କ ପ୍ରତି ଅତି ସମ୍ବେଦନଶୀଳା ଅଟନ୍ତି । ସ୍ୱାମୀମାନେ ସେମାନଙ୍କର ସ୍ତ୍ରୀମାନଙ୍କର ମତାମତ ପଚାରିବା ପାଇଁ ନମ୍ର ହେବା ଆବଶ୍ୟକ ଅଟେ ଓ ଏହା ଈଶ୍ୱରଙ୍କ ବାକ୍ୟ ଦ୍ୱାରା ସୁଦୃଢ଼ ଅଟେ କି ନାହିଁ, ତାହା ଜାଣିବା ପାଇଁ ଜ୍ଞାନ ଆବଶ୍ୟକ ହୁଏ । ନିୟମିତ ଭାବରେ ଏକତ୍ର ପ୍ରଭୁଙ୍କର ଅନ୍ୱେଷଣ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରନ୍ତୁ !

ଗ. ଆମର ପିତା ଆମକୁ ଶାସନ କରିବା ପାଇଁ ସଂପୂର୍ଣ୍ଣ ଭାବରେ ସମର୍ପିତ ଅଟନ୍ତି ।

ପ୍ରତ୍ୟେକ ପିତା/ମାତା ସେମାନଙ୍କର ସନ୍ତାନମାନଙ୍କୁ ଶାସନ କରିବାର ଗୁରୁତ୍ୱକୁ ଶେଷରେ ଚିହ୍ନିଥାନ୍ତି । ମାତ୍ର ଈଶ୍ୱରଙ୍କ ଶାସନ ଜଣେ ପାର୍ଥିବ ପିତା/ମାତା ତା'ର ସନ୍ତାନ ପ୍ରତି ପ୍ରୟୋଗ କରୁଥିବା ଶାସନରୁ ସଂପୂର୍ଣ୍ଣ ଭିନ୍ନ ଅଟେ ।

ସଦାପ୍ରଭୁଙ୍କର ଶାସନ ଭୟ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ଈଶ୍ୱର ବିରକ୍ତି, କ୍ରୋଧ କିମ୍ବା ଅଧୈର୍ଯ୍ୟ ଯୋଗୁ ଆମକୁ ଶାସନ କରନ୍ତି ନାହିଁ । ତାଙ୍କର ଶାସନ ମଧ୍ୟରେ ଦଣ୍ଡ, ବିଚାର କିମ୍ବା ଅଗ୍ରାହ୍ୟ ଅନ୍ତର୍ଭୁକ୍ତ ନ ଥାଏ । ପ୍ରକୃତରେ, ଏହି ସମସ୍ତର ବିପରୀତ ସତ୍ୟ ଅଟେ ।

ଈଶ୍ୱର ଆମକୁ ଶାସନ କରନ୍ତି କାରଣ ଆମେ ସେହି ପୁତ୍ର ଅଟୁ ଯେଉଁମାନଙ୍କୁ ସେ ପ୍ରେମ କରନ୍ତି । ପାପ ଓ ବିଦ୍ରୋହର ବନ୍ଧନରୁ ଆମକୁ ମୁକ୍ତ କରିବା ପାଇଁ ଈଶ୍ୱର ଆମକୁ ସୁଶୃଙ୍ଖଳିତ କରନ୍ତି । ତାଙ୍କର ଅଧିକ ଅଭିଷେକ ଓ ଆଶୀର୍ବାଦ ପାଇବା ପାଇଁ ଆମକୁ ମୁକ୍ତ କରିବାକୁ ଈଶ୍ୱର ଆମକୁ ଶାସନ କରନ୍ତି ।

କିଛି ସମୟ ଏବ୍ରୀ ୧୨:୩–୧୩ ପାଠ କରନ୍ତୁ । ଈଶ୍ୱରଙ୍କ ''ଶାସ୍ତି'' ସର୍ବଦା ଏଥିପାଇଁ ଆସି ନ ଥାଏ ଯେ ଆମେ କିଛି ମନ୍ଦ କାର୍ଯ୍ୟ କରିଥାଉ କିମ୍ବା ସଂଶୋଧିତ ହେବା ଆବଶ୍ୟକ କରିଥାଉ । ପ୍ରକୃତରେ, ''ଶାସ୍ତି'' ଶବ୍ଦଟିରେ ଶକ୍ତିଯୁକ୍ତ କରିବାର କିମ୍ବା ତାଲିମ ଦେବାର ଚିନ୍ତାଧାରା ରହିଛି, ଯାହା ଆମର ସାମ୍ଭାବ୍ୟ ପ୍ରତିଭାର ସଂପୂର୍ଣ୍ଣ ବିକାଶ ପାଇଁ ଆବଶ୍ୟକ ଅଟେ, ଯେପରିକି ଆମେ ଈଶ୍ୱରଙ୍କ ସେହି ସମସ୍ତ ଯୋଜନା ସଫଳ କରିପାରିବୁ, ଯାହା ଈଶ୍ୱର ଆମ ଜୀବନ ନିମନ୍ତେ ରଖିଛନ୍ତି ।

ଆମ ଜୀବନକୁ ଶକ୍ତିଯୁକ୍ତ କରିବାରେ ଭବିଷ୍ୟତ୍‌ର ସାମ୍ଭାବ୍ୟ ଆକ୍ରମଣ କିମ୍ବା ଆଘାତରୁ ଆମକୁ ସୁରକ୍ଷା ଦେବାର ଉପକାରିତା ମଧ୍ୟ ସଂଯୁକ୍ତ ହୋଇଛି (ଏବ୍ରୀ ୧୨:୧୨,୧୩, ୧କରିନ୍ଥୀୟ ୯:୨୪–୨୭ ମଧ୍ୟ ଦେଖନ୍ତୁ) ।

ଘ. ଆମେ ଗୃହୀତ ପୁତ୍ର ହୋଇଥିବାରୁ, ଆମର ପିତା ତାଙ୍କର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କ ସାଦୃଶ୍ୟରେ ଆମକୁ ପରିବର୍ତ୍ତିତ କରିବାକୁ ଇଚ୍ଛା କରନ୍ତି ।

ଯେତେବେଳେ ଆମେ ପରିତ୍ରାଣ ପାଇବା ସମୟରେ ଈଶ୍ୱରଙ୍କ ପରିବାର ମଧ୍ୟରେ ଗୃହୀତ ହେଉ, ସେତେବେଳେ ସେ ଆମକୁ କେବଳ ଏକ ନୂତନ ନାମ ଦିଅନ୍ତି, ତା'ନୁହେଁ, ମାତ୍ର ଏକ ନୂତନ ସ୍ୱଭାବ ମଧ୍ୟ ପ୍ରଦାନ କରନ୍ତି । *"...ସେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି । ତଦ୍ଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତିମହତ୍ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା ତୁମ୍ଭେମାନେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ"* (୨ପିତ. ୧:୩,୪) ।

ଖ୍ରୀଷ୍ଟିଆନ ଭାବରେ, ଆମେ ତାଙ୍କର ନାମ ବହନ କରୁ, ଯିଏ ଆମକୁ ଗ୍ରହଣ କରିଛନ୍ତି (ପ୍ରେରିତ ୧୧:୨୬, ୧ପିତର ୪:୧୨-୧୬) । ଆମେ ମଧ୍ୟ ତାଙ୍କର ଯୋଗାଣ ଓ ତାଙ୍କ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ମାଧ୍ୟମରେ ଦିନ ପ୍ରତିଦିନ ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କ ସାଦୃଶ୍ୟରେ ଆନ୍ତରିକ ଭାବରେ ପରିବର୍ତ୍ତିତ ହେଉଅଛୁ! (୨କରିନ୍ଥୀ ୩:୧୮) ।

ଏହି ପରିବର୍ତ୍ତନର ପ୍ରକ୍ରିୟା ଆମ ସମଗ୍ର ଜୀବନରେ ଅବ୍ୟାହତ ଥାଏ । ଆମକୁ ଏହି ପ୍ରକ୍ରିୟା ପ୍ରତି ନିଜ ନିଜକୁ ସମର୍ପଣ କରିବା ପାଇଁ ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ସହିତ ସହଯୋଗ କରିବା ପାଇଁ ଆଦେଶ ଦିଆଯାଇଛି । ଆମକୁ ଗ୍ରହଣ କରିଥିବା ଈଶ୍ୱରଙ୍କ ସଦୃଶ ଆହୁରି ଅଧିକ ହେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ମଧ୍ୟ କରିବାକୁ ହେବ : *"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କ'ଣ, ଅର୍ଥାତ୍, ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ"* (ରୋମୀୟ ୧୨:୧,୨, ୧କରିନ୍ଥୀୟ ୧୫:୪୯ ଓ ୧ଯୋହନ ୩:୨,୩) ।

ମନୁଷ୍ୟ ଜାତି, ମୂଳତଃ, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିଲା (ଆଦି ୧:୨୬,୨୭) । ମାତ୍ର ଶହ ଶହ ବର୍ଷ ଧରି ବହୁଗୁଣିତ ପାପ ଓ ବିଦ୍ରୋହ ଓ ଏହାର ପ୍ରଭାବ ଦ୍ୱାରା ଆମେ ବିକୃତ ଓ ଦାଗଯୁକ୍ତ ହୋଇଅଛୁ । କିନ୍ତୁ, ପରିତ୍ରାଣ ସମୟରେ ଆମେ ଆମ ସ୍ୱର୍ଗୀୟ ପିତାଙ୍କର ସାଦୃଶ୍ୟ ଓ ପ୍ରତିମୂର୍ତ୍ତିରେ ପୁନଃସ୍ଥାପିତ ହେବାର, ଅଧିକ ତାଙ୍କ ସଦୃଶ ହେବା ପାଇଁ ଆମ ଚରିତ୍ର ନିମନ୍ତେ ଭିତରୁ ପରିବର୍ତ୍ତିତ ହେବାର ଗୌରବମୟ ପ୍ରକ୍ରିୟା ଆରମ୍ଭ କରୁ ।

ଜଣେ ପ୍ରେମପୂର୍ଣ୍ଣ ସ୍ୱର୍ଗୀୟ ପିତା ଭାବରେ, ଈଶ୍ୱର ଆମକୁ ଫେରାଇ ଆଣିଛନ୍ତି ଯେପରିକି ଶେଷରେ ଆମେ ତାଙ୍କୁ ମୁଖାମୁଖି ଦେଖିବା ସମୟରେ ଅଧିକରୁ ଅଧିକ ତାଙ୍କ ସଦୃଶ ହେବା, ଯିଏ ଆମକୁ ନିର୍ମାଣ କରିଥିଲେ (ଗୀତ. ୧୭:୧୫) ।

ଈଶ୍ୱର ଆମର ପରିପକ୍ୱତା ଓ ଅଭିବୃଦ୍ଧି ପ୍ରତି ସମର୍ପିତ ଅଟନ୍ତି । ତାଙ୍କର ଆତ୍ମା କ୍ଷତିକାରକ ଆଚରଣ ପାଇଁ ଅନୁତାପ କରିବାକୁ (ସେଥିରୁ ଦୂରେଇ ଯିବାକୁ) ଆମର ଆବଶ୍ୟକତା ସମ୍ବନ୍ଧରେ ନିରନ୍ତର ଆମକୁ ଚେତନା ଦେବେ । କିପରି ପ୍ରଭୁଙ୍କୁ ଓ ତାଙ୍କର ବାକ୍ୟକୁ ବିଶ୍ୱାସ କରିବାକୁ ହେବ, ସେମାନଙ୍କର ବଶୀଭୂତ ଓ ବାଧ୍ୟ ହେବାକୁ ପଡ଼ିବ, ତାହା ସେ ଆମକୁ ଶିକ୍ଷା ଦେବେ । ଗୋଟିଏ କୁମ୍ଭକାର ଯେପରି ଗୋଟିଏ ମାଟି ପାତ୍ରର ଆକାର ଦେଇ ଏହାକୁ ଗଠନ କରେ, ସେହିପରି ଈଶ୍ୱର ଆମର ଜୀବନକୁ ଆକାର ଦେବା ପାଇଁ ପରିବେଶର ଚାପକୁ ସୁଦ୍ଧା ବ୍ୟବହାର କରିବେ (ଯିଶା. ୬୪:୮) ।

ଙ. ପୁତ୍ର ଭାବରେ, ଆମକୁ ମୁକ୍ତିର ଅଧିକାର ଦିଆଯାଇଛି

"ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ୍ର, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ" (ଗାଲା. ୪:୭) । *"ଅତଏବ, ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହାହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ"* (ଯୋହନ ୮:୩୬) ।

ଯୀଶୁଖ୍ରୀଷ୍ଟଙ୍କର ବିଶ୍ୱାସୀ ଭାବରେ, ଆମେ ପାପ ଓ ମୃତ୍ୟୁର ବ୍ୟବସ୍ଥାରୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ମୁକ୍ତ କରାଯାଇଅଛୁ (ରୋମୀ. ୮:୨) । ଆମେ ଏହି ଜଗତର ପ୍ରାଥମିକ ବିଷୟଗୁଡ଼ିକରୁ ଉଦ୍ଧାର ପାଇଅଛୁ (କଲସୀ ୨:୮, ୧୬-୨୩) । ଆମେ ଆଉ ମୃତ୍ୟୁକୁ (ଏବ୍ରୀ ୨:୧୪,୧୫), କିମ୍ବା ବିଚାର ଓ କ୍ରୋଧକୁ ଭୟ କରିବା ଅନାବଶ୍ୟକ (ରୋମୀ. ୫:୯) ।

ତଥାପି ଏହା ଆଣୁଥିବା ଆମର ପୁତ୍ରତ୍ୱ ଓ ସ୍ୱାଧୀନତାରେ ଆହୁରି ଅଧିକ ଉଦ୍ଦେଶ୍ୟ ରହିଛି । ଗୃହୀତ ପୁତ୍ର ଯାହା ଚାହେଁ, ତାହା କରିବାକୁ ସ୍ୱାଧୀନ ନୁହେଁ

(୧ପିତର ୨:୧୬,୧୭) । ବରଂ, ଆମ ପିତାଙ୍କ ଇଚ୍ଛା ଓ ତାଙ୍କ ବାକ୍ୟର ବାଧ୍ୟ ହୋଇ ଆମେ ଯାହା କରିବା ଉଚିତ, ତାହା କରିବାକୁ ବର୍ତ୍ତମାନ ସ୍ୱାଧୀନ ଅଟୁ ।

ଆମେ ଆମ ଈଶ୍ୱରଙ୍କ ପ୍ରତି ଓ ତାଙ୍କ ପରିବାର (ମଣ୍ଡଳୀ) ପ୍ରତି ଓ ତାଙ୍କର ବାର୍ତ୍ତାବହ ଭାବରେ, ସମଗ୍ର ଜଗତ ପ୍ରତି ବିଶ୍ୱସ୍ତ ସେବା ପ୍ରଦାନ କରିବା ପାଇଁ ମୁକ୍ତ ହୋଇଅଛୁ ।

ଚ. ଗୃହୀତ ପୁତ୍ର ଭାବରେ, ଆମକୁ ମନ୍ଦତାରୁ ସୁରକ୍ଷା ଦିଆଯାଇଛି

ଈଶ୍ୱରଙ୍କ ବାକ୍ୟ ଏହି ପ୍ରତିଜ୍ଞା କରିଛି ଯେ, ତାଙ୍କର ସନ୍ତାନମାନଙ୍କୁ ମନ୍ଦତାର ଶକ୍ତିରୁ ରକ୍ଷା କରିବ (ଲୂକ ୧୦:୧୯, ଯୋହନ ୧୭:୧୧-୧୫, ରୋମୀୟ ୮:୩୧-୩୯, ୧ଯୋହନ ୩:୮, ୪:୪) । ବିଶ୍ୱାସୀର ଜୀବନରେ ନର୍କର ଯେଉଁ ଏକମାତ୍ର ଶକ୍ତି ଓ କର୍ତ୍ତୃତ୍ୱ ରହିଛି, ତାହା ହେଉଛି - ବିଶ୍ୱାସୀ ଯାହା ଗ୍ରହଣ କରେ କିମ୍ବା ଅନୁମତି ଦିଏ । ଯୀଶୁ ଶୟତାନର ପ୍ରତିରୋଧ କରିବା ପାଇଁ (୨କରିନ୍ଥୀ ୧୦:୩-୫) ଓ ଆମକୁ ଅତ୍ୟାଚାର କରିବା ପାଇଁ ଚେଷ୍ଟା କରୁଥିବା ଯେକୌଣସି ମନ୍ଦ ବିଷୟରୁ ମୁକ୍ତ କରିବା ପାଇଁ ଯୀଶୁ ଆମ ନିମନ୍ତେ ବ୍ୟବସ୍ଥା କରିଥିଲେ (ଏଫିସୀ ୬:୧୦-୧୮) ।

କିନ୍ତୁ, ଏହା ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଯେ ଏହି ଜୀବନରେ ଆମେ ପରୀକ୍ଷା, ପ୍ରଲୋଭନ ଓ ଶୟତାନର ବିରୋଧର ଅନୁଭୂତି ପାଇବୁ ବୋଲି ବାଇବଲ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛି (ଯାକୁବ ୧:୨-୭, ୧୨-୧୩, ୧ପିତର ୪:୧୨-୧୯, ମାଥିଉ ୫:୧୦-୧୨, ଯୋହନ ୧୦:୧୦, ୨କରିନ୍ଥୀ ୨:୧୧, ୧୧:୧୩) । ଆମେ ଏକ ଭଗ୍ନ, ପାପପୂର୍ଣ୍ଣ ଜଗତରେ ବାସ କରୁ ଓ ପ୍ରତ୍ୟେକ ଜଣ ଆହ୍ୱାନ ଓ ହୃଦାଘାତର ସମ୍ମୁଖୀନ ହେବା ।

କିନ୍ତୁ, ଆମର ସ୍ୱର୍ଗୀୟ ପିତା ଆମଠାରେ ଓ ଆମ ନିମନ୍ତେ ମହା ଆଶୀର୍ବାଦ ଆଣିବା ପାଇଁ ସେହି ଅସୁବିଧାଗୁଡ଼ିକୁ ସୁଦ୍ଧା ବ୍ୟବହାର କରିବାକୁ ପ୍ରତିଜ୍ଞା କରିଛନ୍ତି (ରୋମୀ. ୮:୧୦,୨୮, ୨କରିନ୍ଥୀ ୪:୭-୧୮) । ପରୀକ୍ଷାରେ, ଆମେ ହୁଏତ ସହ୍ୟ କରିବା ପାଇଁ ଈଶ୍ୱରଙ୍କ ଅନୁଗ୍ରହ ପାଇବା କିମ୍ବା ଉଦ୍ଧାର ପାଇବା ପାଇଁ ତାଙ୍କର ଶକ୍ତି ପାଇବା (ଯାକୁବ ୪:୬-୮, ୧ପିତର ୪:୧୨,୧୩, ୧ଯୋହନ ୩:୮, ୪:୪, ପ୍ରକାଶିତ ୧୨:୧୧) । ମାତ୍ର ପରୀକ୍ଷା ଯା' ହେଉନା କାହିଁକି, ସଦାପ୍ରଭୁ ଆମ ସହିତ ରହିବେ । ସେ ଆମକୁ ଛାଡ଼ିବେ ନାହିଁ କିମ୍ବା ଆମକୁ ପରିତ୍ୟାଗ କରିବେ ନାହିଁ (ମାଥିଉ ୨୮:୨୦, ଏବ୍ରୀ ୧୩:୫) । ପ୍ରତିବନ୍ଧକ ଯାହା ହେଲେ ମଧ୍ୟ ତାଙ୍କ ଶକ୍ତି ଓ ସହିଷ୍ଣୁତା ସହିତ ଏହି ଜୀବନର ଦୌଡ଼ ଦୌଡ଼ିବା ପାଇଁ ଆମେ ଯାହା ଆବଶ୍ୟକ କରିବା, ତାହା ସେ ଆମକୁ ପ୍ରଦାନ କରିବେ ।

ଛ. ଆମର ପୁତ୍ରତ୍ୱ ଆମକୁ ଗୋଟିଏ ପବିତ୍ର ସମ୍ମାନ ଓ ସମାନତା ଯୋଗାଏ

ଆଜି ଜଗତରେ ଏପରି ଅନେକସ୍ଥାନ ରହିଛି ଯାହା କେତେକ ଲୋକଙ୍କୁ ଅନ୍ୟମାନଙ୍କ ଅପେକ୍ଷା 'କମ୍ ଗ୍ରାହ୍ୟ' ବୋଲି ବିଚାର କରେ । ନିର୍ଦ୍ଦିଷ୍ଟ ଜାତି, ଗୋଷ୍ଠୀ କିମ୍ବା ନିର୍ଦ୍ଦିଷ୍ଟ ଭୌଗଳିକ ଅଞ୍ଚଳର ଲୋକମାନଙ୍କୁ କିମ୍ବା ଏକ ନିର୍ଦ୍ଦିଷ୍ଟ ଭାଷା କହୁଥିବା ଲୋକମାନଙ୍କୁ ସାମାଜିକ କ୍ରମରେ କମ୍ ମୂଲ୍ୟବାନ୍ କିମ୍ବା ନ୍ୟୁନତର ବୋଲି ଚିନ୍ତା କରାଯାଏ । ଏପରି କେତେକ ଧର୍ମ କିମ୍ବା ଦେଶ ରହିଛି ଯେଉଁମାନେ ପୁରୁଷମାନେ ପାଉଥିବା ସମାନ ସମ୍ମାନ, ଅଧିକାର କିମ୍ବା ମର୍ଯ୍ୟାଦା ନାରୀମାନଙ୍କୁ ଦିଅନ୍ତି ନାହିଁ । ଏହି ସମସ୍ତ ଓ ଅନ୍ୟପ୍ରକାର ଭ୍ରାନ୍ତି କିମ୍ବା ଅତ୍ୟାଚାର ଅସାଧାରଣ ନୁହେଁ ।

ମାତ୍ର ଯୀଶୁଖ୍ରୀଷ୍ଟଙ୍କର ପୁନର୍ଜନ୍ମପ୍ରାପ୍ତ ଅନୁଗାମୀମାନଙ୍କ ପାଇଁ ପିତା ଈଶ୍ୱରଙ୍କ ସମ୍ମୁଖରେ ସେମାନଙ୍କର ପୁତ୍ରତ୍ୱ ଓ ସ୍ଥିତି ସେମାନଙ୍କୁ ଅନ୍ୟ ସମସ୍ତ ବିଶ୍ୱାସୀମାନଙ୍କ ସହିତ ସମାନ ସ୍ତରରେ ରଖେ । କାରଣ ଖ୍ରୀଷ୍ଟଙ୍କଠାରେ, *''ଯିହୂଦୀ କି ଗ୍ରୀକ୍, ଦାସ କି ସ୍ୱାଧୀନ, ପୁରୁଷ କି ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ କିଛି ହିଁ ପ୍ରଭେଦ ନାହିଁ, କାରଣ ଖ୍ରୀଷ୍ଟ* ***''ଯୀଶୁଙ୍କଠାରେ ତୁମ୍ଭେମାନେ ଏକ''*** (ଗାଲା. ୩:୨୮, ଗୁରୁତ୍ୱ ଯୋଗ କରାଯାଇଅଛି, କଲସୀୟ ୩:୧୧ ମଧ୍ୟ ଦେଖନ୍ତୁ) ।

ଖ୍ରୀଷ୍ଟଙ୍କଠାରେ ଥିବା ବ୍ୟକ୍ତିମାନେ ବର୍ତ୍ତମାନ ସମସ୍ତେ ଗୋଟିଏ ରାଜକୀୟ ବଂଶର ଅଟନ୍ତି (ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା) ଓ ସମସ୍ତେ ସମାନ ପାରିବାରିକ ନାମ ଓ ଉତ୍ତରାଧିକାର ଧାରଣ କରିଛନ୍ତି । ବାଇବଲ ଏହା ପ୍ରକାଶ କରିଛି ଯେ, ବିଶ୍ୱାସୀମାନେ, ଈଶ୍ୱରଙ୍କର *''ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ''* (୧ପିତର ୨:୯) ।

ଖ୍ରୀଷ୍ଟିୟାନମାନଙ୍କର ସମ୍ମାନ ଓ ଆତ୍ମ-ମୂଲ୍ୟ କାଲବରୀର କ୍ରୁଶ ନିକଟରେ ଆମ ନିମନ୍ତେ ପରିଶୋଧ କରାଯାଇଥିବା ମୂଲ୍ୟ ଦ୍ୱାରା ଓ ଈଶ୍ୱର ଆମ ଉପରେ ଯେ ତାଙ୍କର ପ୍ରେମ ସ୍ଥାପନ କରିଛନ୍ତି, ଏହି ସରଳ ଅନସ୍ୱୀକାର୍ଯ୍ୟ ସତ୍ୟ ଦ୍ୱାରା ସ୍ଥାପିତ ହୋଇଅଛି (୧ଯୋହନ ୩:୧) । ସେହି ଅନନ୍ତ ସତ୍ୟକୁ କୌଣସି ବିଷୟ ପରିବର୍ତ୍ତିତ କରିପାରେ ନାହିଁ (ରୋମୀ. ୮:୩୮,୩୯) । ବର୍ଣ୍ଣ, ଶ୍ରେଣୀ, ଜାତି କିମ୍ବା ଲିଙ୍ଗ ନିର୍ବିଶେଷରେ ବିଶ୍ୱାସୀମାନେ ସମସ୍ତେ ଏକ ଆରେକ ସହିତ ସମାନ ଅଟନ୍ତି । ସେମାନଙ୍କ ପ୍ରତ୍ୟେକଙ୍କୁ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରେମର ଯୋଗ୍ୟ କରାଯାଇଛି, ଆଉ ସେମାନେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଏକତା ବନ୍ଧନରେ ଏକ ଅଟନ୍ତି (ଗାଲା. ୩:୨୬-୨୯, ଏଫିସୀ ୨:୧୧-୧୮, କଲସୀ ୩:୧୧) ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକମାନେ, ଆମେ ଯାହା ସବୁ କହୁ ଓ କରୁ ସେଗୁଡ଼ିକ ଏହି ଅତିଗୁରୁତ୍ୱପୂର୍ଣ୍ଣ ବାଇବଲ ଉଲ୍ଲିଖିତ ସମାନତାର ନିୟମକୁ ପ୍ରତିଫଳିତ କରିବା ଉଚିତ । ଏହା

କୁହାଯାଇଛି, ''ଯୀଶୁଙ୍କ କୁଶର ପାଦ ତଳସ୍ଥ ଭୂମି ସମାନ ଅଟେ ।'' ଅନ୍ୟ ଭାଷାରେ, ଯୁବକ ହୁଅନ୍ତୁ କିମ୍ବା ବୃଦ୍ଧ ହୁଅନ୍ତୁ, ପୁରୁଷ ହୁଅନ୍ତୁ କିମ୍ବା ନାରୀ ହୁଅନ୍ତୁ, ଉଚ୍ଚ ଜାତି ହୁଅନ୍ତୁ କିମ୍ବା ନୀଚ ଜାତି ହୁଅନ୍ତୁ, ଧନୀ ହୁଅନ୍ତୁ କିମ୍ବା ଦରିଦ୍ର ହୁଅନ୍ତୁ – ଈଶ୍ୱରଙ୍କ ସମ୍ମୁଖରେ ସମସ୍ତ ବିଶ୍ୱାସୀଙ୍କର ମୂଲ୍ୟ ଓ ସ୍ଥିତି ସମାନ ଅଟେ । ପରିତ୍ରାଣ ଓ ସଂପର୍କରେ ସମସ୍ତଙ୍କର ଈଶ୍ୱରଙ୍କ ନିକଟକୁ ଯିବାର ସମାନ ଅଧିକାର ରହିଛି । ଈଶ୍ୱର ସେବା ନିମନ୍ତେ ସମସ୍ତ ବିଶ୍ୱାସୀଙ୍କୁ ଶକ୍ତିଯୁକ୍ତ କରିବା ପାଇଁ ଓ ତାଙ୍କର ଗୌରବକୁ ପ୍ରତିଫଳିତ କରିବା ପାଇଁ ସେମାନଙ୍କ ଉପରେ ନିଜର ଆତ୍ମା ଢାଳିବାକୁ ଇଚ୍ଛା କରନ୍ତି (ଯୋୟେଲ ୨:୨୮–୩୦) ।

ବାଇବଲ ଏକତା ସମ୍ବନ୍ଧରେ ଏପରି ଏକ ନିୟମ ପ୍ରକାଶ କରେ ଯାହା ଗୋଟିଏ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ସଂପର୍କର ଊର୍ଦ୍ଧ୍ୱରେ ରହିଥାଏ (୧ପିତର ୩:୭–୧୨) ।

ନେତାଭାବରେ, ଆମକୁ ସର୍ବଦା ସେହି ସମସ୍ତଙ୍କର ଧାର୍ମିକ ଆଚରଣ ନିମନ୍ତେ ଆଦର୍ଶ ଦେଖାଇବାକୁ ହେବ, ଯେଉଁମାନଙ୍କୁ ରକ୍ଷା କରିବା ପାଇଁ ଖ୍ରୀଷ୍ଟ ମୃତ୍ୟୁବରଣ କରିଥିଲେ । ଅନ୍ୟମାନେ ଯାହା ହୁଅନ୍ତୁ ପଛେ, ସେମାନଙ୍କର ନେତୃତ୍ୱ ନେବା ସମୟରେ ସେମାନଙ୍କ ପ୍ରତି ଖ୍ରୀଷ୍ଟଙ୍କ ସଦୃଶ ଆଚରଣର ଆଦର୍ଶ ଦେଖାଇ ସମ୍ମାନ, ଆଦର ପ୍ରଦର୍ଶନ କରିବାକୁ ହେବ ।

ଯଦି ଆପଣଙ୍କର ସଂସ୍କୃତି କିମ୍ବା ପୃଷ୍ଠଭୂମି, ଆପଣଙ୍କ ଗର୍ବ କିମ୍ବା ଆପଣଙ୍କ ଭୟ ସମସ୍ତ ବିଶ୍ୱାସୀଙ୍କୁ ସମାନ ଭାବରେ ପ୍ରେମ ଓ ସେବା କରିବାରେ ବାଧା ଦିଏ, ତେବେ ଦୟା କରି, ମଣ୍ଡଳୀରେ ଗୋଟିଏ ପ୍ରାଚୀନ କିମ୍ବା ନେତା ଭାବରେ ଆପଣଙ୍କ ଭୂମିକାକୁ ପୁନର୍ବିଚାର କରନ୍ତୁ । ଗୋଟିଏ ଫଳପୂର୍ଣ୍ଣ, ସଫଳ ନେତା ହେବା ପାଇଁ ଧର୍ମଶାସ୍ତ୍ରରେ ମିଳୁଥିବା ନିୟମଗୁଡ଼ିକ ଅନୁସାରେ ବଞ୍ଚିବା ଓ ସେଗୁଡ଼ିକର ଆଦର୍ଶ ଦେଖାଇବା ଆବଶ୍ୟକ ହୁଏ ।

ଜ. ଈଶ୍ୱରଙ୍କ ଦ୍ୱାରା ଗୃହୀତ ହେବାର ଅଧିକାର ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ସଫଳ ହୋଇନାହିଁ ।

''ଆଉ, କେବଳ ତାହା ନୁହେଁ, କିନ୍ତୁ ପ୍ରଥମ ଫଳ ସ୍ୱରୂପେ ଆତ୍ମାଙ୍କୁ ପାଇଅଛୁ ଯେ ଆମ୍ଭେମାନେ, ଆମ୍ଭେମାନେ ନିଜେ ନିଜେ ମଧ୍ୟ ପୁତ୍ରତ୍ୱ, ଅର୍ଥାତ୍, ଆପଣା ଆପଣା ଶରୀରର ମୁକ୍ତି ନିମନ୍ତେ ଅପେକ୍ଷା କରୁ କରୁ ଆପଣା ଆପଣା ଅନ୍ତରରେ ଆର୍ତ୍ତନାଦ କରୁଅଛୁ'' (ରୋମୀୟ ୮:୨୩) ।

ଖ୍ରୀଷ୍ଟଙ୍କ ଦ୍ୱାରା ବିଶ୍ୱାସ ଦ୍ୱାରା *'ଧାର୍ମିକଗଣିତ'* ହେବା ଯୋଗୁ ଆମେ ପାପ ଓ ଦଣ୍ଡାଜ୍ଞାରୁ ମୁକ୍ତ ହୋଇଅଛୁ (ରୋମୀୟ ୩:୨୧–୨୫,୨୭,୨୮) । ଆମର *''ପୁତ୍ରତ୍ୱ''* ଦ୍ୱାରା ଆମେ ଏପରି ପୁତ୍ର ହୋଇଅଛୁ ଯେଉଁମାନଙ୍କୁ ଖ୍ରୀଷ୍ଟଙ୍କର ସହ-

ଉତ୍ତରାଧିକାରୀ ଭାବରେ ସ୍ଥାପନ କରାଯାଇଅଛି (ରୋମୀ. ୮:୧୭, ୧କରିନ୍ଥୀ ୩:୨୧–୨୩, ଗାଲା. ୪:୬,୭, ଏବ୍ରୀ ୬:୧୭, ପ୍ରକାଶିତ ୨୧:୭) ।

ଈଶ୍ୱରଙ୍କ ସନ୍ତାନ ଭାବରେ ଆମର ଉତ୍ତରାଧିକାର ଆରମ୍ଭ ହୋଇସାରିଛି । ସେଥିରେ, ଆମେ ଗୃହୀତ ସନ୍ତାନଗଣ ଅଟୁ, ବାଇବଲ ଆମକୁ **ସନ୍ତାନଗଣ, ପୁତ୍ରଗଣ** ଓ **ଉତ୍ତରାଧିକାରୀ** ବୋଲି କହିଥାଏ । ସନ୍ତାନଗଣ ଭାବରେ, ଆମକୁ ସ୍ୱର୍ଗସ୍ଥ ପିତାଙ୍କ ସହିତ ଏକ ଘନିଷ୍ଠ ସଂପର୍କର ଦାନ ପ୍ରଦତ୍ତ ହୋଇସାରିଛି । ପୁତ୍ର ଭାବରେ, ତାଙ୍କ ସମ୍ମୁଖରେ ଆମର ସ୍ଥାପନା କିମ୍ବା ସ୍ଥିତି ସୁରକ୍ଷିତ ଅଟେ ଓ ଏହି ଜୀବନ ପାଇଁ ଓ ଆସନ୍ତା ଜୀବନ ପାଇଁ ପ୍ରତିଜ୍ଞାରେ ପରିପୂର୍ଣ୍ଣ ଅଟେ । ଉତ୍ତରାଧିକାରୀ ଭାବରେ, ଆମର ଅଧିକାର ଉଭୟ **'ବର୍ତ୍ତମାନ'** ଓ **'ଭବିଷ୍ୟତ୍'** ପାଇଁ ପ୍ରଯୁଜ୍ୟ ଅଟେ ।

ଆମର ଭବିଷ୍ୟତ୍‌ର ଅଧିକାର ସେତେବେଳେ ସଂପୂର୍ଣ୍ଣଭାବେ ସଫଳ ହେବ, ଯେତେବେଳେ ଆମେ ଏହି ଜୀବନ ଅତିକ୍ରମ କରି *''ମୁଖାମୁଖି ହୋଇ''* ଆମର ତ୍ରାଣକର୍ତ୍ତାଙ୍କୁ ଦେଖିବା (୧କରିନ୍ଥୀ ୧୩:୧୨) । ଏହି ଭବିଷ୍ୟତ୍ ଅଧିକାରକୁ ଛୁଇଁବାର ମୁଖ୍ୟ ଉପାୟ ହେଉଛି ଏଫିସୀୟ ୧:୧୩,୧୪ରେ ରହିଥିବା ପ୍ରତିଜ୍ଞା । ବର୍ତ୍ତମାନ କିଛିକ୍ଷଣ ପାଇଁ ସେହି ଅଧ୍ୟାୟ ପାଠ କରନ୍ତୁ (୨କରିନ୍ଥୀୟ ୧:୨୨, ୫:୫, ଏଫିସୀୟ ୪:୩୦ ମଧ୍ୟ ଦେଖନ୍ତୁ) ।

ଆମକୁ ପ୍ରଦତ୍ତ ହୋଇଥିବା ପବିତ୍ର ଆତ୍ମାଙ୍କର ମୁଦ୍ରାଙ୍କିତ ଦାନ ''ଏକ ବଇନା'' ଭାବରେ ଉଲ୍ଲିଖିତ ଅଛି । *'ବଇନା' ଅଗ୍ରିମ, ଜମା* କିମ୍ବା *ପ୍ରଥମ କିସ୍ତି ଭାବରେ* ଅନୁବାଦିତ ହୋଇପାରିବ । ଅନ୍ୟ ଭାଷାରେ, ଈଶ୍ୱର ଯେଉଁ ଦିନ ଅନନ୍ତକାଳ ମଧ୍ୟରେ ଆମକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିବେ, ସେହିଦିନ ନିମନ୍ତେ ଆମକୁ ସୁରକ୍ଷିତ ରଖି ସେ ଏକ ଅଗ୍ରିମ କିସ୍ତି ଭାବରେ ଆମକୁ ପବିତ୍ର ଆତ୍ମା ପ୍ରଦାନ କରିଛନ୍ତି ।

ଆମର ସ୍ୱର୍ଗୀୟ ପିତା ନିଜ ଉପରେ ଆମର ପାପ ନେବା ପାଇଁ ଓ କ୍ରୁଶରେ ଆମ ସ୍ଥାନରେ ମୃତ୍ୟୁବରଣ କରିବା ପାଇଁ ପୁତ୍ର ଈଶ୍ୱରଙ୍କୁ ପ୍ରେରଣ କରିବା ଦ୍ୱାରା ଆମ ପାଇଁ ଚରମ ମୂଲ୍ୟ ପରିଶୋଧ କରିଛନ୍ତି । ଏହା ପରେ ଆମର ପିତା ଆମର ସଂପୂର୍ଣ୍ଣ ଅଧିକାର ଓ ଆମ ଜୀବନର ସମଗ୍ର ଉଦ୍ଧାର ସୁରକ୍ଷିତ ଅଛି ଓ ସଫଳ ହେବ ବୋଲି ଏକ ନିଶ୍ଚୟତା ନିମନ୍ତେ ଆମକୁ ପବିତ୍ର ଆତ୍ମା ଈଶ୍ୱରଙ୍କୁ ପ୍ରଦାନ କରିଛନ୍ତି ।

ଆମର ମର, ଦୁର୍ବଳ ଓ କ୍ଷୟଶୀଳ ଶରୀର ଦିନେ ଉତ୍ଥାପିତ ହେବ ବୋଲି ମଧ୍ୟ ବାଇବଲ ପ୍ରକାଶ କରିଛି (୧ଥେସଲ. ୪:୧୫,୧୬) । ଏହାପରେ, ଆମର ମର ଶରୀର ଅମର ଓ ଅକ୍ଷୟ ଭାବରେ ପରିବର୍ତ୍ତିତ ହେବ (୧କରିନ୍ଥୀୟ ୧୫:୩୫–୫୮) ।

ସେପର୍ଯ୍ୟନ୍ତ, ଆମେ ଈଶ୍ୱରଙ୍କୁ ଜାଣିପାରିବା ଓ ତାଙ୍କର ପ୍ରେମର ଅନୁଭୂତି ପାଇପାରିବା । ଆମ ମଧ୍ୟରେ ତାଙ୍କ ଆତ୍ମା ରୂପୀ ''ଅଗ୍ରୀମ'' ବାସ କରୁଛନ୍ତି । ଆମେ ଖ୍ରୀଷ୍ଟଙ୍କଠାରେ ବୃଦ୍ଧି ପ୍ରାପ୍ତ ଓ ପରିପକ୍ୱ ହେଉଥିବା ସମୟରେ, ପ୍ରଭୁଙ୍କୁ ଅଧିକ ଗଭୀର ଭାବରେ ଜାଣିପାରିବା । ଆମ ଜୀବନରେ ଓ ଜୀବନ ମାଧ୍ୟମରେ ତାଙ୍କର ପ୍ରେମ ଓ ତାଙ୍କ ଶକ୍ତିର ଏକ କ୍ରମ ବର୍ଦ୍ଧିଷ୍ଣୁ ପରିମାଣର ଅନୁଭୂତି ପାଇପାରିବା ।

ପ୍ରଭୁଙ୍କର ପ୍ରଶଂସା ହେଉ! ଈଶ୍ୱରଙ୍କ ପୁତ୍ର ଭାବରେ ଆମେ ସଂପୂର୍ଣ୍ଣ ଭାବରେ - ଶରୀର, ପ୍ରାଣ ଓ ଆତ୍ମାରେ ପରିବର୍ତ୍ତିତ ହେବା । ଦିନେ ଆମେ ସଂପୂର୍ଣ୍ଣ ନିଖୁନ୍ତ ଭାବରେ ଓ ଆମର ପ୍ରଭୁ ଓ ତାଙ୍କର ପ୍ରେମର ଉଜ୍ଜ୍ୱଳ ଓ ବିଶୁଦ୍ଧ ଉପସ୍ଥିତିରେ ଅନନ୍ତକାଳ ବାସ କରିବା ।

ଏହି ଅଭିବୃଦ୍ଧି ପ୍ରକ୍ରିୟା ସେପର୍ଯ୍ୟନ୍ତ ଆମ ଜୀବନର ପ୍ରତିଦିନ ଅବ୍ୟାହତ ରହିପାରେ ଓ ରହିବା ଉଚିତ, ଯେପର୍ଯ୍ୟନ୍ତ ଆମେ ନିଜେ ଯେପରି ପରିଚିତ, ସେହିପରି ଭାବରେ ତାଙ୍କୁ ସଂପୂର୍ଣ୍ଣ ଭାବରେ ଜାଣିନାହୁଁ ଓ ମୁଖାମୁଖି ଭାବରେ ତାଙ୍କୁ ଦେଖିନାହୁଁ (୧କରିନ୍ଥୀ ୧୩:୧୨) । ଜୀବିତ ଈଶ୍ୱରଙ୍କର ଏକ ଗୃହୀତ, ସ୍ଥାପିତ ପୁତ୍ର ହେବା କିପରି ଏକ ଆନନ୍ଦ ଓ ଅଧିକାରର ବିଷୟ ଅଟେ! ଉଭୟ ବର୍ତ୍ତମାନ ଓ ଅନନ୍ତ କାଳ ପାଇଁ ଆମର ଉତ୍ତରାଧିକାରର ଆନନ୍ଦ ଓ ପ୍ରତିଜ୍ଞା କେତେ ମହାନ୍ ଅଟେ ?

''ସେ ଆମକୁ ଗ୍ରାହ୍ୟ କରିଛନ୍ତି''

ଜୀବିତ ଈଶ୍ୱରଙ୍କର ପୁତ୍ର ଓ ଉତ୍ତରାଧିକାରୀ ଭାବରେ ଆମର ଅଧିକାର ପ୍ରକୃତରେ ଗୌରବମୟ ଅଟେ । ତାଙ୍କର ଅନୁଗ୍ରହ ଓ ପ୍ରେମ ମାଧ୍ୟମରେ ପ୍ରେମ ପାଉ ନ ଥିବା ପାପୀମାନଙ୍କୁ ନେଇ – ଆମକୁ ତାଙ୍କର ପୁତ୍ର କରିଥିବାରୁ ଆମକୁ ଅନନ୍ତକାଳ ତାଙ୍କର ଆଶ୍ଚର୍ଯ୍ୟଜନକ ପ୍ରଶଂସାଗୀତ ଗାଇବାକୁ ହେବ । ଆଉ ଏହି ସମସ୍ତ ଈଶ୍ୱର *''ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ...ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ,...ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଅଛନ୍ତି''* (ଏଫିସୀ ୧:୫,୬) ।



ଭାଗ ୫

ଆମ ପୁତ୍ରତ୍ୱର ଉଦ୍ଦେଶ୍ୟ

ଅନନ୍ତକାଳ ନିମନ୍ତେ ଆମ ଈଶ୍ୱରଙ୍କ ପ୍ରାପ୍ୟ ଉପାସନା ଆମର ପୁତ୍ରତ୍ୱର ଏକ ସୁନିଶ୍ଚିତ ଯୋଗ୍ୟ ଫଳ ଅଟେ । ମାତ୍ର ପୁତ୍ର ଭାବରେ ଆମ ପୁତ୍ରତ୍ୱରେ ମଧ୍ୟ ଏହି ଏକ ଉଦ୍ଦେଶ୍ୟ ରହିଛି ଯେ ଆମେ ଏଠାରେ ପୃଥିବୀରେ ଥିବା ସମୟରେ ସେହି ଅନୁସାରେ ଜୀବନ କାଟିପାରିବା ଓ ପରିପ୍ରକାଶ କରିପାରିବା ।

କ. ସଂପର୍କ ପାଇଁ ନିରୂପିତ

ମନୁଷ୍ୟ ମୂଳତଃ, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଥିଲା ବୋଲି ଶାସ୍ତ୍ରାଂଶଗୁଡ଼ିକ ପ୍ରକାଶ କରିଛି (ଆଦି ୧:୨୬,୨୭) ଏଥିମଧ୍ୟରେ ଏହି ସତ୍ୟ ଅନ୍ତର୍ଭୁକ୍ତ ଅଟେ ଯେ ମନୁଷ୍ୟଜାତି ସ୍ୱାଧୀନ ଇଚ୍ଛା ଓ ମନୋନୟନ କରିବାର ସାମର୍ଥ୍ୟ ସହିତ ନିର୍ମିତ ହୋଇଥିଲା । ଆମେ ଚିନ୍ତା କରିବା ପାଇଁ, ଅନୁଭବ କରିବା ପାଇଁ, ଯୁକ୍ତି କରିବା ପାଇଁ ଓ ବୁଦ୍ଧିଯୁକ୍ତ ନିଷ୍ପତ୍ତି ନେବା ପାଇଁ ସମର୍ଥ ଅଟୁ । ଆମର ଆବେଗ ମଧ୍ୟ ରହିଛି । ଏହି ସମସ୍ତ ସ୍ୱାଭାବିକ, ସୁସ୍ଥ ସଂପର୍କ ରଖିବା ପାଇଁ ଆବଶ୍ୟକୀୟ ଗୁଣ ଅଟେ ।

ଶେଷରେ, ମନୁଷ୍ୟଜାତି ଈଶ୍ୱରଙ୍କ ଗୌରବ ନିମନ୍ତେ ସୃଷ୍ଟି ହୋଇଥିଲା (ପ୍ରକାଶିତ ୪:୧୧) । କିନ୍ତୁ ମନୁଷ୍ୟ କିପରି ଈଶ୍ୱରଙ୍କ ପ୍ରତି ଗୌରବ ଆଣିବା ଉଚିତ ଥିଲା ? ତାହା କ'ଣ ଆମ ଗଠନର ଜଟିଳତା ମାଧ୍ୟମରେ ସାଧିତ ହେବାକୁ ଉଦ୍ଦିଷ୍ଟ ଥିଲା ? କିମ୍ବା ଆମର ବୁଦ୍ଧିମତ୍ତା କିମ୍ବା ସୃଜନଶୀଳତା ମାଧ୍ୟମରେ ? ସେହି

ସମସ୍ତ ଈଶ୍ୱର ଆମକୁ ପ୍ରଦାନ କରିଥିବା ସୁନ୍ଦର ଗୁଣାବଳୀ ଅଟେ । ମାତ୍ର ସେଗୁଡ଼ିକ କେବଳ ତାଙ୍କ ପ୍ରତିମୂର୍ତ୍ତିରେ ମାନବଜାତିକୁ ସୃଷ୍ଟି କରିବାରେ ଈଶ୍ୱରଙ୍କ ପ୍ରକୃତ ଉଦ୍ଦେଶ୍ୟ ପ୍ରକାଶ କରେ ନାହିଁ ।

କିମ୍ବା, ହୁଏତ ମନୁଷ୍ୟ ନିଜ ସେବା ମାଧ୍ୟମରେ ଈଶ୍ୱରଙ୍କ ପ୍ରତି ଗୌରବ ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା । ମାତ୍ର ଈଶ୍ୱର କ'ଣ ଅଧିକ ସେବକ ଆବଶ୍ୟକ କରୁଥିଲେ ? ଯଦି ହଁ, ତେବେ ଈଶ୍ୱର କାହିଁକି ଅଧିକ ଦୂତ ନିର୍ମାଣ କରି ନ ଥିଲେ ? ସେମାନେ ମନୁଷ୍ୟ ଅପେକ୍ଷା ଅଧିକ ବଳବାନ୍, ଅଧିକ କ୍ଷିପ୍ର ଅଟନ୍ତି ଓ ମାନବର ଅନେକ ଶାରୀରିକ ଦୁର୍ବଳତା ସେମାନଙ୍କ ପାଖରେ ନ ଥାଏ । ନିଶ୍ଚୟ, ମନୁଷ୍ୟଜାତି ନିକଟରେ ସେବା କରିବାର ସାମର୍ଥ୍ୟ ଅଛି । ମାତ୍ର ପୁନଶ୍ଚ, ଏହି କାରଣରୁ ଆମେ ଈଶ୍ୱରଙ୍କ ସାଦୃଶ୍ୟରେ ନିର୍ମିତ ହୋଇନାହୁଁ ।

ପାପ ସଂପର୍କକୁ ଧ୍ୱଂସ କରେ

ଈଶ୍ୱର କାହିଁକି ତାଙ୍କ ସାଦୃଶ୍ୟରେ ମନୁଷ୍ୟକୁ ସୃଷ୍ଟି କରିଥିଲେ, ତାହା ଆମେ ଅଧ୍ୟୟନ କରିସାରିଥିବା ଅନେକଗୁଡ଼ିଏ ବାଇବଲ ଅଧ୍ୟାୟ ଆମକୁ ଜଣାଏ । ଆମେ ଏହା ପାଠ କରୁ ଯେ ଈଶ୍ୱର ଖ୍ରୀଷ୍ଟଙ୍କଠାରେ ଆମକୁ ମନୋନୀତ କରିଥିଲେ ଓ *''ଜଗତର ପତନ ପୂର୍ବରୁ''* ଆମକୁ ପୁତ୍ର ରୂପେ ଗ୍ରହଣ କରିବା ପାଇଁ ନିରୂପଣ କରିଥିଲେ (ଏଫିସୀ ୧:୪) । ଅନ୍ୟ ଭାଷାରେ, ଅନନ୍ତ ଅତୀତରେ ରହିଥିବା ଈଶ୍ୱର ତାଙ୍କ ସାଦୃଶ୍ୟରେ ଆମକୁ ସୃଷ୍ଟି କରିବା ପାଇଁ, ଏଥିପାଇଁ ମନୋନୀତ କରିଥିଲେ, ଯେପରି ଆମେ ତାଙ୍କର ସନ୍ତାନସନ୍ତତି ହେବା ।

ଆମେ ଯେପରି *''ତାଙ୍କ ସହିତ ଆମର ସ୍ୱର୍ଗୀୟ ପିତା ଭାବରେ ଏକ ପ୍ରେମପୂର୍ଣ୍ଣ ସଂପର୍କ ରଖିପାରିବୁ''*, ଏଥିପାଇଁ ଈଶ୍ୱର ଆମକୁ ଏହିପରି ଭାବରେ ସୃଷ୍ଟି କରିବା ପାଇଁ ମନୋନୀତ କରିଥିଲେ । ଏଦନଉଦ୍ୟାନରେ ଆଦମ ଯେପରି କରିଥିଲେ, ସେହିପରି ଈଶ୍ୱରଙ୍କ ସହିତ ଗମନାଗମନ କରିବା ପାଇଁ ଓ ତାଙ୍କ ସହିତ ମୁଖାମୁଖି କଥାବାର୍ତ୍ତା କରିବା ପାଇଁ, ଆମେ ମୂଳରୁ ଉଦ୍ଦିଷ୍ଟ ଥିଲୁ (ଆଦି ୨) । ଆପଣ ଓ ମୁଁ ଆମ ସୃଷ୍ଟିକର୍ତ୍ତାଙ୍କ ସହିତ ସଂପର୍କ ନିମନ୍ତେ – ଏକ ବ୍ୟକ୍ତିଗତ, ପ୍ରେମପୂର୍ଣ୍ଣ ଓ ଘନିଷ୍ଠ ସଂପର୍କ ନିମନ୍ତେ ସୃଷ୍ଟି ହୋଇଥିଲୁ ।

ଦୁଃଖର ବିଷୟ, ଆଦମ ଓ ହବା ଈଶ୍ୱରଙ୍କ ଆଜ୍ଞା ବିରୁଦ୍ଧରେ ଅବାଧ୍ୟ ହୋଇ ଓ ବିଦ୍ରୋହ କରି ସେହି ସଂପର୍କକୁ ଅମାନ୍ୟ କରିବା ପାଇଁ ମନୋନୀତ କରିଥିଲେ । ଏହିପରି ଭାବରେ, ପାପ ଆମ ଜଗତ ମଧ୍ୟରେ ପ୍ରବେଶ କରିଥିଲା ଓ ଈଶ୍ୱରଙ୍କ ସୃଷ୍ଟି ଉପରେ ଓ ମଧ୍ୟରେ ତା'ର ନିଷ୍ଠୁର କାର୍ଯ୍ୟ ଆରମ୍ଭ କରି ଦେଇଥିଲା । ପାପ ସର୍ବଦା ସଂପର୍କ ନଷ୍ଟ କରେ– ବିବାହରେ, ବନ୍ଧୁତାରେ, ପରିବାରରେ – ମାତ୍ର ବିଶେଷ ଭାବରେ, ଆମର ଓ ଜଣେ ସିଦ୍ଧ ତଥା ପବିତ୍ର ଈଶ୍ୱରଙ୍କ ମଧ୍ୟରେ ସଂପର୍କ ନଷ୍ଟ କରେ ।

ଆମର ସ୍ପଷ୍ଟ ଭାବରେ ପ୍ରସ୍ତୁତ ଭାଗ୍ୟ

ପାପ ଓ ଏହାର ମୃତ୍ୟୁରୂପକ ପରିଣତି ଈଶ୍ୱରଙ୍କ ସୃଷ୍ଟି ନିମନ୍ତେ ରହିଥିବା ତାଙ୍କର ଯୋଜନାକୁ ନଷ୍ଟ କରି ଦେବାର ଭୟ ଦେଖାଇଥିଲା । ମାତ୍ର ଈଶ୍ୱର ଅତିଶୀଘ୍ର ନିଜର ଉଦ୍ଧାରକାରୀ ଯୋଜନାକୁ ଗତିଶୀଳ କରିଥିଲେ (ଆଦି ୩:୧୫) । ଯଦିଓ ଏହାକୁ ସଂପୂର୍ଣ୍ଣ ଭାବରେ ଉନ୍ମୋଚନ କରିବା ପାଇଁ ବହୁ ଶତାବ୍ଦୀ ସମୟ ଲାଗିଥିଲା, ତଥାପି ଏହାର ଯୋଜନା ଓ ସମୟ ଯଥାର୍ଥ ଥିଲା ।

ଇତିହାସର ସଠିକ୍ ସମୟରେ – ଈଶ୍ୱରଙ୍କ ପାଇଁ ମନୁଷ୍ୟର ଅତ୍ୟାବଶ୍ୟକତାକୁ ପ୍ରକାଶ କରିବା ପାଇଁ ବ୍ୟବସ୍ଥା ଏକ ଶିକ୍ଷକ ଭାବରେ ବ୍ୟବହୃତ ହେବା ପରେ (ଗାଲାତୀୟ ୩:୨୩–୨୫) – ଈଶ୍ୱର ମନୁଷ୍ୟ ଜାତିର ସମସ୍ତ ପାପର ମୃତ୍ୟୁଦଣ୍ଡ ନିଜ ଉପରେ ନେବା ପାଇଁ ନିଜ ପୁତ୍ରଙ୍କୁ ପ୍ରେରଣ କରିଥିଲେ (ଯୋହନ ୩:୧୬) । ଏହି ସିଦ୍ଧ ଓ ନିଖୁନ୍ତ ମେଷଶାବକ ସମସ୍ତଙ୍କ ପାଇଁ ବଳି ସ୍ୱରୂପ ହୋଇଥିଲେ (ଯିଶା. ୫୩, ୨କରିନ୍ଥୀ ୫:୧୫, ୧ପିତ. ୧:୧୮–୨୧) । ଏହାପରେ ଯୀଶୁଖ୍ରୀଷ୍ଟ ଆମର ଜୀବିତ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଚିରଦିନ ରାଜତ୍ୱ କରିବା ପାଇଁ ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ !

ଯେଉଁମାନେ ଜୀବିତ ତ୍ରାଣକର୍ତ୍ତା ଯୀଶୁଙ୍କଠାରେ ବିଶ୍ୱାସ କରିଛନ୍ତି ଓ ଗ୍ରହଣ କରିଛନ୍ତି, ସେମାନଙ୍କର ପାପ କ୍ଷମା ହୋଇଅଛି । ଅନୁତପ୍ତ ପାପୀମାନଙ୍କର ପାପ ସେମାନଙ୍କଠାରୁ ସେତେ ଦୂର କରାଯାଇଛି, ଯେତେ ଦୂରତା ପୂର୍ବରୁ ପଶ୍ଚିମ ମଧ୍ୟରେ ରହିଅଛି (ଗୀତ. ୧୦୩:୧୨) । ସେଥିପାଇଁ ପାପୀ ଓ ତା'ର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ମଧ୍ୟରେ ଆଉ ପାପ ଦ୍ୱାରା ସୃଷ୍ଟ ବିଚ୍ଛିନ୍ନତା ନାହିଁ ।

ଏହିପରି ଭାବରେ, ପାପୀକୁ ଏକ ଗୃହୀତ ପୁତ୍ର କରାଯାଇଛି ଓ ସ୍ୱର୍ଗୀୟ ପିତା ଭାବରେ ଈଶ୍ୱରଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କ ରଖିବା ପାଇଁ ଈଶ୍ୱର ମୂଳରୁ ଯେଉଁ ଉଦ୍ଦେଶ୍ୟ ରଖିଥିଲେ, ସେଥିମଧ୍ୟରେ ତାକୁ ପୁନଃସ୍ଥାପନ କରାଯାଇଛି । ତାହା ହିଁ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଈଶ୍ୱରଙ୍କର ସ୍ପଷ୍ଟ ନିରୂପିତ ଯୋଜନା ଅଟେ – ଆଉ ସେଥିପାଇଁ ଆମକୁ ସମସ୍ତ ଜଗତ ମଧ୍ୟକୁ ଏହି ସୁସମାଚାର ବାର୍ତ୍ତା ନେଇଯିବାକୁ ହେବ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକମାନେ, ଆମର ବ୍ୟସ୍ତ ଜୀବନ ଓ ସେବାକାର୍ଯ୍ୟ, ଈଶ୍ୱରଙ୍କ ସହିତ ଆମର ବ୍ୟକ୍ତିଗତ ସଂପର୍କକୁ ଅବହେଳା କରିପାରେ । ଆମର *''ପ୍ରଥମ ପ୍ରେମ''* (ପ୍ରକାଶିତ ୨:୪) ସେବାକାର୍ଯ୍ୟ କିମ୍ବା ଅନ୍ୟ କିଛି ହୋଇଯାଏ । ଆମର ସମସ୍ତ ସମୟ ଓ ପ୍ରଚେଷ୍ଟା ପ୍ରଭୁଙ୍କ ସହିତ ଆମ ସଂପର୍କ ବ୍ୟତୀତ ଅନ୍ୟ କାର୍ଯ୍ୟଗୁଡ଼ିକରେ ଉତ୍ସର୍ଗୀକୃତ ହୋଇଯାଏ ।

ଆମ ମଧ୍ୟରୁ କେହି ଈଶ୍ୱରଙ୍କୁ ଅବହେଳା କରିବାକୁ ଇଚ୍ଛା କରେ ନାହିଁ । ମାତ୍ର ଧୀରେ ଧୀରେ, ଆମ ସେବାକାର୍ଯ୍ୟ ବୃଦ୍ଧି ପାଇବା ସମୟରେ ଓ ଆମ ଜୀବନ ପରିପୂର୍ଣ୍ଣ ହେବା ସମୟରେ ଆମେ ପ୍ରଭୁଙ୍କ ସହିତ କମ୍‌ରୁ କମ୍ ସମୟ କ୍ଷେପଣ କରୁ । ଆମର ପ୍ରାର୍ଥନାଜୀବନ ଆମ ତ୍ରାଣକର୍ତ୍ତାଙ୍କ ସହିତ କେବଳ ତାଙ୍କ ପାଦ ନିକଟରେ ବସିବା ପରିବର୍ତ୍ତେ ଆମେ ଚାହୁଁଥିବା ବିଷୟ, ଆମ ନିମନ୍ତେ ଆଶୀର୍ବାଦ କିମ୍ବା ଉତ୍ତମ ରୂପେ କାର୍ଯ୍ୟ କରିବା ପାଇଁ ଅଭିଷେକ ମାଗିବାରେ କେନ୍ଦ୍ରୀଭୂତ ହୋଇଯାଏ । କେବଳ ଈଶ୍ୱରଙ୍କ ସହିତ ସହଭାଗିତା ରଖି ଆତ୍ମିକ ଭାବରେ ନିଜ ନିଜକୁ ଭୋଜନ କରାଇବା ଅପେକ୍ଷା ବରଂ, ଗୋଟିଏ 'ଉତ୍ତମ ଶିକ୍ଷା' ପାଇବା ପାଇଁ ଆମେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରୁ ।

ଅନେକ ପାଳକ ଏହି ଫାନ୍ଦ ମଧ୍ୟରେ ପଡ଼ିଯାନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ ''ଦମ୍ଭୀଭୂତ ହେବା'' ଆରମ୍ଭ କରନ୍ତି ଓ ପ୍ରଶ୍ନ କରନ୍ତି, ''ମୁଁ କାହିଁକି ଆତ୍ମିକଭାବରେ ଶୁଷ୍କତା ଅନୁଭବ କରୁଅଛି ? ମୋର ଆହ୍ୱାନ ଓ ଦର୍ଶନର ଅନୁଭବ କେଉଁଠାରେ ? ଯୀଶୁ କାହିଁକି ଏତେ ଦୂରରେ ଥିବା ଭଳି ମନେ ହୁଅନ୍ତି ? ମୋ ଜୀବନରେ ଈଶ୍ୱର କେଉଁଠାରେ ? ସେବାକାର୍ଯ୍ୟ କାହିଁକି ମୋର ହୃଦୟରୁ ଆଗତ ଗୁରୁତ୍ୱପୂର୍ଣ୍ଣ ଓ ଜୀବନ୍ତ ବିଷୟ ଭଳି ମନେ ନ ହୋଇ ଏକ ବାହ୍ୟ ଧର୍ମକର୍ମ ସଦୃଶ ମନେ ହୁଏ ?''

ସେହି ପ୍ରଶ୍ନଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଆପଣଙ୍କୁ ପରିଚିତ ମନେ ହୁଏ କି ? ଆମେ ପ୍ରତ୍ୟେକେ ଈଶ୍ୱରଙ୍କ ସହିତ ଆମ ସଂପର୍କକୁ ରକ୍ଷା କରିବା ବିଷୟରେ ଓ ସକ୍ରିୟ ଭାବରେ ସୁଦୃଢ଼ କରିବାରେ ସତର୍କ ହେବା ଆବଶ୍ୟକ ଓ ସେହି ସଂପର୍କରେ ବୃଦ୍ଧି ପାଇବା ଆବଶ୍ୟକ । ତାଙ୍କ ସହିତ ନୂତନ, ଦୈନିକ ସହଭାଗିତା ବିନା ଓ ତାଙ୍କ ବାକ୍ୟରୁ ସତେଜ ମାନ୍ନା ବିନା ଆମେ ଅତିଶୀଘ୍ର ଆତ୍ମିକ ଭାବରେ ଦୁର୍ବଳ ହୋଇଯିବା । ଯେତେବେଳେ ଆମେ ଦୁର୍ବଳ ଥାଉ, ସେତେବେଳେ ଆମେ ଶୟତାନ ଆକ୍ରମଣର ସହଜ ଲକ୍ଷ୍ୟ ମଧ୍ୟରେ ରହିଥାଉ । ଏହାପରେ, ଆମ ଶରୀରକୁ ପ୍ରତିରୋଧ କରିବା ପାଇଁ ଓ ତା'ଉପରେ ଜୟଯୁକ୍ତ ହେବା ପାଇଁ ଆମ ପାଖରେ ପ୍ରାୟ ଶକ୍ତି ନ ଥାଏ (ରୋମୀୟ ୧୩:୧୪, ଗାଲା. ୫:୧୬, ଏଫିସୀ ୪:୨୭, ୬:୧୦-୧୮) । ଅବଶ୍ୟ, ବୁଝାମଣା ଓ ବିଫଳତା ଏହା ପରେ ପରେ ଶୀଘ୍ର ଦେଖାଦେବ ।

ମାତ୍ର ସର୍ବାଧିକ ଦୁଃଖର ବିଷୟ ହେବ - ଈଶ୍ୱରଙ୍କ ସହିତ ଘନିଷ୍ଠ ସଂପର୍କର କ୍ଷତି, ଯେଉଁଥିପାଇଁ ଆପଣ ସୃଷ୍ଟି ହୋଇଥିଲେ । ସେ ଆପଣଙ୍କୁ ଚାହାଁନ୍ତି (ଯାକୁବ ୪:୫) ଓ ଆପଣ ତାଙ୍କୁ ଶୋଚନୀୟ ଭାବରେ ଆବଶ୍ୟକ କରନ୍ତି । ଏହି ଜୀବନରେ

ଅନ୍ୟ କୌଣସି ସଂପର୍କ କିମ୍ବା କାର୍ଯ୍ୟ ନାହିଁ, ଯାହା ପ୍ରତିଦିନ ଆପଣଙ୍କ ସ୍ୱର୍ଗୀୟ ପିତାଙ୍କ ସହିତ ଗମନାଗମନ କରିବା ଓ କଥାବାର୍ତ୍ତା କରିବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ! ଏହା ଆପଣଙ୍କ ପାଇଁ ସତ୍ୟ ଅଟେ ଓ ସେମାନଙ୍କ ପାଇଁ ମଧ୍ୟ ସତ୍ୟ ଅଟେ, ଯେଉଁମାନଙ୍କର ଆପଣ ନେତୃତ୍ୱ ନେଉଛନ୍ତି ।

ଆମ ପ୍ରବେଶର ଦ୍ୱାର

ମନୁଷ୍ୟଜାତି ଆମର ସୃଷ୍ଟିକର୍ତ୍ତା, ପିତା ଈଶ୍ୱରଙ୍କ ସହିତ ସଂପର୍କ ରଖିବା ନିମନ୍ତେ ସୃଷ୍ଟି ହୋଇଥିଲା, ଯେତେବେଳେ ପାପ ସେହି ସମ୍ଭାବନାକୁ ଧ୍ୱଂସ କରିଥିଲା, ସେତେବେଳେ ଈଶ୍ୱର ଆମ ପାପ ପାଇଁ ମୃତ୍ୟୁଦଣ୍ଡ ଗ୍ରହଣ କରିବାକୁ ନିଜର ପୁତ୍ରଙ୍କୁ ପ୍ରେରଣ କରିଥିଲେ । ଆମ ନିମନ୍ତେ ଯୀଶୁଙ୍କର ବଳିଦାନ ଈଶ୍ୱରଙ୍କ ନିକଟକୁ ଯିବାର ସେହି ଦ୍ୱାର ଉନ୍ମୁକ୍ତ କରିଥିଲା, ଯାହା ପାପ ବନ୍ଦ କରିଦେଇଥିଲା ।

ଯୀଶୁଙ୍କ ସମୟର ମନ୍ଦିର ଉପାସନା ମଧ୍ୟରେ ଗୋଟିଏ ପୃଥକ୍ ସ୍ଥାନ, ଅତି ପବିତ୍ର ସ୍ଥାନ ରହିଥିଲା । କେବଳ ମହାଯାଜକ ଲୋକମାନଙ୍କ ପକ୍ଷରୁ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ସେଠାରେ ପ୍ରବେଶ କରିପାରୁଥିଲେ (ଏବ୍ରୀ ୯:୬-୯) । ଏହା ବିଚ୍ଛେଦ ବସ୍ତ୍ର ଭାବରେ ପରିଚିତ ଏକ ବିଶାଳ, ମୋଟା ପର୍ଦ୍ଦା ଦ୍ୱାରା ଆବୃତ ହୋଇରହିଥିଲା ।

ଏହିପରି ଭାବରେ, ପାପୀକୁ ଏକ ଗୃହୀତ ପୁତ୍ର କରାଯାଇଛି ଓ ସ୍ୱର୍ଗୀୟ ପିତା ଭାବରେ ଈଶ୍ୱରଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କ ରଖିବା ପାଇଁ ଈଶ୍ୱର ମୂଳରୁ ଯେଉଁ ଉଦ୍ଦେଶ୍ୟ ରଖିଥିଲେ, ସେଥିମଧ୍ୟରେ ତାକୁ ପୁନଃସ୍ଥାପନ କରାଯାଇଛି । ତାହା ହିଁ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଈଶ୍ୱରଙ୍କର ସ୍ପଷ୍ଟ ନିରୂପିତ ଯୋଜନା ଅଟେ -

ବାଇବଲ ଏହା ପ୍ରକାଶ କରେ ଯେ, ଯେତେବେଳେ ଯୀଶୁ ମୃତ୍ୟୁବରଣ କଲେ, ସେତେବେଳେ ଅତି ପବିତ୍ରସ୍ଥାନକୁ ଆଚ୍ଛାଦିତ କରିଥିବା ମନ୍ଦିରର ବିଚ୍ଛେଦବସ୍ତ୍ର ଅଲୌକିକ ଭାବରେ ଚିରି ଦୁଇଖଣ୍ଡ ହୋଇଥିଲା (ମାର୍କ ୧୫:୩୮) । ଏହି ଭାରୀ, ବୁଣାଯାଇଥିବା ପର୍ଦ୍ଦା 'ଉପରୁ ତଳ ପର୍ଯ୍ୟନ୍ତ' ଚିରିଯିବା ଆମକୁ ଏହି ସୂଚନା ଦିଏ ଯେ ଖ୍ରୀଷ୍ଟଙ୍କ ମୃତ୍ୟୁ ମାଧ୍ୟମରେ ଈଶ୍ୱର ଓ ସମସ୍ତ ମନୁଷ୍ୟ ଜାତି ମଧ୍ୟରେ ପୁଣିଥରେ ଏକ ପ୍ରବେଶ ଦ୍ୱାର ଈଶ୍ୱରଙ୍କ ଦ୍ୱାରା ଉନ୍ମୁକ୍ତ ହୋଇଥିଲା !

ପୁନର୍ମିଳନ

''କାରଣ ଆମ୍ଭେମାନେ ଶତ୍ରୁ ଥିବା ସମୟରେ ଯଦି ଈଶ୍ୱରଙ୍କ ସହିତ ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ମିଳିତ ହେଲୁ, ତାହାହେଲେ ଏହା ଅଧିକ ସୁନିଶ୍ଚିତ ଯେ,

ଆମ୍ଭେମାନେ ମିଳିତ ହୋଇ ତାହାଙ୍କ ଜୀବନ ଦ୍ୱାରା ପରିତ୍ରାଣ ପାଇବା'' (ରୋମୀୟ ୫:୧୦) । *''ମିଳନ'' ଶବ୍ଦର ଅର୍ଥ ହେଉଛି – ପରିବର୍ତ୍ତିତ ହେବା, ପୁନଃସ୍ଥାପନ କରିବା କିମ୍ବା ଏକ ସଂପର୍କର ପୁନଃପ୍ରତିଷ୍ଠା କରିବା ।* ପୁନଶ୍ଚ ଆମେ ଏହା ଦେଖୁ ଯେ ଖ୍ରୀଷ୍ଟଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଈଶ୍ୱରଙ୍କ ସହିତ ଆମ ମିଳନର ସମ୍ଭାବନା ସ୍ଥାପନ କରିଥିଲା ।

ଏହି ପୁନର୍ମିଳନ ସେହି ବ୍ୟକ୍ତି ପ୍ରତି ଉପଲବ୍ଧ ଅଟେ ଯିଏ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ (ଏଫିସୀ ୨:୮–୧୩, ରୋମୀ. ୧୦:୧୩) । ଈଶ୍ୱରଙ୍କ ସହିତ ଏକ ଘନିଷ୍ଠ ସଂପର୍କ ଯେକୌଣସି ଖ୍ରୀଷ୍ଟ ବିଶ୍ୱାସୀ ପାଇଁ ସମ୍ଭବ ଅଟେ । ମାତ୍ର ଏହି ପୁନର୍ମିଳନ ଗୋଟିଏ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ମଧ୍ୟ ଯୋଗାଇ ଥାଏ ।

ଖ. ଦୂତ ହେବା ପାଇଁ ନିରୂପିତ

ଈଶ୍ୱରଙ୍କ ଗୃହୀତ ପୁତ୍ର ଭାବରେ, ଆମେ ପୁତ୍ରତ୍ୱର ପରିପକ୍ୱ ସ୍ଥିତି ମଧ୍ୟରେ ପିତା ଈଶ୍ୱରଙ୍କ ସର୍ବୋଚ୍ଚ କର୍ତ୍ତୃତ୍ୱ ଦ୍ୱାରା ସ୍ଥାପିତ ହୋଇଅଛୁ । ଆମେ *''ଈଶ୍ୱରଙ୍କର ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ–ଉତ୍ତରାଧିକାରୀ ଅଟୁ''* (ରୋମୀ. ୮:୧୭) ।

ଅଧିକାରର ଏହି ବଡ଼ ସ୍ଥିତି ନିଜ ସହିତ ପ୍ରଚୁର ଦାୟିତ୍ୱ ମଧ୍ୟ ଆଣିଥାଏ । ପୃଥିବୀରେ ଥିବା ସମୟରେ ପ୍ରତ୍ୟେକ ବିଶ୍ୱାସୀ ପାଇଁ ଗୋଟିଏ ମୁଖ୍ୟ ଦାୟିତ୍ୱ ହେଉଛି ସୁସମାଚାର ପ୍ରକାଶ କରିବା – ଅର୍ଥାତ୍, ଖ୍ରୀଷ୍ଟଙ୍କଠାରେ କେବଳ ବିଶ୍ୱାସ ମାଧ୍ୟମରେ ମିଳୁଥିବା ଅନନ୍ତ ପରିତ୍ରାଣ ଓ ପୁନଃସ୍ଥାପିତ ସଂପର୍କ ବିଷୟରେ ଜଣାଇବା ।

ଈଶ୍ୱର ଖ୍ରୀଷ୍ଟଙ୍କ ମାଧ୍ୟମରେ ସମସ୍ତଙ୍କ ନିମନ୍ତେ ଯାହା କରିଛନ୍ତି, ତାହା ସେମାନଙ୍କୁ ଜଣାଇବା ପାଇଁ ପ୍ରତ୍ୟେକ ବିଶ୍ୱାସୀ ଆଦେଶ ଓ ଅଧିକାର ପାଇଛି । ଏହା ବୟସ, ଲିଙ୍ଗ, ଆହ୍ୱାନ କିମ୍ବା ଆତ୍ମିକ ପରିପକ୍ୱତା ମଧ୍ୟରେ କୌଣସି ପାର୍ଥକ୍ୟ ଦେଖେ ନାହିଁ – ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବା ପ୍ରତ୍ୟେକ ଖ୍ରୀଷ୍ଟିୟାନର ଦାୟିତ୍ୱ ଅଟେ ।

ଈଶ୍ୱର ଖ୍ରୀଷ୍ଟଙ୍କ ମାଧ୍ୟମରେ ସମସ୍ତଙ୍କ ନିମନ୍ତେ ଯାହା କରିଛନ୍ତି, ତାହା ସେମାନଙ୍କୁ ଜଣାଇବା ପାଇଁ ପ୍ରତ୍ୟେକ ବିଶ୍ୱାସୀ ଆଦେଶ ଓ ଅଧିକାର ପାଇଛି । ଏହା ବୟସ, ଲିଙ୍ଗ, ଆହ୍ୱାନ କିମ୍ବା ଆତ୍ମିକ ପରିପକ୍ୱତା ମଧ୍ୟରେ କୌଣସି ପାର୍ଥକ୍ୟ ଦେଖେ ନାହିଁ - ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବା ପ୍ରତ୍ୟେକ ଖ୍ରୀଷ୍ଟିଆନର ଦାୟିତ୍ୱ ଅଟେ ।

ପ୍ରେରିତ ପାଉଲ କରିନ୍ଥର ମଣ୍ଡଳୀ ନିକଟରେ ଓ ଆଜି ଆମ ନିମନ୍ତେ ଏହାକୁ ଏହିପରି ଭାବରେ ବୁଝାଇଛନ୍ତି : *''କିନ୍ତୁ ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ହୋଇଅଛି । ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ଆମ୍ଭମାନଙ୍କୁ ସମ୍ମିଳିତ କରିଅଛନ୍ତି ଓ ସେହି ସମ୍ମିଳନର ସେବକପଦ ଆମ୍ଭମାନଙ୍କୁ ଦେଇଅଛନ୍ତି । ସେହି ସମ୍ମିଳନର ବାକ୍ୟ ଏହି,*

ଈଶ୍ୱର ଖ୍ରୀଷ୍ଟଙ୍କଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ । ସେ ଜଗତବାସୀଙ୍କର ଅପରାଧ ଗଣନା ନ କରି ସେହି ସମ୍ମିଳନର ବାକ୍ୟ ଆମ୍ଭମାନଙ୍କ ନିକଟରେ ସମର୍ପଣ କରିଅଛନ୍ତି'' (୨କରିନ୍ଥୀୟ ୫:୧୮–୨୦) ।

ଆମ ମଧ୍ୟରୁ ପ୍ରତ୍ୟେକ ଜଣଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଦୂତ ହେବାକୁ ପଡ଼ିବ । ଆମର ପୁତ୍ରତ୍ୱ ପାଇଁ ବସି ରହି ଆମର ନିଜସ୍ୱ ପରିତ୍ରାଣରେ ଓ ଏକ ପୁତ୍ର ଭାବରେ ଆମର ସ୍ଥିତିରେ ଆନନ୍ଦ କରିବା ଅପେକ୍ଷା ଆହୁରି ଅଧିକ ବିଷୟ ଆବଶ୍ୟକ ହୁଏ । ଆମର ସ୍ୱର୍ଗୀୟ ପିତାଙ୍କଠାରୁ ଆମର ଏକ କାର୍ଯ୍ୟ ରହିଛି । ସେହି କାର୍ଯ୍ୟ ହେଉଛି – ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବା ପାଇଁ ଅନ୍ୟମାନଙ୍କୁ ନିବେଦନ କରିବା ଓ ତାହା କିପରି କରାଯାଏ – ଅର୍ଥାତ୍, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣ ଦ୍ୱାରା ତାହା କେବଳ ସମ୍ଭବ ବୋଲି ଅନ୍ୟମାନଙ୍କୁ କହିବା ।

ଏହି କାର୍ଯ୍ୟ ହେଉଛି – ତାଙ୍କର ସମସ୍ତ ଅନୁଗାମୀଙ୍କ ପ୍ରତି ଯୀଶୁଙ୍କର ଶେଷ ଆଦେଶ : *''ପୁଣି ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିକ୍ଷା କର । ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି''* (ମାଥିଉ ୨୮:୧୮–୨୦, ମାର୍କ ୧୬:୧୫ ମଧ୍ୟ ଦେଖନ୍ତୁ) ।

ପ୍ରେରିତ ପାଉଲ ଏହି ଶ୍ରେଷ୍ଠ ଉଦ୍ଦେଶ୍ୟ ପ୍ରତି ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ (୧କରିନ୍ଥୀୟ ୯:୧୯–୨୭, କଲସୀ ୧:୨୪–୨୯), ସେହିପରି ଯୁଗ ଯୁଗ ଧରି ଅନ୍ୟ ଅସଂଖ୍ୟ ବିଶ୍ୱାସୀମାନେ ମଧ୍ୟ କରିଛନ୍ତି । ଆଉ ଆଜି ଆମକୁ ତା'ଠାରୁ କିଛି କମ୍ କରିବାକୁ ହେବ ନାହିଁ !

ଆମ ପିତାଙ୍କର ଇଚ୍ଛା

ଈଶ୍ୱରଙ୍କର ଗୃହୀତ ପୁତ୍ର ଭାବରେ ଆମର ସର୍ବଶ୍ରେଷ୍ଠ ଅଧିକାର ଓ ଆନନ୍ଦ ହେଉଛି – ଈଶ୍ୱରଙ୍କର ସେହି ପ୍ରେମ ପ୍ରକାଶ କରିବା, ଯାହା ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଅନ୍ୟମାନଙ୍କ ପ୍ରତି ଉପଲବ୍ଧି ଅଟେ । ଆମ ବାର୍ତ୍ତା ମଧ୍ୟରେ ରହିଛି *''ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ, ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି''* (୨ପିତର ୩:୯) । *''କାରଣ ଯେକେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ''* (ଯୋହନ ୩:୧୬) ।

ଈଶ୍ୱର ନିଜର ପ୍ରଥମ ସୃଷ୍ଟ ପୁତ୍ର, ଆଦମଙ୍କୁ କହିଥିଲେ, *''ପ୍ରଜାବନ୍ତ ଓ ବହୁବଂଶ ହୁଅ''* ଓ ଈଶ୍ୱର ତାଙ୍କର ଯତ୍ନ ମଧ୍ୟରେ ଯାହା କିଛି ରଖିଥିଲେ, ତାହାର ତତ୍ତ୍ୱାବଧାୟକ ହେବା ପାଇଁ ମଧ୍ୟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଆଦି ୧:୨୬-୨୮, ୨:୮,୧୫) । ଆମ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ସମାନ ପ୍ରକାରର ଅଟେ, ମାତ୍ର ବର୍ତ୍ତମାନ ଏହା ଆହୁରି ଏକ କାର୍ଯ୍ୟ ଯୋଗ କରିଛି : *''ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହିମାନ୍ୱିତ ହେବେ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ... ତୁମ୍ଭେମାନେ ମୋତେ ମନୋନୀତ କରିନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳ ସ୍ଥାୟୀ ହୁଏ, ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି । ସେଥିରେ ତୁମ୍ଭେମାନେ ମୋ' ନାମରେ ପିତାଙ୍କୁ ଯାହା କିଛି ମାଗିବ, ସେ ତାହା ତୁମ୍ଭମାନଙ୍କୁ ଦେବେ''* (ଯୋହନ ୧୫:୮,୧୬) ।

ଆମକୁ ଯେଉଁ ଫଳ ଧାରଣ କରିବାକୁ ହୁଏ ଓ ଯାହା ସ୍ୱଭାବରେ ଚିରନ୍ତନ ଅଟେ - ତାହା ହେଉଛି *''ଲୋକମାନଙ୍କର ଫଳ ।'' ''ଯେଉଁମାନଙ୍କୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣ ନିକଟକୁ ଅଣାଯାଇଛି ।''* ଆମକୁ ସେହି ପୁତ୍ରମାନଙ୍କୁ ବହୁଗୁଣିତ କରିବାକୁ ହେବ, ଯେଉଁମାନଙ୍କୁ ପରିତ୍ରାଣ ମାଧ୍ୟମରେ ଈଶ୍ୱରଙ୍କ ନିକଟକୁ ପୁନର୍ବାର ଅଣାଯାଇଅଛି । ଆମେ ଆମ ନିଜସ୍ୱ ଶକ୍ତି ଦ୍ୱାରା କାହାରିକୁ ରକ୍ଷା କରିପାରିବା ନାହିଁ । ମାତ୍ର ଆମକୁ ପରିତ୍ରାଣର ବାର୍ତ୍ତା ଦିଆଯାଇଛି, ଆଉ ଈଶ୍ୱର ସାହସର ସହିତ ଏହାକୁ କହିବା ପାଇଁ ଆମକୁ ଆତ୍ମାଙ୍କ ଶକ୍ତି ପ୍ରଦାନ କରିଛନ୍ତି ! ସେ ଏହା ପରେ ପରେ ଚିହ୍ନ ଓ ଅଦ୍ଭୁତକର୍ମ ଦ୍ୱାରା ସୁସମାଚାରକୁ ସୁଦୃଢ଼ କରିବେ (ମାର୍କ ୧୬:୧୭,୧୮, ୧ଥେସଲ. ୧:୫) ।

ଆମେ ମଧ୍ୟ ସେହି ଗୃହୀତ ପୁତ୍ରଗଣ ଅଟୁ, ଯେଉଁମାନଙ୍କୁ ସୁସମାଚାରର ପ୍ରଚାରକ ହେବା ପାଇଁ ଆହ୍ୱାନ କରାଯାଇଛି (ରୋମୀ. ୧୦:୧୪,୧୫) । ପ୍ରତ୍ୟେକ ପୁନର୍ଜନ୍ମ ପ୍ରାପ୍ତ ବ୍ୟକ୍ତି ବିଶ୍ୱସ୍ତ ଭାବରେ ଶୁଣୁଥିବା ଯେକୌଣସି ବ୍ୟକ୍ତିକୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣର ସୁସମ୍ବାଦ ଜଣାନ୍ତୁ ବୋଲି ଆମର ପିତା ଇଚ୍ଛା କରନ୍ତି ।

ଆମକୁ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାକୁ ହେବ ଓ ସେହିସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତ ରହିବାକୁ ହେବ । ଯେଉଁଗୁଡ଼ିକୁ ଅବିଶ୍ୱାସୀମାନେ ପଚାରିପାରନ୍ତି (୨ତିମଥି ୪:୧-୫, ୧ପିତ. ୩:୧୪-୧୭) । ଈଶ୍ୱର ଲୋକମାନଙ୍କୁ କେତେ ପରିମାଣରେ ପ୍ରେମ କରନ୍ତି, ତାହା ଅତି ବାସ୍ତବଭାବେ ପ୍ରଦର୍ଶନ କରି ଖ୍ରୀଷ୍ଟଙ୍କ ନାମରେ ଅଭାବଗ୍ରସ୍ତମାନଙ୍କୁ ପ୍ରେମ କରିବାକୁ ଓ ସେମାନଙ୍କର ସେବା କରିବାକୁ ହେବ । ଏଗୁଡ଼ିକ ସୁସମାଚାର, ଈଶ୍ୱରଙ୍କ ପ୍ରେମ ସମ୍ବନ୍ଧୀୟ ସୁସମ୍ବାଦ ଓ ଖ୍ରୀଷ୍ଟଙ୍କଠାରେ ପରିତ୍ରାଣ ଜଣାଇବାର ମାର୍ଗ ସବୁ ଅଟେ ।

ଈଶ୍ୱରଙ୍କର ଗୃହୀତ ପୁତ୍ର ଭାବରେ, ଆମକୁ ଆମ ସ୍ୱର୍ଗୀୟ ପିତାଙ୍କର ଇଚ୍ଛା ପରିପୂରଣ ପାଇଁ ଅଧିକାର ଓ ଦାୟିତ୍ୱ ଦିଆଯାଇଛି । ଏହା ଆମ ପାଇଁ ଆମର ପୁତ୍ରତ୍ୱ ଅର୍ଜନ କରେ ନାହିଁ, ଏହାକୁ ଗ୍ରହଣ କରିବା ପାଇଁ ଆମର ଯୋଗ୍ୟତାକୁ ପ୍ରମାଣ କରେ ନାହିଁ, କିମ୍ବା ଈଶ୍ୱର ଯେତିକି ପ୍ରେମ କରିସାରିଛନ୍ତି, ତା'ଠାରୁ ଅଧିକ ପ୍ରେମ କରିବାକୁ ଈଶ୍ୱରଙ୍କୁ ପ୍ରରୋଚିତ କରେ ନାହିଁ (ଲୂକ ୧୭:୧୦, ରୋମୀ. ୫:୧-୧୦, ୧ଯୋହନ ୩:୧-୩) ।

ପୁତ୍ରତ୍ୱର ଅଧିକାର କିମ୍ବା ସ୍ଥିତି ଲାଭ କରିବା ପାଇଁ ଆମେ ଆମ ପିତାଙ୍କର ସେବା କରୁନାହୁଁ । ତାହା ଖ୍ରୀଷ୍ଟଙ୍କଠାରେ ଆମର ହୋଇସାରିଛି । ମାତ୍ର ତାଙ୍କର ପୁତ୍ର ଭାବରେ ଗୃହୀତ ହୋଇସାରିଥିବାରୁ ଆମେ ସେବା କରୁ । **''ଆମେ ସେବା କରୁଥିବାରୁ ପୁତ୍ର ନୋହୁଁ । ମାତ୍ର ଆମେ ପୁତ୍ର ହୋଇଥିବାରୁ ସେବା କରୁ ।''**

ଉପସଂହାର

ସର୍ବଶକ୍ତିମାନ ଈଶ୍ୱର, ଆମର ସୃଷ୍ଟିକର୍ତ୍ତା ଓ ସ୍ୱର୍ଗୀୟ ପିତା ସଂପୂର୍ଣ୍ଣ ଭାବରେ ତାଙ୍କର ପୁତ୍ର ହେବା ପାଇଁ ଆପଣଙ୍କୁ ମନୋନୀତ କରିଛନ୍ତି । ଯଦି ଥରେ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଆପଣ ପରିତ୍ରାଣ ପାଇଛନ୍ତି । ସେଥିପାଇଁ, ବର୍ତ୍ତମାନ ଓ ଭବିଷ୍ୟତ୍‌ରେ ଆସିବାକୁ ଥିବା ଈଶ୍ୱରଙ୍କ ରାଜ୍ୟର ସମସ୍ତ ଅଧିକାର, ବ୍ୟବସ୍ଥା, ପ୍ରତିଜ୍ଞା ଓ ଶକ୍ତିର ଆପଣମାନେ ତାଙ୍କ ଉତ୍ତରାଧିକାରୀ ମଧ୍ୟ ଅଟନ୍ତି । ଈଶ୍ୱରଙ୍କ ଗୌରବ ହେଉ !

ବର୍ତ୍ତମାନ ଗୋଟିଏ ମୁହୂର୍ତ୍ତ ସମୟ ନିଅନ୍ତୁ, ପ୍ରଭୁଙ୍କ ଉଦ୍ଦେଶ୍ୟରେ ଆପଣଙ୍କର ମସ୍ତକ ଓ ଆପଣଙ୍କ ହସ୍ତ ଉତ୍ତୋଳନ କରନ୍ତୁ । ଆପଣ ତାଙ୍କର ପୁତ୍ର ଅଟନ୍ତି ବୋଲି ଉଚ୍ଚ ସ୍ୱରରେ ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ସେହି ସତ୍ୟ ପ୍ରାକୃତିକ ସ୍ତରରେ ଓ ଅଲୌକିକ ସ୍ତରରେ – ଆଉ ସେହି ସମସ୍ତ ବିଷୟ ପ୍ରତି ଘୋଷଣା କରନ୍ତୁ, ଯେଉଁଗୁଡ଼ିକ ଏହି ସତ୍ୟ ଆପଣଙ୍କ ଜୀବନରେ ସଫଳ ହେବାର ବିରୋଧ କରନ୍ତି ।

ଆପଣ ଜଣେ ଅବାଞ୍ଛିତ ସନ୍ତାନ ନୁହଁନ୍ତି । ଯଦି ଆପଣ ଖ୍ରୀଷ୍ଟଙ୍କ ପରିତ୍ରାଣ ପାଇଛନ୍ତି, ତେବେ ଆପଣ ଈଶ୍ୱରଙ୍କ ଏକ ପ୍ରିୟ ସନ୍ତାନ ହେବା ପାଇଁ ଅଯୋଗ୍ୟ ନୁହଁନ୍ତି । ଖ୍ରୀଷ୍ଟଙ୍କର ରକ୍ତ ଆପଣଙ୍କୁ ପାପରୁ ଶୁଚି କରି ତାହା ପାଇବା ପାଇଁ ଆପଣଙ୍କୁ ଯୋଗ୍ୟ କରିଅଛି । ଏହା ଆପଣଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ବିଚ୍ଛେଦର ପ୍ରାଚୀର ଭଗ୍ନ କରିଅଛି ଓ ଆପଣ ଆପଣଙ୍କର ସ୍ୱର୍ଗୀୟ ପିତାଙ୍କ ସହିତ ଘନିଷ୍ଠ ସହଭାଗିତା ରଖିପାରନ୍ତି ।

ଗୋଟିଏ ପୁତ୍ର ଭାବରେ ତାଙ୍କ ସମ୍ମୁଖରେ ଆପଣଙ୍କ ସ୍ଥିତି ଓ ସ୍ଥାନ ବିଷୟରେ ଈଶ୍ୱରଙ୍କ ମନ ଓ ହୃଦୟରେ କିଛି ପ୍ରଶ୍ନ ନାହିଁ । ସେଥିପାଇଁ ଆପଣଙ୍କ ମନରେ ମଧ୍ୟ କୌଣସି ପ୍ରଶ୍ନ କିମ୍ବା ସନ୍ଦେହ ନ ରହୁ । ଈଶ୍ୱର ଚିରସ୍ଥାୟୀ ପ୍ରେମରେ ଆପଣଙ୍କୁ ପ୍ରେମ କରନ୍ତି । ସେ ଅତୀତର ଅନନ୍ତକାଳରେ ଆପଣଙ୍କ ଉପରେ ତାଙ୍କର ପ୍ରେମ ଓ ଦୟା ସ୍ଥାପନ କରିଛନ୍ତି ଓ ଥରେ ଆପଣ ପରିତ୍ରାଣପ୍ରାପ୍ତ ହେଲେ, ଏହି ଜଗତର କିମ୍ବା ଆତ୍ମିକ ସ୍ତରର କୌଣସି ବିଷୟ ତାହା ପରିବର୍ତ୍ତନ କରିପାରିବ ନାହିଁ ।

''କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟତ୍ କି ପରାକ୍ରମ, ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ

ପ୍ରଭୁ ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ'' (ରୋମୀ. ୮:୩୮,୩୯) ।

ସାହସର ସହିତ ଅଗ୍ରସର ହୁଅନ୍ତୁ

ସଂପୂର୍ଣ୍ଣ ଭାବରେ ପ୍ରେମପ୍ରାପ୍ତ ଓ ଶକ୍ତିପ୍ରାପ୍ତ ପୁତ୍ର ଭାବରେ (ଆମେ ତାହା ହିଁ ଅଟୁ) ଜୀବନ କାଟିବା ଆରମ୍ଭ କରିବା ପାଇଁ ମନୋନୀତ କରିବା ଆମ ପ୍ରତ୍ୟେକଙ୍କ ଉପରେ ନିର୍ଭର କରେ । ପ୍ରତ୍ୟେକ ଖ୍ରୀଷ୍ଟବିଶ୍ୱାସୀ ଈଶ୍ୱରଙ୍କର ଅବିଚଳିତ ଓ ଅପରିବର୍ତ୍ତନୀୟ ଇଚ୍ଛା ଦ୍ୱାରା ପରିପକ୍ୱ ପୁତ୍ର ଓ ଉତ୍ତରାଧିକାରୀର ସ୍ଥିତିରେ ସ୍ଥାପିତ ହୋଇଛି (ଯୋହନ ୧:୧୨,୧୩) ।

ସେଥିପାଇଁ, ଆସନ୍ତୁ, ଆମେ ପ୍ରତ୍ୟେକେ ଈଶ୍ୱରଙ୍କ ସହିତ ଆମର ସ୍ଥିତି ସୁରକ୍ଷିତ ଅଛି ବୋଲି ଜାଣି ପ୍ରତିଦିନ ସାହସର ସହିତ ବଞ୍ଚିବାକୁ ଆରମ୍ଭ କରିବା । ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରନ୍ତୁ ଓ ସେହି ସମସ୍ତ ଶିକ୍ଷା କରନ୍ତୁ ଯାହା ଈଶ୍ୱର ଏହି ଜୀବନରେ ଓ ଆସନ୍ତା ଜୀବନରେ ଏକ ଉତ୍ତରାଧିକାର ଭାବରେ ଆପଣଙ୍କୁ ଦେଇଛନ୍ତି । ପ୍ରତିଦିନ ପ୍ରାର୍ଥନା କରନ୍ତୁ ଓ ଆପଣଙ୍କ ସ୍ୱର୍ଗୀୟ ପିତାଙ୍କ ସହିତ ସହଭାଗିତା ରଖନ୍ତୁ । ତାଙ୍କୁ ଅଧିକରୁ ଅଧିକ ଜାଣନ୍ତୁ ଓ ଆପଣଙ୍କ ଚରିତ୍ର ଓ ଆଚରଣରେ ଆପଣଙ୍କୁ ଅଧିକରୁ ଅଧିକ ଯୀଶୁଙ୍କ ସଦୃଶ କରିବା ପାଇଁ ତାଙ୍କ ଆତ୍ମାଙ୍କୁ ଅନୁମତି ଦିଅନ୍ତୁ ।

ଆପଣ ଯେପରି ପିତାଙ୍କ ଇଚ୍ଛା ଅନୁସାରେ ଈଶ୍ୱରଙ୍କ ମଣ୍ଡଳୀର ନେତୃତ୍ୱ ନେଇପାରିବେ, ଏଥିପାଇଁ ଆପଣଙ୍କ ପିତା ଯାହା କରୁଛନ୍ତି ତାହା କରିବା ପାଇଁ (ଯୋହନ ୫:୧୯) ଓ ପିତା ଯାହା କହୁଛନ୍ତି, ତାହା କହିବା ପାଇଁ (ଯୋହନ ୭:୧୭,୧୮) ଆପଣ ଆବଶ୍ୟକ କରୁଥିବା ଯୋଗାଣ ଓ ଶକ୍ତି ପାଇଁ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତୁ ।

ଖ୍ରୀଷ୍ଟଙ୍କଠାରେ ଆପଣ କିଏ ଓ ଆପଣଙ୍କ ଜୀବନ ପ୍ରତି ତାଙ୍କର ଆହ୍ୱାନ କ'ଣ – ଏସମ୍ବନ୍ଧରେ ସମସ୍ତ ଭୟ, ସନ୍ଦେହ ଓ ଅନିଶ୍ଚିତତା ଅଗ୍ରାହ୍ୟ କରନ୍ତୁ । ଆପଣ ହଳ କରିବାକୁ ହାତ ଦେଇ ପଛକୁ ଆଦୌ ଚାହୁଁ ନ ଥିବା ସମୟରେ ଆପଣଙ୍କ ନିମନ୍ତେ ଥିବା ପବିତ୍ର ଆତ୍ମାଙ୍କ ଚାଳନା ଓ ତାଙ୍କର ଇଚ୍ଛାକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରନ୍ତୁ । ''ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ହେବା ପାଇଁ'' – ଆପଣ ଈଶ୍ୱରଙ୍କ ଦ୍ୱାରା ନିରୂପିତ ଓ ଆପଣ ଆବଶ୍ୟକ କରୁଥିବା ସମସ୍ତ ବିଷୟ ପ୍ରଦତ୍ତ ହୋଇଅଛନ୍ତି (ରୋମୀୟ ୮:୩୭) ।

ଆପଣ ଈଶ୍ୱରଙ୍କ ଗୃହୀତ ପୁତ୍ର ଅଟନ୍ତି । ଏହି ଆଶୀଷପ୍ରାପ୍ତ ସ୍ଥିତି ସହିତ ଆସୁଥିବା ସମସ୍ତ ଅଧିକାର ଓ ସମସ୍ତ ଦାୟିତ୍ୱ ଆପଣଙ୍କ ନିକଟରେ ରହିଛି । ସେଥିପାଇଁ ଆନନ୍ଦ କରନ୍ତୁ ଓ ସାହସ, ବିଶ୍ୱାସ ଓ ଆଶାର ସହିତ ଅଗ୍ରସର ହୁଅନ୍ତୁ – କାରଣ ଆପଣଙ୍କ ପିତା ଈଶ୍ୱର ଆପଣଙ୍କ ନିମନ୍ତେ ଓ ଆପଣଙ୍କ ସହିତ ରହିଛନ୍ତି ! ଆମେନ୍ !

ସ୍ୱର୍ଗୀୟ ନାଗରିକତା
(Heavenly Citizenship)
ଏକ ବାଇବଲ–ଭିତ୍ତିକ ଜାଗତିକ ଦୃଷ୍ଟିକୋଣର ବିକାଶ

ଡଃ ଭିକ୍ ଟୋରସ୍‌ଙ୍କ ଶିକ୍ଷାର ଛାୟାରେ

ଉପକ୍ରମ

ପ୍ରତ୍ୟେକ ବିଶ୍ୱାସୀ ପାଇଁ **ନାଗରିକତା** ସମ୍ବନ୍ଧରେ ବାଇବଲଭିତ୍ତିକ ନିୟମର ବହୁ ଗୁରୁତ୍ୱ ରହିଛି । ପବିତ୍ର ଆତ୍ମାଙ୍କ ପ୍ରେରଣାରେ ପ୍ରେରିତ ପାଉଲ ଲେଖିଥିଲେ, *"ଆମ୍ଭେମାନେ ତ ସ୍ୱର୍ଗର ପ୍ରଜା, ସେ ସ୍ଥାନରୁ ମଧ୍ୟ ଆମ୍ଭେମାନେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ ଅଛୁ"* (ଫିଲିପ୍ପୀୟ ୩:୨୦) । ଏହି ବାଇବଲ ପଦଟି ଏହା ପ୍ରକାଶ କରେ ଯେ, ଯୀଶୁ ଖ୍ରୀଷ୍ଟଙ୍କଠାରେ ସମସ୍ତ ବିଶ୍ୱାସୀ ଏହି ଜଗତର ଆଉ ନାଗରିକ ନୁହଁନ୍ତି, ମାତ୍ର ଏକ ଅଧିକ ଶ୍ରେଷ୍ଠତର ଅନନ୍ତ ରାଜ୍ୟର ନାଗରିକ ଅଟନ୍ତି ।

ଈଶ୍ୱରଙ୍କ ପରିବାର ମଧ୍ୟରେ ଆତ୍ମିକ ପୁତ୍ରତ୍ୱ ପ୍ରାପ୍ତି ସଦୃଶ ସ୍ୱର୍ଗୀୟ ନାଗରିକତା ମଧ୍ୟ ପ୍ରତ୍ୟେକ ବିଶ୍ୱାସୀ ପାଇଁ ଅତିଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କ ରାଜ୍ୟର ଏକ ନାଗରିକ ହେବା ଆମ ଜୀବନର ପ୍ରତ୍ୟେକ କ୍ଷେତ୍ର, ଯଥା - ଆମେ କିଏ ଓ ଆମେ କିପରି ଚିନ୍ତା କରୁ ଓ କାର୍ଯ୍ୟ କରୁ, ଇତ୍ୟାଦି ସମ୍ବନ୍ଧରେ ଆମର ବୋଧଶକ୍ତିକୁ ପ୍ରଭାବିତ କରିବା ଉଚିତ । ଆମ ଚତୁଃପାର୍ଶ୍ୱସ୍ଥ ଜଗତ ସମ୍ବନ୍ଧରେ ଆମର ଦୃଷ୍ଟିକୋଣ କିପରି ଓ ଆମେ ଆମର ଦୈନିକ ଜୀବନ କିପରି କାଟୁ, ତାହାକୁ ମଧ୍ୟ ଏହା ପ୍ରଭାବିତ କରିବା ଉଚିତ ।

ଯେଉଁ ମୁହୂର୍ତ୍ତରେ ଆମେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ପୁନର୍ଜନ୍ମ ପ୍ରାପ୍ତ ହେଉ, ସେହି ମୁହୂର୍ତ୍ତରେ ଆମେ ଈଶ୍ୱରଙ୍କର ସନ୍ତାନସନ୍ତତି ଭାବରେ ଆତ୍ମିକ ପୁତ୍ରତ୍ୱ ପ୍ରାପ୍ତ ହେଉ (ରୋମୀୟ ୮:୧୫,୧୬) । ଆମର ନାଗରିକତା ଈଶ୍ୱରଙ୍କ ସେହି ରାଜ୍ୟକୁ ସ୍ଥାନାନ୍ତରିତ ହୁଏ, ଯାହା ଏହି ଜଗତ ସମ୍ବନ୍ଧୀୟ ନୁହେଁ (କଲସୀ ୧:୧୨,୧୩) ।

ଈଶ୍ୱରଙ୍କ ପରିବାର ମଧ୍ୟରେ ଆତ୍ମିକ ପୁତ୍ରତ୍ୱ ପ୍ରାପ୍ତି ସଦୃଶ **ସ୍ୱର୍ଗୀୟ ନାଗରିକତା** ମଧ୍ୟ ପ୍ରତ୍ୟେକ ବିଶ୍ୱାସୀ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କ ରାଜ୍ୟର ଏକ ନାଗରିକ ହେବା ଆମ ଜୀବନର ପ୍ରତ୍ୟେକ କ୍ଷେତ୍ର, ଯଥା– ଆମେ କିଏ ଓ ଆମେ କିପରି ଚିନ୍ତା କରୁ ଓ କାର୍ଯ୍ୟ କରୁ, ଇତ୍ୟାଦି ସମ୍ବନ୍ଧରେ ଆମର ବୋଧଶକ୍ତିକୁ ପ୍ରଭାବିତ କରିବା । ଆମ ଚତୁଃପାର୍ଶ୍ୱସ୍ଥ ଜଗତ ସମ୍ବନ୍ଧରେ ଆମର ଦୃଷ୍ଟିକୋଣ କିପରି ଓ ଆମେ ଆମର ଦୈନିକ ଜୀବନ କିପରି କାଟୁ – ତାହାକୁ ମଧ୍ୟ ଏହା ପ୍ରଭାବିତ କରିବା ଉଚିତ ।

ଆମ ଚତୁଃପାର୍ଶ୍ୱସ୍ଥ ଜଗତ ସମ୍ବନ୍ଧରେ ଆମର ଦୃଷ୍ଟିକୋଣ କିପରି – ତାହାର ଆମେ ପ୍ରତିଦିନ ଗ୍ରହଣ କରୁଥିବା ମନୋନୟନ ପ୍ରତି ବହୁ ଅବଦାନ ରହିବ । ଏହା ହିଁ ଏକ **ଜାଗତିକ ଦୃଷ୍ଟିକୋଣ** ଭାବରେ ପରିଚିତ । ପ୍ରତ୍ୟେକ ସ୍ଥାନରେ ସମସ୍ତ ଲୋକଙ୍କର ଏକ କିମ୍ବା ଅନ୍ୟ ପ୍ରକାରର ଜାଗତିକ ଦୃଷ୍ଟିକୋଣ ରହିଛି, ଯାହା ବିଭିନ୍ନ ପ୍ରକାରର ବିଷୟ ଦ୍ୱାରା ଗଠିତ ହୁଏ ।

ଖ୍ରୀଷ୍ଟିୟାନ ଭାବରେ, ଈଶ୍ୱରଙ୍କ ରାଜ୍ୟରେ ଆମ ନାଗରିକତା ସମ୍ବନ୍ଧରେ ଏକ ସଠିକ୍ ବୋଧଜ୍ଞାନ ଆମ ଜାଗତିକ ଦୃଷ୍ଟିକୋଣର ମୁଖ୍ୟ ଗଠନକାରୀ ପ୍ରଭାବ ହେବା ଉଚିତ । ଜଣେ ନେତା ଭାବରେ ଆପଣ ଏପରି ଜୀବନ କାଟିବା ଗୁରୁତ୍ୱପୂର୍ଣ୍ଣ ଅଟେ, ଯେପରି ଆପଣ ଈଶ୍ୱରଙ୍କ ରାଜ୍ୟର ପ୍ରଜା ବୋଲି ସମସ୍ତେ ଦେଖିପାରିବେ । ଆପଣ ଯେଉଁମାନଙ୍କର ପାଳକ ଅଟନ୍ତି, ସେମାନଙ୍କ ପ୍ରତି ଆପଣ ଏହି ଜୀବନମାର୍ଗକୁ ଉଭୟ ନିଜ ଜୀବନରେ ଦେଖାଇବା ଓ ଶିକ୍ଷା ଦେବା ମଧ୍ୟ ଆହୁରି ଗୁରୁତ୍ୱପୂର୍ଣ୍ଣ ଅଟେ ।

ଅଧ୍ୟାୟ – ୧

ଈଶ୍ୱରଙ୍କ ଦୃଷ୍ଟିକୋଣ

ସ୍ୱର୍ଗୀୟ ନାଗରିକତ୍ୱ ସମ୍ବନ୍ଧରେ ଆପଣଙ୍କର ବୋଧଜ୍ଞାନ ଆପଣଙ୍କର ସମଗ୍ର ଦୃଷ୍ଟିକୋଣକୁ ପ୍ରଭାବିତ କରିବ : ଆପଣ ଜୀବନ ସମ୍ପର୍କୀୟ ବିଷୟଗୁଡ଼ିକୁ, ସଂପର୍କ ଓ ଆପଣଙ୍କ ସେବାକାର୍ଯ୍ୟକୁ କିପରି ଦେଖନ୍ତି । ଆପଣ ଜୀବନକୁ ଯେପରି ଦେଖନ୍ତି, ତାହା ଆପଣଙ୍କ କାର୍ଯ୍ୟକୁ ନିର୍ଣ୍ଣୟ କରିବ । ଆପଣଙ୍କ କାର୍ଯ୍ୟ ଆପଣଙ୍କ ଫଳାଫଳକୁ ନିର୍ଣ୍ଣୟ କରିବ । ଆପଣଙ୍କ ଫଳାଫଳ ଆପଣଙ୍କ ଜୀବନ ଓ ସେବାକାର୍ଯ୍ୟର ସଫଳତାକୁ ନିର୍ଣ୍ଣୟ କରିବ । ଆପଣ ଦେଖନ୍ତୁ, ଏହି ସମସ୍ତ ଆପଣଙ୍କ ଦୃଷ୍ଟିକୋଣରୁ ଆରମ୍ଭ ହୁଏ । ସେଥିପାଇଁ *ସଠିକ୍* ଦୃଷ୍ଟିକୋଣ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ଦୃଷ୍ଟିକୋଣ ରଖିବା ଓ ତାଙ୍କ ପ୍ରତି ଆଜ୍ଞାବହ ହୋଇ ଆଚରଣ କରିବା, ଜୀବନ ଓ ସେବାକାର୍ଯ୍ୟର ଫଳପୂର୍ଣ୍ଣତାର ଦୁଇଟି ପ୍ରାଥମିକ ବିଷୟ ଅଟେ ।

ସ୍ୱର୍ଗୀୟ ନାଗରିକତାକୁ ଓ ଏହା କିପରି ଆମର ଜାଗତିକ ଦୃଷ୍ଟିକୋଣକୁ ଅଧିକ ଉତ୍ତମ ଭାବେ ବୁଝିବା ପାଇଁ, ଆସନ୍ତୁ ଆମେ ଶାଉଲ/ପାଉଲଙ୍କ ଜୀବନ ପ୍ରତି ଦୃଷ୍ଟିପାତ କରିବା (ବର୍ତ୍ତମାନ ବନ୍ଦ କରି ପ୍ରେରିତ ୮,୯,୨୨ ଓ ୨୬ ଅଧ୍ୟାୟ । ଗାଲାତୀୟ ୧,୨ ଅଧ୍ୟାୟ ପାଠ କରନ୍ତୁ) । ପାଉଲଙ୍କ ଜାଗତିକ ଦୃଷ୍ଟିକୋଣର ଏକ ସଂପୂର୍ଣ୍ଣ ପରିବର୍ତ୍ତନ କିପରି ପାଉଲଙ୍କ ଜୀବନ ଓ କାର୍ଯ୍ୟର ଏକ ସଂପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା, ତାହା ବାଇବଲ ପ୍ରକାଶ କରେ ।

ଶାଉଲ/ପାଉଲଙ୍କ ନାଟକୀୟ ଜାଗତିକ ଦୃଷ୍ଟିକୋଣର ପରିବର୍ତ୍ତନ

ଶାଉଲ ଗୋଟିଏ ଅତି ଧାର୍ମିକ ଯିହୁଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ନିଜ ପିତା ଓ ପରିବାର ଦ୍ୱାରା ଯିହୁଦୀ ପ୍ରଥା ଓ ପରମ୍ପରାରେ ଅତି ଉତ୍ତମ ଭାବରେ ଶିକ୍ଷିତ ହୋଇଥିଲେ । ଶାଉଲ ହିବ୍ରୁ ବିଦ୍ୟାଳୟ ପଢ଼ିଥିଲେ ଓ ସଂପୂର୍ଣ୍ଣ ଭାବରେ ନିଜ ଯିହୁଦୀ ସଂସ୍କୃତିରେ ବୁଡ଼ିଯାଇଥିଲେ ।

ଯେତେବେଳେ ଶାଉଲ ଯଥେଷ୍ଟ ବୟସ୍କ ହୋଇଗଲେ, ସେତେବେଳେ ସେ ଫାରୁଶୀ ଭାବରେ ପରିଚିତ ଯିରୁଶାଲମରେ ଗୋଟିଏ ଯିହୁଦୀ ସଂପ୍ରଦାୟରେ ଯୋଗ ଦେଇଥିଲେ । ସେ ସମସ୍ତ ବିଦ୍ୟାରେ ଉତ୍କୃଷ୍ଟତା ହାସଲ କରିଥିଲେ ଓ ଯିହୁଦୀମାନଙ୍କର ପ୍ରଥା ଓ ପରଂପରା ପାଇଁ ଅତି ଉଦ୍‌ଯୋଗୀ ଥିଲେ । ଏହାଫଳରେ, ଯିହୁଦୀ ନେତାମାନେ ଶାଉଲଙ୍କଠାରେ ନେତା ହେବାର ଏତେ ପ୍ରତିଭା ଦେଖିଲେ ଯେ, ତାଙ୍କୁ ସେ ସମୟର ଜଣେ ଶ୍ରେଷ୍ଠ ରାବ୍‌ବୀ, ଗମଲିୟେଲଙ୍କ ଦ୍ୱାରା ତାଲିମ୍ ଦିଆଗଲା ।

ଶାଉଲ ନିଜର ଯିହୁଦୀ ପରିବେଶ ଦ୍ୱାରା ସଂପୂର୍ଣ୍ଣ ଭାବରେ ଅନୁପ୍ରାଣିତ ହୋଇଥିଲେ । ଏତେ ଅଧିକ ଭାବରେ ଅନୁପ୍ରାଣିତ ହୋଇଥିଲେ ଯେ, ସେ ଅନ୍ୟ କୌଣସି ପ୍ରକାରର ଚିନ୍ତାଧାରା ପ୍ରତି ଅନ୍ଧ ହୋଇଯାଇଥିଲେ ।

ବିନାଶର ମାର୍ଗ

ଯିହୁଦୀ ଭାବବାଦୀମାନେ ପୂର୍ବରୁ ଏହା ଜଣାଇଥିଲେ ଯେ, ଦିନେ ଜଣେ ମସିହ ଯିହୁଦୀ ଲୋକମାନଙ୍କୁ ସେମାନଙ୍କ ଦୁଃଖରୁ ଉଦ୍ଧାର କରିବା ପାଇଁ ଆସିଥିଲେ । ଶାଉଲଙ୍କ ସମୟରେ କେତେକ ଲୋକ କହୁଥିଲେ ଯେ, ଯୀଶୁଖ୍ରୀଷ୍ଟ ନାମକ ଜଣେ ବ୍ୟକ୍ତି ସେହି ମସିହ କିମ୍ବା ତ୍ରାଣକର୍ତ୍ତା ଅଟନ୍ତି । ଏହି ଯୀଶୁ ପ୍ରେମ, କ୍ଷମା ଓ ସମସ୍ତ ଲୋକ, ଯଥା – ଉଭୟ ଯିହୁଦୀ ଓ ଅଣଯିହୁଦୀଙ୍କୁ ଗ୍ରହଣ କରିବା ଭିତ୍ତିରେ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ ଶିକ୍ଷା ଦେଉଥିଲେ । ଯିହୁଦୀମାନଙ୍କ ମଧ୍ୟରୁ ଅନେକେ ଯୀଶୁଙ୍କୁ ଓ ତାଙ୍କର ଶିକ୍ଷାକୁ ଗ୍ରହଣ କରି ସିନାଗଗ୍‌ର ପରଂପରା ପରିତ୍ୟାଗ କରିଥିଲେ ଓ ଖ୍ରୀଷ୍ଟ ଧର୍ମରେ ବାପ୍ତିଜିତ ହୋଇଥିଲେ ।

ଶାଉଲ ଯାହା ବିଶ୍ୱାସ କରୁଥିଲେ ଓ ଯାହା ଉପରେ ଗୁରୁତ୍ୱ ଦେଉଥିଲେ, ତାହା ପ୍ରତି ଯୀଶୁ ଓ ତାଙ୍କର ଏହି ଅନୁଗାମୀମାନେ ବିପଦ ସୃଷ୍ଟି କରୁଛନ୍ତି ବୋଲି ଶୁଣି ସେ କ୍ରୋଧାନ୍ୱିତ ହେଲେ ଓ ସେମାନଙ୍କୁ ଆଘାତ କରି ବିନାଶ କରିବାକୁ ଚେଷ୍ଟା କଲେ । ଶାଉଲ ସେମାନଙ୍କୁ ତାଡ଼ନା କଲେ ଓ ଶେଷରେ ଖ୍ରୀଷ୍ଟିୟାନମାନଙ୍କୁ ବନ୍ଦୀ କରି କାରାଗାରରେ ରଖିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାରେ ଦମ୍ପେଶକ ସହରକୁ ଯାତ୍ରା କଲେ ।

ନିଜଠାରୁ ରକ୍ଷାପ୍ରାପ୍ତି

ଦମ୍ପେଶକ ପଥରେ ଶାଉଲଙ୍କ ଯାତ୍ରା ତାଙ୍କ ଜୀବନର ଏକ ସନ୍ଧିକ୍ଷଣ ହେବାକୁ ଉଦ୍ଦିଷ୍ଟ ଥିଲା । ଯାତ୍ରା କରୁଥିବା ସମୟରେ ଶାଉଲ ଓ ତାଙ୍କର ସାଥୀମାନେ ଆକାଶରୁ

ଆସୁଥିବା ଏକ ଆଲୋକର ସମ୍ମୁଖୀନ ହେଲେ । ଏହା ଏତେ ଉଜ୍ଜ୍ୱଳ ଓ ଶକ୍ତିଶାଳୀ ଥିଲା ଯେ, ସେମାନେ ଭୂମିରେ ପଡ଼ିଗଲେ । କେବଳ ଶାଉଲ ଶୁଣିପାରୁଥିବା ଏକ ସ୍ୱର ଆଲୋକ ମଧ୍ୟରୁ କଥା କହିଲେ, ''ଶାଉଲ, ଶାଉଲ, ତୁମ୍ଭେ କାହିଁକି ମୋତେ ତାଡ଼ନା କରୁଅଛ ?'' ଶାଉଲ ଉତ୍ତର ଦେଲେ, ''ହେ ପ୍ରଭୋ, ଆପଣ କିଏ ?'' ସ୍ୱରଟି ପୁନର୍ବାର କହିଲା, ''ମୁଁ ନାଜରୀତର ସେହି ଯୀଶୁ, ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ ।''

ଠିକ୍ ସେହି ମୁହୂର୍ତ୍ତରେ, ଶାଉଲ ଏକ ବ୍ୟକ୍ତିଗତ ପ୍ରକାଶ ପାଇଲେ ଓ ଯାହା ଘଟୁଅଛି, ତାହା ବାସ୍ତବ ବୋଲି ନିଃସନ୍ଦେହରେ ଜାଣିଲେ । ହଠାତ୍, ସେ ଯାହା ଜାଣିଥିଲେ ଓ ନିଜର ସମଗ୍ର ଜୀବନ ବିଶ୍ୱାସ କରିଥିଲେ, ସେଥିମଧ୍ୟରୁ ଅଧିକାଂଶ ବର୍ତ୍ତମାନ ସନ୍ଦେହରେ ଥିଲା । ଯାହାଙ୍କୁ ତାଡ଼ନା କରିବାକୁ ଶାଉଲ ଆସିଥିଲେ, ସେ ସେହି ବ୍ୟକ୍ତି, ଯିଏ ତାଙ୍କୁ ତାଙ୍କ ନିଜଠାରୁ ରକ୍ଷା କରିବେ । ଶାଉଲ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଏକ ବ୍ୟକ୍ତିଗତ ପ୍ରକାଶ ପାଇଥିଲେ ଓ ଏହା ଫଳରେ ଏହି ତ୍ରାଣକର୍ତ୍ତା, ଈଶ୍ୱରଙ୍କ ପୁତ୍ରଙ୍କର ଅନୁଗାମୀ ହେବା ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିଲେ ।

ଅନ୍ଧ କରିଦେଉଥିବା ଜାଗତିକ ଦୃଷ୍ଟିକୋଣ

ଶାଉଲଙ୍କ ସଦୃଶ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଗୋଟିଏ ପ୍ରକାର ''ବ୍ୟକ୍ତିଗତ ପ୍ରକାଶ'' ରହିଅଛି । ସେମାନଙ୍କ ନିକଟରେ ସେମାନଙ୍କ ପ୍ରତି ପ୍ରକାଶିତ ଯୀଶୁଖ୍ରୀଷ୍ଟଙ୍କର ସତ୍ୟତା ରୂପକ ଆଲୋକ ରହିଥାଏ (୨ କରିନ୍ଥୀୟ ୪:୩-୬), ଯଦିଓ ତାହା ଶାଉଲଙ୍କ ଅସାଧାରଣ ଅନୁଭୂତି ସଦୃଶ ଏତେ ନାଟକୀୟ ହୋଇ ନ ପାରେ !

ପରିତ୍ରାଣ ସମୟରେ, ଆମର ''ଆତ୍ମିକ ଅନ୍ଧତ୍ୱ ପ୍ରଦାନକାରୀଗୁଡ଼ିକ'' ଦୂରୀଭୂତ ହୁଏ ଓ ଯୀଶୁଖ୍ରୀଷ୍ଟ ଧର୍ମଶାସ୍ତ୍ରରେ ନିଜର ସତ୍ୟତା ଯେପରି ପ୍ରକାଶ କରିଛନ୍ତି, ତାହାକୁ ଆମେ ଠିକ୍ ସେହିପରି ଅଧିକ ଉତ୍ତମଭାବେ ଦେଖିପାରୁ (ଏଫିସୀୟ ୧:୧୭-୨୩) । ଆମେ ଏହା ମଧ୍ୟ ଦେଖିପାରୁ ଯେ, ଆମର ପରିବର୍ତ୍ତନ ପୂର୍ବରୁ *ଆମେ ଯାହା ଯଥାର୍ଥ ବୋଲି ଭାବୁଥିଲୁ,* ତାହା ହିଁ କରୁଥିଲୁ । ମାତ୍ର ଆମ ପ୍ରତି ଥରେ ସତ୍ୟ ପ୍ରକାଶିତ ହେବା ପରେ ଆମେ ଯାହା ଯଥାର୍ଥ ବୋଲି ଚିନ୍ତା କରୁଥିଲୁ, ସେଥିମଧ୍ୟରୁ ଅଧିକାଂଶ ପ୍ରକୃତରେ ଭୁଲ୍ ବୋଲି ଉପଲବ୍ଧି କରୁ !

ପ୍ରକୃତ ସତ୍ୟ ଓ ଯାହାକୁ ଦିନେ ଆମେ ସତ୍ୟ ଭାବରେ ଦେଖିଥିଲୁ, ତା'ମଧ୍ୟରେ ଏକ ବଡ଼ ପରିମାଣର ପାର୍ଥକ୍ୟ ଥାଇପାରେ - ବିଶେଷ ଭାବରେ, ସେତେବେଳେ ଏହି ପାର୍ଥକ୍ୟ ଦେଖା ଦେଇପାରେ, ଯେତେବେଳେ ଆମେ ଯାହାକୁ ସତ୍ୟ ବୋଲି ଭାବିଥିଲୁ, ତାହାର ଭିତ୍ତି ଜଗତ ଓ ଏହାର ଅନ୍ଧ ଦର୍ଶନତତ୍ତ୍ୱ ଥିଲା । ଆମର ଜାଗତିକ ଦୃଷ୍ଟିକୋଣ ଖ୍ରୀଷ୍ଟଙ୍କ ପୂର୍ବରୁ ଗୋଟିଏ ଉପାୟରେ ଗଠିତ ହୋଇଥିଲା । ମାତ୍ର ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣ ପାଇବା ପରେ ଏହା ପୁନଃଗଠିତ ହେବା ଆବଶ୍ୟକ ।

ଯେଉଁ ପରିବେଶରେ ଶାଉଲ ବୃଦ୍ଧି ପାଇଥିଲେ ସେହି ପରିବେଶ - ଯଥା, ତାଙ୍କର ବନ୍ଧୁଗଣ, ଶିକ୍ଷକଗଣ, ସଂସ୍କୃତି, ଧର୍ମ ଓ ଏପରିକି ପରିବାର ମଧ୍ୟ ତାଙ୍କୁ ଏପରି ଏକ *ମନୋସ୍ଥିତି* କିମ୍ବା *ଜାଗତିକ ଦୃଷ୍ଟିକୋଣ* ପ୍ରଦାନ କରିଥିଲା, ଯାହା ତାଙ୍କୁ ବାସ୍ତବ ସତ୍ୟ ଦେଖିବାରେ ବାଧା ଦେଇଥିଲା । ତାଙ୍କର ବୋଧଜ୍ଞାନର ଚକ୍ଷୁକୁ ଉନ୍ମୁକ୍ତ କରିବାକୁ ଆରମ୍ଭ କରିବା ପାଇଁ ଈଶ୍ୱରଙ୍କୁ ବ୍ୟକ୍ତିଗତ ପ୍ରକାଶ ଦେବାକୁ ପଡ଼ିଥିଲା ।

ଶାଉଲଙ୍କର ପ୍ରାରମ୍ଭିକ ପରିବର୍ତ୍ତନର (ଏହାପରେ ତାଙ୍କ ନାମ ପାଉଲରେ ପରିବର୍ତ୍ତିତ ହୋଇଥିଲା) ବହୁବର୍ଷ ପରେ, ଶେଷରେ ସେ ନିଜ ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ସମ୍ଭବତଃ, ସେହି ବର୍ଷଗୁଡ଼ିକରେ ପାଉଲ ନିଜର ବିଶ୍ୱାସମତଗୁଡ଼ିକୁ ବାଛିବା ପାଇଁ ସମୟ ନେଇଥିଲେ । ଜଣେ ବାଧ୍ୟ ଖ୍ରୀଷ୍ଟ ଅନୁଗାମୀ ହେବା ପାଇଁ ପାଉଲଙ୍କୁ ନିଜ ଜୀବନର ମିଥ୍ୟା ବିଶ୍ୱାସ ଓ କାର୍ଯ୍ୟଗୁଡ଼ିକୁ ପରିତ୍ୟାଗ କରିବାକୁ ପଡ଼ିଥିଲା ।

ସତ୍ୟ ସହିତ ମିଳିତ ହେବା

ଏହି ଶିକ୍ଷା ଅଧ୍ୟୟନ କରୁଥିବା ସମୟରେ ଆପଣ ଯେପରି ଈଶ୍ୱରଙ୍କ ବାକ୍ୟର ସତ୍ୟ ଚିହ୍ନିବେ, ଏହା ମୋର ପ୍ରାର୍ଥନା ଅଟେ । ଏହାପରେ, ସତ୍ୟର ଆଲୋକରେ ଆପଣଙ୍କ ଜୀବନକୁ ପରୀକ୍ଷା କରିବା ପାଇଁ ସମୟ ନିଅନ୍ତୁ । ଯଦି ବାଇବଲରେ ଯାହା ଶିକ୍ଷା ଦିଆଯାଇଛି, ତାହା ସହିତ ଆପଣଙ୍କ ବିଶ୍ୱାସ ଓ ପ୍ରଥା ଅସମ୍ମତ ହୁଏ, ତେବେ ଆପଣଙ୍କୁ ସେହିସବୁ ବିଷୟ ପରିତ୍ୟାଗ କରି ସେଗୁଡ଼ିକ ସ୍ଥାନରେ ଈଶ୍ୱରଙ୍କ ବାକ୍ୟରେ ମିଳୁଥିବା ସତ୍ୟ ରଖିବାକୁ ହେବ ।

ଆମ ମଧ୍ୟରୁ ଅଧିକାଂଶ, ଖ୍ରୀଷ୍ଟଙ୍କ ଆଗମନ ପୂର୍ବରୁ ମିଥ୍ୟା ଚିନ୍ତାଧାରା, ବିଶ୍ୱାସ, ଦର୍ଶନ କିମ୍ବା ପ୍ରଥାର ବିକାଶ କରିଥିଲେ । ସେମାନଙ୍କ ମୂଳ ହୁଏତ ଆବେଗିକ,

ପାରବାରିକ, ସାଂସ୍କୃତିକ, ପାରଂପାରିକ କିମ୍ବା ଧାର୍ମିକ ସଂଗଠନ ରହିଥିଲା । ମାତ୍ର ବର୍ତ୍ତମାନ, ଖ୍ରୀଷ୍ଟିୟାନ ଭାବରେ, ଆପଣଙ୍କର ବିଶ୍ୱାସ କିମ୍ବା କାର୍ଯ୍ୟ ଯୀଶୁଖ୍ରୀଷ୍ଟଙ୍କ ସତ୍ୟ ଓ ଈଶ୍ୱରଙ୍କ ବାକ୍ୟର ଅଖଣ୍ଡତା ସହିତ ସମାନ୍ତରରେ ରହିବା ଆବଶ୍ୟକ ।

ଖ୍ରୀଷ୍ଟଙ୍କର ଜଣେ ଅନୁଗାମୀ ଭାବରେ, ସର୍ବଦା ଅଧିକରୁ ଅଧିକ ତାଙ୍କ ଭଳି ହେବା ଏକ ପ୍ରାଥମିକ ବିଷୟ ହେବା ଉଚିତ (ମାଥିଉ ୧୦:୨୪-୨୫, ୧ ପିତର ୨:୨୧, ୧ ଯୋହନ ୨:୬) । ସେଥିପାଇଁ ଆପଣଙ୍କ ଜୀବନରେ ଯେକୌଣସି ବିଶ୍ୱାସ କିମ୍ବା କାର୍ଯ୍ୟ, ଯାହା ପବିତ୍ର ନୁହେଁ, ଯାହା ଈଶ୍ୱରଙ୍କ ବାକ୍ୟର ଅନୁରୂପୀ ନୁହେଁ, ଯାହା ଖ୍ରୀଷ୍ଟଙ୍କ ସାଦୃଶ୍ୟରୁ ଆପଣଙ୍କୁ ଊଣା କରିଦିଏ, ତାହାକୁ ପରିତ୍ୟାଗ କରିବା ଉଚିତ (ଏଫିସୀୟ ୪:୧, ୧ ଯୋହନ ୩:୨,୩) ।

ଈଶ୍ୱର ତାଙ୍କ ସେବାକାର୍ଯ୍ୟ ପାଇଁ ଆପଣଙ୍କୁ ଆହ୍ୱାନ କରିଛନ୍ତି, କାରଣ ଖ୍ରୀଷ୍ଟଙ୍କ ବଧୂ, ତାଙ୍କ ମଣ୍ଡଳୀରେ, ଆପଣ ଜଣେ ନେତା ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି (ଯୋହନ ୧୫:୧୬, ୨ ତୀମଥି ୧:୮-୧୨) । ଆପଣ ପ୍ରତିଦିନ ସାଦୃଶ୍ୟରେ ଅଧିକରୁ ଅଧିକ ରୂପାନ୍ତରିତ ହୁଅନ୍ତୁ ଓ ତାଙ୍କ ଉଦ୍ଦେଶ୍ୟ ନିମନ୍ତେ ସୁଗଠିତ ହୁଅନ୍ତୁ ବୋଲି ମଧ୍ୟ ସେ ଇଚ୍ଛା କରନ୍ତି । ପାଉଲଙ୍କ କ୍ଷେତ୍ରରେ ଯେପରି ଘଟିଥିଲା, ସେହିପରି ଫଳପ୍ରଦ ହେବା ପାଇଁ ଆପଣଙ୍କୁ ସାମର୍ଥ୍ୟ ପ୍ରଦାନ କରିବାକୁ ଈଶ୍ୱର ଆପଣଙ୍କର ସମସ୍ତ ଆବଶ୍ୟକୀୟ ବିଷୟ ଯୋଗାଇଛନ୍ତି । ତାଙ୍କ ପ୍ରତି ଓ ଆପଣ ଯେଉଁ ସେବାକାର୍ଯ୍ୟ ପାଇଁ ଆହ୍ୱାନ ପାଇଛନ୍ତି, ତାହା ପ୍ରତି ବିଶ୍ୱସ୍ତ ହେବା ପାଇଁ ଆପଣଙ୍କର ଇଚ୍ଛାକୁ ସେ ଦେଖିଛନ୍ତି । *''ଆମ୍ଭମାନଙ୍କର ଯେଉଁ ପ୍ରଭୁ ଖ୍ରୀଷ୍ଟ ଯୀଶୁ ମୋତେ ସକ୍ଷମ କରିଅଛନ୍ତି, ତାହାଙ୍କୁ ମୁଁ ଧନ୍ୟବାଦ ଦେଉଅଛି ଯେ, ମୋତେ ବିଶ୍ୱସ୍ତ ଜ୍ଞାନ କରି ସେବକ ପଦରେ ନିଯୁକ୍ତ କରିଅଛନ୍ତି''* (୧ ତିମ. ୧:୧୨) ।

ଅଧ୍ୟାୟ – ୨

ଆମର ନାଗରିକତ୍ୱ ସ୍ୱର୍ଗରେ ରହିଛି

ଆସନ୍ତୁ, ଆମେ ପୁଣି ଥରେ ପବିତ୍ର ଆତ୍ମାଙ୍କ ପ୍ରେରଣାରେ ପାଉଲ କରିଥିବା ଘୋଷଣାକୁ ପାଠ କରିବା : *''ଆମ୍ଭେମାନେ ତ ସ୍ୱର୍ଗର ପ୍ରଜା, ସେ ସ୍ଥାନରୁ ମଧ୍ୟ ଆମ୍ଭେମାନେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ ରହିବା''* (ଫିଲିପ୍ପୀୟ ୩:୨୦) ।

ପ୍ରେରିତ ପାଉଲଙ୍କ ଦ୍ୱାରା ଉକ୍ତ କିପରି ଏକ ପ୍ରଭାବଶାଳୀ ବାକ୍ୟ । ପାଉଲ ଏହି ଘୋଷଣା କରିଥିଲେ ଯେ, ପୃଥିବୀ ଓ ଏହା ଧାରଣ କରିଥିବା ସମସ୍ତ ବିଷୟ ତାଙ୍କର ଗୃହ ନ ଥିଲା । ତାଙ୍କର ନାଗରିକତା ସ୍ୱର୍ଗରେ ଥିଲା ! ସେହି ଘୋଷଣା କରିବା ଦ୍ୱାରା ପାଉଲ ଏହା କହୁଥିଲେ ଯେ, ଜଗତ ଓ ଜୀବନ ସମ୍ବନ୍ଧରେ ତାଙ୍କର ଦୃଷ୍ଟିକୋଣ ଗୋଟିଏ **ସ୍ୱର୍ଗୀୟ** କିମ୍ବା **ରାଜ୍ୟ ସମ୍ବନ୍ଧୀୟ ଦୃଷ୍ଟିକୋଣରୁ** ଆସିଥିଲା ।

ଯେତେବେଳେ ଆମେ ପୁନର୍ଜନ୍ମପ୍ରାପ୍ତ ହେଉ, ସେତେବେଳେ ଆମର ଆତ୍ମିକ ନାଗରିକତା ପରିବର୍ତ୍ତିତ ହୁଏ । ଠିକ୍ ଯେପରି ଆମର ଆତ୍ମିକ ଜନ୍ମ ସ୍ୱର୍ଗରୁ ହୋଇଥାଏ । ସେହିପରି ଆମର ନୂତନ ପ୍ରତିଷ୍ଠିତ ନାଗରିକତା ମଧ୍ୟ ସ୍ୱର୍ଗରୁ ହୋଇଥାଏ । ଆମେ ଗୋଟିଏ ସ୍ୱର୍ଗୀୟ ନାଗରିକ ଭାବରେ ଏକ ସ୍ୱର୍ଗରାଜ୍ୟର ଦୃଷ୍ଟିକୋଣ ସହିତ ଜୀବନକୁ ଯେ ସଠିକ୍ ଭାବରେ ଦେଖୁଅଛୁ – ଏ ବିଷୟରେ ସୁନିଶ୍ଚିତ ହେବା ପାଇଁ ଯାହା ଆମେ ବିଶ୍ୱାସ କରୁ ଓ ତାହାକୁ କାହିଁକି ବିଶ୍ୱାସ କରୁ, ତାହା ପରୀକ୍ଷା କରିବା ଉଚିତ ।

ଆସନ୍ତୁ, ଆମେ ଆମର ସ୍ୱର୍ଗୀୟ ନାଗରିକତା ସମ୍ବନ୍ଧୀୟ ଏହି ଧାରଣା ପ୍ରତି ଅଧିକ ନିକଟରୁ ଦୃଷ୍ଟିପାତ କରିବା ।

ନାଗରିକତା

ପାଉଲ ଜଣେ ରୋମୀୟ ନାଗରିକ ଥିଲେ ଓ ଏହା ବୁଝିଥିଲେ ଯେ, ରୋମର ଜଣେ ଅଧିବାସୀ କିମ୍ବା ଗୃହୀତ ନାଗରିକ ହେବା ମଧ୍ୟରେ ଏପରି **ଅଧିକାର, ସୁବିଧା** ଓ **କର୍ତ୍ତବ୍ୟ** ଅନ୍ତର୍ଭୁକ୍ତ ଥିଲା, ଯାହା ବିଦେଶୀମାନଙ୍କ ନିକଟରେ ନ ଥିଲା (ପ୍ରେରିତ ୧୬:୩୭, ୨୧:୩୯, ୨୨:୧୮, ୨୩:୨୭ ଦେଖନ୍ତୁ) ।

ମାତ୍ର ପାଉଲ ଗୋଟିଏ **ଆତ୍ମିକ** ନାଗରିକତା ବିଷୟରେ ଫିଲିପ୍ପୀୟ ମଣ୍ଡଳୀକୁ ଲେଖିଥିଲେ (ଫିଲି. ୩:୨୦) । ଫିଲିପ୍ପୀ ନଗର ଯେପରି ରୋମ୍‌ର ଗୋଟିଏ ଉପନିବେଶ ଥିଲା, ସେହିପରି ଫିଲିପ୍ପୀସ୍ଥିତ ମଣ୍ଡଳୀ ଥିଲା – ଏହା ସେମାନେ ବୁଝନ୍ତୁ ବୋଲି ସେ ଚାହୁଁଥିଲେ ।

ଯେତେବେଳେ ଆମେ ଯୀଶୁଖ୍ରୀଷ୍ଟଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ଦ୍ୱାରା ପୁନର୍ଜନ୍ମପ୍ରାପ୍ତ ହେଉ, ସେତେବେଳେ ଆମର ନାଗରିକତା ପୃଥିବୀରୁ ସ୍ୱର୍ଗକୁ ପରିବର୍ତ୍ତିତ ହୁଏ । ଆମେ ଆଉ କେବଳ ଏସୀୟ, ଭାରତୀୟ, ଆଫ୍ରିକୀୟ, ଇଉରୋପୀୟ, ସ୍ପେନୀୟ କିମ୍ବା ଆମେରିକୀୟ ହୋଇ ନ ଥାଉ । ଆମେ ପ୍ରଥମେ ଓ ସର୍ବାଗ୍ରେ *ଖ୍ରୀଷ୍ଟିୟାନ* ଅଟୁ । ପ୍ରଥମେ ସ୍ୱର୍ଗର ନାଗରିକ ଭାବରେ ଆମର ବଶ୍ୟତା ଓ ଆନୁଗତ୍ୟ ଉର୍ଦ୍ଧ୍ୱସ୍ଥ ଅଟେ । ଏହି ନୂତନ ପ୍ରତିଷ୍ଠିତ ନାଗରିକତା ପ୍ରତ୍ୟେକ ଅନ୍ୟ ପାର୍ଥିବ ସଂଘ ଉପରେ ପ୍ରାଧାନ୍ୟ ଗ୍ରହଣ କରିବା ଉଚିତ ।

ବାଇବଲ ଏହା ପ୍ରକାଶ କରେ ଯେ, ପରିତ୍ରାଣ ସମୟରେ :

- ଆମର ଚକ୍ଷୁ ଉନ୍ମୁକ୍ତ ହୋଇଥିଲା (୨ କରିନ୍ଥୀୟ ୪:୩-୬),
- ଆମେ ଅନ୍ଧକାରରୁ ଆଲୋକକୁ ଯାଇଥିଲୁ (୨ କରିନ୍ଥୀୟ ୪:୬, ୧ ପିତର ୨:୯),
- ଆମେ ଶୟତାନର ଶକ୍ତି ନିକଟରୁ ଈଶ୍ୱରଙ୍କ ଶକ୍ତି ନିକଟକୁ ଉଦ୍ଧାରପ୍ରାପ୍ତ ହୋଇଥିଲୁ (କଲସୀ ୧:୧୩),
- ଆମେ ପାପ କ୍ଷମା ପାଇଥିଲୁ (ଏଫିସୀ ୧:୭) ଓ
- ସେହିମାନଙ୍କ ମଧ୍ୟରେ ଏକ ଅଧିକାରପ୍ରାପ୍ତ ହୋଇଥିଲୁ, ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଶୁଚିକୃତ ହୋଇଛନ୍ତି (ପ୍ରେରିତ ୨୬:୧୮) ।

ସେହି ଆତ୍ମିକ ଉତ୍ତରାଧିକାରର ଅଂଶ ଭାବରେ ଆମେ ପୃଥିବୀର ନାଗରିକରୁ ସ୍ୱର୍ଗର ନାଗରିକ ହୋଇଥିଲୁ । ଈଶ୍ୱରଙ୍କ ଅନନ୍ତ ରାଜ୍ୟର ସଦସ୍ୟ ଭାବରେ, ଆମେ ଯେଉଁଠାକୁ ଯାଉ, ସେଠାରେ ସ୍ୱର୍ଗୀୟ ରାଜାଙ୍କର ପ୍ରତିନିଧିତ୍ୱ କରିବାକୁ ହୁଏ :

"ଅତଏବ, ଈଶ୍ୱର ଆମ୍ଭମାନଙ୍କ ଦ୍ୱାରା ଆହ୍ୱାନ କରୁଥିବାରୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପକ୍ଷରେ ରାଜଦୂତର କର୍ମ କରୁଅଛୁ" (୨ କରିନ୍ଥୀ ୫:୨୦) ।

ହଁ, ଆମେ ସ୍ୱର୍ଗର ପ୍ରଜା ଅଟୁ – ଆଉ ଏହାଠାରୁ ଅଧିକ, **ଆମର ରାଜା ଯୀଶୁଖ୍ରୀଷ୍ଟଙ୍କର ରାଜଦୂତ ଅଟୁ !** ତାଙ୍କର ରାଜଦୂତ ଭାବରେ ଆମକୁ ସେହି 'କ୍ଷମତା ଓ ଅଧିକାର ମଧ୍ୟ ପ୍ରଦାନ କରାଯାଇଛି, ଯାହା ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁଙ୍କଠାରୁ ନିର୍ଗତ ହୁଏ (ମାଥି. ୧୬:୧୯, ୨୮:୧୮, ତିତସ ୨:୧୫) । ଏହି କ୍ଷମତା ଓ ଅଧିକାର, ଆମର ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ଆମକୁ ପ୍ରଦତ୍ତ ହୋଇଅଛି ।

ସମସ୍ୟା

ମାତ୍ର ଆମର ନୂତନ ପ୍ରତିଷ୍ଠିତ ନାଗରିକତାରେ ଏକ ସମସ୍ୟା ରହିପାରେ । ବାଇବଲ କହିଛି, *"ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟ ସବୁ ହୋଇଅଛି"* (୨କରିନ୍ଥୀୟ ୫:୧୭) ।

ଆମେ, ଯେଉଁମାନେ ବର୍ତ୍ତମାନ ଏକ ସ୍ୱର୍ଗୀୟ ରାଜ୍ୟର ନାଗରିକ, ସେମାନେ ନୂତନ ସୃଷ୍ଟି ଅଟନ୍ତି । ମାତ୍ର ସମସ୍ୟା ହେଉଛି, **ଆମେ ଏପର୍ଯ୍ୟନ୍ତ ଆମର ନୂତନ ନାଗରିକତାର ଅଧିକାର, ସୁବିଧା ଓ କର୍ତ୍ତବ୍ୟକୁ ଜାଣିନାହୁଁ କିମ୍ବା ସଂପୂର୍ଣ୍ଣ ଭାବରେ ବୁଝି ନାହୁଁ !**

ସେଥିପାଇଁ, ଆମେ ଆମର ପୁନର୍ଜନ୍ମପ୍ରାପ୍ତ ଅଧିକାରୁ ବୁଝି ନ ଥିବାରୁ ଆମେ ଯେଉଁ ଦେଶରେ ବୃଦ୍ଧି ପାଇଛୁ, ସେହି ଦେଶର ପୂର୍ବତନ ଅଭ୍ୟାସ, ପ୍ରଥା ଓ ସଂସ୍କୃତି ଅନୁସାରେ ଜୀବନ କାଟି ଚାଲିଛୁ । ଏହି ପୂର୍ବତନ କାର୍ଯ୍ୟଗୁଡ଼ିକ, ପ୍ରାୟତଃ, ଆମର ନୂତନ ରାଜା, ଯୀଶୁଖ୍ରୀଷ୍ଟ ଓ ତାଙ୍କର ବାକ୍ୟର ସତ୍ୟ ଓ ଉଚ୍ଚ ଆଦର୍ଶସମୂହ ପ୍ରତି ପ୍ରତ୍ୟକ୍ଷ ଅବାଧ୍ୟତାରେ ରହିଥାଏ ।

ଏପରି କାହିଁକି ? ପୁଣି ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ଏହା କିପରି ପରିବର୍ତ୍ତିତ ହୋଇପାରିବ ?

ଅଧ୍ୟାୟ – ୩

ଆମର ଜାଗତିକ ଦୃଷ୍ଟିକୋଣ



ଜନ୍ମ ନେଇଥିବା ପ୍ରତ୍ୟେକ ମନୁଷ୍ୟ କିଛି ପ୍ରକାରର ଜାଗତିକ ଦୃଷ୍ଟିକୋଣର ବିକାଶ କରିଥାଏ । ଆମର ଜାଗତିକ ଦୃଷ୍ଟିକୋଣ ଅନେକ ବିଷୟ ଯଥା – ଆମର ଶିକ୍ଷା, ଆମର ପ୍ରତିପାଳନ, ଆମେ ବାସ କରୁଥିବା ସମାଜ ଓ ସଂସ୍କୃତି, ଆମେ ପାଠ କରୁଥିବା ପୁସ୍ତକଗୁଡ଼ିକ । ଆମର ଶିକ୍ଷକ ଓ ଦୂରଦର୍ଶନ, ରେଡ଼ିଓ କିମ୍ବା ସମ୍ବାଦପତ୍ର ପ୍ରତି ଆମର ଉନ୍ମୋଚନ ଇତ୍ୟାଦି ଅନେକ ବିଷୟ ଦ୍ୱାରା ଗଠିତ ହୁଏ । ଅନେକ ଲୋକଙ୍କ ପାଇଁ ସେମାନଙ୍କର ଜାଗତିକ ଦୃଷ୍ଟିକୋଣ କେବଳ ସେହି ବିଷୟ ଅଟେ, ଯାହା ସେମାନେ ସେମାନଙ୍କର **ପାରିପାର୍ଶ୍ୱିକ ପ୍ରଭାବର** ନିରନ୍ତର ସଂସ୍ପର୍ଶ ଦ୍ୱାରା ଗ୍ରହଣ କରିଥା'ନ୍ତି ।

ଅଧିକାଂଶ ଲୋକ ସେମାନଙ୍କର ଜାଗତିକ ଦୃଷ୍ଟିକୋଣ କିମ୍ବା ଜୀବନ କିପରି କ୍ରିୟାଶୀଳ ହେବା ଉଚିତ, ଏ ସମ୍ବନ୍ଧରେ ସେମାନଙ୍କର ଅନ୍ତର୍ଦୃଷ୍ଟିକୁ ଚିହ୍ନି ନ ଥା'ନ୍ତି । ସେମାନେ ସେମାନଙ୍କ ଦୈନନ୍ଦିନ ଜୀବନ ସେମାନଙ୍କର ନିର୍ଦ୍ଦିଷ୍ଟ ଜାଗତିକ ଦୃଷ୍ଟିକୋଣ ଅନୁସାରେ, ସଚେତନ ଭାବରେ ନୁହେଁ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ ନୁହେଁ, ମାତ୍ର କେବଳ ସହଜ ଭାବରେ କାଟି ଦିଅନ୍ତି । ସେମାନଙ୍କର ଜାଗତିକ ଦୃଷ୍ଟିକୋଣ ବାଇବଲ– ଭିତ୍ତିକ କିମ୍ବା ନିରପେକ୍ଷ କିମ୍ବା ଏଇ ଦୁଇଟିର ମଧ୍ୟବର୍ତ୍ତୀ ହୋଇପାରେ ।

ଦୁଃଖର ବିଷୟ, ଜଗତ ସମ୍ବନ୍ଧରେ ଆମର ଅଧିକାଂଶ ଦୃଷ୍ଟିକୋଣ ଆମ ଚତୁଃପାର୍ଶ୍ୱସ୍ଥ ଲୋକ ଓ ପରିବେଶ ଦ୍ୱାରା ଗଠିତ ହୁଏ, ଯାହା ପ୍ରାୟ ଭଗ୍ନ ହୋଇଥାଏ କିମ୍ବା ପାପ ଦ୍ୱାରା ଅନ୍ଧକାରଗ୍ରସ୍ତ ହୋଇଥାଏ । ଏହିପରି ଭାବରେ, ଆମର ଜାଗତିକ

ଦୃଷ୍ଟିକୋଣ ମଧ୍ୟ ବିକୃତ ଓ ଭଗ୍ନ ହୋଇଯାଏ । ଜଗତ ସମ୍ବନ୍ଧରେ ଏହିପ୍ରକାର ମତ ରଖିବା ଦ୍ୱାରା ଆମେ ଅନେକ ବିଷୟ ସମ୍ବନ୍ଧରେ ପ୍ରତାରିତ ହୋଇପାରୁ ।

ଯେତେବେଳେ ଆମର ଚିନ୍ତା ଓ ବିଶ୍ୱାସ ବୃଥା ଦର୍ଶନ, ମିଥ୍ୟା ଧର୍ମ ଓ ଅଧାର୍ମିକତା ମାଧ୍ୟମରେ ''ଜଗତ'' ଦ୍ୱାରା ଗଠିତ ହୋଇଥାଏ, ସେତେବେଳେ ଶେଷରେ ଆମ ନିକଟରେ ଏକ ଜାଗତିକ କିମ୍ବା **ଧର୍ମନିରପେକ୍ଷ ଜାଗତିକ ଦୃଷ୍ଟିକୋଣ** ରହିଯାଏ (ଫିଲି. ୩:୧୭–୧୯) ।

ଆମେ କାହିଁକି ପରିବର୍ତ୍ତନ ଆବଶ୍ୟକ କରୁ

ଆମେ ଯେଉଁ ମୁହୂର୍ତ୍ତରେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ରକ୍ଷା ପାଉ, ଆମର ସମସ୍ତ ପାପ ସେହି ମୁହୂର୍ତ୍ତରେ କ୍ଷମାପ୍ରାପ୍ତ ହୋଇଯାଏ (କଲସୀ ୧:୧୪) । ଆମ ପାପର ଦଣ୍ଡ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପରିଶୋଧ ହୋଇଥିଲା (ରୋମୀ. ୩:୨୪,୨୫) । ଆମେ କ୍ଷମାପ୍ରାପ୍ତ ହେଲେ ଈଶ୍ୱର ଆମ ପାପକୁ ଆଉ ସ୍ମରଣ କରନ୍ତି ନାହିଁ (ଏବ୍ରୀ ୧୦:୧୬,୧୭) । ଈଶ୍ୱର ଆମ ଅତୀତକୁ ସଂପୂର୍ଣ୍ଣ ଭାବରେ ବିଶୁଦ୍ଧ ଓ ପବିତ୍ର ଭାବରେ ଦେଖନ୍ତି (୧ କରିନ୍ଥୀୟ ୬:୯–୧୧) ।

ମାତ୍ର ଖ୍ରୀଷ୍ଟଙ୍କ ପୂର୍ବରୁ ଆମ ପାପପୂର୍ଣ୍ଣ ଜୀବନରେ ରହିଥିବା କିଛି ପ୍ରଭାବ ଆମ ସହିତ ତଥାପି ରହିପାରେ । ବାଇବଲ ଏହା ପ୍ରକାଶ କରେ ଯେ, ପରିତ୍ରାଣ ପରେ, ଆମେ ଆମ ହୃଦୟ ଓ ମନର ଅଧିକ ପରିବର୍ତ୍ତନ ଆବଶ୍ୟକ କରୁ (୨ କରିନ୍ଥୀ ୩:୧୮, ଏବ୍ରୀ ୧୦:୧୪, ରୋମୀ. ୮:୨୯, ୧୨:୧,୨) । ଏହି ପରିବର୍ତ୍ତନ ଆମକୁ ଖ୍ରୀଷ୍ଟଙ୍କ ଏକ ଅନୁଗାମୀ ସଦୃଶ ଅଧିକରୁ ଅଧିକ ଚିନ୍ତା କରିବା ପାଇଁ ଓ କାର୍ଯ୍ୟ କରିବା ପାଇଁ ଓ ଗୋଟିଏ ଭିନ୍ନ, ଅଧିକ ଧାର୍ମିକ ଜାଗତିକ ଦୃଷ୍ଟିକୋଣ ରଖିବା ପାଇଁ ସାହାଯ୍ୟ କରିବ ।

ଆମର ଧର୍ମନିରପେକ୍ଷ ଜାଗତିକ ଦୃଷ୍ଟିକୋଣ ଆମକୁ ବାଇବଲର ଧାର୍ମିକ ଆଦର୍ଶକୁ ଚିହ୍ନିବାରେ କିମ୍ବା ସେଗୁଡ଼ିକ ପ୍ରତି ପ୍ରତିକ୍ରିୟା ଦେଖାଇବାରେ ପ୍ରାୟ ବାଧା ଦିଏ । ଆମେ ଶେଷରେ, ଈଶ୍ୱରଙ୍କ ରାଜ୍ୟର ଏକ ସଫଳ ନାଗରିକ ଭାବରେ ଜୀବନ କାଟି ନ ଥାଉ, କିମ୍ବା ଆମ ନୂତନ ସ୍ୱର୍ଗୀୟ ନାଗରିକତାର ଉପକାରିତା ଉପଭୋଗ କରି ନ ଥାଉ । ଆମେ ହୁଏତ ବାଇବଲ ବିରୋଧୀ ବିଷୟଗୁଡ଼ିକ କାର୍ଯ୍ୟକାରୀ କିମ୍ବା ବିଶ୍ୱାସ କରିଚାଲୁ କିମ୍ବା ହୁଏତ ଗୋଟିଏ ପାପପୂର୍ଣ୍ଣ ଜୀବନଶୈଳୀ ପ୍ରତି ଫେରିବାକୁ ମନୋନୀତ କରିପାରୁ ।

ଏହା ପ୍ରାୟ କାହିଁକି ଘଟେ, ତାହା ଆବିଷ୍କାର କରିବା ପାଇଁ, ଆସନ୍ତୁ ଆମେ ଜାଗତିକ ଦୃଷ୍ଟିକୋଣ ବିଷୟରେ ଆଉ ଟିକିଏ ଅଧିକ ଅଧ୍ୟୟନ କରିବା ।

ଆପଣଙ୍କର ଏକ ଜାଗତିକ ଦୃଷ୍ଟିକୋଣ ରହିଛି

ପ୍ରତ୍ୟେକଙ୍କର ଏକ ଜାଗତିକ ଦୃଷ୍ଟିକୋଣ ରହିଛି । ଆପଣ ଅନେକ ବିଷୟ, ଯଥା – ସଂପର୍କ, ପରିବାର, କାର୍ଯ୍ୟ, ସରକାର ଓ ଧର୍ମକୁ କିପରି ଦେଖନ୍ତି, ତାହା ଆପଣଙ୍କ ଦୃଷ୍ଟିକୋଣ ମଧ୍ୟରେ ରହିଥାଏ । ଆପଣଙ୍କ ଜାଗତିକ ଦୃଷ୍ଟିକୋଣ ଆପଣଙ୍କର ସମସ୍ତ ନିଷ୍ପତ୍ତି ଓ କାର୍ଯ୍ୟକୁ ପ୍ରଭାବିତ କରେ ।

ଆମେ କିପରି ଜୀବନ କାଟିବା ଓ ସେବାକାର୍ଯ୍ୟ କରିବା – ଏହାପ୍ରତି ଆମର ଦୃଷ୍ଟିକୋଣ ଅତିଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ – ଆସନ୍ତୁ, ଆମେ 'ଜାଗତିକ ଦୃଷ୍ଟିକୋଣ'ର ଅର୍ଥପ୍ରତି ନିକଟରୁ ଦୃଷ୍ଟିପାତ କରିବା :

୧. ଗୋଟିଏ ଜାଗତିକ ଦୃଷ୍ଟିକୋଣ ସେହି ସାମୁହିକ ଧାରଣା ଅଟେ, ଯେଉଁଥିରୁ ଜଣେ ଜଗତକୁ ଦେଖେ ଓ ଏହାର ଅର୍ଥ କରେ ।
୨. ଗୋଟିଏ ଜାଗତିକ ଦୃଷ୍ଟିକୋଣ ଗୋଟିଏ ବ୍ୟକ୍ତି କିମ୍ବା ଗୋଟିଏ ଦଳ ଦ୍ୱାରା ଗୃହୀତ ଜୀବନ ଓ ବିଶ୍ୱ ସମ୍ବନ୍ଧୀୟ କେତେଗୁଡ଼ିଏ ବିଶ୍ୱାସମତ ।

ଦୁର୍ଭାଗ୍ୟବଶତଃ, ଅନେକେ ଏପରି ଏକ ଜୀବନ କାଟୁଛନ୍ତି, ଯାହା ଗୋଟିଏ ବାଇବଲଭିତ୍ତିକ ଦୃଷ୍ଟିକୋଣ ସହିତ ଅସଙ୍ଗତ ଅଟେ, କାରଣ ସେମାନେ ଏପରି ଅନେକ ବିଷୟ ଦ୍ୱାରା ପ୍ରତାରିତ ହୋଇଛନ୍ତି, ଯେଉଁଗୁଡ଼ିକ ଗୋଟିଏ ଜାଗତିକ ଦୃଷ୍ଟିକୋଣକୁ ଗଠନ କରିପାରେ ।

ପ୍ରତାରଣା

ପ୍ରତାରଣାର ସ୍ୱଭାବ ମନ୍ଦ ଅଟେ । ଯେଉଁ ବ୍ୟକ୍ତି ପ୍ରତାରିତ ହୁଏ, ସେ ପ୍ରାୟ ଏହି ବିଷୟରେ ଅଜ୍ଞ ଥାଏ ଯେ, ସେ ପ୍ରତାରିତ ହୋଇଅଛି (୨ ତୀମଥି ୩:୧୩) । ଆମ ମଧ୍ୟରୁ ପ୍ରତ୍ୟେକ ଜଣଙ୍କ ହୃଦୟ ମଧ୍ୟରେ ଦୁଷ୍ଟତା ଓ ପ୍ରତାରଣାର ସମ୍ଭାବନା ରହିଅଛି (ଯିରି. ୧୭:୯) । ସେଥିପାଇଁ ଆମ ହୃଦୟକୁ ନିୟନ୍ତ୍ରଣ କରିବା ନିମନ୍ତେ ଆମେ ଏକ ସତ୍ୟର ଉତ୍ସ ଆବଶ୍ୟକ କରୁ ।

ଈଶ୍ୱର ନିଜ ଜ୍ଞାନରେ, ନିଜକୁ ଓ ନିଜର ସତ୍ୟକୁ ଆମ ନିକଟରେ ପ୍ରକାଶ କରିଥିଲେ । ଶହ ଶହ ବର୍ଷ ଧରି ଏହି ସତ୍ୟ ଲେଖିବା ପାଇଁ ପବିତ୍ର ଆତ୍ମା ଈଶ୍ୱରଙ୍କ ଦାସମାନଙ୍କୁ ପ୍ରେରଣା ଦେଇଥିଲେ । ଏହି ଲେଖାଗୁଡ଼ିକ ସଂରକ୍ଷିତ ହୋଇ ରହିଛି ଓ ଯୁଗ ଯୁଗ ଧରି ହସ୍ତାନ୍ତର ହୋଇଅଛି । ଆଉ ଆଜି ଏହା ପବିତ୍ର ବାଇବଲ ଭାବରେ ପରିଚିତ ଅଟେ । ଏହି ପବିତ୍ର ଶାସ୍ତ୍ରଗୁଡ଼ିକ ସତ୍ୟ ନିକଟକୁ ଆମକୁ କଢ଼ାଇ ଆଣିବା ପାଇଁ ଏକ ଦିଗ ନିର୍ଣ୍ଣୟକାରୀ ଯନ୍ତ୍ର ଭାବରେ ଓ ସତ୍ୟକୁ ଆଲୋକିତ କରୁଥିବା ଏକ ଆଲୋକ ଭାବରେ କାର୍ଯ୍ୟ କରନ୍ତି (ଗୀତ. ୧୧୯:୧୦୫) ।

ଆମେ ଯାହା ବିଶ୍ୱାସ କରୁ ଓ ଏହାକୁ କାହିଁକି ଆମ ନିକଟରେ ସତ୍ୟ ପ୍ରକାଶ କରୁଥିବା ଈଶ୍ୱରଙ୍କ ବାକ୍ୟ, ବାଇବଲ ବିରୁଦ୍ଧରେ ବିଶ୍ୱାସ କରୁ, ତାହା ଆମକୁ ସର୍ବଦା ପରୀକ୍ଷା କରିବାକୁ ହେବ । ଈଶ୍ୱରଙ୍କ ବାକ୍ୟକୁ ଆଦର୍ଶ ଭାବରେ

ରଖି ଏହି ପରୀକ୍ଷାର ପ୍ରକ୍ରିୟା ମାଧ୍ୟମରେ ଆମେ ସତ୍ୟଠାରୁ ପ୍ରତାରଣା ଓ ଭୁଲ୍‌କୁ ଚିହ୍ନିପାରିବା ।

ଯଦି ଆମେ ଆମର ମୂଲ୍ୟ ଓ ବିଶ୍ୱାସକୁ ଆଦୌ ପରୀକ୍ଷା କରିବା ନାହିଁ, ତେବେ ଯାହା ଆମେ ବିଶ୍ୱାସ କରୁ, ତାହା କ'ଣ ସତ୍ୟ ଉପରେ ଆଧାରିତ – ଏ ବିଷୟରେ ଆମେ ସୁନିଶ୍ଚିତ ହୋଇପାରିବା ନାହିଁ । ଯଦି ଆମେ ସତ୍ୟରେ ନାହୁଁ, ତେବେ ଆମକୁ ପ୍ରତାରଣାରେ କିମ୍ବା ଏକ ମିଥ୍ୟାରେ ରହିବାକୁ ହେବ ।

ଶେଷରେ ଅନେକ ଲୋକ କାହିଁକି ବିପଥଗାମୀ ହୁଅନ୍ତି, ତାହାର ଏହା ହିଁ ପ୍ରାଥମିକ କାରଣ ଅଟେ : ଜ୍ଞାନ ଓ ଈଶ୍ୱରଙ୍କ ବାକ୍ୟର ସତ୍ୟତା ଦ୍ୱାରା ବଞ୍ଚିବା ପରିବର୍ତ୍ତେ, ସେମାନେ ଜଗତର ମୌଳିକ ଆଦର୍ଶ ଅନୁସାରେ ବଞ୍ଚନ୍ତି । ସେମାନେ ଏକ ଈଶ୍ୱରବିହୀନ ଜାଗତିକ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୁଅନ୍ତି ଓ ସେମାନଙ୍କର ଆଚରଣ ସେହିସବୁ ବିଶ୍ୱାସକୁ ପ୍ରତିଫଳିତ କରେ ।

ସେମାନେ କେବଳ ପଥଭ୍ରଷ୍ଟ ହୁଅନ୍ତି, ତା'ନୁହେଁ, ମାତ୍ର ସେମାନେ ଅନ୍ୟମାନଙ୍କୁ ମଧ୍ୟ ପଥଭ୍ରଷ୍ଟ କରନ୍ତି : ''ସେ ସେମାନଙ୍କୁ ଗୋଟିଏ ଦୃଷ୍ଟାନ୍ତ ମଧ୍ୟ କହିଲେ, *''ଅନ୍ଧ କ'ଣ ଅନ୍ଧକୁ ବାଟ କଢ଼ାଇପାରେ ? ସେମାନେ କ'ଣ ଉଭୟେ ଖାତରେ ପଡ଼ିବେ ନାହିଁ ?''* (ଲୂକ ୬:୩୯) ।

ସେଥିପାଇଁ ସତ୍ୟ ଓ ଜୀବନ ସମ୍ବନ୍ଧରେ ଜଗତର ମତ ପ୍ରତି ସାବଧାନ ହେବାକୁ ବାଇବଲ ଆମକୁ ସତର୍କ କରିଦେଇଛି : *''ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିନିଏ''* (କଲସୀ ୨:୮)

ଈଶ୍ୱରଙ୍କ ରାଜ୍ୟର ସତ୍ୟକୁ ବିରୋଧ କରୁଥିବା ''ଜଗତ'' ଉପରେ ତାଙ୍କର ଦୃଷ୍ଟିକୋଣ ସମ୍ବନ୍ଧରେ ଏକ ଶ୍ରେଷ୍ଠତର ଜ୍ଞାନ ଲାଭ ନିମନ୍ତେ ନିମ୍ନଲିଖିତ ମନୋନୀତ ଶାସ୍ତ୍ରାଂଶଗୁଡ଼ିକୁ ଅଧ୍ୟୟନ କରିବାରେ କିଛି ସମୟ ନିଅନ୍ତୁ : ଯୋହନ ୧୮:୩୬, ରୋମୀୟ ୧୨:୧,୨, ୧କରିନ୍ଥୀୟ ୩:୧୮,୧୯, ୬:୨, ୭:୩୧, ଗାଲାତୀୟ ୪:୩, କଲସୀୟ ୨:୨୦, ଯାକୁବ ୪:୪, ୨ ପିତର ୧:୪, ୧ ଯୋହନ ୨:୧୫–୧୭, ୪:୪,୫ ।**ନିଜକୁ ଜାଣିବାର ଗୁରୁତ୍ୱ**

ଯଦି ଆମ ଜୀବନର ମୂଳଦୁଆ ଜାଗତିକ ଦର୍ଶନ, ମନୁଷ୍ୟମାନଙ୍କର ପରଂପରା ଓ ଜଗତର ଅଧାର୍ମିକ ନିୟମାବଳି ଉପରେ ଗଠିତ ହୋଇଥିବ, ତେବେ ଆମେ ଗୋଟିଏ ସ୍ଥାୟୀ (ଦୃଢ଼) ଗୃହ ନିର୍ମାଣ କରିବା ପାଇଁ ଅସମର୍ଥ ହେବା (ମାଥି. ୭:୨୪–୨୭) । ତଥାପି, ଏହା ଜାଣି ସୁଦ୍ଧା ଗୋଟିଏ ଈଶ୍ୱରବିହୀନ ଜାଗତିକ ଦୃଷ୍ଟିକୋଣ ପ୍ରାୟ ଏପରି ଏକ ବିଷୟ ହୁଏ, ଯେଉଁଥିରେ ଆମେ ଏତେ ସୁବିଧାରେ ଥାଉ ଯେ ଏହାକୁ ପରିବର୍ତ୍ତନ କରିବା ଆମ ପାଇଁ କଷ୍ଟକର ହୁଏ ।

ଆମର ଜାଗତିକ ଦୃଷ୍ଟିକୋଣ ଜନ୍ମରୁ ଗଠିତ ହୁଏ, ଯାହା ସମଗ୍ର ଜୀବନ ମଧ୍ୟରେ ବ୍ୟାପି ଶେଷରେ ଆମର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ । ସେଥିଯୋଗୁ ଗୋଟିଏ ବାଇବଲ-ଭିତ୍ତିକ କିମ୍ବା ସ୍ୱର୍ଗୀୟ ଦୃଷ୍ଟିକୋଣରୁ ଦେଖିବା ଆମ ପାଇଁ କଷ୍ଟକର ହୋଇଯାଏ । ଏହି କାରଣରୁ ବାଇବଲ ନିଜକୁ ଜାଣିବା ଓ ନିଜକୁ ସଠିକ୍ ଭାବରେ ବିଚାର କରିବା ଉପରେ ଅଧିକ ଗୁରୁତ୍ୱ ଦେଇଥିବାର ଆମେ ଦେଖୁ : *''କିନ୍ତୁ ଯଦି ଆମେ ଆପଣା ଆପଣାର ବିଚାର କରନ୍ତୁ, ତେବେ ବିଚାରିତ ହେଉ ନ ଥା'ନ୍ତୁ''* (୧ କରିନ୍ଥୀୟ ୧୧:୩୧, ଯିରିମିୟ ୧୭:୯,୧୦, ୧ କରିନ୍ଥୀୟ ୨:୧୦-୧୬ ଦେଖନ୍ତୁ) ।

ନିଜକୁ ଜାଣିବା ମଧ୍ୟରେ ଆପଣଙ୍କ ନିକଟରେ କାହିଁକି ଜୀବନରେ ଗଠନ କରିଥିବା ସେହିସବୁ ସ୍ଥିତି, ମତାମତ, ବିଶ୍ୱାସ ଓ ଦୃଷ୍ଟିକୋଣ ରହିଛି, ତାହା ବୁଝିବା ଅନ୍ତର୍ଭୁକ୍ତ ଅଟେ । ଆପଣ ଜୀବନକୁ ଯେପରି ଭାବରେ ଦେଖନ୍ତି, ସେପରି କାହିଁକି ଦେଖନ୍ତି, ସେ ବିଷୟରେ ଜ୍ଞାନ ଲାଭ ଆପଣଙ୍କୁ ଆପଣଙ୍କର ଆତ୍ମିକ ଅନ୍ତର୍ଦୃଷ୍ଟିକୁ ପ୍ରଭାବିତ କରୁଥିବାର ସମ୍ଭାବନା ରଖୁଥିବା ଯେକୌଣସି ଭୁଲ୍ ଧାରଣାକୁ ପରିବର୍ତ୍ତନ କରିବାରେ ସାହାଯ୍ୟ କରିବ ।

ସେବାକାର୍ଯ୍ୟରେ ନେତୃତ୍ୱ ଏହା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେହେତୁ ଆପଣଙ୍କୁ ଖ୍ରୀଷ୍ଟଙ୍କ ବଧୂର ନେତୃତ୍ୱ ଓ ଯତ୍ନ ନେବାର ଭାର ସମର୍ପଣ କରାଯାଇଛି । ଈଶ୍ୱର ଯାହାକୁ ଅତି ଗଭୀର ଭାବରେ ପ୍ରେମ କରନ୍ତି, ଅର୍ଥାତ୍, ତାଙ୍କ ମଣ୍ଡଳୀ ଓ ତାଙ୍କର ଲୋକମାନଙ୍କ ଉପରେ ପ୍ରଭାବ ପକାଇବା ଓ ତା'ର ଦାୟିତ୍ୱ ନେବାର ଭାର ଆପଣଙ୍କୁ ଦିଆଯାଇଅଛି । ଆପଣଙ୍କୁ ସ୍ୱଷ୍ଟ ଭାବରେ ସତ୍ୟକୁ ଦେଖିବାର ଓ ସତ୍ୟରେ ଅନ୍ୟମାନଙ୍କୁ କଢ଼ାଇ ନେବା ପାଇଁ ଏହା ଅନୁସାରେ ଜୀବନ କାଟିବାର ସାମର୍ଥ୍ୟ ରଖିବାକୁ ହେବ ।

ଅଧ୍ୟାୟ – ୪

ଯେତେବେଳେ ଆମର ଜାଗତିକ ଦୃଷ୍ଟିକୋଣ ଗୋଟିଏ ପ୍ରତିବନ୍ଧକ ହୋଇଯାଏ

ଆମେ ଏହା ଶିକ୍ଷା କରିଛୁ ଯେ, ଏକ ଜାଗତିକ ଦୃଷ୍ଟିକୋଣ ହେଉଛି – ସେହି ସାମୂହିକ ଧାରଣା, ଯେଉଁଥିରୁ ଜଣେ ବ୍ୟକ୍ତି ଜଗତକୁ ଦେଖେ ଓ ଏହାର ବ୍ୟାଖ୍ୟା କରେ । ଏହି ଧାରଣାରୁ ହିଁ ଜଣେ ଏହି ଜଗତରେ କିପରି ବଞ୍ଚିବାକୁ ହେବ ଓ ନେତୃତ୍ୱ ନେବାକୁ ହେବ – ସେ ସମ୍ବନ୍ଧରେ ନିଷ୍ପତ୍ତି ନେଇଥାଏ ।

ଗୋଟିଏ ଜାଗତିକ ଦୃଷ୍ଟିକୋଣ ମଧ୍ୟରେ ଜୀବନ ଓ ବିଶ୍ୱ ସମ୍ବନ୍ଧରେ ବ୍ୟକ୍ତିର ବିଶ୍ୱାସମତ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଏହି ବିଶ୍ୱାସମତଗୁଡ଼ିକ ପ୍ରତ୍ୟେକ ବିଷୟ, ଏପରିକି ବାଇବଲ ସମ୍ବନ୍ଧରେ ସେମାନଙ୍କ ଜ୍ଞାନକୁ ପ୍ରଭାବିତ କରେ । ସେଥିପାଇଁ, ଜଣଙ୍କର ଦୃଷ୍ଟିକୋଣରେ ସତ୍ୟକୁ ଦେଖିବାରେ ବାଧା ସୃଷ୍ଟି କରୁଥିବା କିମ୍ବା ହସ୍ତକ୍ଷେପ କରୁଥିବା ଯେକୌଣସି ବିଷୟକୁ ଦୂର କରିବାକୁ ହେବ ।

ଗୋଟିଏ ଦୃଷ୍ଟାନ୍ତ ଭାବରେ, ବ୍ୟବସ୍ଥା ପ୍ରତି ତାଙ୍କର ପ୍ରେମ କିପରି ଯୀଶୁଖ୍ରୀଷ୍ଟ ଆଣିଥିବା ଅନୁଗ୍ରହର ବାର୍ତ୍ତାକୁ ସ୍ୱଷ୍ଟ ରୂପେ ଦେଖିବାର ଦୃଷ୍ଟିକୁ ଅବରୋଧ କରୁଥିବା ଏକ ପ୍ରତିବନ୍ଧକ, ତାହା ପ୍ରେରିତ ପାଉଲ ଚିହ୍ନିଥିଲେ ।

ସତ୍ୟକୁ ଅସ୍ପଷ୍ଟ କରୁଥିବା ସାତୋଟି ''ଆବରଣ''

ଆମର ଜାଗତିକ ଦୃଷ୍ଟିକୋଣ, ସାଧାରଣ ଭାବରେ, ସାତୋଟି ମୁଖ୍ୟ ପ୍ରଭାବ ଦ୍ୱାରା ଗଠିତ ହୁଏ । ଏହି ଶିକ୍ଷାଦାନ ଉଦ୍ଦେଶ୍ୟରେ ମୁଁ ପ୍ରତ୍ୟେକ ପ୍ରଭାବକୁ ଗୋଟିଏ 'ଆବରଣ ବସ୍ତ୍ର' ସହିତ ତୁଳନା କରିବି । ଆମେ ପ୍ରାୟ ଯେଉଁ 'ଆବରଣ ବସ୍ତ୍ର' ମଧ୍ୟ ଦେଇ ପ୍ରାୟ ଦେଖୁ, ତା'ର ପ୍ରଭାବ ସମ୍ବନ୍ଧରେ ଯଦି ଆମେ ସାବଧାନ ହେବା ନାହିଁ, ତେବେ ଆମେ ସତ୍ୟକୁ କାହିଁକି ସ୍ୱଷ୍ଟ ଭାବରେ ଦେଖୁନାହୁଁ, ତାହା ହୁଏତ ସ୍ୱଷ୍ଟ ଭାବରେ ବୁଝିପାରିବା ନାହିଁ ।

୧. ଆମ ପାପ ସ୍ୱଭାବର 'ଆବରଣ'

ଆମ ପାପ ସ୍ୱଭାବର ପ୍ରଭାବ ଦୁର୍ବୋଧ, ଅଥଚ ଅତି ଶକ୍ତ ଅଟେ । ସମସ୍ତ ମନୁଷ୍ୟ ପାପ କରନ୍ତି। *''ସମସ୍ତେ ତ ପାପ କରିଅଛନ୍ତି ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି''* (ରୋମୀ. ୩:୨୩) । ପାପକୁ ଲକ୍ଷ୍ୟ ହରାଇବା ଭାବରେ, ଈଶ୍ୱରଙ୍କ ଆବଶ୍ୟକତା ଅନୁସାରେ ବଞ୍ଚିବାରେ ଏକ ବିଫଳତା ଭାବରେ ସଂଜ୍ଞା ଦିଆଯାଇଛି ।

ମାତ୍ର ଈଶ୍ୱରଙ୍କର ଧାର୍ମିକ ଆଦେଶ ଅନୁସାରେ ବଞ୍ଚିବାରେ ଆମେ **କାହିଁକି** ବିଫଳ ହେଉ – ଅର୍ଥାତ୍, ପାପ କରୁ, ତା'ର କାରଣଗୁଡ଼ିକ ଅଧିକ ଗଭୀରତର ଅଟେ । ଆମେ ପାପ କରିବା ପାଇଁ ମନୋନୀତ କରୁ, କାରଣ ପ୍ରତ୍ୟେକ ମନୁଷ୍ୟ ଆଦମଙ୍କଠାରୁ ପ୍ରାପ୍ତ ଏକ ପାପ ସ୍ୱଭାବ, ଏକ ଦୁର୍ନୀତିଗ୍ରସ୍ତ ସ୍ୱଭାବ ସହିତ ଜନ୍ମ ହୋଇଛି । ଜଣଙ୍କର (ଆଦମଙ୍କର) ଆଜ୍ଞାଲଙ୍ଘନର ଫଳ ସମସ୍ତ ମନୁଷ୍ୟ ପାଇଁ ଦଣ୍ଡାଜ୍ଞା ଥିଲା : *''ଅତଏବ, ଜଣଙ୍କର ଅପରାଧର ଫଳସ୍ୱରୂପେ ଯେପରି ସମସ୍ତ ମନୁଷ୍ୟଙ୍କ ପ୍ରତି ଦଣ୍ଡାଜ୍ଞା ଘଟିଲା, ସେହିପରି ମଧ୍ୟ ଜଣଙ୍କର ଧାର୍ମିକତାର ଫଳସ୍ୱରୂପେ ସମସ୍ତ ମନୁଷ୍ୟଙ୍କ ପ୍ରତି ଜୀବନଦାୟକ ଧାର୍ମିକଗଣନା ଘଟିଲା''* (ରୋମୀୟ ୫:୧୮) ।

ପ୍ରଲୋଭନ ବିରୁଦ୍ଧରେ ଯୁଦ୍ଧ

ଯେତେବେଳେ ଆମେ ଯୀଶୁଖ୍ରୀଷ୍ଟଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରୁ, ସେତେବେଳେ ଆମକୁ ଆମ ପାପରୁ ସଂପୂର୍ଣ୍ଣ ଭାବରେ କ୍ଷମା ମିଳେ । ଆମ ଜୀବନରେ ପାପ ଦିନେ ଯେଉଁ 'ଦକ୍ଷତା' ଧାରଣ କରିଥିଲା, ତାହା ମଧ୍ୟ ପରିତ୍ରାଣ ସମୟରେ ଭଗ୍ନ ହୋଇଯାଏ (ରୋମୀୟ ୬:୫–୧୧) । ଆମକୁ ଏପରି ଏକ ନୂତନ ସ୍ୱଭାବ ପ୍ରଦତ୍ତ ହୁଏ, ଯାହା ପାପ ଓ ଶୟତାନକୁ ପ୍ରତିରୋଧ କରିବା ପାଇଁ ଈଶ୍ୱରଙ୍କର ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୁଏ (ରୋମୀ. ୬:୧୨–୧୪, ୮:୧–୮) ।

କିନ୍ତୁ ପାପର ଫଳାଫଳଗୁଡ଼ିକ କିମ୍ବା ପାପପୂର୍ଣ୍ଣ ମନୋନୟନର ଯନ୍ତ୍ରଣା ବେଳେବେଳେ ଆମ ଜୀବନରେ ରହିଯାଏ । ଏହା ଖ୍ରୀଷ୍ଟିୟାନ ଭାବରେ ଆମର ମନୋନୟନକୁ ପ୍ରଭାବିତ କରିପାରେ । ଆହୁରି ମଧ୍ୟ, ପରିତ୍ରାଣ ପାଇବା ପରେ ସୁଦ୍ଧା ଆମେ ପ୍ରଲୋଭନର ଅନୁଭୂତି ପାଇଚାଲୁ । ଏପରି ସମୟ ଆସେ, ଯେତେବେଳେ ଆମ ଶରୀରର ପୂର୍ବତନ ଇଚ୍ଛାଗୁଡ଼ିକ ପାପ ମଧ୍ୟକୁ ପୁଣି ଥରେ ଆମକୁ ଟାଣିବାକୁ ଇଚ୍ଛା କରେ (ରୋମୀୟ ୭ ଅଧ୍ୟାୟ, ରୋମୀ. ୧୩:୧୪, ଗାଲା. ୫:୧୬–୨୬, ଯାକୁବ ୪:୧–୯) ।

ଏହି ସବୁ କାରଣରୁ ମନେହୁଏ ଯେପରି ଆମ ମଧ୍ୟରେ ଦୁଇଟି ସ୍ୱଭାବ ଅଛି ଓ ସେମାନେ ପରସ୍ପର ସହିତ ଯୁଦ୍ଧରତ ଅଟନ୍ତି । ପାଉଲ ଏହା ବୁଝାଇଥିଲେ ଯେ, ତାଙ୍କର ସର୍ବୋତ୍ତମ ଇଚ୍ଛା ସତ୍ତ୍ୱେ ସେ ସେପର୍ଯ୍ୟନ୍ତ ବେଳେବେଳେ ତାଙ୍କର ପୁରାତନ ପାପସ୍ୱଭାବ ଦ୍ୱାରା ପ୍ରଭାବିତ ହେଉଥିଲେ : *''କାରଣ ମୋ'ଠାରେ, ଅର୍ଥାତ୍, ମୋ' ଶରୀରରେ ଯେକୌଣସି ଉତ୍ତମ ବିଷୟ ବାସ କରେ ନାହିଁ, ଏହା ମୁଁ ଜାଣେ, ଯେଣୁ ମୁଁ ଇଚ୍ଛା କରିପାରୁଅଛି, କିନ୍ତୁ ଯାହା ଉତ୍ତମ, ତାହା କରିବା ନିମନ୍ତେ ମୋର ସାମର୍ଥ୍ୟ ନାହିଁ । କାରଣ ଯେଉଁ ଉତ୍ତମ କର୍ମ କରିବାକୁ ମୁଁ ଇଚ୍ଛା କରେ, ତାହା କରେ ନାହିଁ, କିନ୍ତୁ ଯେଉଁ ମନ୍ଦ କର୍ମ କରିବାକୁ ମୁଁ ଇଚ୍ଛା କରେ ନାହିଁ, ତାହା କରେ''* (ରୋମୀୟ ୭:୧୮,୧୯) ।

ଯେତେବେଳେ ଆମେ ପୂର୍ବତନ ପାପ ସ୍ୱଭାବ ଓ ଏହାର ଅଶୁଚି ଇଚ୍ଛାରୂପକ ''ଆବରଣ''ର ସମ୍ମୁଖୀନ ହୋଇ ଏହାକୁ ପରାସ୍ତ କରୁ, ସେତେବେଳେ ଏହା ଆମର ସତ୍ୟ ଦେଖିବାର ଓ ସଦାପ୍ରଭୁଙ୍କ ଆଦେଶ ପାଳନ କରିବାର ସାମର୍ଥ୍ୟରେ ଗୁରୁତର ବାଧା ସୃଷ୍ଟି କରିପାରେ ।

ଯଦିଓ ଆମେ ଆମର ଶାରୀରିକ ସ୍ୱଭାବ ଓ ପାପପୂର୍ଣ୍ଣ ଇଚ୍ଛା ବିରୁଦ୍ଧରେ ଯୁଦ୍ଧ କରିବା ଆବଶ୍ୟକ, ତଥାପି ଗୋଟିଏ ସୁସମ୍ବାଦ ଅଛି : ''ପବିତ୍ର ଆତ୍ମାଙ୍କ ଦ୍ୱାରା ଖ୍ରୀଷ୍ଟଙ୍କ ଶକ୍ତି ମାଧ୍ୟମରେ ଆମେ ପାପ ସ୍ୱଭାବ ଉପରେ ବିଜୟୀ ହୋଇପାରିବା !''

୨. ପରିବାରର ''ଆବରଣ''

ଆମ ଚିନ୍ତାକୁ ଗଠନ କରୁଥିବା କିଛି ବଳିଷ୍ଠତମ ପ୍ରଭାବ ଆମର ପରିବାରର ପ୍ରତିପୋଷଣରୁ ଆସେ । ଆମର ପିତାମାତା, ଭାଇଭଉଣୀ ଓ ଆତ୍ମୀୟମାନଙ୍କ ସହିତ ଥିବା ପାରସ୍ପରିକ ସଂପର୍କ (କିମ୍ବା ପାରସ୍ପରିକ ସଂପର୍କର ଅଭାବ) ଆମର ଆଦ୍ୟତମ ପ୍ରଭାବ ଅଟେ । ଏହି ପ୍ରଭାବଗୁଡ଼ିକ ଅତିଶକ୍ତିଶାଳୀ କାରଣ ଏଗୁଡ଼ିକ ଆମେ କିପରି ତଥ୍ୟ ଓ ଅନୁଭୂତିକୁ କାର୍ଯ୍ୟକାରୀ କରୁ, ତାହାର ଅନ୍ୟତମ ମୂଳଦୁଆ ଗଠନ କରେ ।

ବାଇବଲ ଆମର ଆଦ୍ୟ ପାରିବାରିକ ପ୍ରଭାବର ଗଠନକାରୀ ଶକ୍ତିକୁ ପ୍ରକାଶ କରେ : *''ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ । ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ''* (ହିତୋ. ୨୨:୬) ।

ପରିବାରଗୁଡ଼ିକ ଦେଉଥିବା 'ତାଲିମ' ହୁଏତ ସକ୍ରିୟ କିମ୍ବା ନିଷ୍କ୍ରିୟ, ଉଦ୍ଦେଶ୍ୟମୂଳକ କିମ୍ବା ଆକସ୍ମିକ ହୋଇପାରେ । ପିଲାମାନଙ୍କୁ ଯାହା କୁହାଯାଏ, ସେଥିରୁ ସେମାନେ ଯେତିକି ଶିକ୍ଷା କରିପାରନ୍ତି, ତା'ଅପେକ୍ଷା ଗୃହରେ ଯେଉଁ ଆଦର୍ଶ ଦେଖାଯାଏ, ସେଥିରୁ ଅତ୍ୟଧିକ (କିମ୍ବା ଅଧିକତର) ଶିକ୍ଷା ଲାଭ କରିପାରନ୍ତି ।

ଉଦାହରଣସ୍ୱରୂପ, ଯଦି ପିତାମାତା ସେମାନଙ୍କ ସନ୍ତାନମାନଙ୍କ ସହିତ ନିୟମିତ ଭାବରେ ପ୍ରାର୍ଥନା କରନ୍ତି, ତେବେ ସେମାନେ ନ କହିଲେ ସୁଦ୍ଧା ପ୍ରାର୍ଥନା ଯେ ଏକ ପ୍ରାଥମିକତା, ତାହା ପିଲାମାନଙ୍କୁ ଶିକ୍ଷା ଦେଉଥାଆନ୍ତି କିମ୍ବା ଯଦି ଯାହା ଘଟିପାରେ, ସେ ସମ୍ବନ୍ଧରେ ପିତାମାତା ଅତିରିକ୍ତ ଭୟାଳୁ ଅଟନ୍ତି, ତେବେ ସେମାନେ ହୁଏତ ସେମାନଙ୍କର ପିଲାମାନଙ୍କୁ ଭୟାଳୁ ହେବା ପାଇଁ ଓ ଜୀବନରେ ଅସୁରକ୍ଷିତ ହେବା ପାଇଁ ଶିକ୍ଷା ଦେଇପାରନ୍ତି ।

ଅନେକ ସମୟରେ, ପିଲାମାନେ ଛୋଟ ଥିବାରୁ, ଯାହା ସେମାନେ ଦେଖନ୍ତି କିମ୍ବା ଶୁଣନ୍ତି, ତାହାକୁ ଭୁଲ୍ ବୁଝନ୍ତି ଓ ଭୁଲ୍ ସିଦ୍ଧାନ୍ତ ଗ୍ରହଣ କରନ୍ତି । ପରେ ଏହି ଭୁଲ୍ ସିଦ୍ଧାନ୍ତଗୁଡ଼ିକ, ସେମାନେ ଯେପରି ଜୀବନ କାଟନ୍ତି ଓ ଜୀବନକୁ ଯେପରି ଦେଖନ୍ତି, ତାହାକୁ ପ୍ରଭାବିତ କରେ । ଗୋଟିଏ ଭଗ୍ନ କିମ୍ବା ଅଧାର୍ମିକ ବାଲ୍ୟ-ପ୍ରତିପାଳନର ''ଆବରଣ'' ଗଭୀର ଭାବରେ ରୋପିତ ହୋଇପାରେ ଓ ପ୍ରାୟ ଚିହ୍ନିବାରେ କଷ୍ଟକର ହୁଏ । ଏହା ଜଣଙ୍କ ମନରେ ଈଶ୍ୱର ଓ ତାଙ୍କର ମାର୍ଗ ସମ୍ବନ୍ଧରେ ଭୁଲ୍ ଧାରଣା ସୃଷ୍ଟି କରିପାରେ ।

ଉଦାହରଣସ୍ୱରୂପ, ଯଦି ଜଣେ ପାର୍ଥିବ ପିତା ନିଷ୍ଠୁର କିମ୍ବା ପ୍ରେମଶୂନ୍ୟ ହୋଇଥା'ନ୍ତି, ତେବେ ହୁଏତ ପରେ ପିତା ଈଶ୍ୱର ଦୟାଳୁ ଓ ପ୍ରେମମୟ ବୋଲି ବିଶ୍ୱାସ କରିବା ସେହି ପିଲା ପାଇଁ କଷ୍ଟକର ହୋଇପାରେ । ଆମର ପାର୍ଥିବ ଦୃଷ୍ଟାନ୍ତ ପ୍ରାୟ ଆମର ଧାରଣାଗୁଡ଼ିକୁ କିମ୍ବା 'ଜାଗତିକ ଦୃଷ୍ଟିକୋଣ'କୁ ଗଠନ କରିଥାଏ । ଆମକୁ ଉଦ୍ଧାର କରିବା ପାଇଁ ଓ ସୁସ୍ଥ କରିବା ପାଇଁ ଆମେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ କେତେ ଆବଶ୍ୟକ କରୁ !

ପାଳକଙ୍କଠାରୁ ପାଳକଙ୍କ ପ୍ରତି

ମୋର ଜଣେ ଉତ୍ତମ ବନ୍ଧୁଅଛନ୍ତି, ଯିଏ ଜଣେ ଭର୍ତ୍ସନାକାରୀ ପିତାଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିଲେ । ପିତା ଅବିଶ୍ୱସ୍ତ ଥିଲେ ଓ ପରିବାରକୁ ତ୍ୟାଗ କରି ଚାଲିଯାଉଥିଲେ । ଫଳରେ ସେମାନଙ୍କର ଅନେକ ଆବଶ୍ୟକୀୟ ବିଷୟ ଅପୂରଣ ହୋଇ ରହିଯାଉଥିଲା । ଯେତେବେଳେ ମୋର ବନ୍ଧୁ ଶେଷରେ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣ ପାଇଲେ, ସେତେବେଳେ ସେ ପାପକ୍ଷମା ଓ ନିଜ ସ୍ୱର୍ଗୀୟ ପିତାଙ୍କ ସହିତ ସଂପର୍କ ସ୍ଥାପନ ପୁନଃସମ୍ଭାବନା ସମ୍ବନ୍ଧରେ ଶିକ୍ଷା କରିଥିବାରୁ କୃତଜ୍ଞ ଥିଲେ ।

ମାତ୍ର ମୋର ବନ୍ଧୁ ଗୋଟିଏ ଗୁରୁତର ପରୀକ୍ଷାର ସମ୍ମୁଖୀନ ହେବାମାତ୍ରେ ଈଶ୍ୱରଙ୍କୁ ବିଶ୍ୱାସ କରିବାକୁ ଭୟ କଲେ । ସେ ଏହା ଭାବିଲେ ଯେ, ତାଙ୍କ ପାର୍ଥିବ ପିତାଙ୍କ ସଦୃଶ, ଈଶ୍ୱର ତାଙ୍କୁ ପରିତ୍ୟାଗ କରିଥିଲେ ଓ ପ୍ରକୃତରେ ତାଙ୍କୁ

ପ୍ରେମ କରୁ ନ ଥିଲେ । ବାଇବଲରେ ଈଶ୍ୱର ଯାହା ନିଜ ବିଷୟରେ ପ୍ରକାଶ କରିଥିଲେ, ସେଥିରେ ବିଶ୍ୱାସ ନ କରିବା ପାଇଁ ମୋର ବନ୍ଧୁ ମନୋନୀତ କଲେ, ମାତ୍ର ଏହା ପରିବର୍ତ୍ତେ ନିଜ ବାଲ୍ୟକାଳର ''ଆବରଣ'' ମାଧ୍ୟମରେ ଈଶ୍ୱରଙ୍କୁ ଦେଖିଥିଲେ । ସେ ଏହା ବିଶ୍ୱାସ କରୁଥିଲେ ଯେ, ଈଶ୍ୱର ତାଙ୍କ ଆବଶ୍ୟକୀୟ ବିଷୟଗୁଡ଼ିକର ଯତ୍ନ ନେଉ ନ ଥିଲେ ଓ ଈଶ୍ୱରଙ୍କୁ ବିଶ୍ୱାସ କରାଯାଇପାରିବ ନାହିଁ ବୋଲି ସେ ନିଷ୍ପତ୍ତି ନେଇଥିଲେ ।

ଏହାଫଳରେ, ତାଙ୍କର ''ଜାଗତିକ ଦୃଷ୍ଟିକୋଣ'' ଈଶ୍ୱରଙ୍କ ସହିତ ଏକ ବିଶ୍ୱସ୍ତ ଓ ସମର୍ପିତ ସଂପର୍କରୁ ଦୂରେଇ ନେବା ପାଇଁ ପ୍ରଭାବ ପକାଇଥିଲା । ସେ ନିଜର ଜାଗତିକ ମାର୍ଗ ମଧ୍ୟକୁ ପୁଣି ଫେରିଯାଇଥିଲେ । ଏହାର ବହୁବର୍ଷ ପରେ, କିପରି ଗୋଟିଏ ବାଲ୍ୟକାଳର 'ଆବରଣ' ତାଙ୍କୁ ଈଶ୍ୱରଙ୍କ ସହିତ ସଂପର୍କ ସେହି ସଂପର୍କରୁ ବଞ୍ଚିତ କରିଥିଲା, ଯାହା ସେ ଈଶ୍ୱରଙ୍କ ସହିତ ଉପଭୋଗ କରିପାରିଥା'ନ୍ତେ । ଆହୁରି ମଧ୍ୟ ଏହା ତାଙ୍କଠାରୁ ଈଶ୍ୱରଙ୍କ ବାକ୍ୟ ବିଶ୍ୱାସ କରିବାର ଓ ତାହା ପାଳନ କରିବାର ଆଶୀର୍ବାଦଗୁଡ଼ିକୁ ହରଣ କରିଥିଲା ।

୩. ଶିକ୍ଷାର ''ଆବରଣ''

ପିଲାମାନେ ସରଳ ଅଟନ୍ତି ଓ ଅତି ସହଜରେ ପ୍ରଭାବିତ ହୁଅନ୍ତି । ଛାତ୍ରଛାତ୍ରୀ ଭାବରେ, ସେମାନେ ପ୍ରାୟ ସେହି ସବୁ ବିଷୟକୁ ଗ୍ରହଣ କରନ୍ତି, ଯେଉଁଗୁଡ଼ିକୁ ସତ୍ୟ ବୋଲି ସେମାନଙ୍କୁ ଶିକ୍ଷା ଦିଆଯାଏ ।

ଏହାଫଳରେ, ବ୍ୟକ୍ତିମାନେ କିପରି ଚିନ୍ତା କରନ୍ତି ଓ ବିଷୟଗୁଡ଼ିକୁ ଦେଖନ୍ତି । ବିଶେଷ ଭାବରେ, ସେମାନେ ଜୀବନ ଓ ସତ୍ୟକୁ କିପରି ଭାବରେ ଦେଖନ୍ତି – ତାହା ଉପରେ ଶିକ୍ଷାନୁଷ୍ଠାନଗୁଡ଼ିକର ଏକ ବଳିଷ୍ଠ ପ୍ରଭାବ ରହିଥାଏ । *''କେହି ତୁମ୍ଭମାନଙ୍କୁ ଅସାର କଥାରେ ନ ଭୁଲାଉ, କାରଣ ଏହି ସମସ୍ତ କୁକର୍ମ ହେତୁ ଅନାଜ୍ଞାବହ ସନ୍ତାନମାନଙ୍କ ଉପରେ ଈଶ୍ୱରଙ୍କ କ୍ରୋଧ ବର୍ତ୍ତେ''* (ଏଫିସୀ ୫:୬) ।

ଆମ ମଧ୍ୟରୁ ଅଧିକାଂଶଙ୍କୁ ବିଦ୍ୟାଳୟରେ ଏପରି ଶିକ୍ଷା ଦିଆଯାଇଥିଲା ଯାହା ଈଶ୍ୱରଙ୍କ ବାକ୍ୟର ସତ୍ୟତା ସହିତ ମେଳ ଖାଉ ନ ଥିଲା । ଏହି ବିଷୟଗୁଡ଼ିକ ଆମର ଜାଗତିକ ଦୃଷ୍ଟିକୋଣ ଗଠନ କରିଥିଲା ଓ ଏହା ସତ୍ୟ ଦେଖିବାର ଓ ଏହା ଅନୁସାରେ ବଞ୍ଚିବାର ସାମର୍ଥ୍ୟକୁ ବିକୃତ କରିପାରେ ।

ଉଦାହରଣ ସ୍ୱରୂପ, ଅନେକ ପିଲାମାନଙ୍କୁ ବିଦ୍ୟାଳୟରେ ଏହି ଶିକ୍ଷା ଦିଆଯାଇଛି ଯେ, ଜଗତକୁ ସୃଷ୍ଟି କରାଯାଇ ନ ଥିଲା, ମାତ୍ର ଏହା 'ବିବର୍ତ୍ତନ' ଫଳରେ ଆପେ ଆପେ ଜାତ ହୋଇଥିଲା । କିନ୍ତୁ, ବାଇବଲ ସ୍ପଷ୍ଟ ଭାବରେ ଏହା ବ୍ୟକ୍ତ କରେ ଯେ, ଈଶ୍ୱର ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କରିଥିଲେ (ଆଦି ୧ ଓ

୨ ଅଧ୍ୟାୟ, ଯୋହନ ୧:୩) । ଦୁର୍ଭାଗ୍ୟବଶତଃ, କୌଣସି ସୃଷ୍ଟିକର୍ତ୍ତା ନାହାନ୍ତି ବୋଲି ଗ୍ରହଣ କରିବାର ଦୃଷ୍ଟିକୋଣ ପରେ ଜଣଙ୍କୁ ଈଶ୍ୱରଙ୍କଠାରେ ବିଶ୍ୱାସ କରିବାରେ କିମ୍ବା ଗୋଟିଏ ଉଦ୍ଦେଶ୍ୟ ପାଇଁ ସେ ସେମାନଙ୍କୁ ସୃଷ୍ଟି କରିଥିଲେ ବୋଲି ଗ୍ରହଣ କରିବାରେ ବାଧା ଦେଇପାରେ ।

୪. ବନ୍ଧୁପରିଜନଙ୍କର ''ଆବରଣ''

ଆମର ବନ୍ଧୁ ଓ ସଂପର୍କୀୟମାନେ ଜୀବନ ସମ୍ବନ୍ଧରେ ଆମେ କିପରି ଚିନ୍ତା କରୁ ଓ ଏହାକୁ ଦେଖୁ, ଏଥିପାଇଁ ଅନ୍ୟ ଏକ ପ୍ରଭାବର ଉତ୍ସ ଅଟନ୍ତି । ଗୋଟିଏ ବନ୍ଧୁତାର ଉପଭୋଗ ପ୍ରାୟତଃ, ଆମ ''ବନ୍ଧୁମାନଙ୍କର'' ଜାଗତିକ ମନୋଭାବ, କଥା ଓ ଆଚରଣକୁ ଏଡ଼ାଇ ଦେବାରେ ସହାୟକ ହୁଏ । ଆମେ ପ୍ରଥମେ ସହ୍ୟ କରୁ, ପରେ ଗ୍ରହଣ କରୁ ଓ ଶେଷରେ ସେମାନଙ୍କ ସହିତ ସମ୍ମତ ହେଉ । ଏହାଫଳରେ, ଆମେ ଅଧିକତଃ, ସେମାନଙ୍କ ସଦୃଶ ହୋଇପାରୁ (ହିତୋ. ୧୨:୨୬, ୧ କରି. ୫:୧୧, ୧୫:୩୩) ।

ଆମେ ଆମର ବନ୍ଧୁମାନଙ୍କୁ କିପରି ମନୋନୟନ କରିବା ଓ ଆମକୁ ମନୋନୟନ କରିବା ପାଇଁ ଆମର ବନ୍ଧୁମାନଙ୍କୁ କିପରି ଅନୁମତି ନ ଦେବା – ତାହା ଆମେ ଶିକ୍ଷା କରିବା ଆବଶ୍ୟକ । ବନ୍ଧୁ ଓ ସଂପର୍କୀୟମାନଙ୍କର ଆମ ଜୀବନ ଉପରେ ବଡ଼ କ୍ଷମତା ଓ ପ୍ରଭାବ ଅଛି । ଜୀବନ ସମ୍ବନ୍ଧୀୟ ଆମର ଦୃଷ୍ଟିକୁ ପ୍ରଭାବିତ କରିବା ପାଇଁ ସେମାନଙ୍କ ନିକଟରେ ସାମ୍ଭାବ୍ୟ ଗୁଣ ରହିଅଛି ।

ଈଶ୍ୱରଙ୍କୁ ପରିହାସ କରୁଥିବା କିମ୍ବା ଗମ୍ଭୀର ଭାବରେ ଈଶ୍ୱରଙ୍କୁ ଗ୍ରହଣ କରୁ ନ ଥିବା ବ୍ୟକ୍ତିମାନଙ୍କ ସହିତ ମିଶିବା ବିଷୟରେ ବାଇବଲ ଅତି ସ୍ପଷ୍ଟ କରିଦେଇଛି : ''ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନରକାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କଠାରୁ ପୃଥକ୍ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି'' (ରୋମୀ. ୧୬:୧୭, ହିତୋପଦେଶ ୧୨:୨୬, ୧ କରିନ୍ଥୀୟ ୧୫:୩୩, ୧ ତୀମଥି ୬:୩–୫ ଦେଖନ୍ତୁ) ।

୫. ସଂସ୍କୃତିର ''ଆବରଣ''

ଯେଉଁ ସାଂସ୍କୃତିକ ପରିବେଶରେ ଆମେ ବୃଦ୍ଧି ପାଇଛୁ, ତାହା ଅତି ସୂକ୍ଷ୍ମ ଭାବରେ ଆମକୁ ପ୍ରଭାବିତ କରେ । ଏପରି ସଂସ୍କୃତି ଅଛି, ଯାହା କ୍ଷମାରେ ବିଶ୍ୱାସ କରେ ଓ ଅନ୍ୟ ସଂସ୍କୃତି ଯାହା ପ୍ରତିଶୋଧରେ ବିଶ୍ୱାସ କରେ । ସେହିପରି ଗୋଟିଏ ସଂସ୍କୃତି ଏକ ପତ୍ନୀ (ପତି) ବିବାହକୁ ବିଶ୍ୱାସ କରିବାବେଳେ ଅନ୍ୟ ସଂସ୍କୃତି ବହୁପତ୍ନୀ ବିବାହରେ ବିଶ୍ୱାସ କରେ । ଏପରି ସଂସ୍କୃତି ଅଛି, ଯାହା ଲୋକମାନଙ୍କୁ ପୃଥକ୍ କରେ ଓ ଗୋଷ୍ଠୀ, ଜାତି, ଲିଙ୍ଗ କିମ୍ବା ଚର୍ମର ବର୍ଣ୍ଣ ଅନୁସାରେ ସେମାନଙ୍କର ମୂଲ୍ୟ

ନିର୍ଣ୍ଣୟ କରେ, ପୁଣି ଅନ୍ୟ ସଂସ୍କୃତି ସମସ୍ତ ଲୋକଙ୍କର ସମାନତାରେ ବିଶ୍ୱାସ କରେ ।

ଏହି ତାଲିକା ସଂସ୍କୃତିର ଭିନ୍ନତା ପାଇଁ ଦୀର୍ଘ ଅଟେ । ତଥାପି ଖ୍ରୀଷ୍ଟିୟାନ ଭାବରେ, ଆମେ ଆଉ ଜାଗତିକ ସାଂସ୍କୃତିକ ଧାରାର ଦାସ ନୋହୁଁ । ବାଇବଲ ବର୍ତ୍ତମାନ ଆଚରଣ ପାଇଁ ଆମର ଆଦର୍ଶ ଅଟେ । ଧର୍ମଶାସ୍ତ୍ର ଆମକୁ ଏହି ଶିକ୍ଷା ଦିଏ ଯେ, ଆମର ନାଗରିକତା ବର୍ତ୍ତମାନର ସ୍ୱର୍ଗରେ ରହିଛି ଓ ଆମର ସଂସ୍କୃତି ପବିତ୍ର ଆତ୍ମାଙ୍କଠାରେ ଧାର୍ମିକତା, ଶାନ୍ତି ଓ ଆନନ୍ଦର ଏକ ସ୍ୱର୍ଗୀୟ ସଂସ୍କୃତି ଅଟେ : *''ଆମ୍ଭେମାନେ ସ୍ୱର୍ଗର ପ୍ରଜା, ସେ ସ୍ଥାନରୁ ମଧ୍ୟ ଆମ୍ଭେମାନେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ ଅଛୁ'' (ଫିଲି. ୩:୨୦) । ''କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନପାନ ନୁହେଁ, କିନ୍ତୁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କଠାରେ ଆନନ୍ଦ ଅଟେ''* (ରୋମୀ. ୧୪:୧୭) ।

ଆମେ ଯେଉଁ ସଂସ୍କୃତିରେ ବାସ କରୁ, ସେହି ସଂସ୍କୃତିର ପ୍ରଥାଗୁଡ଼ିକ ଯଦି ଈଶ୍ୱରଙ୍କ ବାକ୍ୟ ସହିତ ସମ୍ମତ ହୁଏ ନାହିଁ, ତେବେ ଆମକୁ ସେହିସବୁ ସାଂସ୍କୃତିକ ପ୍ରଥା ଛାଡ଼ିବା ପାଇଁ ଇଚ୍ଛୁକ ହେବାକୁ ପଡ଼ିବ । ଖ୍ରୀଷ୍ଟିୟାନ ଭାବରେ, ଆମେ ଯାହା ଅଟୁ ଓ ଯାହା କରୁ, ତାହା ଈଶ୍ୱରଙ୍କ ବାକ୍ୟର ସଂପୂର୍ଣ୍ଣ ଉପଦେଶ ସହିତ ସମ୍ମତ ହେବା ଆବଶ୍ୟକ । ଏହି ମନୋସ୍ଥିତି ଆମ ସଂସ୍କୃତିର ବିଶ୍ୱାସମତ କିମ୍ବା ପ୍ରଥା ଉପରେ ପ୍ରାଧାନ୍ୟ ନେଇଥାଏ ।

ଯଦି ଆମେ ବାସ କରୁଥିବା ସଂସ୍କୃତିର ପ୍ରଥାଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ସହିତ ସମ୍ମତ ହୁଏ ନାହିଁ, ତେବେ ଆମକୁ ସେହିସବୁ ସାଂସ୍କୃତିକ ପ୍ରଥାଗୁଡ଼ିକୁ ଛାଡ଼ିବା ପାଇଁ ଇଚ୍ଛୁକ ହେବାକୁ ପଡ଼ିବ । ଖ୍ରୀଷ୍ଟିୟାନ ଭାବରେ ଆମେ ଯାହା ସବୁ ଅଟୁ ଓ ଯାହା ସବୁ କରୁ, ସେହିସବୁକୁ ଈଶ୍ୱରଙ୍କ ବାକ୍ୟର ସଂପୂର୍ଣ୍ଣ ଉପଦେଶ ସହିତ ସମ୍ମତ ହେବାକୁ ପଡ଼ିବ । ଏହି ମନୋସ୍ଥିତି ଆମ ସଂସ୍କୃତିର ବିଶ୍ୱାସମତ କିମ୍ବା ପ୍ରଥା ଉପରେ ପ୍ରାଧାନ୍ୟ ନେଇଥାଏ ।

ଉଦାହରଣ ସ୍ୱରୂପ, କେତେକ ସଂସ୍କୃତିରେ ନିଜ ପାଇଁ କିଛି ଲାଭ ନିମନ୍ତେ ମିଥ୍ୟା କହିବା କିମ୍ବା ଠକିବା ଏକ ଉତ୍ତମ ବିଷୟ ବୋଲି ବିଚାର କରାଯାଏ । ମାତ୍ର ବାଇବଲ ଅତି ସ୍ପଷ୍ଟ ଯେ, ଜଣେ ଖ୍ରୀଷ୍ଟିୟାନ ମିଥ୍ୟା କହିବା କିମ୍ବା ଅନ୍ୟଠାରୁ ସୁଯୋଗ ନେବା ଉଚିତ ନୁହେଁ (ଏଫିସୀୟ ୪:୨୫, କଲସୀୟ ୩:୯) । ସେଥିପାଇଁ, ଏହି କ୍ଷେତ୍ରରେ ସାଂସ୍କୃତିକ ଦୃଷ୍ଟିକୋଣ ପରିବର୍ତ୍ତିତ ହେବା ଆବଶ୍ୟକ, ପୁଣି ଆଚରଣ ମଧ୍ୟ ଈଶ୍ୱରଙ୍କର ବାକ୍ୟର ଆଦର୍ଶ ଅନୁସାରେ ପରିବର୍ତ୍ତିତ ହେବା ଆବଶ୍ୟକ ।

୬. ପରଂପରାର ''ଆବରଣ''

ପରମ୍ପରା ସେହି ସବୁ କାର୍ଯ୍ୟ ଓ ଆଚରଣ ଅଟେ ଯେଉଁଗୁଡ଼ିକରେ ଆମେ ଆମ ସଂପର୍କ କିମ୍ବା ସଂପ୍ରଦାୟର ସ୍ତରରେ ଅନ୍ୟମାନଙ୍କୁ ଅଂଶୀ କରାଇଥାଉ । ସେଗୁଡ଼ିକ ପରିବାର, ବିଦ୍ୟାଳୟ, ବନ୍ଧୁତା, ସଂସ୍କୃତି କିମ୍ବା ମଣ୍ଡଳୀ ମଧ୍ୟରେ ଧାରାବାହିକ କାର୍ଯ୍ୟ କରିବାର ଏକ ମାର୍ଗକୁ ପ୍ରତିନିଧିତ୍ୱ କରନ୍ତି । ବେଳେବେଳେ ପରମ୍ପରାଗୁଡ଼ିକ ମିଥ୍ୟା ଧର୍ମରେ କିମ୍ବା ପ୍ରତାରଣା, ଜାଗତିକତା କିମ୍ବା ମାନବିକ ଆବିଷ୍କାରରେ ଆଧାରିତ ବୋଲି ଜାଣିବା ଅସାଧାରଣ ନୁହେଁ । ଯଦିଓ ସେଗୁଡ଼ିକ ଆମ ପାଇଁ ସାଧାରଣ ପ୍ରଥା ଅଟେ, ତଥାପି ସେଗୁଡ଼ିକ ବାଇବଲଭିତ୍ତିକ ତତ୍ତ୍ୱ ଓ ଶିକ୍ଷାର ବିରୋଧୀ ହୋଇପାରନ୍ତି, ଆଉ ସେଗୁଡ଼ିକ ଆମ ଜୀବନର ଦୂର କରିବା ଆବଶ୍ୟକ ।

ଏହିପ୍ରକାର ବାଇବଲବିହୀନ ପ୍ରଥାଗୁଡ଼ିକର କେତେକ ଦୃଷ୍ଟାନ୍ତ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି : ମୃତମାନଙ୍କ ନିକଟରେ ପ୍ରାର୍ଥନା କରିବା, ଧାର୍ମିକ ସାଧୁମାନଙ୍କ ନିକଟରେ ପ୍ରାର୍ଥନା କରିବା, ଅନ୍ଧବିଶ୍ୱାସ କିମ୍ବା ଅଶୁଚି ବିଧିବିଧାନରେ ଅଂଶଗ୍ରହଣ କରିବା, ବିଧର୍ମୀ ପର୍ବ ପାଳନ କରିବା ।

ଯୀଶୁ ସ୍ପଷ୍ଟ ଭାବରେ ସେହିମାନଙ୍କୁ ସମ୍ବୋଧନ କରିଥିଲେ, ଯେଉଁମାନେ ଈଶ୍ୱରଙ୍କ ବାକ୍ୟର ସ୍ପଷ୍ଟ ସତ୍ୟତା ପାଳନ କରିବା ଉପରେ ସେମାନଙ୍କ ପରମ୍ପରାକୁ ମନୋନୀତ କରିଥିଲେ । *''ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତି ଧରି ବସିଅଛି । ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଆପଣା ଆପଣା ପରମ୍ପରାଗତ ରୀତିନୀତି ପାଳନ କରିବା ନିମନ୍ତେ ଈଶ୍ୱରଙ୍କ ଆଜ୍ଞା ବେଶ୍ ଅଗ୍ରାହ୍ୟ କରୁଅଛ''* (ମାର୍କ ୭:୮,୯, କଲସୀୟ ୨:୧୬–୨୩ ମଧ୍ୟ ଦେଖନ୍ତୁ) ।

୭. ଅନୁଭୂତିର ''ଆବରଣ''

ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ସୁଯୋଗ ଓ ସୌଭାଗ୍ୟର ସମୟ ଓ ତତ୍‌ସଙ୍ଗେ ସଙ୍ଗେ ହୃଦୟ ବିଦାରକ ଦୁଃଖ ଓ ଯନ୍ତ୍ରଣାର ଅନୁଭୂତି ପାଆନ୍ତି । ଏହି ସମୟଗୁଡ଼ିକରେ ହିଁ ଆମେ ଈଶ୍ୱର ଓ ଜୀବନ ସମ୍ବନ୍ଧରେ ସିଦ୍ଧାନ୍ତ ନେଇପାରୁ, ଯାହା ହୁଏତ ସତ୍ୟ ଉପରେ ଆଧାରିତ ହୋଇପାରେ କିମ୍ବା ହୋଇ ନ ପାରେ ।

ଆମେ ପ୍ରତ୍ୟେକ ଏହି ଅନୁଭୂତି ଦ୍ୱାରା ଗଠିତ ହୋଇଅଛୁ ଓ ଆମର ସିଦ୍ଧାନ୍ତ କ'ଣ ହେବ – ସେ ସମ୍ବନ୍ଧରେ କୌଣସି ଭବିଷ୍ୟବାଣୀ ନ ଥାଏ । ଦୁଇଜଣ ବ୍ୟକ୍ତି ଉଭୟେ ବହୁଧନପ୍ରାପ୍ତିର ଅନୁଭୂତି ପାଇପାରନ୍ତି । ଧନ ଜଣଙ୍କୁ ଧ୍ୱଂସ କରିବା ସମୟରେ ସେହି ସମାନ ଧନ ଅନ୍ୟଠାରେ ଏକ ଉଦାର ମନୋଭାବ ଉତ୍ପନ୍ନ କରେ । ଦୁଇଜଣ ବ୍ୟକ୍ତି ଗୋଟିଏ ଭୟଙ୍କର ଦୁଃଖର ଅନୁଭୂତି ପାଇପାରନ୍ତି । ଜଣଙ୍କୁ ଏହା ଦୁଃଖ ଓ ନୈରାଶ୍ୟ ଦିଗକୁ ନେଇଯାଏ ଓ ଅନ୍ୟ ବ୍ୟକ୍ତିଠାରେ ଏହା ଜୟଯୁକ୍ତ ହେବା ପାଇଁ ଓ ଧୈର୍ଯ୍ୟହରା ନ ହେବା ପାଇଁ ଏକ ଦୃଢ଼ତା ଉତ୍ପନ୍ନ କରେ ।

ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଏହିପ୍ରକାର ଜୀବନାନୁଭୂତି ଆମର ଜାଗତିକ ଦୃଷ୍ଟିକୋଣକୁ ବହୁଭାବରେ ପ୍ରଭାବିତ କରେ । ଆଘାତପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଈଶ୍ୱରଙ୍କ ଭୂମିକା ସମ୍ବନ୍ଧରେ ଆମ ନିଜ ଭୁଲ୍‌ବୁଝାମଣା ଆମର ଈଶ୍ୱର ସମ୍ବନ୍ଧୀୟ ଦୃଷ୍ଟିକୋଣ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ଏହିପରି ସମୟରେ ଆମେ ଜାବୁଡ଼ି ଧରିଥିବା ଜାଗତିକ ଦୃଷ୍ଟିକୋଣ ଈଶ୍ୱରଙ୍କ ବାକ୍ୟ ରୂପକ ସତ୍ୟର ଆଲୋକରେ ନୂତନଭାବେ ମୂଲ୍ୟାଙ୍କିତ ହେବା ଆବଶ୍ୟକ ।

ପାଳକଙ୍କଠାରୁ ପାଳକଙ୍କ ପ୍ରତି

ଯଦି ଆମେ, କିମ୍ବା ଆମ ମଣ୍ଡଳୀ ଲୋକମାନେ ଏପରି ଚିନ୍ତା କିମ୍ବା ପ୍ରଥାକୁ ଜାବୁଡ଼ି ଧରିଛନ୍ତି, ଯାହା ଈଶ୍ୱରଙ୍କ ସମ୍ବନ୍ଧରେ କିମ୍ବା ଏହି ଜୀବନରେ ତାଙ୍କ ଉଦ୍ଦେଶ୍ୟ ସମ୍ବନ୍ଧରେ ବାଇବଲର ପ୍ରକାଶ ପ୍ରତି ବିରୋଧୀ ଅଟେ, ତେବେ ଆମକୁ ପ୍ରାର୍ଥନାପୂର୍ବକ ସେହି ଚିନ୍ତାଧାରାଗୁଡ଼ିକୁ ପରୀକ୍ଷା କରିବାକୁ ହେବ । ଆମେ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ ସଦାପ୍ରଭୁଙ୍କ ସୁସ୍ଥକାରୀ ହସ୍ତର ସ୍ପର୍ଶ ଆବଶ୍ୟକ କରିପାରୁ ।

- ଗୋଟିଏ ଦୁଃଖଦାୟକ କ୍ଷତିରୁ ସୁସ୍ଥ ହେବା କିମ୍ବା ଅନ୍ୟ ଅନୁଭୂତି,
- ଭୟରୁ ଉଦ୍ଧାର
- ଈଶ୍ୱର ଯେ ବିଶ୍ୱସ୍ତ – ଏ ବିଷୟରେ ଏକ ନୂତନ ପ୍ରତିଷ୍ଠିତ ଭରସା,
- ଆମର ଆବଶ୍ୟକତା ପାଇଁ ଈଶ୍ୱରଙ୍କ ଯୋଗାଣ ବିଷୟରେ ଆମ ଚିନ୍ତାରେ ଏକ ପୁନଃ ସଂଯୋଜନା,
- ଆହ୍ୱାନ କିମ୍ବା ପରୀକ୍ଷାରୁ ଜାତ ଅନ୍ୟ ସମ୍ଭାବ୍ୟ ଫଳ ।

ଆପଣଙ୍କ ଦୈନିକ ପ୍ରାର୍ଥନା ସମୟରେ, ସେ ପ୍ରକୃତରେ ଯାହା ଅଟନ୍ତି, ତାଙ୍କୁ ସେହିପରି ଦେଖିବାରେ ବାଧା ଦେଉଥିବା ଆପଣଙ୍କ ଅନୁଭୂତିର ଏକ 'ଆବରଣ' ଆପଣଙ୍କ ନିକଟରେ ଅଛି କିମ୍ବା ନାହିଁ – ଏହା ଆପଣଙ୍କୁ ଦେଖାଇବା ପାଇଁ ସଦାପ୍ରଭୁଙ୍କୁ କୁହନ୍ତୁ ।

ଜାଗତିକ ଦୃଷ୍ଟିକୋଣର ବନ୍ଧନରୁ ମୁକ୍ତି

ଏହି ''ଆବରଣଗୁଡ଼ିକ'' ଓ ଅନ୍ୟ ପ୍ରଭାବଗୁଡ଼ିକ ଆମର ଦୃଷ୍ଟିକୋଣକୁ ଗଠନ କରେ । ସେଗୁଡ଼ିକ ଆମର ''ଜାଗତିକ ଦୃଷ୍ଟିକୋଣ'' ପ୍ରତି ଅବଦାନ ଦିଅନ୍ତି, ଯାହା ଆମେ ଜୀବନରେ ନେଉଥିବା ମନୋନୟନଗୁଡ଼ିକୁ ପ୍ରଭାବିତ କରେ ।

ଯଦି ଆମେ ଜଗତର ପଦ୍ଧତି କିମ୍ବା ଅଧାର୍ମିକ ନିୟମାବଳି ଉପରେ ଆଧାରିତ ଏକ ଜାଗତିକ ଦୃଷ୍ଟିକୋଣ ଗ୍ରହଣ କରିଅଛୁ, ତେବେ କିପରି ଆମେ ସଠିକ୍ ଭାବରେ ଈଶ୍ୱରଙ୍କ ରାଜ୍ୟର ପ୍ରତିନିଧିତ୍ୱ କରିପାରିବା ? **ଈଶ୍ୱର କିପରି ତାହାକୁ ଆଶୀର୍ବାଦ**

କରିପାରିବେ, ଯାହାକୁ ସେ ଅନୁମୋଦନ କରନ୍ତି ନାହିଁ ? ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଯେ, ଆମ ପ୍ରତି ସତ୍ୟକୁ ଆଲୋକିତ କରିବା ପାଇଁ ଓ ଆମକୁ ପ୍ରକୃତରେ ମୁକ୍ତ କରିବା ପାଇଁ ଈଶ୍ୱର ତାଙ୍କର ବାକ୍ୟ ଓ ତାଙ୍କର ପବିତ୍ର ଆତ୍ମା ଆମକୁ ପ୍ରଦାନ କରିଛନ୍ତି !

ମୁଁ ଅନ୍ଧ ଅଟେ କିମ୍ବା ଦେଖିପାରେ ?

ତେବେ ଏହାପରେ ଆମେ ଆମ ନିଜକୁ ପ୍ରଶ୍ନ ପଚାରିବା ଆବଶ୍ୟକ : ମୁଁ ଜୀବନ ବିଷୟରେ ଯାହା ବିଶ୍ୱାସ କରେ, ତାହା ତାଙ୍କ ବାକ୍ୟ ମାଧ୍ୟମରେ ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ସତ୍ୟ ଉପରେ ଆଧାରିତ ଅଟେ କିମ୍ବା ଏକ ମିଥ୍ୟା ଜାଗତିକ ଦୃଷ୍ଟିକୋଣ ଉପରେ ଆଧାରିତ ଅଟେ ? ମୁଁ ମୋର ଜାଗତିକ ଦୃଷ୍ଟିକୋଣ ଦ୍ୱାରା ସତ୍ୟ ପ୍ରତି ଅନ୍ଧ ହୋଇଅଛି କିମ୍ବା ମୁଁ ସ୍ୱଷ୍ଟ ଭାବରେ ଦେଖୁଅଛି ? **ମୋ' ନିକଟରେ ଥିବା ଜାଗତିକ ଦୃଷ୍ଟିକୋଣ ବାଇବଲ ଉପରେ ଆଧାରିତ ଅଟେ କି ?**

ବାଇବଲ ଆମ ନିକଟରେ ଏହା ପ୍ରକାଶ କରେ ଯେ, ସୁସମାଚାର ଶକ୍ତି ଆମର ଚକ୍ଷୁ ଉନ୍ମୁକ୍ତ କରିବା ପାଇଁ ଓ ଆମକୁ ଶୟତାନର ଅନ୍ଧକାର ଶକ୍ତିରୁ ଈଶ୍ୱର ଓ ତାଙ୍କର ଗୌରବମୟ ଅଧିକାରର ଆଲୋକ ମଧ୍ୟକୁ ନେଇଯିବା ପାଇଁ ସମର୍ଥ ଅଟେ (ପ୍ରେରିତ ୨୬:୧୭,୧୮) । ମାତ୍ର ଆମକୁ ମଧ୍ୟ ନିରନ୍ତର ରୂପାନ୍ତରିତ ହେବାକୁ ପଡ଼ିବ (୨ କରିନ୍ଥୀ ୩:୧୮) ଓ ଆମ ନିଜକୁ ଏପରି ଯେକୌଣସି ବିଷୟଠାରୁ ଶୁଚି ଓ ପବିତ୍ର କରିବାକୁ ହେବ, ଯାହା ବିକୃତ, ଅପବିତ୍ର କିମ୍ବା ଈଶ୍ୱରଙ୍କ ସତ୍ୟ ଉପରେ ଆଧାରିତ ନ ହେଲେ ମଧ୍ୟ ଆମେ ତାକୁ ବିଶ୍ୱାସ କରୁ ଓ କାର୍ଯ୍ୟକାରୀ କରୁ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକ ଓ ନେତା ଭାବରେ ଆମେ ଆମର ବାକ୍ୟ, କାର୍ଯ୍ୟ ଓ ନିଷ୍ପତ୍ତି ପାଇଁ ଈଶ୍ୱରଙ୍କ ସମ୍ମୁଖରେ ଏକ ଉଚ୍ଚତର ସ୍ତରର ଉତ୍ତରଦାୟୀ ରହିବୁ । ''ହେ ମୋହର ଭାଇମାନେ, ତୁମ୍ଭେମାନେ ଅନେକେ ଶିକ୍ଷକ ହୁଅ ନାହିଁ । ଶିକ୍ଷକ ଯେ ଆମ୍ଭେମାନେ, ଆମ୍ଭେମାନେ ଯେ ଗୁରୁତର ଦଣ୍ଡ ପାଇବା, ଏହା ଜାଣ'' (ଯାକୁବ ୩:୧) । ଆମେ ଯେଉଁମାନଙ୍କର ନେତୃତ୍ୱ ନେଉଅଛୁ, ସେହିମାନଙ୍କ ପ୍ରତି ଆମକୁ ନିରନ୍ତର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଯୀଶୁଖ୍ରୀଷ୍ଟଙ୍କର ଓ ଈଶ୍ୱରଙ୍କ ବାକ୍ୟର ସମଗ୍ର ଉପଦେଶର ପ୍ରତିନିଧିତ୍ୱ ନିମନ୍ତେ ଚେଷ୍ଟା କରିବାକୁ ହେବ । ''ଆମକୁ ସତ୍ୟ ଶିକ୍ଷା ଦେବାକୁ ହେବ । ଆମକୁ ସତ୍ୟ ଆଚରଣ କରିବାକୁ ହେବ ।''

ପ୍ରତିଦିନ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପରୀକ୍ଷା ଓ ପବିତ୍ର ଆତ୍ମାଙ୍କ ଚେତନା ପ୍ରତି ଆମ ହୃଦୟକୁ ଉନ୍ମୁକ୍ତ କରିବା ଦ୍ୱାରା ଏହା ମିଳିଥାଏ । ଆମକୁ ଈଶ୍ୱରଙ୍କର ନିରବଚ୍ଛିନ୍ନ ପରିବର୍ତ୍ତନକାରୀ କାର୍ଯ୍ୟର ବଶୀଭୂତ ହେବାକୁ ପଡ଼ିବ, ଯାହା ପ୍ରତ୍ୟେକ

ବିଶ୍ୱାସୀ ପାଇଁ ଅତ୍ୟାବଶ୍ୟକୀୟ ଅଟେ (ରୋମୀ ୧୨:୧୨) । ଆମେ ସତ୍ୟ ପ୍ରତି ପ୍ରତିକ୍ରିୟା ଦେଖାଇ ଏହାକୁ ବିଶ୍ୱାସ କରିବା ଓ ଏହା ଉପରେ କାର୍ଯ୍ୟ କରିବା ଆବଶ୍ୟକ (ଯାକୁବ ୧:୨୨) ।

ଅଜ୍ଞତା ଏକ ବାହାନା ନୁହେଁ

ଭୁଲ୍ ଶିକ୍ଷା ଦେବାର କୌଣସି ଗ୍ରାହ୍ୟ କ୍ଷମା ମିଳିବ ନାହିଁ (ଯାକୁବ ୩:୧) । ସେଥିପାଇଁ, ଆମେ ଯାହା ଶିକ୍ଷା ଦେଉଅଛୁ, ତାହା ଯେ ସତ୍ୟ, ଏ ବିଷୟରେ ଅତି ସୁନିଶ୍ଚିତ ହେବକୁ ପଡ଼ିବ ।

ଯୀଶୁ କହିଛନ୍ତି, *''ଯଦି, ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ । ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ''* (ଯୋହନ ୮:୩୧,୩୨) ।

ସତ୍ୟ ହିଁ ଆମକୁ ମୁକ୍ତ କରିବ, ତେବେ ଏହାର ବିପରୀତରେ ଗୋଟିଏ ମିଥ୍ୟା ଆମକୁ ବନ୍ଧନ ମଧ୍ୟରେ ରଖିବ । ବନ୍ଧନ ଈଶ୍ୱରଙ୍କର ନୁହେଁ, କାରଣ ଯୀଶୁ ଆସିଥିଲେ ଯେପରିକି ବନ୍ଧନର ଶୃଙ୍ଖଳଗୁଡ଼ିକ ଭଗ୍ନ ହେବ ଓ ଆମେ ମୁକ୍ତ ହେବୁ (ଲୂକ ୪:୧୮,୧୯) ।

ସତ୍ୟ ସମ୍ବନ୍ଧରେ ଅଜ୍ଞତା ଈଶ୍ୱରଙ୍କ ଲୋକମାନଙ୍କ ପ୍ରତି ଓ ଜଗତ ପ୍ରତି ସତ୍ୟ ପ୍ରତିନିଧିତ୍ୱ କରୁ ନ ଥିବାରୁ ଏହାକୁ ଏକ ବାହାନା ଭାବରେ ଗ୍ରହଣ କରାଯିବ ନାହିଁ (୧ କରିନ୍ଥୀ ୧୦:୧, ୧୨:୧) । ଗୋଟିଏ ମିଥ୍ୟା ଉଦ୍ଦେଶ୍ୟମୂଳକ ହେଉ କିମ୍ବା ନ ହେଉ, ଫଳାଫଳ ସମାନ ଅଟେ । ଏହାର କାରଣ, ଯେକୌଣସି ମିଥ୍ୟା, ଅଜ୍ଞତାରେ କୁହାଗଲେ ସୁଦ୍ଧା, ଏଥିରେ ସମାନ ପରିଣତି : ମୃତ୍ୟୁ ରହିଥାଏ (ଯୋହନ ୮:୪୨-୪୭, ୧୦:୧୦) ।

ଈଶ୍ୱରଙ୍କ ବାକ୍ୟ (ବାଇବଲ) ଓ ପବିତ୍ର ଆତ୍ମା (ସତ୍ୟ ଆତ୍ମା)ଙ୍କୁ ପ୍ରଦାନ କରାଯାଇଥିଲା, ଯେପରିକି ଆମେ ସତ୍ୟ ଜାଣିବୁ ଓ ସେହି ସତ୍ୟ ଆମକୁ ମୁକ୍ତ କରିବ । ସେଗୁଡ଼ିକ ସତ୍ୟ ସମ୍ବନ୍ଧରେ ଆମର ସ୍ୱଷ୍ଟ ଜ୍ଞାନକୁ ବାଧା ଦେବା ପାଇଁ ଇଚ୍ଛା କରୁଥିବା ଅଧାର୍ମିକ ଜାଗତିକ ଦୃଷ୍ଟିକୋଣରୁ ଆମକୁ ମୁକ୍ତ କରି ଆମକୁ ନିରନ୍ତର ପରିବର୍ତ୍ତନ କରିବାକୁ ସମର୍ଥ ଅଟନ୍ତି ।

ଆମକୁ ସତ୍ୟ ଜାଣି ତଦନୁସାରେ ଜୀବନ କାଟିବା ପାଇଁ ପ୍ରତିଦିନ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାକୁ ଓ ପବିତ୍ର ଆତ୍ମାଙ୍କ ଚେତନା ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପଡ଼ିବ । ଏହାପରେ ସେହି ସ୍ୱାଧୀନତା ଓ ସତ୍ୟ ସମ୍ବନ୍ଧୀୟ ଜ୍ଞାନ ପ୍ରତ୍ୟୟ, ସାହସ ଓ ନିର୍ଭୀକତାର ସହିତ ପ୍ରଚାର କରିବା, ପାଇଁ ଶିକ୍ଷା ଦେବା ପାଇଁ ଓ ସେବା କରିବା ପାଇଁ ଆମକୁ ସାମର୍ଥ୍ୟ ପ୍ରଦାନ କରିବ ।

ଅଧ୍ୟାୟ – ୫

ଜୀବନ ଅନୁଭୂତି ବନାମ ଈଶ୍ୱରଙ୍କ ବାକ୍ୟ



ଏପରି ସମୟ ଆସେ ଯେତେବେଳେ ଆମର ଜୀବନାନୁଭୂତି ଆମକୁ ଏପରି ଅଯଥାର୍ଥ ସିଦ୍ଧାନ୍ତ ନେବା ପାଇଁ ପରିଚାଳିତ କରେ, ଯାହା ଈଶ୍ୱରଙ୍କ ବାକ୍ୟର ବିରୋଧୀ ଅଟେ । ଫଳାଫଳ ଈଶ୍ୱର ଓ ତାଙ୍କ ବାକ୍ୟରେ ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବା ପରିବର୍ତ୍ତେ ଆମ ମାନବିକ ଜ୍ଞାନ ଉପରେ ନିର୍ଭରଶୀଳ ହେବା ହୋଇପାରେ (ହିତୋ. ୩:୫,୬) । ଏହା ଭୁଲ୍ ମନୋନୟନ ଦିଗକୁ କଢ଼ାଇ ନେଇପାରେ, ଯାହା ଆମ ନିମନ୍ତେ ଓ ଆମେ ଯେଉଁମାନଙ୍କର ନେତୃତ୍ୱ ନେଉ, ସେମାନଙ୍କ ନିମନ୍ତେ ଦୀର୍ଘସ୍ଥାୟୀ ପରିଣତି ଥାଏ ।

ବାଇବଲ ଏହାର ଏକ ସ୍ପଷ୍ଟ ଉଦାହରଣ ପ୍ରଦାନ କରିଛି (ଆଦି ୧୫:୧–୧୭:୨୧) । ଈଶ୍ୱର ଅବ୍ରହାମ ଓ ସାରାଙ୍କୁ ଏହା କହିଥିଲେ ଯେ, ସେମାନଙ୍କର ଏକ ସ୍ୱାଭାବିକ–ଜାତ ସନ୍ତାନ ହେବ (୧୫:୪–୬) । ସାରା ଅଧୈର୍ଯ୍ୟ ହୋଇଥିଲେ ଓ ଈଶ୍ୱର ଯାହା ପ୍ରତିଜ୍ଞା କରିଥିଲେ, ସେଥିରେ ଦୃଢ଼ ହୋଇ ରହି ନ ଥିଲେ । ଏହା ପରିବର୍ତ୍ତେ, ସେ ନିଜର ମାନବିକ ଚିନ୍ତାଧାରା ଉପରେ ନିର୍ଭର କରି ଅବ୍ରହାମ୍‌ଙ୍କୁ ନିଜର ଦାସୀ ପ୍ରଦାନ କରିଥିଲେ (ସେହି ସମୟର ଏକ ସାଧାରଣ ପ୍ରଥା) ।

ବାସ୍ତବରେ, ତାଙ୍କର ଦାସୀ ଅବ୍ରହାମଙ୍କ ନିମନ୍ତେ ଏକ ସନ୍ତାନ ଧାରଣ କରିଥିଲେ, ମାତ୍ର ଏହି ପୁତ୍ର ଈଶ୍ୱରଙ୍କ ବାକ୍ୟର ଅବାଧ୍ୟତା ଓ ଅବିଶ୍ୱାସ ଯୋଗୁ ଜନ୍ମ ନେଇଥିଲା (୧୬:୧–୪) ଓ ଏହା ଅତ୍ୟଧିକ ହୃଦ୍‌ଯନ୍ତ୍ରଣାର କାରଣ ହୋଇଥିଲା (୧୬:୧୨) ।

ଏହି ପୁତ୍ର, ଇଶ୍ମାୟେଲ ଓ ତାଙ୍କର ବଂଶଧରମାନେ ଆରବୀୟ ଲୋକମାନଙ୍କର ପୂର୍ବପୁରୁଷ ଥିଲେ । ଇଶ୍ମାୟେଲଙ୍କର ବଂଶଧର ଓ ଇସ୍ରାଏଲର ଲୋକମାନଙ୍କ ମଧ୍ୟରେ ଶହଶହ ବର୍ଷ ଧରି ରକ୍ତପାତ ଓ ଯୁଦ୍ଧ ଏହାର ଫଳାଫଳ ହୋଇଆସିଛି ।

ପାଳକ ଓ ନେତା ଭାବରେ, ଆମକୁ ଏହା ବୁଝିବାକୁ ହେବ ଯେ, **ସତ୍ୟର ମୂଳଦୁଆ ଭାବରେ ଅନୁଭୂତି ଈଶ୍ୱରଙ୍କ ବାକ୍ୟର ସ୍ଥାନ ନେବା ଆଦୌ ଉଚିତ ନୁହେଁ ।** ଆମର ପରିବେଶ ଆମ ନିଷ୍ପତ୍ତିର ଉତ୍ସ ଆଦୌ ହୋଇ ନ ପାରେ । **"ଯାହା ସତ୍ୟ ଅଟେ, ବାଇବଲ ତାହାର ଏକମାତ୍ର ଉପାଦନା ଅଟେ !"** ବାଇବଲ ମନୁଷ୍ୟଜାତି ପ୍ରତି ପ୍ରକାଶିତ ଈଶ୍ୱରଙ୍କ ପ୍ରକାଶ ଓ ଜ୍ଞାନ ଅଟେ । ଆପଣ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ବାଇବଲରେ ଆପଣଙ୍କ ନିମନ୍ତେ ସତ୍ୟର ଉତ୍ତର ରହିଛି । (ଏହି ପ୍ରବନ୍ଧରେ ଆପଣ ପରେ ଈଶ୍ୱରଙ୍କ ବାକ୍ୟର ଗୁରୁତ୍ୱ ସମ୍ବନ୍ଧରେ ଆହୁରି ଅଧିକ ପାଠ କରିପାରିବେ ।)

ଆମକୁ ଏହା ମନେରଖିବାକୁ ହେବ ଯେ, କୌଣସି ପରୀକ୍ଷା, କୌଣସି ଯନ୍ତ୍ରଣା କିମ୍ବା ଆହ୍ୱାନ ସଂପୂର୍ଣ୍ଣ ଭାବରେ କୌଣସି ବିଷୟ ଈଶ୍ୱରଙ୍କଠାରୁ କିମ୍ବା ତାଙ୍କ ପ୍ରେମରୁ ଆମକୁ ପୃଥକ୍ କରିପାରିବ ନାହିଁ (ରୋମୀୟ ୮:୩୭–୩୯) । ଆମେ ଆମ ପରୀକ୍ଷା ସମୟରେ ତାଙ୍କୁ ଡାକିପାରିବା ଓ ଏହା ଜାଣିପାରିବା ଯେ, ସେ ଆମ କଥା ଶୁଣିବେ ଓ ତାଙ୍କ ଉପାୟରେ ଓ ସମୟରେ ଆମକୁ ଉତ୍ତର ଦେବେ ।

ଈଶ୍ୱର ଆମ ସହିତ ଅଛନ୍ତି

ଜୀବନରେ କିଛି ଅନୁଭୂତି ଦ୍ୱନ୍ଦ୍ୱମୂଳକ ହୋଇପାରେ । ଗୋଟିଏ ପରୀକ୍ଷା ବା କ୍ଲେଶର ଉତ୍ସ ଜାଣିବାରେ ଆମର ପ୍ରାୟ କଷ୍ଟ ହୋଇଥାଏ । ଆମେ ପ୍ରଲୋଭିତ କିମ୍ବା ପରୀକ୍ଷିତ ହୋଇଛୁ କି (ଯାକୁବ ୧:୨–୧୮) ? ପରୀକ୍ଷା ଈଶ୍ୱରଙ୍କଠାରୁ କିମ୍ବା ଶୟତାନଠାରୁ ଆସିଛି କିମ୍ବା ଏହା କେବଳ ମୋର ନିଜସ୍ୱ ଶରୀରର ଏକ ପରୀକ୍ଷା ଅଟେ ? ଆମେ ଗୋଟିଏ କଷ୍ଟକର ସମୟ ମଧ୍ୟ ଦେଇ କାହିଁକି ଗତି କରୁଥାଉ, ଏହା ଆମକୁ ଆଶ୍ଚର୍ଯ୍ୟ ଲାଗିପାରେ ।

ଅଧିକାଂଶ କଷ୍ଟକର ସମୟ ମଧ୍ୟରୁ କେତେକ ଜୀବନର ଅନିଶ୍ଚିତତା ମଧ୍ୟରୁ ଜନ୍ମ ହୁଏ । ବେଳେବେଳେ ଉତ୍ତମ ଲୋକମାନଙ୍କ ପ୍ରତି ମନ୍ଦ ବିଷୟ ଘଟେ ଓ

ନ୍ୟାୟ ଜୟଲାଭ କରିବା ଭଳି ମନେହୁଏ ନାହିଁ । ଗୋଟିଏ ପରିବେଶର ସମାପ୍ତି ଏହି ଜୀବନରେ ହୁଏତ ରୂପାୟିତ ହୋଇ ନ ପାରେ, ମାତ୍ର ଖ୍ରୀଷ୍ଟିୟାନ ଭାବରେ ଆମ ନିକଟରେ ତଥାପି ଏହି ଭରସା ଅଛି ଯେ, ଈଶ୍ୱର ଆମ ନିମନ୍ତେ ଅଛନ୍ତି (ରୋମୀ ୮:୩୧) ଓ ଶେଷରେ ନ୍ୟାୟ ନିଶ୍ଚୟ ବଳବତ୍ତର ରହିବ (ଗାଲା. ୬:୭) ।

କଷ୍ଟକର ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଦୁଃଖ ଆମକୁ ଏହା ଚିନ୍ତା କରିବା ପାଇଁ ପରିଚାଳିତ କରିପାରେ ଯେ, ଈଶ୍ୱର ଏହି ଘଟଣାଗୁଡ଼ିକର କର୍ତ୍ତା ଅଟନ୍ତି । ମାତ୍ର ଆମକୁ ଏହା ସ୍ମରଣରେ ରଖିବାକୁ ହେବ ଯେ, ଆମେ ଏପରି ଗୋଟିଏ ଜଗତରେ ବାସ କରୁଅଛୁ, ଯାହା ପାପ ଦ୍ୱାରା ଭଗ୍ନ ହୋଇଛି ଓ ଏପର୍ଯ୍ୟନ୍ତ ଶୟତାନର ପ୍ରଭାବ ଅଧୀନରେ ଅଛି (ଯୋହନ ୫:୧୯) । ଈଶ୍ୱରଙ୍କୁ ଓ ତାଙ୍କର ମାର୍ଗକୁ ମନୁଷ୍ୟ ଜାତିର ଅଗ୍ରାହ୍ୟ ଓ ତତ୍‌ସହିତ ମନୁଷ୍ୟର ପାପପୂର୍ଣ୍ଣ ମନୋନୟନ ଗୋଟିଏ ଦୁଃଖ ଓ ଯନ୍ତ୍ରଣାପୂର୍ଣ୍ଣ ଜଗତକୁ, ଯେଉଁଠାରେ ଉଭୟ ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ ଦୃଷ୍ଟି ପଡ଼େ'' – ଏପରି ଏକ ଜଗତ ଉତ୍ପନ୍ନ କରିଅଛି (ମାଥିଉ ୫:୪୫) ।

ଏହି ଜଗତ ବିଷୟରେ, କିମ୍ବା ଈଶ୍ୱର ଓ ତାଙ୍କ ମାର୍ଗ ବିଷୟରେ ଆମେ ଜାଣିବାକୁ ଚାହୁଁଥିବା ସମସ୍ତ ବିଷୟ ଜାଣିବା କିମ୍ବା ବୁଝିବା କଷ୍ଟକର ଅଟେ । ମାତ୍ର ଆମେ ଏହି ସତ୍ୟରେ ନିର୍ଭର ରଖିପାରିବା ଯେ, ଜୀବନ ଓ ଧାର୍ମିକତା ନିମନ୍ତେ ଯାହା କିଛି ଜାଣିବା ଆବଶ୍ୟକ, ତାହା ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଆମକୁ ମିଳିସାରିଛି : *''ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି''* (୨ ପିତର ୧:୩) ।

ଈଶ୍ୱର ଜାଣିଥିବା ସମସ୍ତ ବିଷୟ ଆମେ ଜାଣିପାରିବା ନାହିଁ । ସେ ଏତେ ଶ୍ରେଷ୍ଠତର ଓ ବିଜ୍ଞତର ଅଟନ୍ତି ଯେ, ଆମେ କେବେହେଲେ ତାହା ହୋଇପାରିବା ନାହିଁ । ଈଶ୍ୱରଙ୍କ ଚିନ୍ତା ଓ ମାର୍ଗ ସକଳ ଆମର ଚିନ୍ତା ଓ ମାର୍ଗଠାରୁ ବହୁ ଊର୍ଦ୍ଧ୍ୱରେ । *''ଯେହେତୁ ସଦାପ୍ରଭୁ କହନ୍ତି, ଆମ୍ଭର ସଂକଳ୍ପ ସକଳ ତୁମ୍ଭମାନଙ୍କର ସଂକଳ୍ପ ପରି ନୁହେଁ, କିଅବା ତୁମ୍ଭମାନଙ୍କର ମାର୍ଗସକଳ ଆମ୍ଭର ମାର୍ଗ ପରି ନୁହେଁ । କାରଣ ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ଆମ୍ଭର ମାର୍ଗ ସକଳ ତୁମ୍ଭମାନଙ୍କର ମାର୍ଗ ଅପେକ୍ଷା ଉଚ୍ଚତର ଅଟେ''* (ଯିଶାଇୟ ୫୫:୮,୯) ।

ସେଥିପାଇଁ, ଯେତେବେଳେ ଆମେ ବୁଝିପାରୁ ନ ଥିବା ଘଟଣାଗୁଡ଼ିକ ଘଟେ, ସେତେବେଳେ ଖ୍ରୀଷ୍ଟଙ୍କର ଏକ ଶିଷ୍ୟ ଭାବରେ ପରିପକ୍ୱ ହେବା ପାଇଁ ଆମ ନିକଟରେ ଏକ ସୁଯୋଗ ରହିଥାଏ । ଏହି ସମୟରେ ବିଶ୍ୱାସ ଦ୍ୱାରା ଆଚରଣ କରି ଈଶ୍ୱରଙ୍କଠାରେ ଆମର ବିଶ୍ୱାସ ସ୍ଥାପନ କରିବା ପାଇଁ ଆମେ ମନୋନୀତ

କରିପାରିବା । *''କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନଯାପନ କରୁଅଛୁ''* (୨ କରିନ୍ଥୀ ୫:୭, ଏବ୍ରୀ ୧୧ ମଧ୍ୟ ଦେଖନ୍ତୁ) । ଆମକୁ ଏହା ମନେରଖିବାକୁ ହେବ ଯେ କୌଣସି ପରୀକ୍ଷା, କୌଣସି ଯନ୍ତ୍ରଣା କିମ୍ବା ଆହ୍ୱାନ – ସଂପୂର୍ଣ୍ଣ ଭାବରେ କୌଣସି ବିଷୟ ଈଶ୍ୱରଙ୍କଠାରୁ କିମ୍ବା ତାଙ୍କ ପ୍ରେମରୁ ଆମକୁ ପୃଥକ୍ କରିପାରିବ ନାହିଁ (ରୋମୀ ୮:୩୭–୩୯) । ଆମେ ଆମ ପରୀକ୍ଷା ସମୟରେ ତାଙ୍କୁ ଡାକି ପାରିବା ଓ ଏହା ଜାଣିପାରିବା ଯେ ସେ ଆମ କଥା ଶୁଣିବେ ଓ ତାଙ୍କ ଉପାୟରେ ଓ ସମୟରେ ଆମକୁ ଉତ୍ତର ଦେବେ ।

ପ୍ରଭାବର ଶକ୍ତି

ଅନୁଭୂତିଗୁଡ଼ିକ, ପ୍ରାୟତଃ, ଶକ୍ତ ଆବେଗ କିମ୍ବା ଅନୁଭବ ସହିତ ମିଶି ରହିଥାଏ । ମାତ୍ର, ଆପଣ ଜାଣନ୍ତି, ଆବେଗ ଓ ଅନୁଭବଗୁଡ଼ିକ ପ୍ରାୟ ଅତି ଭ୍ରାନ୍ତ ଚାଳନା ଦିଅନ୍ତି । ସେଗୁଡ଼ିକୁ ପୂର୍ବରୁ ଜାଣି ହେବ ନାହିଁ ଓ ସେଗୁଡ଼ିକ ଦିନ ପ୍ରତିଦିନ ପରିବର୍ତ୍ତିତ ହୋଇପାରେ । ଆମର ଅନୁଭବଗୁଡ଼ିକୁ ଆମକୁ ସତ୍ୟ ଦିଗରେ କଢ଼ାଇ ନେବା ପାଇଁ ବିଶ୍ୱାସ କରାଯାଇ ପାରିବ ନାହିଁ ।

ଦୁଇଜଣ ଲୋକଙ୍କର ସମାନ ଅନୁଭବ ଥାଇପାରେ, ତଥାପି ସେମାନେ ସେମାନଙ୍କର ଅନୁଭବ କିମ୍ବା ପ୍ରତିକ୍ରିୟା ଉପରେ ଆଧାରିତ ସଂପୂର୍ଣ୍ଣ ଭାବରେ ବିପରୀତ ସିଦ୍ଧାନ୍ତ ନେଇପାରନ୍ତି । ପ୍ରତ୍ୟେକ ବ୍ୟକ୍ତି ସେହି ସମାନ ପରିବେଶ ପ୍ରତି ଏକ ସଂପୂର୍ଣ୍ଣ ଅସାଧାରଣ ପ୍ରତିକ୍ରିୟା ଦେଖାଇଥାଏ । ଏହା ଫଳରେ, ପ୍ରତ୍ୟେକ ବ୍ୟକ୍ତି ଜଗତ ସମ୍ବନ୍ଧରେ ତା'ର ନିଜସ୍ୱ ଅସାଧାରଣ ମତର ବିକାଶ କରେ । ସେହି ଜାଗତିକ ଦୃଷ୍ଟିକୋଣ ସତ୍ୟ ଉପରେ ଆଧାରିତ ହୋଇପାରେ କିମ୍ବା ହୋଇ ନ ପାରେ । ମାତ୍ର ନିଶ୍ଚୟ ବ୍ୟକ୍ତିର ଅନୁଭୂତି ଦ୍ୱାରା କିଛି ଅଂଶରେ ଏହା ଗଠିତ ହୋଇଥାଏ ।

ଆମର ଜୀବନାଭୂତି ଅନେକ ଉପାଦାନ ଦ୍ୱାରା ପ୍ରଭାବିତ ହୋଇପାରେ, ଯଥା :

ଈଶ୍ୱରଙ୍କ ପ୍ରଭାବ

ସମଗ୍ର ବାଇବଲରେ, ଆଦିପୁସ୍ତକଠାରୁ ପ୍ରକାଶିତ ପୁସ୍ତକ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ଅଟେ ଯେ, ଲୋକମାନଙ୍କ ପାଇଁ ଈଶ୍ୱରଙ୍କ ଏକ ଉଦ୍ଦେଶ୍ୟ ଓ ଯୋଜନା ରହିଛି : *''କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ''* (ଯିରିମିୟ ୨୯:୧୧) । ଈଶ୍ୱର ଆମର ମନୋନୟନ କରିବାର ସ୍ୱାଧୀନ ଇଚ୍ଛାକୁ ଆଦୌ ଉଲ୍ଲଙ୍ଘନ କରନ୍ତି ନାହିଁ, ମାତ୍ର ସେ ନିଶ୍ଚୟ ଆମ ଜୀବନର ପରିବେଶରେ ଜଡ଼ିତ ରହିପାରନ୍ତି ।

"ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି" (ଗୀତ ୩୭:୨୩) ।

ଯଦିଓ ଈଶ୍ୱର ଗୋଟିଏ ପରିବେଶର କାରଣ ନୁହଁନ୍ତି, ତଥାପି ସେ ଆମର ମଙ୍ଗଳ ନିମନ୍ତେ ଏହାକୁ ବ୍ୟବହାର କରିପାରନ୍ତି । ଈଶ୍ୱରଙ୍କ ପୁତ୍ର ଓ କନ୍ୟା ଭାବରେ ପରିପକ୍ୱ ହେଉଥିବା ସମୟରେ, ସେ ଆମ ପରିବେଶରେ କେତେବେଳେ କାର୍ଯ୍ୟରତ ଥାଆନ୍ତି, ତାହା ଆମେ ଅତିଶୀଘ୍ର ଜାଣିପାରିବା । ଏହାପରେ ଆମେ ସଂପୂର୍ଣ୍ଣ ହୃଦୟର ସହିତ ଆତ୍ମାଙ୍କର କାର୍ଯ୍ୟପ୍ରତି ପ୍ରତିକ୍ରିୟା ଦେଖାଇ ପାରିବା ଓ ଆମକୁ ଅଧିକ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିବର୍ତ୍ତିତ କରିବା ପାଇଁ ପରିବେଶକୁ ବ୍ୟବହାର କରିବା ନିମନ୍ତେ ତାକୁ ଅନୁମତି ଦେଇପାରିବା (ରୋମୀ ୮:୨୮,୨୯)

ଶୟତାନର ପ୍ରଭାବ

ଆପଣଙ୍କ ପ୍ରାଣର ଶତ୍ରୁ ଶୟତାନ ଚୋରି, ବଧ ଓ ବିନାଶ କରିବାକୁ ଆସେ । ମାତ୍ର ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ଯୀଶୁ ଜୀବନ ଦେବାକୁ ପ୍ରଚୁର ଭାବରେ ଜୀବନ ଦେବାକୁ ଆସିଥିଲେ ! (ଯୋହନ ୧୦:୧୦) ।

ଆପଣ ଖ୍ରୀଷ୍ଟ ଦେଇଥିବା ଜୀବନ ଓ ସ୍ୱାଧୀନତାର ଅନୁଭୂତି ପାଆନ୍ତୁ ବୋଲି ଶୟତାନ ଇଚ୍ଛା କରେ ନାହିଁ । ଲୋକମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଶୟତାନ ଅନେକ ଉପାୟରେ ଚେଷ୍ଟା କରିଥାଏ । ମାତ୍ର ଶୟତାନର ଗୋଟିଏ ଅତି ବଡ଼ ଉପକରଣ ହେଉଛି – ପ୍ରତାରଣା ।

ଈଶ୍ୱରଙ୍କର ଉତ୍ତମତା ଓ ବିଶ୍ୱସ୍ତତା ବିଷୟରେ ଆପଣଙ୍କ ମନରେ ସନ୍ଦେହ ସୃଷ୍ଟି କରିବା ଚେଷ୍ଟାରେ ଶୟତାନ ପ୍ରତାରଣା ଓ ମିଥ୍ୟା ବ୍ୟବହାର କରେ । ଈଶ୍ୱରଙ୍କଠାରେ ଆପଣଙ୍କର ବିଶ୍ୱାସକୁ ଦୁର୍ବଳ କରିବା ପାଇଁ କିମ୍ବା ଆପଣଙ୍କ ମନରେ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଅବିଶ୍ୱାସ ଜନ୍ମାଇ ତାଙ୍କ ସହିତ ଆପଣଙ୍କ ସଂପର୍କକୁ ଦୂର କରିବା ପାଇଁ ଶୟତାନ ଅନୁଭୂତି କିମ୍ବା ପ୍ରଲୋଭନକୁ ବ୍ୟବହାର କରିବାକୁ ଚେଷ୍ଟା କରିବ ।

ଆସନ୍ତୁ, ଆମେ ଏପରି ଅଳ୍ପ କିଛି ଶାସ୍ତ୍ରାଂଶର ପୁନର୍ବିଚାର କରିବା, ଯେଉଁଗୁଡ଼ିକ ଆମକୁ ପଥଭ୍ରଷ୍ଟ କରିବା ପାଇଁ ଶୟତାନର ପଦ୍ଧତି ପ୍ରକାଶ କରିଥାଏ :

- *"ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡଭାବବାଦୀମାନେ ଉଠି ଏପରି ଚିହ୍ନ ଓ ଅଦ୍ଭୁତକର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ଭ୍ରାନ୍ତ କରିବେ"* (ମାର୍କ ୧୩:୨୨) ।
- *"ଯେପରି ଶୟତାନ ଆମ୍ଭମାନଙ୍କର ଅପକାର କରିବାକୁ ସୁଯୋଗ ପ୍ରାପ୍ତ ନ ହୁଏ । କାରଣ ଆମ୍ଭେମାନେ ତା'ର ସମସ୍ତ କଳ୍ପନା ସମ୍ବନ୍ଧରେ ଅଜ୍ଞ ନୋହୁଁ"* (୨ କରିନ୍ଥୀ ୨:୧୧) ।

- *"କିନ୍ତୁ ସର୍ପ ଆପଣା ଧୂର୍ତ୍ତତାରେ ହବାଙ୍କୁ ଯେପରି ଭୁଲାଇଲା, ସେହିପରି କାଳେ ତୁମ୍ଭମାନଙ୍କ ମନ ଖ୍ରୀଷ୍ଟଙ୍କ ପ୍ରତି ସରଳତା ଓ ପବିତ୍ରତାରୁ ଭ୍ରଷ୍ଟ ହୁଏ, ମୋହର ଏହି ଭୟ ହେଉଅଛି"* (୨ କରିନ୍ଥୀ ୧୧:୩) ।
- *"ଆଉ ଏହା ଆଶ୍ଚର୍ଯ୍ୟ ନୁହେଁ, କାରଣ ଶୟତାନ ନିଜେ ଦୀପ୍ତିମୟ ଦୂତର ବେଶ ଧାରଣ କରେ"* (୨ କରିନ୍ଥୀ ୧୧:୧୪) ।
- *"ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି"* (୧ ପିତର ୫:୮) ।

ମାତ୍ର ଆପଣ ଶୟତାନର ଏକ ଅସହାୟ ଶିକାର ନୁହଁନ୍ତି । ଆପଣ ଈଶ୍ୱରଙ୍କ ସନ୍ତାନ, ଯାହାଙ୍କୁ ଶୟତାନର କାର୍ଯ୍ୟ ପ୍ରତିରୋଧ କରିବା ପାଇଁ ସୁସଜ୍ଜିତ କରାଯାଇଛି ! *"ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚାତୁରୀ ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥିନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କର"* (ଏଫି. ୬:୧୧) ।

ଶୟତାନ ବିରୁଦ୍ଧରେ ଆମର ଏକ ଦୃଢ଼ ପ୍ରତିରକ୍ଷାର ବ୍ୟବସ୍ଥା ରହିଛି, ଆମକୁ ଈଶ୍ୱରଙ୍କ ବାକ୍ୟ ଉପରେ ବିଶ୍ୱାସ ରଖିବାକୁ ହେବ ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ, ସେହି ବାକ୍ୟର 'ଲେଖକ' ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବାକୁ ହେବ । ଯେତେଥର ଆମେ ଈଶ୍ୱରଙ୍କ ବାଧ୍ୟ ହେଉ, ସେତେଥର ଆମେ ଆମ ଆତ୍ମାରେ ଶକ୍ତିଯୁକ୍ତ ହେଉ । ଏହା ଆମକୁ ଶୟତାନର ପ୍ରତିରୋଧ କରିବାରେ ସାହାଯ୍ୟ କରେ ଓ ଏହାପରେ ସେ ଆମଠାରୁ ପଳାୟନ କରିବ (ଯାକୁବ ୪:୭) ।

ଧର୍ମଶାସ୍ତ୍ର ଆମକୁ ଏହି ଶିକ୍ଷା ଦିଏ ଯେ, ଯଦିଓ ଆମେ ଜଗତରେ ରହିଛୁ, ତଥାପି ଆମେ ଏହି ଜଗତର ହେବା ନାହିଁ (୧ କରିନ୍ଥୀ ୨:୧୨, ୧ ଯୋହନ ୨:୧୫–୧୭) । ଏହାର ଅର୍ଥ ଏହା ଅଟେ ଯେ, ଆମକୁ ଚିନ୍ତାରେ ଓ କାର୍ଯ୍ୟରେ ଆମର ଅସାଧାରଣ ଖ୍ରୀଷ୍ଟିୟାନ ଦୃଷ୍ଟିକୋଣ ଧରି ରଖିବାକୁ ହେବ । ଆମକୁ ଏକ ଉଚ୍ଚତର ରାଜ୍ୟର, ସ୍ୱର୍ଗ ରାଜ୍ୟର ନାଗରିକ ଭାବରେ ଜୀବନ କାଟିବାକୁ ହେବ । ଈଶ୍ୱରଙ୍କ ରାଜ୍ୟର ବ୍ୟବସ୍ଥାଗୁଡ଼ିକ ଆମର ବିଶ୍ୱାସରେ ପରିପକ୍ୱ ଓ ଶକ୍ତିଶାଳୀ ହେବା, ଯେପରିକି ଲୋକମାନେ ଆମ ସମ୍ବନ୍ଧରେ ଯାହା ଚିନ୍ତା କରିବେ, ସେଥିପ୍ରତି ଆମେ ଆଉ ଭୟ କରିବା ନାହିଁ (ଗୀତ ୫୬:୩,୪, ୧୧୮:୬–୮, ହିତୋ ୨୯:୩୫) । ଏପରି ଦିନ ଆସୁଛି, ଯେତେବେଳେ ଅନେକେ ଏପରିକି ଯେଉଁମାନେ ଦିନେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିଥିଲେ, ସେମାନେ ମଧ୍ୟ ପଥଭ୍ରଷ୍ଟ ହେବେ (୧ ତୀମଥି ୪:୧) । ଆମେ ଯେପରି ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପଥଭ୍ରଷ୍ଟ ନ ହେବା, ତାହା ଗୁରୁତ୍ୱପୂର୍ଣ୍ଣ ଅଟେ ।

ବିଶ୍ୱାସୀ ଭାବରେ, ଏହି ଜଗତର ଲୋକମାନଙ୍କଠାରୁ ଆମେ ଭିନ୍ନ ହେଉ ବୋଲି ଆଶା କରାଯାଏ । ଆମକୁ ଆମ ଚତୁପାର୍ଶ୍ୱସ୍ଥ ଜଗତରେ ଧାର୍ମିକତାର ଏକ ସକାରାତ୍ମକ ପ୍ରଭାବ ହେବାକୁ ପଡ଼ିବ । ଏହା ହେଉଛି : ''ଆଲୋକ'' ଓ ''ଲବଣ'' ହେବାର ଅର୍ଥ (ମାଥିଉ ୫:୧୩-୧୬) । ''ଆଲୋକ'' ଅନ୍ଧକାରକୁ ଦୂର କରିଦିଏ, ''ଲବଣ'', 'କ୍ଷୟ' ବିରୁଦ୍ଧରେ ସଂରକ୍ଷଣକାରୀ ପ୍ରଭାବ ଅଟେ ।

ଆମକୁ ଗୋଟିଏ ମନୁଷ୍ୟ ଜୀବନ ପରିବର୍ତ୍ତନ କରିବା ପାଇଁ ଈଶ୍ୱରଙ୍କର ପରିବର୍ତ୍ତନକାରୀ ଶକ୍ତିର ଏକ ଚଳପ୍ରଚଳ, ଜୀବନ୍ତ ସାକ୍ଷ୍ୟ ଓ ପ୍ରମାଣ ହେବା ପାଇଁ ଆହ୍ୱାନ ଦିଆଯାଇଛି । ଏହା ଗୋଟିଏ ଅତି ଶକ୍ତିପୂର୍ଣ୍ଣ ଉପାୟରେ ସାଧିତ ହୁଏ ଓ ଖ୍ରୀଷ୍ଟିୟାନକୁ ଯାହା ପୃଥକ୍ କରେ, ତାହା ହେଉଛି ଅନ୍ୟମାନଙ୍କ ନିମନ୍ତେ ଆମର ନିଃସର୍ତ୍ତମୂଳକ ପ୍ରେମ, ଯାହା ଈଶ୍ୱରଙ୍କଠାରୁ ଆମ ମାଧ୍ୟମରେ ଆସିଥାଏ । ଆମକୁ ଗୋଟିଏ ଏପରି ପବିତ୍ର ଲୋକ ହେବାକୁ ପଡ଼ିବ (୧ ପିତର ୧:୧୩-୧୯), ଯେଉଁମାନେ ଜୀବିତ ଈଶ୍ୱରଙ୍କର ସେବା କରିବାକୁ ପୃଥକ୍ ହୋଇଛନ୍ତି (୧ ପିତର ୨:୯-୧୨) ।

ଆମେ ଜାଣୁ ଯେ, ଜଗତରେ ଦୁଷ୍ଟ ଲୋକମାନେ ଅଛନ୍ତି, ଯେଉଁମାନେ ଶୟତାନିକ ଶକ୍ତି ଓ ଆଧିପତ୍ୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ମାତ୍ର ଆମକୁ ଏହା ମଧ୍ୟ ଚିହ୍ନିବାକୁ ହେବ ଯେ, ଅଧିକାଂଶ ଲୋକ କେବଳ ''ହଜାମେଷ'' ସଦୃଶ୍ୟ ମେଷପାଳକ ଖ୍ରୀଷ୍ଟଙ୍କ ବିନା ଛିନ୍ନଭିନ୍ନ ଓ ନିରାଶ ହୋଇଛନ୍ତି । ସେମାନେ ପ୍ରତାରିତ ଓ ଅନ୍ଧ ହୋଇଛନ୍ତି । ସେମାନଙ୍କର ଜାଗତିକ ଦୃଷ୍ଟିକୋଣ ଈଶ୍ୱରଙ୍କ ବାକ୍ୟରେ ଉପସ୍ଥାପିତ ସତ୍ୟ ସମୂହକୁ ଗ୍ରହଣ କରିନାହିଁ ।

ଅନ୍ୟମାନଙ୍କ ଉପରେ ଆମର ପ୍ରଭାବ

ବିଶ୍ୱାସୀମାନଙ୍କ ପାଇଁ ଆହ୍ୱାନ ହେଉଛି – ଜଗତରେ ରହି ଖ୍ରୀଷ୍ଟଙ୍କ ନିମନ୍ତେ ଏକ ସାକ୍ଷୀ ଭାବରେ ଜୀବନ କାଟିବା ଓ ନଷ୍ଟ ପ୍ରାପ୍ତ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କୁ ପ୍ରେମ କରିବା – ଆଉ ଜଗତର ଦର୍ଶନ ଓ ପ୍ରଥା ଦ୍ୱାରା ନକାରାତ୍ମକ ଭାବରେ ପ୍ରଭାବିତ ନ ହେବା (ଯାକୁବ ୧:୨୭) ।

କେତେକ ଖ୍ରୀଷ୍ଟିୟାନ ଯେଉଁ ଭୁଲ୍ ଉପାୟ ଅବଲମ୍ବନ କରନ୍ତି, ତାହା ହେଉଛି – କେବଳ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହିତ ମିଶିବା । ଯଦିଓ ଏହା ଏକ ଉତ୍ତମ କାର୍ଯ୍ୟ ଭଳି ମନେହୁଏ, ତଥାପି ସମଗ୍ର ମନୁଷ୍ୟଜାତିର ପରିତ୍ରାଣ ନିମନ୍ତେ ଏହା ଈଶ୍ୱରଙ୍କ ଯୋଜନାର ବିପରୀତ ଅଟେ । ଯଦି ସମସ୍ତ ଖ୍ରୀଷ୍ଟିୟାନ ଜଗତରୁ ବାହାରି ଯିବେ, ତେବେ ବିନାଶପ୍ରାପ୍ତ ଲୋକମାନେ ଆମ ପ୍ରେମର କାର୍ଯ୍ୟ ମାଧ୍ୟମରେ କିପରି ଖ୍ରୀଷ୍ଟଙ୍କୁ ପାଇବେ (ଯାକୁବ ୨:୧୪-୧୬) କିମ୍ବା ସୁସମାଚାରର ଶକ୍ତି ସମ୍ବନ୍ଧରେ ଶୁଣିବେ (ରୋମୀୟ ୧:୧୬, ୧୦:୧୪,୧୫) ।

ମହା ଆଦେଶରୁ ଏହା ସ୍ପଷ୍ଟ ଅଟେ ଯେ, ଆମକୁ ''ଯିବାକୁ'' ହେବ ଓ ଖ୍ରୀଷ୍ଟଙ୍କ ନିମନ୍ତେ ଶିଷ୍ୟ କରିବାକୁ ହେବ । ଏହା କେବଳ ପାଳକ ଓ ନେତାମାନଙ୍କର ନୁହେଁ, ମାତ୍ର ଖ୍ରୀଷ୍ଟଙ୍କ ମଣ୍ଡଳୀର ପ୍ରତ୍ୟେକ ବିଶ୍ୱାସୀଙ୍କର ଦାୟିତ୍ୱ ଅଟେ (ମାଥିଉ ୨୮:୧୮-୨୦, ମାର୍କ ୧୬:୧୪-୧୮, ଲୂକ ୨୪:୩୬-୪୯, ପ୍ରେରିତ ୧:୬-୮) ।

ପରିବେଶର ପ୍ରଭାବ

ଜଗତରେ ଶୟତାନର କୌଶଳ ଅତି ସରଳ, ଏହା ଜୀବନରେ ଏପରି ଅନୁଭୂତି ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଅଟେ, ଯାହା **ଯୀଶୁ ଖ୍ରୀଷ୍ଟଙ୍କଠାରେ ମିଳୁଥିବା ଈଶ୍ୱରଙ୍କ ପ୍ରେମରୁ ଆମକୁ ପୃଥକ୍** କରିବାକୁ ଚେଷ୍ଟା କରିବ ।

ମାତ୍ର ଆହ୍ୱାନକାରୀ ପରିବେଶରେ ଜ୍ଞାନର ସହିତ ଓ ସଠିକ୍ ଭାବରେ କିପରି ପ୍ରତିକ୍ରିୟା ଦେଖାଇବାକୁ ହେବ, ତାହା ଜାଣିବାରେ ଆମକୁ ସାହାଯ୍ୟ କରିବା ପାଇଁ ଆମକୁ ଧର୍ମଶାସ୍ତ୍ର ପ୍ରଦତ୍ତ ହୋଇଛି, ନିର୍ଦ୍ଦିଷ୍ଟ ଭାବରେ, ଆମ ନିକଟରେ ଉପଦେଶକ, ହିତୋପଦେଶ ଓ ଆୟୁବ ପୁସ୍ତକର କିଛି ଅଂଶ ରହିଅଛି । ସେଗୁଡ଼ିକ ଜ୍ଞାନର ପୁସ୍ତକ କୁହାଯାଏ । ଜୀବନର ପରିବେଶ ପ୍ରତି କିପରି ପ୍ରତିକ୍ରିୟା ଦେଖାଇବାକୁ ହେବ, ତାହାକୁ ସେଗୁଡ଼ିକ ଅତି ବାସ୍ତବଧର୍ମୀ ପଦରେ ବର୍ଣ୍ଣନା କରିଛନ୍ତି । ନିମ୍ନଲିଖିତ ପରିସ୍ଥିତି ସମେତ ସମସ୍ତ ପ୍ରକାର ବାସ୍ତବ ପରିସ୍ଥିତିର କିପରି ମୁକାବିଲା କରିବାକୁ ହେବ, ତାହା ଆମେ ଶିକ୍ଷା କରିପାରିବା :

- ବିଭିନ୍ନ ପ୍ରକାରର ଲୋକ, ଯଥା – ଭଦ୍ର ଓ ଜ୍ଞାନୀଠାରୁ ଆରମ୍ଭ କରି ଅଳସୁଆ ଓ ମୂର୍ଖ ପର୍ଯ୍ୟନ୍ତ ଲୋକମାନଙ୍କ ସହିତ କିପରି ସଂପର୍କ ରଖିବାକୁ ହେବ ।
- ଉତ୍ତମ ସ୍ୱାସ୍ଥ୍ୟ ଓ ଶକ୍ତି ସମେତ ଦୁର୍ବଳତା ଓ ଅସୁସ୍ଥତାର କିପରି ସମ୍ମୁଖୀନ ହେବାକୁ ପଡ଼ିବ ।
- ଧନ ଓ ତତ୍ ସଂଗେ ସଂଗେ ଦାରିଦ୍ର୍ୟ ଓ ଏହି ଦୁଇର ମଧ୍ୟବର୍ତ୍ତୀ ଅବସ୍ଥାର କିପରି ସମ୍ମୁଖୀନ ହେବାକୁ ପଡ଼ିବ ।

ଖ୍ରୀଷ୍ଟିୟାନ ଭାବରେ, ଆମକୁ ସର୍ବତୋଭାବେ ବିଜୟୀ ହେବା ପାଇଁ ଆହ୍ୱାନ ଦିଆଯାଇଛି । ଆମକୁ ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଓ ବିଶ୍ୱାସ ଦ୍ୱାରା ସଂପୂର୍ଣ୍ଣ ଭାବରେ **ପ୍ରତ୍ୟୟଯୁକ୍ତ** ହେବାକୁ ପଡ଼ିବ ଯେପରିକି କୌଣସି ପରିବେଶ, **ସଂପୂର୍ଣ୍ଣ ଭାବରେ କୌଣସି ବିଷୟ ଈଶ୍ୱରଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ କରିପାରିବ ନାହିଁ । କିମ୍ବା କେବେହେଲେ କରିବ ନାହିଁ ।** ରୋମୀୟ ୮:୩୭-୩୯ ଏହା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛି – *''ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ । କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟତ୍ କି ପରାକ୍ରମ, ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି*

ଅନ୍ୟ କୌଣସି ସୃଷ୍ଟି ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ ।''

ଯେଉଁ ମୁହୂର୍ତ୍ତରେ ଆମେ ଜନ୍ମ ନେଉ, ସେହି ମୁହୂର୍ତ୍ତରେ ସମସ୍ତ ପ୍ରକାର ଅନୁଭୂତି ପ୍ରତି ଉନ୍ମୋଚିତ ହେଉ । ଈଶ୍ୱରଙ୍କଠାରୁ କ'ଣ ଆଗତ ଓ କ'ଣ ଆଗତ ନୁହେଁ, ତାହା ଚିହ୍ନିବାରେ ଓ ଉପଲବ୍ଧି କରିବାରେ ଆମେ ବୃଦ୍ଧି ପାଇବା ଆବଶ୍ୟକ ।

ଯେତେବେଳେ ଆପଣ ଗୋଟିଏ ନିର୍ଦ୍ଦିଷ୍ଟଭାବରେ ଆହ୍ୱାନମୂଳକ ଅନୁଭୂତି ପାଆନ୍ତି, ସେତେବେଳେ ଆପଣଙ୍କ ବିଶ୍ୱାସକୁ ନିର୍ଗତ କରିବାର, ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କରିବାର ଓ ସମସ୍ତ କାର୍ଯ୍ୟ କରିସାରି ଦଣ୍ଡାୟମାନ ହେବାର ତାହା ହିଁ ପ୍ରକୃଷ୍ଟ ସମୟ ଅଟେ (ଏଫିସୀ ୬:୧୩) ।

''ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ନାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ'' (ଏବ୍ରୀ ୧୧:୬) ।

ଜାଗତିକ ଦୃଷ୍ଟିକୋଣ ଉପରେ ଭୁଲ୍ ଧର୍ମତତ୍ତ୍ୱ ପ୍ରଭାବ

ଯେତେବେଳେ ଈଶ୍ୱରଙ୍କ ସମ୍ବନ୍ଧରେ ଆମର ବ୍ୟକ୍ତିଗତ ବୁଝାମଣାରେ ଆମ ଜୀବନ ମଧ୍ୟକୁ ଭୁଲ୍ ପ୍ରବେଶ କରେ, ସେତେବେଳେ ଏହା ଆମକୁ ଯୀଶୁଖ୍ରୀଷ୍ଟଙ୍କଠାରେ ଆମର ସଂପୂର୍ଣ୍ଣ ପ୍ରତିଭା ସଫଳ କରିବା ପାଇଁ ହତାଶା, ନିରାଶା ଓ ବିଫଳତା ଦିଗରେ କଢ଼ାଇ ନେବ ।

ମାତ୍ର ଯେତେବେଳେ ମଣ୍ଡଳୀ ମଧ୍ୟରେ ଭୁଲ୍ ପ୍ରବେଶ କରେ, ସେତେବେଳେ ଫଳାଫଳ ସୁଦୂରପ୍ରସାରୀ ଓ ଅତ୍ୟଧିକ ବିପଦ୍‌ଜନକ ହୁଏ । ଏହା ପୁରୁଷ ପୁରୁଷ ଧରି ଲାଗି ରହିପାରେ ।

ପାଳକ ଓ ନେତାମାନଙ୍କୁ ସତ୍ୟ ଅଧ୍ୟୟନ କରିବା ପାଇଁ ଓ ଜାଣିବା ପାଇଁ ଈଶ୍ୱରଙ୍କଠାରୁ ଗୋଟିଏ ପବିତ୍ର ବିଶ୍ୱାସ ପ୍ରଦତ୍ତ ହୋଇଛି । ମଣ୍ଡଳୀକୁ କିପରି ଭୁଲ୍‌ରୁ ରକ୍ଷା କରାଯିବ ? ପାଳକ ଓ ଶିକ୍ଷକମାନେ ଯାହା ଶିକ୍ଷା ଦିଅନ୍ତି, ଯାହା ପ୍ରଚାର କରନ୍ତି ଓ ଅନ୍ୟମାନଙ୍କ ପ୍ରତି ଦୃଷ୍ଟାନ୍ତ ଭାବରେ ଯେପରି ଜୀବନ କାଟନ୍ତି, ସେଥିପାଇଁ ସେମାନେ ଉତ୍ତରଦାୟୀ ରହିବେ (ଯିରି. ୨୩:୧,୨, ଯିହି ୩୪:୧-୧୦, ୨ ପିତର ୨:୧-୨୨, ୧ ଯୋହନ ୨:୧୮,୧୯, ୪:୪-୬) ।

ସମଗ୍ର ଯୁଗରେ, ଅନେକ ସଂପ୍ରଦାୟ ବାଇବଲର ଧର୍ମତତ୍ତ୍ୱ (ସତ୍ୟ କିମ୍ବା ଶିକ୍ଷା) ଉପରେ ନୁହେଁ, ମାତ୍ର ବ୍ୟକ୍ତିଗତ ଅନୁଭୂତି ଉପରେ ପ୍ରତିଷ୍ଠିତ ହୋଇଅଛି । ଉଦାହରଣ ସ୍ୱରୂପ, ବାଇବଲ ନୀକଲାୟତୀୟମାନଙ୍କର ଧର୍ମତତ୍ତ୍ୱ (ପ୍ରକାଶିତ ୨:୬,୧୫), ବିଲିୟମର ଧର୍ମତତ୍ତ୍ୱ (୨ ପିତର ୨:୧୫, ଯିହୁଦା ୧୧, ପ୍ରକା

୨:୧୪) ଓ ଈଷେବଲର ଧର୍ମତତ୍ତ୍ୱ (ପ୍ରକାଶିତ ୨:୨୦)କୁ ଉଲ୍ଲେଖ କରିଛି (ପ୍ରକାଶିତ ୨:୨୦) ।

ବାଇବଲରେ ଏହି ଧର୍ମତତ୍ତ୍ୱଗୁଡ଼ିକ ବିଷୟରେ ଅଧିକ ଲେଖାଯାଇ ନ ଥିବା ସ୍ଥଳେ, ପରିସରରୁ ଏକ ସ୍ପଷ୍ଟ ଅଟେ ଯେ, ଅନେକେ ଏହି ମିଥ୍ୟା ଧର୍ମତତ୍ତ୍ୱ ଦ୍ୱାରା ପଥଭ୍ରଷ୍ଟ ହେବେ ।

ସାଧାରଣ ଭାବରେ, ଆମେ ମିଥ୍ୟାଧର୍ମତତ୍ତ୍ୱ ବିଷୟରେ ଯାହା ଜାଣୁ, ସେଗୁଡ଼ିକ

- ବାଇବଲର ସତ୍ୟ ଓ ଧର୍ମତତ୍ତ୍ୱର ବିରୋଧୀ (ଯିଶା. ୮:୨୦) ।
- ସାଧାରଣ ଭାବରେ ବ୍ୟକ୍ତିର ଅନୁଭୂତି, ସ୍ୱପ୍ନ କିମ୍ବା ଏହାର ଅର୍ଥ ଉପରେ ଆଧାରିତ ଅଟେ (ଯିରିମିୟ ୨୩:୨୫-୨୭) ।
- ମାନବର ବୋଧଜ୍ଞାନ ପ୍ରତି ତୃପ୍ତିଦାୟକ ଓ ଆକର୍ଷଣୀୟ (୨ ତୀମଥି ୪:୩,୪) ।
- ଈଶ୍ୱରଙ୍କ ପ୍ରକାଶ ଦ୍ୱାରା ନୁହେଁ, ମାତ୍ର ମନୁଷ୍ୟର ଜ୍ଞାନ ଦ୍ୱାରା ବିକଶିତ (୨ ତୀମଥି ୩:୭) ।

ଈଶ୍ୱର ବେଳେବେଳେ ଆମ ସହିତ ଯୋଗାଯୋଗ ରଖିବା ପାଇଁ ସ୍ୱପ୍ନ କିମ୍ବା ଦର୍ଶନ ବ୍ୟବହାର କରିପାରନ୍ତି (ମାଥିଉ ୨:୧୩,୧୯, ପ୍ରେରିତ ୨:୧୭,୧୮) । ମାତ୍ର ଯଦି ସେହି ସ୍ୱପ୍ନ, ଦର୍ଶନ କିମ୍ବା ଅନ୍ୟ ଅନୁଭୂତିଗୁଡ଼ିକ ଈଶ୍ୱରଙ୍କ ବାକ୍ୟର ବିରୋଧୀ ଅଟନ୍ତି, ତେବେ ଆମକୁ ବାଇବଲ ପ୍ରତି ବିଶ୍ୱସ୍ତ ରହିବାକୁ ହେବ । ବାଇବଲ ପ୍ରତି ବିଶ୍ୱସ୍ତ ରହିବାର ଅର୍ଥ ହେଉଛି - ବାଇବଲ ଯାହା କହେ, ସେଥିରେ ସମ୍ମତ ହେବା ଓ ବାଇବଲ ଯାହା ଶିକ୍ଷା ଦିଏ, ତା' ଉପରେ ଆଧାରିତ ଜୀବନର ନିଷ୍ପତ୍ତି ଓ ମନୋନୟନଗୁଡ଼ିକୁ ସ୍ଥିର କରିବା ।

ମନେରଖନ୍ତୁ ଶୟତାନ ଏକ ''ଦୀପ୍ତିମୟ ଦୂତ''ର ବେଶ ଧାରଣ କରିବା ପାଇଁ ସମର୍ଥ ଅଟେ (୨ କରିନ୍ଥୀ ୧୧:୧୪) ଓ ଅନେକେ ସେମାନଙ୍କ ମନ କିମ୍ବା ସେମାନଙ୍କ ଶରୀରର ସନ୍ତୋଷଜନକ କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କ ନିଜସ୍ୱ ଧ୍ୱଂସ ସାଧନ କରିଅଛନ୍ତି । *''ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର କାରଣ ସର୍ବନାଶକୁ ଘେନି ଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ''* (ମାଥିଉ ୭:୧୩) ।

ଧର୍ମଶାସ୍ତ୍ରର ଶ୍ରେଷ୍ଠତା

ଖ୍ରୀଷ୍ଟଙ୍କର ବିଶ୍ୱସ୍ତ ଅନୁଗାମୀ ଭାବରେ ଆମର ପ୍ରାକୃତିକ ଜାଗତିକ ଦୃଷ୍ଟିକୋଣ ଦ୍ୱାରା ପଥଭ୍ରଷ୍ଟ ନ ହେବା ପାଇଁ ଆମେ କ'ଣ କରିପାରିବା ? ଈଶ୍ୱର ଆମକୁ ସେହି ସମସ୍ତ ବିଷୟ ପ୍ରଦାନ କରିଛନ୍ତି, ଯେଉଁଗୁଡ଼ିକ ଖ୍ରୀଷ୍ଟ ଯୀଶୁଙ୍କଠାରେ ଧାର୍ମିକ ଜୀବନ କାଟିବା ପାଇଁ ଆବଶ୍ୟକୀୟ ଅଟେ (୨ ପିତର ୧:୩,୪) । ଆମ ମଧ୍ୟରେ

ବାସ କରିବା ପାଇଁ ଆମକୁ ପଥ ଦେଖାଇ, ପରିବର୍ତ୍ତିତ କରିବା ପାଇଁ ସେ ନିଜର ପବିତ୍ର ଆତ୍ମାଙ୍କୁ ପ୍ରଦାନ କରିଛନ୍ତି (ଯୋହନ ୧୪:୧୬,୧୭) ।

ଈଶ୍ୱର ଆମକୁ ତାଙ୍କର ପବିତ୍ର ବାକ୍ୟ, ବାଇବଲ ମଧ୍ୟ ପ୍ରଦାନ କରିଛନ୍ତି ଯେପରିକି ଆମେ ଯଥାର୍ଥ ଭାବରେ ଶିକ୍ଷିତ ହୋଇପାରିବା : *''ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ''* (୨ ତୀମଥି ୩:୧୯) । ଆସନ୍ତୁ, ଆମେ ଅଧିକ ନିକଟରୁ ଏହି ଜ୍ଞାନଦାୟକ ବାଇବଲ ପଦଟି ପ୍ରତି ଦୃଷ୍ଟିପାତ କରିବା ।

''ଶିକ୍ଷା ନିମନ୍ତେ ଉପକାରୀ''

*''ଶିକ୍ଷା ନିମନ୍ତେ ଉପକାରୀ''*ର ଅର୍ଥ ହେଉଛି ଯେ, ଈଶ୍ୱରଙ୍କ ଇଚ୍ଛା ଜାଣିବା ପାଇଁ, ତଦନୁସାରେ ଜୀବନ କାଟିବା ପାଇଁ ଓ ଶିକ୍ଷା ଦେବା ପାଇଁ ଧର୍ମଶାସ୍ତ୍ର ଅନିର୍ବାର୍ଯ୍ୟ ଅଟେ । ଈଶ୍ୱର କିଏ, ତାହା ସେଗୁଡ଼ିକ ଆମ ପ୍ରତି ପ୍ରକାଶ କରନ୍ତି । ସେଗୁଡ଼ିକ ମନୁଷ୍ୟଜାତିର ଏକମାତ୍ର ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣର ସୁସମାଚାର ମଧ୍ୟ ପ୍ରକାଶ କରନ୍ତି । ଧର୍ମଶାସ୍ତ୍ରର ତତ୍ତ୍ୱଗୁଡ଼ିକ ଆମର ଜୀବନଯାପନ ଓ ସେବାକାର୍ଯ୍ୟ ପାଇଁ ମୂଳଦୁଆ ହେବା ଆବଶ୍ୟକ ।

ଜୀବନଯାପନ ପାଇଁ ବାଇବଲ ଦୃଷ୍ଟିକୋଣର ବିରୋଧ କରୁଥିବା ଯେକୌଣସି ନୀତି, ସାଂସ୍କୃତିକ ମୂଲ୍ୟ କିମ୍ବା କାର୍ଯ୍ୟ ସ୍ଥାନରେ ବାଇବଲର ସତ୍ୟସମୂହ ରହିବା ଆବଶ୍ୟକ । ଆମ ଜୀବନାନୁଭୂତି ମାଧ୍ୟମରେ ଆମେ ଲାଭ କରିଥିବା ମିଥ୍ୟା 'ସତ୍ୟ ସମୂହକୁ'କୁ ଅଗ୍ରାହ୍ୟ କରିବାକୁ ହେବ ଓ ସେଗୁଡ଼ିକ ସ୍ଥାନରେ ବାଇବଲର ସତ୍ୟ ରଖିବାକୁ ହେବ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକ ଓ ନେତାଭାବରେ, ଆମକୁ ବାଇବଲର ନୀତିଗୁଡ଼ିକ ବୁଝିବା ପାଇଁ ଓ ଏହା ପରେ ଏଗୁଡ଼ିକୁ ଶିକ୍ଷା ଦେବା ପାଇଁ ଆହ୍ୱାନ ଦିଆଯାଇଛି । ଗୋଟିଏ ନୀତି ହେଉଛି ''ଏପରି ଗୋଟିଏ ନିୟମ ଯାହା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କିମ୍ବା ସ୍ୱଭାବର ଧାରା ନିର୍ଣ୍ଣୟ କରିଥାଏ ।''

ଉଦାହରଣ ସ୍ୱରୂପ, ଯୀଶୁ ମାଥିଉ ୨୨:୩୭-୪୦ରେ ଆମକୁ ଦୁଇଟି ନିୟମ ପ୍ରଦାନ କରିଛନ୍ତି : ''ସେ (ଯୀଶୁ) ତାଙ୍କୁ କହିଲେ, ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହା ହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟଟି ଏହାର ସଦୃଶ, ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର । ଏହି ଦୁଇ ଆଜ୍ଞା ଉପରେ ସମସ୍ତ ବ୍ୟବସ୍ଥା ଓ ଭାବବାଦୀମାନଙ୍କର ଧର୍ମଶାସ୍ତ୍ର ନିର୍ଭର କରେ ।''

ଏହି ପଦରେ, ପ୍ରଥମ ନିୟମ ହେଉଛି – ଆପଣଙ୍କଠାରେ ଥିବା ସମସ୍ତ ବିଷୟ ସହିତ ଈଶ୍ୱରଙ୍କୁ ପ୍ରେମ କରିବା ଓ ଦ୍ୱିତୀୟ ନିୟମ ହେଉଛି – ଆପଣଙ୍କ ପ୍ରତିବାସୀକୁ ପ୍ରେମ କରିବା ।

ନିୟମରୁ ଆମେ ଚିନ୍ତାଧାରାର ବିକାଶ କରୁ । ଗୋଟିଏ ଚିନ୍ତାଧାରା ହେଉଛି – ବାଇବଲର ନିୟମରୁ ଉତ୍ପନ୍ନ କିମ୍ବା ଉଦ୍ଧୃତ ସାଧାରଣ ଧାରଣା । ମାଥିଉ ୨୨:୩୭-୪୦ର ଚିନ୍ତାଧାରା ହେବ – ସମସ୍ତ ଚିନ୍ତା, ବାକ୍ୟ ଓ କାର୍ଯ୍ୟ ସହିତ ଈଶ୍ୱରଙ୍କୁ ପ୍ରେମ କରିବା ଓ ଈଶ୍ୱର ନିଜର ନିଃସର୍ତ୍ତ ପ୍ରେମ ଦ୍ୱାରା ସୃଷ୍ଟି କରିଥିବା ଅନ୍ୟ ସମସ୍ତଙ୍କୁ ପ୍ରେମ କରିବା ।

ବାଇବଲ ଆମ ସମସ୍ତଙ୍କ ନିକଟରେ ତାହା ପ୍ରକାଶ କରେ ଯାହା ଜୀବନ ଓ ଧାର୍ମିକତା ପାଇଁ ଜାଣିବା ଆବଶ୍ୟକ ଅଟେ । ସତ୍ୟ ଆତ୍ମା, ପବିତ୍ର ଆତ୍ମାଙ୍କ କାର୍ଯ୍ୟ ହେଉଛି – ଆମ ପ୍ରତି ଈଶ୍ୱରଙ୍କ କାର୍ଯ୍ୟ ପ୍ରକାଶ କରିବା (ଯୋହନ ୧୪:୨୬) । *'ପ୍ରକାଶ'* ହେଉଛି, ଯାହା ଗୁପ୍ତ, ତାକୁ ନେଇ ଅନ୍ୟମାନଙ୍କୁ ଜଣାଇବା । *''ଏଥିରେ ଯୀଶୁ ତାଙ୍କୁ ଉତ୍ତର ଦେଲେ, 'ହେ ଯୂନସର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ଏହା ପ୍ରକାଶ କରିଅଛନ୍ତି''* (ମାଥିଉ ୧୬:୧୭) । ଯେତେବେଳେ ଜଣେ ଏହି ପ୍ରକାଶ ପାଏ, ସେତେବେଳେ ଏହାକୁ ବ୍ୟକ୍ତିଗତ ପ୍ରକାଶ ଭାବରେ ଉଲ୍ଲେଖ କରାଯାଏ (ଏଫିସୀୟ ୧:୧୭) ।

ପ୍ରକାଶ ସର୍ବଦା ସମଗ୍ର ବାଇବଲ ସହିତ ସମ୍ମତ ହେବ । ଈଶ୍ୱରଙ୍କ ବାକ୍ୟ ଯାହା ରହିସାରିଛି, ତାହାଠାରୁ ଭିନ୍ନ ଈଶ୍ୱରଙ୍କର (କିମ୍ବା ଅନ୍ୟ କୌଣସି ଉତ୍ସର) କୌଣସି ନୂତନ ପ୍ରକାଶ ନାହିଁ । ସେଥିପାଇଁ, ହେ ପାଳକମାନେ, ଆପଣମାନେ ଆପଣାମାନଙ୍କର ଶିକ୍ଷା ପ୍ରସ୍ତୁତ କରୁଥିବା ସମୟରେ ଏହା ମନେରଖନ୍ତୁ ଯେ, ଈଶ୍ୱରଙ୍କ ବାକ୍ୟ ନିୟମରୁ, ଚିନ୍ତାଧାରାରୁ ଓ ପ୍ରକାଶରୁ ଆସିଥାଏ ।

''ଅନୁଯୋଗ ନିମନ୍ତେ ...''

ଈଶ୍ୱରଙ୍କ ପ୍ରେମ, କ୍ଷମା ଓ ଗ୍ରହଣ ସମ୍ବନ୍ଧୀୟ ସତ୍ୟ ବିଷୟରେ ମନୁଷ୍ୟମାନଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ଓ ସେମାନଙ୍କୁ ଚେତନା ଦେବା ପାଇଁ, ପୁଣି ସୁସମାଚାର ବାର୍ତ୍ତାର ସତ୍ୟତାକୁ ଅସ୍ୱୀକାର କରୁଥିବା ବ୍ୟକ୍ତିମାନଙ୍କର ସମ୍ମୁଖୀନ ହେବା ପାଇଁ ମଧ୍ୟ ଧର୍ମଶାସ୍ତ୍ର ପ୍ରଦତ୍ତ ହୋଇଛି ।

ଈଶ୍ୱରଙ୍କ ବାକ୍ୟର ସତ୍ୟତାକୁ ଜଣାଇବା ପାଇଁ ଆମକୁ କେବଳ ତର୍କ କିମ୍ବା ବୁଦ୍ଧିମତ୍ତା ଉପରେ ନିର୍ଭର କରିବାକୁ ହେବ ନାହିଁ (୨ କରିନ୍ଥୀୟ ୧୦:୫, ୧ ତୀମଥି ୬:୪) । ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ ଶକ୍ତିଶାଳୀ ଅଟେ (ଏବ୍ରୀ ୪:୧୨) ଓ ଏହା ଆପେ ଆପେ ମନୁଷ୍ୟର ହୃଦୟକୁ ସୁଦ୍ଧା ପରିବର୍ତ୍ତିତ କରିପାରେ ।

ଆମେ ଈଶ୍ୱରଙ୍କ ବାକ୍ୟର ଶକ୍ତିକୁ ବିଶ୍ୱାସ କରିପାରିବା ! ଆମେ ବିଶ୍ୱାସର ସହିତ ତାହା କରିବା ଉଚିତ ଯାହା ଆମେ ଅଧ୍ୟୟନ କରିଛୁ ଓ ଜାଣିଛୁ : *''କିନ୍ତୁ ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ଆପଣା ଆପଣା ହୃଦୟରେ ପବିତ୍ର ରୂପେ ମାନ କର । ତୁମ୍ଭମାନଙ୍କଠାରେ ଥିବା ଭରସାର କାରଣ ସମ୍ବନ୍ଧରେ ଯେ କେହି ପ୍ରଶ୍ନ କରେ, ତାହାକୁ ପ୍ରତ୍ୟୁତ୍ତର ଦେବାକୁ ପ୍ରସ୍ତୁତ ରୁହ, କିନ୍ତୁ ନମ୍ର ଭାବରେ ଓ ସଭୟରେ ଉତ୍ତମ ବିବେକ ସହ ଉତ୍ତର ଦିଅ''* (୧ ପିତର ୩:୧୫) ।

ସୁସମାଚାର ଓ ଈଶ୍ୱରଙ୍କ ବାକ୍ୟର ସତ୍ୟତାକୁ ସୁଦୃଢ଼ କରିବା ପାଇଁ ମଧ୍ୟ ପ୍ରେରିତ ପାଉଲ ପବିତ୍ର ଆତ୍ମାଙ୍କ ଶକ୍ତିକୁ ସ୍ୱୀକାର କରିଥିଲେ :

> ବିଷୟଗୁଡ଼ିକୁ ଯଥାର୍ଥ ବ୍ୟବହାର ଓ ସ୍ଥାନକୁ ଫେରାଇ ଆଣିବା ପାଇଁ ଧର୍ମଶାସ୍ତ୍ର ଆମର ପଥ ପ୍ରଦର୍ଶକ ହେବା ଉଚିତ, ଏହା ମିଥ୍ୟା ଚିନ୍ତାଧାରା ଓ ଭୁଲ ମତାମତ ସଂଶୋଧନ କରିବା ପାଇଁ ମଧ୍ୟ ଉଦ୍ଦିଷ୍ଟ : ''କାରଣ ଈଶ୍ୱର ବିଶୃଙ୍ଖଳାର ଈଶ୍ୱର ନୁହଁନ୍ତି, ମାତ୍ର ଶାନ୍ତିର ଈଶ୍ୱର । ସାଧୁମାନଙ୍କ ମଣ୍ଡଳୀରେ ଯେପରି ହୋଇଥାଏ'' (୧ କରିନ୍ଥୀୟ ୧୪:୩୩) ।

''ଅତଏବ, ହେ ଭାଇମାନେ, ଯେତେବେଳେ ମୁଁ ତୁମ୍ଭମାନଙ୍କ ନିକଟକୁ ଯାଇଥିଲି, ସେତେବେଳେ ଈଶ୍ୱରଙ୍କ ନିଗୂଢ଼ତତ୍ତ୍ୱ ବକ୍ତୃତା କିମ୍ବା ଜ୍ଞାନର ଉତ୍କୃଷ୍ଟତା ସହିତ ଯେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲି, ତା' ନୁହେଁ । କାରଣ ଯୀଶୁଖ୍ରୀଷ୍ଟ, ଅର୍ଥାତ୍, କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି । ପୁଣି, ମୁଁ ଦୁର୍ବଳତା, ଭୟ ଓ ମହାକମ୍ପ ସହ ତୁମ୍ଭମାନଙ୍କ ମଧ୍ୟରେ ଥିଲି । ତୁମ୍ଭମାନଙ୍କ ବିଶ୍ୱାସ ଯେପରି ମନୁଷ୍ୟର ଜ୍ଞାନ ଉପରେ ସ୍ଥାପିତ ନ ହୋଇ ଈଶ୍ୱରଙ୍କ ଶକ୍ତି ଉପରେ ସ୍ଥାପିତ ହୁଏ, ଏଥିପାଇଁ ମୋହର ଶିକ୍ଷା ଓ ମୋହର ପ୍ରଚାର ଜ୍ଞାନର ମନୋହର ବାକ୍ୟ ଯୁକ୍ତ ନ ହୋଇ ଆତ୍ମା ଓ ଶକ୍ତିର ପ୍ରମାଣ ଯୁକ୍ତ ହୋଇଥିଲା'' (୧ କରିନ୍ଥୀ ୨:୧-୫) ।

''ସଂଶୋଧନ ନିମନ୍ତେ ...''

ବିଷୟଗୁଡ଼ିକୁ ସେମାନଙ୍କର ଯଥାର୍ଥ ବ୍ୟବହାର ଓ ସ୍ଥାନକୁ ଫେରାଇ ଆଣିବା ପାଇଁ, ମିଥ୍ୟା ଚିନ୍ତାଧାରା ଓ ଭୁଲ୍ ମତାମତକୁ ସଂଶୋଧନ କରିବା ପାଇଁ ଧର୍ମଶାସ୍ତ୍ର ଆମର ପଥପ୍ରଦର୍ଶକ ହେବା ଉଚିତ : *''କାରଣ ଈଶ୍ୱର ବିଶୃଙ୍ଖଳାର ଈଶ୍ୱର ନୁହଁନ୍ତି, ମାତ୍ର ଶାନ୍ତିର ଈଶ୍ୱର, ସାଧୁମାନଙ୍କର ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ''* (୧ କରିନ୍ଥୀ ୧୪:୩୩) ।

ଯାହା ଯଥାର୍ଥ ଓ ସତ୍ୟ ଅଟେ । ଯଦି ଆପଣ ଯେଉଁମାନଙ୍କର ନେତୃତ୍ୱ ନେଉଛନ୍ତି, ସେମାନେ କ'ଣ କରିବା ଯଥାର୍ଥ ବୋଲି ଜାଣିବାକୁ ଇଚ୍ଛା କରିବେ, ତେବେ ପରାମର୍ଶ ଓ ଜ୍ଞାନ ନିମନ୍ତେ ସେମାନଙ୍କୁ ଈଶ୍ୱରଙ୍କ ବାକ୍ୟ ନିକଟକୁ ନେଇ ଯାଆନ୍ତୁ । ଅନ୍ୟ ଯେକୌଣସି ପୁସ୍ତକ, ଶିକ୍ଷା, ଭାବବାଣୀ କିମ୍ବା ସେବା ସମ୍ବନ୍ଧୀୟ ଦାନକୁ ଆମେ ଗ୍ରହଣ କରିବା ପୂର୍ବରୁ ସେଗୁଡ଼ିକ ସମଗ୍ର ବାଇବଲ ସହିତ ସଂପୂର୍ଣ୍ଣ ଭାବରେ ସମ୍ମତ ହେବା ଆବଶ୍ୟକ ।

ଈଶ୍ୱର ନିଜ ବାକ୍ୟରେ ଯାହା ପ୍ରକାଶ କରିସାରିଛନ୍ତି, ତା' ସହିତ ଅସମ୍ମତ ହେଉଥିବା ଯେକୌଣସି ଶିକ୍ଷା କିମ୍ବା ଭାବବାଣୀକୁ ସଂଗେ ସଂଗେ ଅଗ୍ରାହ୍ୟ କରିବା ଉଚିତ । ଏପରି କେତେକ ମିଥ୍ୟା ଭାବବାଦୀ, ମିଥ୍ୟା ଧର୍ମ, ଶୟତାନର ଧର୍ମତତ୍ତ୍ୱ ଅଛି – ଯେଉଁଗୁଡ଼ିକ ଆଜି ଏହି ଜଗତରେ ସକ୍ରିୟ ଅଟନ୍ତି (ମାଥିଉ ୭:୧୫-୨୦, ୨୪:୪-୧୨, ୧ ତୀମଥି ୪:୧,୨, ୨ ତୀମଥି ୪:୩,୪) । ଯାହା ସତ୍ୟ ଅଟେ, ତାହା ଆମକୁ ଦେଖାଇବା ପାଇଁ ଆମ ନିକଟରେ ଈଶ୍ୱରଙ୍କ ବାକ୍ୟ ରହିଛି । ଈଶ୍ୱରଙ୍କର ଯେଉଁ ଲୋକମାନଙ୍କର ପାଳକ ହେବା ପାଇଁ ଆମେ ଉଦ୍ଦିଷ୍ଟ, ସେହି ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ, ସେମାନଙ୍କର ନେତୃତ୍ୱ ନେଇ ସେମାନଙ୍କୁ ରକ୍ଷା କରିବା ପାଇଁ ଆମେ ଏହା ବ୍ୟବହାର କରିବା ଆବଶ୍ୟକ ।

ନେତାଭାବରେ ଅନ୍ୟମାନଙ୍କ ପ୍ରତି ଆମେ ଆଣୁଥିବା ଯେକୌଣସି ସଂଶୋଧନ ସର୍ବଦା ଏକ ନମ୍ର ମନୋଭାବ ଓ ମୃଦୁ ମନୋଭାବ ସହିତ କରାଯିବା ଉଚିତ (ଗାଲାତୀୟ ୬:୧, ଏଫିସୀ ୪:୨,୩) ।

''ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ...''

ଈଶ୍ୱର ପବିତ୍ର ହୋଇଥିବାରୁ ତାଙ୍କ ସହିତ ସହଭାଗିତା ରଖିବା ପାଇଁ ପବିତ୍ର ହେବାକୁ ଆମକୁ ଆହ୍ୱାନ ଦିଆଯାଇଛି । ଏହାର ଅର୍ଥ ହେଉଛି ଯେ, ଯାହା ଈଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ ଓ ନ୍ୟାୟୋଚିତ, ସେ ସମ୍ବନ୍ଧରେ ଆମେ ଜ୍ଞାତ ହେବା ଓ କେବଳ ସେହି ଆଦର୍ଶ ଅନୁସାରେ ଜୀବନ କାଟିବା ଆବଶ୍ୟକ । କ'ଣ ଧରି ରଖିବାକୁ ହେବ ଓ କ'ଣ ପରିତ୍ୟାଗ କରିବାକୁ ହେବ, ତାହା ବାଇବଲ ସ୍ପଷ୍ଟ ଭାବରେ ଆମକୁ କହିଅଛି :

''ହେ ମନୁଷ୍ୟ, ଯାହା ଉତ୍ତମ, ତାହା ସେ ତୁମ୍ଭକୁ ଜଣାଇଅଛନ୍ତି, ନ୍ୟାୟାଚରଣ, ଦୟା ଭଲ ପାଇବା ଓ ନମ୍ରଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାର, ଏହା ଛଡ଼ା ସଦାପ୍ରଭୁ ତୁମ୍ଭଠାରୁ ଆଉ କ'ଣ ଲୋଡ଼ନ୍ତି ?'' (ମୀଖା ୬:୮, ଗାଲାତୀୟ ୫:୧୯-୨୩ ଦେଖନ୍ତୁ) ।

ଅଧ୍ୟାୟ – ୬

ଗୋଟିଏ ବାଇବଲ–ଭିତ୍ତିକ ଜାଗତିକ ଦୃଷ୍ଟିକୋଣର ବିକାଶ କରିବା

ଲୋକମାନେ କ'ଣ ବିଶ୍ୱାସ କରନ୍ତି ଓ ଯାହା ବିଶ୍ୱାସ କରନ୍ତି, ତାହା କାହିଁକି କରନ୍ତି, ସେ ସମ୍ବନ୍ଧରେ ବର୍ତ୍ତମାନ ଆମେ ଅଧିକ ଉତ୍ତମ ଭାବେ ଜାଣିଅଛୁ । ଏହା ବାଇବଲରେ ଥିବା ସତ୍ୟ ସମୂହକୁ ଶିକ୍ଷା ଦେବାର, ପ୍ରଚାର କରିବାର ଓ ନିଜ ଜୀବନ ଦ୍ୱାରା ପ୍ରଦର୍ଶନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରେ ।

ପ୍ରତ୍ୟେକଙ୍କର ଗୋଟିଏ ମତ ରହିଛି

ଅନେକ ଲୋକଙ୍କ ନିକଟରେ କେବଳ ଅନୁଭବ କିମ୍ବା ଜଗତର ଲୋକମାନଙ୍କର ପରମ୍ପରା ଓ ଜ୍ଞାନ ଉପରେ ଆଧାରିତ ମତାମତ ରହିଥାଏ । ଏହା ପ୍ରାୟ ବନ୍ଧୁବର୍ଗ, ସମାଜ, ପରିବାର, ଏପରିକି ଗଣମାଧ୍ୟମର ଚାପର ଏକ ପରିଣତି ଅଟେ । ଗୋଟିଏ ବାସ୍ତବ ଦୃଷ୍ଟାନ୍ତ ଭାବରେ, ଆମ ସମୟର କିଛି ଜଟିଳ ସମସ୍ୟାର ନୈତିକତା ବିଷୟରେ ଆପଣ 'ବାସ୍ତବରେ' ଯାହା ବିଶ୍ୱାସ କରନ୍ତି, ସେ ବିଷୟରେ ଅଳ୍ପ ସମୟ ଚିନ୍ତା କରନ୍ତୁ । ଯଥା –

୧. ଅପରାଧୀମାନଙ୍କ ପାଇଁ ମୃତ୍ୟୁଦଣ୍ଡ
୨. ଗର୍ଭପାତ
୩. ସମଲିଙ୍ଗୀ ଯୌନାଚାର
୪. ଯୌନ ଉଦ୍ଦୀପକ କାର୍ଯ୍ୟ
୫. ରାଜନୈତିକ ଦଳ

୬. ସରକାରଙ୍କର ଭୂମିକା
୭. ସତ୍ୟ
୮. ଅପେକ୍ଷିକତା ବାଦ
୯. ପାପ
୧୦. ଈଶ୍ୱର
୧୧. ମଣ୍ଡଳୀ

ଆମ ନିକଟରେ ଏହି ସମସ୍ତ ବିଷୟ ସମ୍ବନ୍ଧରେ ମତାମତ ଓ ଦୃଷ୍ଟିକୋଣ, ଏପରିକି ଶକ୍ତି ଅନୁଭବ ରହିଛି । ବାସ୍ତବ ପ୍ରଶ୍ନ ହେଉଛି : ବାଇବଲରେ ଯାହା ଅଛି, ତା' ସହିତ ଆମର ମତାମତ କିମ୍ବା ଅନୁଭବ ସମ୍ମତ ହୁଏ କି ? ଆପଣ ଏହା ମଧ୍ୟ ପ୍ରଶ୍ନ କରିପାରନ୍ତି : ନୈତିକତା କିମ୍ବା ସତ୍ୟ ସମ୍ବନ୍ଧୀୟ ବିଷୟ ଉପରେ ଯୀଶୁଙ୍କର ଦୃଷ୍ଟିକୋଣ କ'ଣ ହୋଇଥିବ ? ସେ ଯାହା ଶିକ୍ଷା ଦେଇଥିଲେ, ସେଥିମଧ୍ୟରୁ କେବଳ କେତେକ ଶିକ୍ଷା ପ୍ରତି ଆମେ ଦୃଷ୍ଟିପାତ କରିବା –

- *''ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି, ଏପରି ଭାବ ନାହିଁ, ଲୋପ କରିବାକୁ ଆସି ନାହିଁ, ବରଂ ସଫଳ କରିବାକୁ ଆସିଅଛି''* (ମାଥିଉ ୫:୧୭) ।
- *''ମୋତେ 'ପ୍ରଭୁ, ପ୍ରଭୁ' ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ''* (ମାଥିଉ ୭:୨୧) ।
- *ତେଣୁ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ପୁତ୍ର ପିତାଙ୍କୁ ଯାହା କରୁଥିବା ଦେଖନ୍ତି, ତାହା ଛଡ଼ା ସେ ଆପଣାରୁ କିଛି ହିଁ କରିପାରନ୍ତି ନାହିଁ । କାରଣ ସେ ଯାହା ଯାହା କରନ୍ତି, ପୁତ୍ର ମଧ୍ୟ ସେହିସବୁ ସେହି ପ୍ରକାରେ କରନ୍ତି''* (ଯୋହନ ୫:୧୯) ।

ପ୍ରଶ୍ନ ଏହା ନୁହେଁ, କାରଣ ଆମ ସମସ୍ତଙ୍କର ଏକ ଜାଗତିକ ଦୃଷ୍ଟିକୋଣ ରହିଛି । ପ୍ରଶ୍ନ ହେଉଛି – ''ଆମ ଜାଗତିକ ଜ୍ଞାନର ଭିତ୍ତି କ'ଣ ଅଟେ ?'' ଆମେ ଆମର ମତାମତ କିପରି ଗଠନ କରିଥିଲୁ ଓ କାହିଁକି କରିଥିଲୁ ? ଆମର ମତାମତ ସାମୟିକ ଗ୍ରହଣ, ଯତ୍ନର ସହିତ ବିଚାର କରାଯାଉଥିବା ଚିନ୍ତା କିମ୍ବା ମୁଖ୍ୟ ବିଶ୍ୱାସଗୁଡ଼ିକର ଏକ ମୂଳଦୁଆ ଉପରେ ଆଧାରିତ ଅଟେ ?

ମୁଖ୍ୟ ବିଶ୍ୱାସଗୁଡ଼ିକର ମୂଳଦୁଆ

ଗୋଟିଏ ବାଇବଲ–ଭିତ୍ତିକ ଜାଗତିକ ଦୃଷ୍ଟିକୋଣ ହେଉଛି ସେହି ବିଷୟ, ଯାହା ଧର୍ମଶାସ୍ତ୍ରରେ ଆମ ପ୍ରତି ପ୍ରଦତ୍ତ ହୋଇଥିବା କାର୍ଯ୍ୟ କିମ୍ବା ସ୍ୱଭାବ ସମ୍ବନ୍ଧୀୟ

ନିୟମାବଳୀ ଉପରେ ଆଧାରିତ ଅଟେ । ଏହି ନିୟମଗୁଡ଼ିକ ସେହି ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା, ଯିଏ ମନୁଷ୍ୟ ଜାତିକୁ ସୃଷ୍ଟି କରିଥିଲେ ଓ ଯିଏ ଆମ ନିମନ୍ତେ ଯାହା ଉତ୍ତମ, ତାହା କରନ୍ତି । ପାଳକ ଓ ନେତା ଭାବରେ ଆମେ ଏହି ବାଇବଲ-ଭିତ୍ତିକ ଜାଗତିକ ଦୃଷ୍ଟିକୋଣ ସାହସର ସହିତ ଘୋଷଣା କରିବା ଉଚିତ ।

ଗୋଟିଏ ବାଇବଲ-ଭିତ୍ତିକ ଦୃଷ୍ଟିକୋଣ ମୁଖ୍ୟ ବିଶ୍ୱାସଗୁଡ଼ିକର ଗୋଟିଏ ବଳିଷ୍ଠ ଭିତ୍ତି ଉପରେ ଗଠିତ ହୋଇଥାଏ । ଗୋଟିଏ ଖ୍ରୀଷ୍ଟିୟାନ ପାଇଁ ଏହି ମୁଖ୍ୟ ବିଶ୍ୱାସଗୁଡ଼ିକ ମଧ୍ୟରେ, ମୁଖ୍ୟତଃ, ଦଶଆଜ୍ଞା ଓ ବାଇବଲର ନିୟମାବଳି ରହିଛି । ନିୟମାବଳିଗୁଡ଼ିକ କାର୍ଯ୍ୟ କିମ୍ବା ସ୍ୱଭାବର ଏକ ସାଧାରଣ ନିୟମ ଭାବରେ ଉଦ୍ଦିଷ୍ଟ ଆଦେଶ କିମ୍ବା ନୀତିସମୂହ ଅଟେ ।

ଆମେ ଅଧ୍ୟୟନ କରିପାରୁଥିବା ଅନେକ ବାଇବଲ ତତ୍ତ୍ୱାବଳି ଓ ନିୟମ ମଧ୍ୟରୁ ଆସନ୍ତୁ, ଆମେ ଏପରି ''ଦଶଟି ଅତ୍ୟାବଶ୍ୟକୀୟ ନିୟମ କିମ୍ବା ତତ୍ତ୍ୱାବଳି ପ୍ରତି ସଂକ୍ଷେପରେ ଦୃଷ୍ଟିପାତ କରିବା, ଯେଉଁଗୁଡ଼ିକ ଗୋଟିଏ ବାଇବଲ-ଭିତ୍ତିକ ଦୃଷ୍ଟିକୋଣର କେନ୍ଦ୍ରରେ ରହିବା ଉଚିତ :

୧. **ବାଇବଲ :** ଏହା ମଧ୍ୟରେ ଉଭୟ ପୁରାତନ ଓ ନୂତନ ନିୟମ ଅନ୍ତର୍ଭୁକ୍ତ । ମୂଳରୁ ପ୍ରଦତ୍ତ ହେବା ସମୟରେ ଏହା ତ୍ରୁଟିବିହୀନ ଅଟେ (୨ ପିତର ୧:୨୦,୨୧) ।
   - ବାଇବଲ ଈଶ୍ୱରଙ୍କ ମୌଖିକ ଅନୁପ୍ରେରଣା (*ନିଃଶ୍ୱସିତ*) ଓ ମନୁଷ୍ୟମାନଙ୍କର ପରିତ୍ରାଣ ନିମନ୍ତେ ତାଙ୍କ ଚରିତ୍ର ଓ ଇଚ୍ଛାର ଏକ ସଂପୂର୍ଣ୍ଣ ପରିପ୍ରକାଶ ଅଟେ ।
   - ଧର୍ମଶାସ୍ତ୍ର ଖ୍ରୀଷ୍ଟିୟାନ ବିଶ୍ୱାସ ଓ କାର୍ଯ୍ୟର ସ୍ୱର୍ଗୀୟ ଓ ଏକମାତ୍ର ନିୟମ ଗଠନ କରେ (୨ ତୀମଥି ୩:୧୬,୧୭) ।

୨. **ଜଣେ ଈଶ୍ୱର ଅଛନ୍ତି, ଯିଏ ଅସୀମ ଭାବରେ ତ୍ରୁଟିଶୂନ୍ୟ ଅଟନ୍ତି** (ମାଥିଉ ୫:୪୮) ।
   - ଈଶ୍ୱର ତିନୋଟି ବ୍ୟକ୍ତିତ୍ୱରେ ରହିଛନ୍ତି : ପିତା (ଫିଲିପ୍ପୀ ୨:୧୧), ପୁତ୍ର (ଯୋହନ ୧୦:୩୦) ଓ ପବିତ୍ର ଆତ୍ମା (୨ କରିନ୍ଥୀ ୩:୧୭) । ପ୍ରତ୍ୟେକ ଜଣ ସଂପୂର୍ଣ୍ଣ ଈଶ୍ୱର ଅଟନ୍ତି, ତଥାପି ଏହି ତିନି ବ୍ୟକ୍ତିତ୍ୱ ଏକ ଅଟନ୍ତି (ଦ୍ୱି.ବିବ. ୬:୪) ।

୩. **ଯୀଶୁଖ୍ରୀଷ୍ଟ ଅଦୃଶ୍ୟ ଈଶ୍ୱରଙ୍କର ପ୍ରତିମୂର୍ତ୍ତୀ** (ସଠିକ୍ ପ୍ରତିନିଧି କିମ୍ବା ପ୍ରକାଶ **ଅଟନ୍ତି** (କଲସୀ ୧:୧୫, ଏବ୍ରୀ ୧:୩), ଅର୍ଥାତ୍ ସେ ଈଶ୍ୱର ମଧ୍ୟ ଅଟନ୍ତି (ଯୋହନ ୧୦:୩୦) ।
   - ସେ ନିଜେ ଏକ ମାନବ ସ୍ୱଭାବ ଧାରଣ କରିଥିଲେ (ଫିଲି. ୨:୫-୮, ଏବ୍ରୀ ୨:୯) ।

   - ସେ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭରେ ରହିଥିଲେ ଓ ଏକ କୁମାରୀ ଠାରୁ ଜାତ ହୋଇଥିଲେ (ମାଥିଉ ୧:୨୦-୨୩, ଲୂକ ୧:୩୪) ।
   - ସେ ଜଗତର ପାପ ନିମନ୍ତେ ଏକ ପ୍ରତିବଦଳ, ଏକ ବଳି ଭାବରେ (ଏବ୍ରୀ ୯:୨୬) କ୍ରୁଶ ଉପରେ ଦୁଃଖଭୋଗ କରି ମୃତ୍ୟୁବରଣ କରିଥିଲେ (ଯୋହନ ୧୯:୩୦) ।
   - ସେ ଶାରୀରିକ ଭାବରେ ମୃତ୍ୟୁରୁ ଉଠିଥିଲେ (ଲୂକ ୨୪:୧-୭) ଓ ସେହି ସ୍ୱର୍ଗକୁ ଆରୋହଣ କରିଥିଲେ (ପ୍ରେରିତ ୨:୩୨,୩୩) ଯେଉଁଠାରେ ବର୍ତ୍ତମାନ ଆମର ମହାଯାଜକ ଭାବରେ ଆମ ପାଇଁ ନିବେଦନ କରୁଛନ୍ତି (ଏବ୍ରୀ ୭:୨୫) ।
   - ସେ ଜୀବିତ ଓ ମୃତମାନଙ୍କର ବିଚାର କରିବାକୁ ପୁନର୍ବାର ବ୍ୟକ୍ତିଗତ ଭାବରେ ଓ ଦୃଶ୍ୟଭାବରେ ଆସିବେ (ଲୂକ ୨୧:୨୭, କଲସୀ ୩:୪, ୨ ତୀମଥି ୪:୧) ।

୪. **ପବିତ୍ର ଆତ୍ମା ଜଣେ ସ୍ୱର୍ଗୀୟ ବ୍ୟକ୍ତିତ୍ୱ, ଅର୍ଥାତ୍ ଈଶ୍ୱର ଅଟନ୍ତି** (୨ କରିନ୍ଥୀ ୩:୧୭,୧୮) ।
   - ଯୀଶୁଖ୍ରୀଷ୍ଟଙ୍କଠାରେ ଥିବା ପ୍ରତ୍ୟେକ ବିଶ୍ୱାସୀଙ୍କ ମଧ୍ୟରେ ବାସ କରିବା ପାଇଁ (ଯୋହନ ୧୪:୧୭), ସେମାନଙ୍କୁ ଚାଳନା ଦେବା ପାଇଁ (ଯୋହନ ୧୬:୧୩), ଶିକ୍ଷା ଦେବା ପାଇଁ (ଯୋହନ ୧୪:୨୬), ଶକ୍ତିଯୁକ୍ତ କରିବା ପାଇଁ (ଗାଲାତୀୟ ୫:୧୬,୧୭) ଓ ରୂପାନ୍ତରିତ କରିବା ପାଇଁ (ଗାଲାତୀୟ ୫:୨୨-୨୫) ପବିତ୍ର ଆତ୍ମାଙ୍କୁ ପ୍ରେରଣ କରାଯାଇଛି ।
   - ପବିତ୍ର ଆତ୍ମା ପାପ ସମ୍ବନ୍ଧରେ, ଧାର୍ମିକତା ସମ୍ବନ୍ଧରେ ଓ ବିଚାର ସମ୍ବନ୍ଧରେ ଜଗତକୁ ଚେତନା ଦିଅନ୍ତି (ଯୋହନ ୧୬:୮-୧୦) ।

୫. **'ମନୁଷ୍ୟ' ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା** (ଆଦି. ୧:୨୭) ।
   - ମନୁଷ୍ୟ ଈଶ୍ୱରଙ୍କର ଧାର୍ମିକ ଆଦେଶ ବିରୁଦ୍ଧରେ ବିଦ୍ରୋହ କରିବାକୁ ମନୋନୀତ କରି ପାପର ସ୍ଥିତି ମଧ୍ୟକୁ ପତିତ ହୋଇଥିଲା (ରୋମୀ ୫:୧୨) । ଏହା ସମସ୍ତ ମନୁଷ୍ୟମାନଙ୍କ ସମ୍ବନ୍ଧରେ ସତ୍ୟ ଅଟେ (ରୋମୀ ୩:୨୩) ଓ ଜଣେ ମନୁଷ୍ୟ ପୁନର୍ବାର ଜନ୍ମ ନ ହେଲେ ଓ ଈଶ୍ୱରଙ୍କ ରାଜ୍ୟ ଦେଖିପାରିବ ନାହିଁ (ଯୋହନ ୩:୩) ।
   - ପରିତ୍ରାଣ କେବଳ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ଆସିଥାଏ (ରୋମୀ ୩:୨୪, ଏଫି ୨:୮,୯) ।

- ଦୁଷ୍ଟର ଦଣ୍ଡ ଓ ଧାର୍ମିକର ପୁରସ୍କାର ଅନନ୍ତକାଳୀନ ଅଟେ (୨ ଥେସ ୧:୯, ୧ ତୀମଥି ୧:୧୬) ।
- ଧାର୍ମିକମାନେ ସେମାନଙ୍କର ପୁରସ୍କାର ଜାଣିବେ ଓ ଏହାର ଅନୁଭୂତି ପାଇବେ, ଦୁଷ୍ଟମାନେ ସେମାନଙ୍କର ଅନନ୍ତ ଦଣ୍ଡ ବିଷୟରେ ଜାଣିବେ ଓ ତାହାର ଅନୁଭୂତି ପାଇବେ (ମାଥିଉ ୨୫:୩୧-୪୬, ୨ ପିତର ୨:୯) ।

୬. **ପରିତ୍ରାଣ ସମସ୍ତ ଲୋକଙ୍କ ନିମନ୍ତେ କେବଳ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପ୍ରଦତ୍ତ ହୋଇଅଛି** (ଯୋହନ ୩:୧୫-୧୭) ।
- କେବଳ ଯେଉଁମାନେ ଅନୁତାପ କରନ୍ତି ଓ ତାଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ପୁନର୍ବାର ପବିତ୍ର ଆତ୍ମାଙ୍କଠାରୁ ଜନ୍ମ ହୁଅନ୍ତି (ଯୋହନ ୩:୩, ପ୍ରେରିତ ୨:୩୮), ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ବିନା ଅନ୍ୟ କୌଣସି ଉପାୟରେ ପରିତ୍ରାଣ ନାହିଁ, ଈଶ୍ୱରଙ୍କ ନିକଟକୁ ଯିବାର ଅନେକ ମାର୍ଗ ନାହିଁ (ଯୋହନ ୧୪:୬) ।
- ଯେଉଁମାନେ ପୁନର୍ଜନ୍ମ ନିଅନ୍ତି, ସେମାନେ ଅନନ୍ତ ଜୀବନର ଦାନ ପ୍ରାପ୍ତ ହୁଅନ୍ତି (ଯୋହନ ୩:୧୬) ଓ ଈଶ୍ୱରଙ୍କ ସନ୍ତାନ ହୁଅନ୍ତି (ରୋମୀ ୮:୧୬) ।

୭. **ଶୁଚିକରଣ, ପବିତ୍ରତା ଓ ଜୟଯୁକ୍ତ ଜୀବନ ମଣ୍ଡଳୀ, ଅର୍ଥାତ୍, ଖ୍ରୀଷ୍ଟଙ୍କ ବଧୂ ନିମନ୍ତେ ଈଶ୍ୱରଙ୍କ ଯୋଜନା ଓ ଆଦେଶ ଅଟେ** (ଏଫି. ୫:୨୫-୨୭, ୧ ପିତର ୧:୧୩-୧୬) ।
- ଶୁଚିକରଣ ମଧ୍ୟରେ ଅର୍ନ୍ତଭୁକ୍ତ : (୧) ପବିତ୍ର ବ୍ୟବହାର ନିମନ୍ତେ ପ୍ରତ୍ୟେକ ବିଶ୍ୱାସୀର ଜୀବନର ଏକ ଶୁଚିକରଣ କିମ୍ବା ପୃଥକୀକରଣ ଓ (୨) ଜଣଙ୍କର ଜୀବନକାଳ ମଧ୍ୟରେ ସମସ୍ତ ନୈତିକ କଳୁଷତାରୁ ଏକ ପ୍ରଗତିଶୀଳ ଶୁଚିକରଣ (୨ କରିନ୍ଥୀ ୩:୧୮, ୨ ତୀମଥି ୨:୧୯-୨୧, ୧ ଯୋହ ୩:୨,୩) ।
- ଶୁଚିକରଣ କ୍ଷେତ୍ରରେ ଈଶ୍ୱରଙ୍କ ସମସ୍ତ ସନ୍ତାନଙ୍କ ନିମନ୍ତେ ଯୌନ ଶୁଚିତା ଆବଶ୍ୟକ ଅଟେ ଓ ଏହା ବ୍ୟଭିଚାର, କାମୁକତା, ନିଷିଦ୍ଧ ସଙ୍ଗମ, ସମଲିଙ୍ଗୀ ଯୌନାଚାର କିମ୍ବା ଧର୍ମଶାସ୍ତ୍ରରେ ନିଷିଦ୍ଧ ଅନ୍ୟ ଯୌନସଂପର୍କ କିମ୍ବା କାର୍ଯ୍ୟରୁ ଦୂରେଇ ରହିବା ଆବଶ୍ୟକ କରେ (୧ କରିନ୍ଥୀ ୬:୧୮, ୧ ଥେସ ୪:୧-୮, ଏବ୍ରୀ ୧୩:୪, ଲେବୀ ୧୮:୧-୩୦) ବିବାହ ହେଉଛି : ଜୀବନକାଳ ପାଇଁ ନିୟମଯୁକ୍ତ ସମର୍ପଣରେ ଗୋଟିଏ ପୁରୁଷ ଓ ଗୋଟିଏ ସ୍ତ୍ରୀ ମିଳିତ ହେବା ଓ ଏହା ଈଶ୍ୱରଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଅନୁଷ୍ଠାନ ଅଟେ (ମାଥିଉ ୧୯:୪-୬) ।

୮. **ପବିତ୍ର ଆତ୍ମାରେ ପରିପୂର୍ଣ୍ଣ କିମ୍ବା ତାଙ୍କ ଦ୍ୱାରା ପରିଚାଳିତ ହେବା ପ୍ରତ୍ୟେକ ବିଶ୍ୱାସୀ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ଅଟେ** (ଲୂକ ୧୧:୧୩, ୧ କରିନ୍ଥୀ ୨:୧୨, ଏଫି ୫:୧୮) ।
- ନିରନ୍ତର ଶୁଚିକରଣ ଦ୍ୱାରା (୨ ଥେସ ୨:୧୩), ପାପ ଓ ଜଗତରୁ ପୃଥକ୍ ହେବା ଦ୍ୱାରା (ରୋମୀ ୮:୧୨-୧୪) ଓ ଈଶ୍ୱରଙ୍କ ଇଚ୍ଛା ପ୍ରତି ସଂପୂର୍ଣ୍ଣ ଭାବରେ ସମର୍ପିତ ହେବା ଦ୍ୱାରା ଏହା ପ୍ରମାଣିତ ହୁଏ (ଫିଲି ୨:୧୩) ।
- ପ୍ରେମ ମାଧ୍ୟମରେ ପବିତ୍ର ଜୀବନ ଯାପନ ଓ ଫଳପ୍ରଦ ସେବା ନିମନ୍ତେ ଏହା ପ୍ରାପ୍ତ ହେବାର ଶକ୍ତି ନିକଟକୁ କଢ଼ାଇ ନିଏ (ଗାଲା ୫:୬) ।

୯. **ମଣ୍ଡଳୀର ଦୁଇଟି ପ୍ରକାଶ ରହିଛି :**
- **ବିଶ୍ୱବ୍ୟାପୀ ମଣ୍ଡଳୀ**, ଯାହା ମଧ୍ୟରେ ସେହିମାନେ ରହିଛନ୍ତି, ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି (ପ୍ରେରିତ ୨:୩୮-୪୧, ୪୭), ଯେଉଁମାନେ ତାଙ୍କ ରକ୍ତ ମାଧ୍ୟମରେ ଉଦ୍ଧାର ପାଇଛନ୍ତି (ଏବ୍ରୀ ୯:୧୪) ଓ ପବିତ୍ର ଆତ୍ମାଙ୍କଠାରୁ ପୁନର୍ଜନ୍ମ ପ୍ରାପ୍ତ ହୋଇଛି (ଯୋହନ ୩:୫) ଖ୍ରୀଷ୍ଟ ଶରୀର, ଅର୍ଥାତ୍ ମଣ୍ଡଳୀର ମସ୍ତକ ଅଟନ୍ତି (କଲ ୧:୧୮), ଯାହାକୁ ସମସ୍ତ ଜାତି ନିକଟକୁ ଏକ ସାକ୍ଷ୍ୟ ଭାବରେ, ସୁସମାଚାର ପ୍ରଚାର କରିବା ପାଇଁ ଜଗତ ମଧ୍ୟକୁ ଯିବା ପାଇଁ ଆଦେଶ ଦିଆଯାଇଛି (ମାଥିଉ ୨୮:୧୯) ।
- ସ୍ଥାନୀୟ ମଣ୍ଡଳୀ ଗୋଟିଏ ସ୍ଥାନୀୟ ସଭାରେ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ସମାବେଶ ଅଟେ, ଯେଉଁମାନେ ଈଶ୍ୱରଙ୍କ ଉପାସନା ନିମନ୍ତେ (ଯୋହନ ୪:୨୩), ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ନିଷ୍ଠା ପ୍ରାପ୍ତି ନିମନ୍ତେ (୨ ତୀମଥି ୩:୧୪-୧୫), ପ୍ରାର୍ଥନା ନିମନ୍ତେ (ଯିଶା ୫୬:୭), ସହଭାଗିତା ନିମନ୍ତେ (ପ୍ରେରିତ ୨:୪୨), ସୁସମାଚାର ଘୋଷଣା ନିମନ୍ତେ (ପ୍ରେରିତ ୨:୪୭) ଓ ବାପ୍ତିସ୍ମ ଓ ପ୍ରଭୁ ଭୋଜ ପାଳନ ନିମନ୍ତେ (ଲୂକ ୨୨:୭-୨୦) ଏକତ୍ର ସଂଯୁକ୍ତ ହୋଇଥାଆନ୍ତି । ପବିତ୍ର ଆତ୍ମାଙ୍କ ଦାନ ସେବାକାର୍ଯ୍ୟରେ ସାଧୁମାନଙ୍କର ନିଷ୍ଠା ନିମନ୍ତେ ପ୍ରକାଶିତ ହୋଇଅଛି (୧ କରିନ୍ଥୀ ୧୨:୪-୧୨) ।

୧୦. **ପୁନରୁତ୍ଥାନ ଧାର୍ମିକ ଓ ଅଧାର୍ମିକମାନଙ୍କର ଏକ ଶାରୀରିକ ପୁନରୁତ୍ଥାନ ହେବ, ଧାର୍ମିକମାନଙ୍କ ନିମନ୍ତେ ଜୀବନ ପ୍ରତି ପୁନରୁତ୍ଥାନ, ଅଧାର୍ମିକମାନଙ୍କ ନିମନ୍ତେ ବିଚାର ପ୍ରତି ପୁନରୁତ୍ଥାନ** (ଯୋହନ ୫:୨୮,୨୯, ୧ କରିନ୍ଥୀ ୧୫:୫୦-୫୮) ।

ଧର୍ମଶାସ୍ତ୍ରର ଏହି ଦଶଟି ମୌଳିକ ତତ୍ତ୍ୱାବଳି ଏକ ବାଇବଲ-ଭିତ୍ତିକ ଜାଗତିକ ଦୃଷ୍ଟିକୋଣ ବିକାଶ କରିବାର ଏକ ବଳିଷ୍ଠ ଭିତ୍ତି ଯୋଗାଇଥାଏ । ମାତ୍ର ଏକ ବାଇବଲ-ଭିତ୍ତିକ ଦୃଷ୍ଟିକୋଣ ରଖିବା କେବଳ ସଠିକ୍ ବିଶ୍ୱାସ କିମ୍ବା ସଠିକ୍ ବୋଧଜ୍ଞାନ ରଖିବାର ଊର୍ଦ୍ଧ୍ୱରେ ରହିଥାଏ ।

ତାଙ୍କ ଆତ୍ମାଙ୍କ ସହିତ ସଂପୂର୍ଣ୍ଣ ସହଯୋଗ ଓ ଈଶ୍ୱରଙ୍କ ବାଧ୍ୟ ହୋଇ ତାଙ୍କର ଇଚ୍ଛା ସାଧନ କରିବାର ଏକ ଇଚ୍ଛା ପ୍ରଦର୍ଶନ କରି ଆମ ସତ୍ତାର ଗଭୀରତମ ଅଂଶରୁ ଈଶ୍ୱରଙ୍କ ସହିତ ସମ୍ମତ ହୋଇ ରହିବା ଆମର ଆବଶ୍ୟକ ଅଟେ ।

ରାଜିନାମା

ବାଇବଲ ଆମକୁ ଏହି ଶିକ୍ଷା ଦିଏ ଯେ, ଈଶ୍ୱରଙ୍କ ସହିତ ଆମର ଗମନାଗମନ ପାଇଁ ତାଙ୍କ ସହିତ ସମ୍ମତ ହେବା ଆବଶ୍ୟକ ହୁଏ । *''ଏକ ପରାମର୍ଶ ନୋହିଲେ କି ଦୁଇଜଣ ଏକତ୍ର ଗମନ କରିବେ ?''* (ଆମୋଷ ୩:୩) ।

ଈଶ୍ୱରଙ୍କ ସହିତ ସମ୍ମତ ହେବାର ଅର୍ଥ ଏକ ବୌଦ୍ଧିକ କିମ୍ବା ମାନସିକ ସମ୍ମତି ଅପେକ୍ଷା ଅଧିକ ଅଟେ, କାରଣ ଭୂତମାନେ ସୁଦ୍ଧା ଈଶ୍ୱରଙ୍କଠାରେ ବିଶ୍ୱାସ କରି ଥରହର ହୁଅନ୍ତି (ଯାକୁବ ୨:୧୯) । ଈଶ୍ୱର ତାଙ୍କ ସହିତ ଆମର ବୌଦ୍ଧିକ ସମ୍ମତିକୁ ଅନ୍ୱେଷଣ କରୁଥାଆନ୍ତି, ଯାହା ପରେ ଆମ ବାଧ୍ୟତାର କାର୍ଯ୍ୟ ମାଧ୍ୟମରେ ସୁଦୃଢ଼ ହୋଇଥାଏ । ଏହା ସମସ୍ତ ବିଶ୍ୱାସୀଙ୍କ ସମ୍ବନ୍ଧରେ ସତ୍ୟ ଅଟେ, ମାତ୍ର ବିଶେଷ ଭାବରେ ପାଳକ ଓ ନେତାମାନଙ୍କ ସମ୍ବନ୍ଧରେ ସତ୍ୟ ଅଟେ – କାରଣ ଆମେ ବାକ୍ୟରେ ଓ ଆମ ଜୀବନର ଦୃଷ୍ଟାନ୍ତ ମାଧ୍ୟମରେ ଯାହା ଶିକ୍ଷା ଦେଉ, ତାହା ନିମନ୍ତେ ଆମେ ଦାୟୀ ଅଟୁ ।

ସମ୍ମତି ବା ରାଜିନାମାର ଅର୍ଥ ହେଉଛି – ''ଗୋଟିଏ ମତାମତର ବିଷୟ ସମ୍ବନ୍ଧରେ ସମ୍ମିଳିତ ହେବା ଓ ସମାନ ଦୃଷ୍ଟିକୋଣ ରଖିବା ।'' ଈଶ୍ୱର ବାଇବଲ ମାଧ୍ୟମରେ ନିଜର ମାର୍ଗ ଜଣାଇଅଛନ୍ତି ।

ତାଙ୍କ ବାକ୍ୟ ସହିତ ରାଜିନାମା କରିବା ଆମର ଦାୟିତ୍ୱ ଅଟେ । ଜଗତ ସମ୍ବନ୍ଧରେ ଈଶ୍ୱରଙ୍କ ଦୃଷ୍ଟିକୋଣ ସହିତ ସମ୍ମତ ହେବା ସେ ଯଥାର୍ଥ ବୋଲି ସ୍ୱୀକାର କରିବା ଅପେକ୍ଷା ଅଧିକ । ରାଜିନାମାର ଅର୍ଥ ହେଉଛି – ଆମେ ଆମର ଦୃଷ୍ଟିକୋଣ ସ୍ଥାନରେ ତାଙ୍କର ଦୃଷ୍ଟିକୋଣ ରଖିବା ଓ ଏହାପରେ ତାଙ୍କ ମାର୍ଗ ଅନୁସାରେ ଆମର ଜୀବନ କାଟିବା ।

ଆମେ ଗୋଟିଏ ବାଇବଲ-ଭିତ୍ତିକ ଦୃଷ୍ଟିକୋଣ ଓ ଧର୍ମଶାସ୍ତ୍ର ଉପରେ ପ୍ରତିଷ୍ଠିତ ମୁଖ୍ୟ ବିଶ୍ୱାସମତ ସହିତ ସମ୍ମତ ହୋଇପାରିବା ଓ ତତ୍ ସଂଗେ ସଂଗେ ଆମ ନିଜସ୍ୱ ଜୀବନରେ ଆମେ ଯାହା ଜାଣୁ, ତାହାକୁ କିପରି ପ୍ରୟୋଗ କରିବାକୁ ହେବ,

ସେଥିରେ ଅତି ଅସଙ୍ଗତ ହୋଇପାରୁ । ଅନ୍ୟ ଭାଷାରେ, ଆମେ ଏହା କହିପାରିବା ଯେ, ଆମେ ଗୋଟିଏ ବିଷୟ ବିଶ୍ୱାସ କରୁ, ମାତ୍ର ଅନ୍ୟ ଗୋଟିଏ ବିଷୟ କରୁ । ସେପରି ହେବା ଅନୁଚିତ ।

ପାଳକ ଓ ନେତା ଭାବରେ, ଆମେ ଅନ୍ୟମାନଙ୍କୁ ବାଇବଲରୁ ଯାହା ଶିକ୍ଷା ଦେଉ, ତାହାକୁ ପ୍ରତିଦିନ ଆମ ଜୀବନରେ ପ୍ରଦର୍ଶନ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବା ବାଧ୍ୟତା ମୂଳକ ଅଟେ (ରୋମୀ ୨:୨୧-୨୪) ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ହେ ପାଳକ, ସୁସମାଚାରର ଏକ ପ୍ରଚାରକ ଭାବରେ, ଆପଣ ଏକ ବାଇବଲଭିତ୍ତିକ ଜାଗତିକ ଦୃଷ୍ଟିକୋଣ ପ୍ରଚାର କରୁଛନ୍ତି, ଶିକ୍ଷା ଦେଉଛନ୍ତି, ପରାମର୍ଶ ଦେଉଛନ୍ତି ଓ ଆଦର୍ଶ ଦେଖାଉଛନ୍ତି କି ? ଦୁଃଖର ବିଷୟ ଆଜି ଅନେକେ ସେମାନଙ୍କର ବ୍ୟକ୍ତିଗତ ମତାମତ, ଧର୍ମବିହୀନ ମାନବବାଦ ଓ ମନୁଷ୍ୟମାନଙ୍କ ପରଂପରାର ବିଭିନ୍ନ ରୂପକୁ ସତ୍ୟ ଭାବରେ ଉପସ୍ଥାପନ କରୁଛନ୍ତି । ସେମାନେ ଏପରି ଚିନ୍ତାଧାରାଗୁଡ଼ିକୁ ପ୍ରଚାର କରୁଛନ୍ତି, ଯେଉଁଗୁଡ଼ିକ ମାନବ ଶରୀରକୁ ପରିତୃପ୍ତ କରେ, ମାତ୍ର ଯୀଶୁଙ୍କର ସମର୍ପିତ, ବାଧ୍ୟ ଓ ନମ୍ର ଶିଷ୍ୟ ବୃଦ୍ଧି କରିବା ବିରୁଦ୍ଧରେ କାର୍ଯ୍ୟ କରେ (୧ ତୀମଥି ୪:୧,୨, ୨ ତୀମଥି ୪:୩,୪) ।

ଏହା ମନେରଖନ୍ତୁ ଯେ, ପ୍ରେରିତ ପାଉଲ ସେହି ପ୍ରଚାରକମାନଙ୍କ ବିରୁଦ୍ଧରେ ମଣ୍ଡଳୀକୁ ସତର୍କ କରି ଦେଇଛନ୍ତି, ଯେଉଁମାନଙ୍କ ନିକଟରେ ଏକ ବାଇବଲ-ବିହୀନ ଜାଗତିକ ଦୃଷ୍ଟିକୋଣ ରହିଛି । *''ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିନିଏ''* (କଲସୀ ୨:୮) ।

ଲୋକପ୍ରିୟ ମତର ସ୍ରୋତ ବିରୁଦ୍ଧରେ ଯାଇ ସତ୍ୟ ପ୍ରଚାର କରୁଥିବା ଜଣେ ଦୃଢ଼ ବ୍ୟକ୍ତି ହେବା ପାଇଁ ବିଶ୍ୱାସ ଓ ସାହସ ଆବଶ୍ୟକ ହୁଏ । ପ୍ରଚାରକ ଓ ବ୍ୟକ୍ତି ଭାବରେ, ଯଦି ଆମେ ଗୋଟିଏ ବାଇବଲ-ଭିତ୍ତିକ ଦୃଷ୍ଟିକୋଣ ପାଇଁ ଦଣ୍ଡାୟମାନ ହେବା ନାହିଁ, ତେବେ ଆମେ ଆଧୁନିକ ଲୋକପ୍ରିୟ ଧାରା, ମତବାଦ କିମ୍ବା ପ୍ରତାରଣା ଦ୍ୱାରା ପଥଭ୍ରଷ୍ଟ ହେବା (ଏଫିସୀ ୪:୧୪) ।

ଆଜିର ସଂସ୍କୃତି ''ସହିଷ୍ଣୁ'' ହେବା ପାଇଁ ଆମ ଉପରେ ଚାପ ପକାଏ । ଏହି ସହନଶୀଳତା, ପ୍ରାୟ ''ସମସ୍ତ ବିଷୟ ଅନୁମୋଦନୀୟ'' କିମ୍ବା ଯଦିଓ ଏହା ଭୁଲ୍, ତଥାପି ଏହା କରୁଥିବାରୁ ମୁଁ କାହାରି ବିଚାର କରିବି ନାହିଁ'' ଭାବରେ ପ୍ରକାଶିତ ହୁଏ ।

ମାତ୍ର ବୁଝାମଣାର ଅର୍ଥ ଯେତେବେଳେ ବାଇବଲ ନିୟମାବଳୀକୁ ବଳିଦାନ ଦେବାର ହୁଏ, ସେତେବେଳେ ତାହା ସର୍ବଦା ଭୁଲ୍ ଅଟେ । ଲୋକମାନେ ଝୁଣ୍ଟିପଡ଼ିବା ସମୟରେ ଆମେ ସହିଷ୍ଣୁ ହୋଇପାରିବା, ମାତ୍ର ସତ୍ୟ ସହିତ, ଈଶ୍ୱରଙ୍କ ବାକ୍ୟ ସହିତ ଅନୁରୂପୀ ହେଉ ନ ଥିବା କୌଣସି ମନୋଭାବ କିମ୍ବା ଆଚରଣକୁ ଆମେ ଆଦୌ କରିବା ନାହିଁ ।

ଆମେ ଈଶ୍ୱରଙ୍କ ବାକ୍ୟକୁ ଅଧିକ ଗ୍ରାହ୍ୟ କରିବା ପାଇଁ ଏହାର ସତ୍ୟ ସହିତ ବୁଝାମଣା କରିବା କିମ୍ବା ଅଧିକ କିଛି ମିଶ୍ରଣ କରିବା ଅନୁଚିତ । ବାଇବଲ ଓ ଏହାର ଆଦର୍ଶ କେତେଜଣଙ୍କୁ ଏକ ଅପମାନ ହେବ (ରୋମୀ ୯:୩୨, ୧ ପିତ ୨:୪-୮), ମାତ୍ର ସତ୍ୟ ସେମାନଙ୍କୁ ଧ୍ୱଂସରୁ ରକ୍ଷା କରିପାରିବ ।

ଅଧ୍ୟାୟ – ୭

ଗୋଟିଏ ବାଇବଲ–ଭିତ୍ତିକ ଜାଗତିକ ଦୃଷ୍ଟିକୋଣର ପରିବର୍ତ୍ତନକାରୀ ପ୍ରଭାବ

ଏହି ସ୍ଥାନରେ ଆମେ ନିମ୍ନଲିଖିତ ବିଷୟ ଶିକ୍ଷା କରୁ କରୁ ଆମ ସ୍ୱର୍ଗୀୟ ନାଗରିକତା ସମ୍ବନ୍ଧରେ ଏକ ଅଧିକ ଉତ୍ତମ ଜ୍ଞାନ ଲାଭ କରୁଅଛୁ –

- ଗୋଟିଏ ଜାଗତିକ ଦୃଷ୍ଟିକୋଣ କ'ଣ,
- ଗୋଟିଏ ଜାଗତିକ ଦୃଷ୍ଟିକୋଣ କିପରି ଗଠିତ ହୁଏ,
- ଆମ ନିଜସ୍ୱ ଜାଗତିକ ଦୃଷ୍ଟିକୋଣ ସମ୍ବନ୍ଧରେ ସଚେତନ ହେବାର ଗୁରୁତ୍ୱ ଓ
- ଗୋଟିଏ ବାଇବଲ–ଭିତ୍ତିକ ଦୃଷ୍ଟିକୋଣ ବିକାଶ କରିବାର ଆବଶ୍ୟକତା ।

ପାଳକ ଓ ନେତା ଭାବରେ, କିପରି ଗୋଟିଏ ବାଇବଲ–ଭିତ୍ତିକ ଜାଗତିକ ଦୃଷ୍ଟିକୋଣକୁ ସଫଳ ଭାବରେ ଶିକ୍ଷା ଦେବା, ପ୍ରଚାର କରିବା ଓ ଜଣାଇବା, ତାହା ଶିକ୍ଷା କରିବା ଦ୍ୱାରା ବହୁ ଉପକାର ହେବ । ଏହାର ଏକ ଅତ୍ୟାବଶ୍ୟକୀୟ ବିଷୟ ହେଉଛି – ଏପରି ଏକ ପରିବେଶ ସୃଷ୍ଟି କରିବା ଯେଉଁଠାରେ ବ୍ୟକ୍ତିର ଜୀବନରେ **ନୂତନୀକରଣ** ଓ **ପରିବର୍ତ୍ତନକାରୀ କାର୍ଯ୍ୟ** କରିବା ପାଇଁ ପବିତ୍ର ଆତ୍ମାଙ୍କୁ ସ୍ୱାଗତ କରାଯାଏ ।

ଏକ ନୂତନୀକୃତ ମନ – ଆମର ଜାଗତିକ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା

"ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀ. ୧୨:୨) ।

ଶୁଚିକରଣ

ଶୁଚିକରଣ ପ୍ରତ୍ୟେକ ବିଶ୍ୱାସୀର ନିରବଚ୍ଛିନ୍ନ ବୃଦ୍ଧି ପାଇଁ ଅତ୍ୟାବଶ୍ୟକ ନୁହେଁ । ଆମେ ଯେପରି ଶିକ୍ଷା କରିଛୁ, ସେହିପରି ଶୁଚିକରଣ ଉଭୟ ଈଶ୍ୱରଙ୍କ ପ୍ରତି ଆମ

ଜୀବନର ଏକ ପୃଥକୀକରଣ ଓ ନୈତିକ ଅଶୁଚିତାରୁ ଏକ ପ୍ରଗତିଶୀଳ ବିଶୁଦ୍ଧିକରଣ ଅଟେ ।

ମାତ୍ର ଶୁଚିକରଣ ଗୋଟିଏ ଉତ୍ତମ ନୈତିକ ଚରିତ୍ର ବିକାଶ କରିବା ଅପେକ୍ଷା ଅଧିକ ଅଟେ । ପ୍ରକୃତ ଶୁଚିକରଣ ଏପରି ଏକ ପ୍ରକ୍ରିୟା, ଯାହା ଗୋଟିଏ ବିଶ୍ୱାସୀର ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଈଶ୍ୱରଙ୍କ ବାକ୍ୟର ମୁକ୍ତିଦାୟୀ ସତ୍ୟ, ଏହାକୁ ଗ୍ରହଣ କରିବା ପାଇଁ ଆମର ବିଶ୍ୱାସ ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ମିଶ୍ରିତ କରେ ।

ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପୂର୍ବରୁ ଆମେ ଯାହା ଥିଲୁ ଓ ଯାହା କରୁଥିଲୁ, ସେଥିମଧ୍ୟରୁ ଅଧିକାଂଶ ଜଗତର ଆଦର୍ଶ ଅନୁରୂପୀ ହେବାର ଫଳ ଥିଲା (ଗୋଟିଏ ପାର୍ଥିବ ଜାଗତିକ ଦୃଷ୍ଟିକୋଣ ଗଠିତ ହେବାର ଅନେକ ମାର୍ଗ ଆମେ ଅଧ୍ୟୟନ କରିସାରିଛୁ) ।

କିନ୍ତୁ, ପରିତ୍ରାଣ ପରେ ଓ ଶୁଚିକରଣର ନିରବଚ୍ଛିନ୍ନ କାର୍ଯ୍ୟ ମାଧ୍ୟମରେ, ଆମର ଜାଗତିକ ଦୃଷ୍ଟିକୋଣ ପରିବର୍ତ୍ତିତ ହୋଇପାରେ । ଆମର ଜାଗତିକ ଦୃଷ୍ଟିକୋଣ ଅଧିକ ବାଇବଲଭିତ୍ତିକ ହେବା ସମୟରେ ଆମେ ଅଧିକ ସହଜରେ ବିଶ୍ୱାସ କରିପାରିବା ଓ ଈଶ୍ୱରଙ୍କ ସମଗ୍ର ବାକ୍ୟର ବାଧ୍ୟ ହୋଇ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ସହିତ ଅଧିକ ଉତ୍ତମ ଭାବରେ ସହଯୋଗ କରିପାରିବା ।

ଆସନ୍ତୁ, ଆମେ ଖ୍ରୀଷ୍ଟିୟାନ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଟିକୁ ଆଉ ଟିକିଏ ବିଶଦ ଭାବରେ ଅଧ୍ୟୟନ କରିବା ।

ଯୋଗାଯୋଗର ସ୍ତର

ପ୍ରତ୍ୟେକ ବ୍ୟକ୍ତି ତିନୋଟି ଭାଗରେ ଗଠିତ ହୋଇଛି : ଶରୀର, ପ୍ରାଣ ଓ ଆତ୍ମା (୧ ଥେସ. ୫:୨୩) ।

''ଶରୀର'' ଆମର ଭୌତିକ ଶରୀର ଅଟେ । ଆମ ଶରୀର ଆମେ ବାସ କରୁଥିବା ଭୌତିକ ଜଗତ ସହିତ ଯୋଗାଯୋଗ ରଖିବା ପାଇଁ ପାଞ୍ଚଟି ଇନ୍ଦ୍ରିୟକୁ, ଯଥା – ଶୁଣିବା, ଦେଖିବା, ସ୍ୱାଦ ଅନୁଭବ କରିବା, ଆଘ୍ରାଣ କରିବା ଓ ସ୍ପର୍ଶ କରିବା, ବ୍ୟବହାର କରେ ।

'ପ୍ରାଣ' ହେଉଛି – ଆମ ଆବେଗ (ଅନୁଭବ), ଆମ ଇଚ୍ଛା (ମନୋନୀତ କରିବାର ସାମର୍ଥ୍ୟ) ଓ ଆମ ମନ (ବୁଦ୍ଧି)ର ସ୍ଥାନ । ଆମର ବ୍ୟକ୍ତିତ୍ୱ ଆମ ପ୍ରାଣରୁ ଆସେ । ପ୍ରାଣକୁ ବେଳେବେଳେ 'ମନୁଷ୍ୟ ହୃଦୟ' ଭାବରେ ଉଲ୍ଲେଖ କରାଯାଏ । ପ୍ରାଣ ଆମ ଚତୁଃପାର୍ଶ୍ୱସ୍ଥ ଲୋକ ଓ ପରିବେଶ ସହିତ ଯୋଗଯୋଗର ଅନ୍ୟ ଏକ ସ୍ତର ଯୋଗାଇଥାଏ ।

ମନୁଷ୍ୟର ଆତ୍ମା

ଯଦିଓ ଲୋକମାନେ ଗୋଟିଏ ଭୌତିକ ସ୍ତରରେ ଓ ସେମାନଙ୍କର ପ୍ରାଣ ମାଧ୍ୟମରେ ଏକ ଆରେକ ସହିତ ସଂପୃକ୍ତ ହୋଇପାରନ୍ତି, ତଥାପି ଈଶ୍ୱରଙ୍କ ବିଷୟଗୁଡ଼ିକୁ

ସଂପୂର୍ଣ୍ଣ ଭାବରେ ବୁଝିବା ପାଇଁ ଆମେ ଆମ ଶାରୀରିକ ଓ ମାନସିକ ସାମର୍ଥ୍ୟରେ ସୀମିତ ଅଟୁ : *''ଚକ୍ଷୁ ଯାହା ଦେଖିନାହିଁ, କର୍ଣ୍ଣ ଯାହା ଶୁଣିନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି''* (୧ କରିନ୍ଥୀୟ ୨:୯, ଯିଶାଇୟ ୫୫:୮,୯, ରୋମୀୟ ୧୧:୩୩–୩୬) । ଆମର ଶରୀର (ଚକ୍ଷୁ/କର୍ଣ୍ଣ) କିମ୍ବା ଆମର ପ୍ରାଣ (''ହୃଦୟ'') ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କୁ ଓ ତାଙ୍କର ମାର୍ଗ ସକଳକୁ ବୁଝିପାରେ ନାହିଁ ।

ମାତ୍ର ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ଏକ ଆତ୍ମା ମଧ୍ୟ ପ୍ରଦାନ କରି ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଆତ୍ମା ପାପରେ ମୃତ ଅଟେ । ମାତ୍ର ପରିତ୍ରାଣ ସମୟରେ ଆତ୍ମାକୁ ଈଶ୍ୱରଙ୍କ ଆତ୍ମା ଦ୍ୱାରା ଜୀବିତ କରାଯାଏ (ରୋମୀ. ୬:୧୧,୧୩, ୧ କରି. ୧୫:୨୨, ଏଫି. ୨:୧,୫, ୧ ପିତ. ୩:୧୮) ।

ଆହୁରି ମଧ୍ୟ ପରିତ୍ରାଣ ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରେ (ଯୋହନ ୩:୫–୮, ପ୍ରେରିତ ୨:୩୮,୩୯) । ପବିତ୍ର ଆତ୍ମା ଆମକୁ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ଆତ୍ମିକ ବିଷୟଗୁଡ଼ିକୁ ଦେଖିବା ପାଇଁ, ଶୁଣିବା ପାଇଁ ଓ ବୁଝିବା ପାଇଁ ସାହାଯ୍ୟ କରନ୍ତି । *''ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକୁ ଆମ୍ଭେମାନେ ଜାଣିପାରୁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ''* (୧ କରି. ୨:୧୨) ।

ଈଶ୍ୱରଙ୍କ ସହିତ ଯୋଗାଯୋଗ ମାନବର ବୁଦ୍ଧିମତ୍ତା କିମ୍ବା ଜ୍ଞାନର ସୀମାର ଊର୍ଦ୍ଧ୍ୱରେ । ତାଙ୍କର ଆତ୍ମା ହିଁ ଆମ ଆତ୍ମାକୁ ଶିକ୍ଷା ଦିଅନ୍ତି : *''ସେହି ସମସ୍ତ ବିଷୟ ମଧ୍ୟ ଆମ୍ଭେମାନେ ମନୁଷ୍ୟର ଜ୍ଞାନ ଦ୍ୱାରା ଶିକ୍ଷିତ ବାକ୍ୟରେ କହି ନ ଥାଉ, ମାତ୍ର ଆତ୍ମିକ ବିଷୟ ସବୁ ଆତ୍ମିକ ବିଷୟ ଦ୍ୱାରା ବୁଝାଇ ଆତ୍ମାଙ୍କ ଦ୍ୱାରା ଶିକ୍ଷିତ ବାକ୍ୟରେ କହିଥାଉ''* (୧ କରି. ୨:୧୩) । ଖ୍ରୀଷ୍ଟିୟାନ ଭାବରେ, ଈଶ୍ୱରଙ୍କୁ ବୁଝିବାରେ ଆମକୁ ସହାୟତା ଦେବା ପାଇଁ *''ଖ୍ରୀଷ୍ଟଙ୍କର ମନ''* ମଧ୍ୟ ପ୍ରଦତ୍ତ ହୋଇଅଛି (୧ କରି. ୨:୧୬) ।

ହାଲ୍ଲିଲୁୟା ! ଈଶ୍ୱର ତାଙ୍କୁ ଜାଣିବା ପାଇଁ, ପ୍ରତିଦିନ ତାଙ୍କ ସହିତ ଯୋଗାଯୋଗ ରଖିବା ପାଇଁ ଓ ଏକ ଧାର୍ମିକ ତଥା ବିଜୟୀ ଜୀବନ କାଟିବା ପାଇଁ **ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟ** ଆମକୁ ପ୍ରଦାନ କରିଛନ୍ତି (୨ ପିତର ୧:୩) । ମାତ୍ର ଈଶ୍ୱର ଆମକୁ ଯାହା ପ୍ରଦାନ କରିଛନ୍ତି, ତାହା କିପରି ଗ୍ରହଣ କରିବାକୁ ଓ ବ୍ୟବହାର କରିବାକୁ ହେବ, ତାହା ଶିକ୍ଷା କରିବା ପ୍ରାୟ ଆବଶ୍ୟକ ହୋଇଥାଏ ।

ଯୀଶୁ କହିଛନ୍ତି, *''ମୋ' ମେଷସବୁ ମୋହର ସ୍ୱର ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି''* (ଯୋହନ ୧୦:୨୭) ।

ଶାରୀରିକ ଓ ମାନସିକ ଭାବରେ କିପରି ଯୋଗାଯୋଗ ରଖାଯାଏ, ତାହା ଆମ ମଧ୍ୟରୁ ଅଧିକାଂଶ ଅତି ବାଲ୍ୟକାଳରୁ ଶିକ୍ଷା କରିଥାଆନ୍ତି । ମାତ୍ର ଈଶ୍ୱରଙ୍କ ସହିତ ଏକ ଆତ୍ମିକ ପରିସରରେ ଯୋଗାଯୋଗ ରଖିବା ପାଇଁ ଶିକ୍ଷା କରିବାରେ ସମୟ ଲାଗିପାରେ । ଈଶ୍ୱରଙ୍କ ସହିତ ଯୋଗାଯୋଗ ରଖିବା ପାଇଁ ଯେ କୌଣସି ବାଧାକୁ ଆମ ଜୀବନରେ ଦୂର କରିବା ଆବଶ୍ୟକ ଓ ଆମେ ଆତ୍ମିକ ସମ୍ବେଦନଶୀଳତାରେ ମଧ୍ୟ ବୃଦ୍ଧି ପାଇବା ଆବଶ୍ୟକ ।

ସ୍ୱାଭାବିକ ମନୁଷ୍ୟ

ବାଇବଲ ଏହା ପ୍ରକାଶ କରେ ଯେ, ସମସ୍ତେ ପାପ କରିଛନ୍ତି ଓ ଈଶ୍ୱରଙ୍କ ଗୌରବରୁ ଊଣା ପଡ଼ିଛନ୍ତି (ରୋମୀ. ୩:୨୩) । ଗୋଟିଏ *''ପତିତ''* ମନୁଷ୍ୟ ଜାତି ଭାବରେ, ଆମେ ସମସ୍ତେ ଈଶ୍ୱରଙ୍କ ଆତ୍ମିକ ସତ୍ୟ ପ୍ରତି ଅନ୍ଧ ହୋଇଅଛୁ ।

ଯେଉଁ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଦାନକୁ ଅଗ୍ରାହ୍ୟ କରେ ଓ ପୁନର୍ଜନ୍ମ ପାଇନାହିଁ, ତାକୁ ''ସ୍ୱାଭାବିକ ମନୁଷ୍ୟ'' ଭାବରେ ଉଲ୍ଲେଖ କରାଯାଇନାହିଁ । *''କିନ୍ତୁ ସାଂସାରିକ ମନୁଷ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକୁ ଗ୍ରହଣ କରେ ନାହିଁ, କାରଣ ସେହିସବୁ ତାହା ନିକଟରେ ମୂର୍ଖତା, ପୁଣି ସେ ସେହିସବୁ ବୁଝିପାରେ ନାହିଁ, ଯେଣୁ ସେହିସବୁକୁ ଆତ୍ମିକ ଭାବରେ ବିଚାର କରାଯାଏ''* (୧ କରି. ୨:୧୪) ।

ସ୍ୱାଭାବିକ ମନୁଷ୍ୟ କେବଳ ନିଜ ମନ (ପ୍ରାଣ) ଦ୍ୱାରା ବୁଝିପାରେ । ସେଥିପାଇଁ, ସେ ଈଶ୍ୱରଙ୍କ ଆତ୍ମିକ ବିଷୟଗୁଡ଼ିକୁ ଗ୍ରହଣ କରିପାରେ ନାହିଁ କିମ୍ବା ଜାଣିପାରେ ନାହିଁ ।

ଆତ୍ମିକ ମନୁଷ୍ୟ

କିନ୍ତୁ, ଆମେ ପୁନର୍ଜନ୍ମ ପ୍ରାପ୍ତ ହେବା ସମୟରେ, ଈଶ୍ୱରଙ୍କ ଆତ୍ମିକ ବିଷୟଗୁଡ଼ିକୁ ବୁଝିବା ଆମ ପାଇଁ ଉନ୍ମୁକ୍ତ ହୋଇଯାଏ । ଗୋଟିଏ ବାଇବଲ-ଭିତ୍ତିକ ଦୃଷ୍ଟିକୋଣ ବିକାଶ କରିବାର ସାମର୍ଥ୍ୟ ଆମ ମଧ୍ୟରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଯୋଗୁ ସମ୍ଭବ ହୋଇଯାଏ (୧ କରି. ୬:୧୯) । ଆମର ଜାଗତିକ ଦୃଷ୍ଟିକୋଣକୁ ପୁନର୍ଗଠନ କରିବାରେ ତାଙ୍କର କାର୍ଯ୍ୟ ଆମ ମନ **ନୂତନୀକୃତ** ହେବାର ଏକ ଅତ୍ୟାବଶ୍ୟକୀୟ ଅଂଶ ଅଟେ (ରୋମୀ. ୧୨:୨) ।

ଆମ ମନ ନୂତନୀକୃତ ହେବା ନିମନ୍ତେ, ଆମେ ଯାହା ବିଶ୍ୱାସ କରୁ, ତାହାକୁ ପରୀକ୍ଷା କରିବାକୁ ହେବ । ଆମେ ଜଗତରୁ ଯାହା ଶିକ୍ଷା କରିଛୁ, ତାହାକୁ ଆମେ ଈଶ୍ୱର ଶିକ୍ଷା ଦେଇଥିବା ବିଷୟ ସହିତ ତୁଳନା କରିବା ଆବଶ୍ୟକ । ଆମର ମନ ସେହିସବୁ କ୍ଷେତ୍ରରେ ନୂତନୀକୃତ (ପରିବର୍ତ୍ତିତ) ହେବା ଆବଶ୍ୟକ, ଯେଉଁଠାରେ ଗୋଟିଏ ଅଧାର୍ମିକ ଜାଗତିକ ଦୃଷ୍ଟିକୋଣ ସ୍ଥାନ ଗ୍ରହଣ କରିଛି : *''କିନ୍ତୁ ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ସେପ୍ରକାରେ ଶିକ୍ଷା କରିନାହଁ, ତୁମ୍ଭେମାନେ ତ ତାହାଙ୍କ ବିଷୟ ଶୁଣିଅଛ, ପୁଣି ଯୀଶୁଙ୍କ ସମ୍ବନ୍ଧୀୟ ସତ୍ୟ ଅନୁସାରେ ତାହାଙ୍କ ସହଭାଗିତାରେ ଥାଇ ଶିକ୍ଷିତ ହୋଇଅଛ, ଅର୍ଥାତ୍,*

ତୁମ୍ଭେମାନେ ତୁମ୍ଭମାନଙ୍କ ପୁରାତନ ଆଚରଣ ସମ୍ବନ୍ଧରେ, ଯେଉଁ ପୁରାତନ ସ୍ୱଭାବ ପ୍ରବଞ୍ଚନାର ବିଳାସିତା ଅନୁସାରେ ଅଧିକରୁ ଅଧିକ ଭ୍ରଷ୍ଟ ହେଉଅଛି, ତାହାକୁ ପରିତ୍ୟାଗ କରିବାକୁ, ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ, ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ'' (ଏଫି. ୪:୨୦-୨୪) ।

ଆମେ ପୁନର୍ଜନ୍ମ ପ୍ରାପ୍ତ ହେବା ସମୟରେ, ଆମର ଆତ୍ମା ଜୀବିତ ହୁଏ ଓ ଈଶ୍ୱରଙ୍କ ସହିତ ଯୋଗାଯୋଗ ରଖିବାକୁ ସମର୍ଥ ହୁଏ । ଏହି ଯୋଗାଯୋଗ ଏକ ଦ୍ୱି-ମାର୍ଗ ବିଶିଷ୍ଟ ବାର୍ତ୍ତାଳାପ, ଯେଉଁଥିରେ ଆମେ କଥାବାର୍ତ୍ତା କରୁ ଓ ସେ ଶୁଣନ୍ତି (ଗୀତ. ୪:୩, ୧ ଯୋହ. ୫:୧୪) । ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ, ଯେତେବେଳେ ଈଶ୍ୱର ଆମ ସହିତ କଥା କହନ୍ତି, ସେତେବେଳେ ତାଙ୍କ କଥା ଶୁଣିବା ପାଇଁ ଆମର ସାମର୍ଥ୍ୟ ରହିବ (୧ କରି. ୨:୧୧-୧୩) । ଆମେ ତାଙ୍କ କଥା ଶୁଣିବା ପାଇଁ ଓ ତଦନୁସାରେ ତାଙ୍କୁ ଅନୁସରଣ କରିବାକୁ ସମର୍ଥ ହେବୁ ବୋଲି ଯୀଶୁ କହିଥିଲେ (ଯୋହ. ୧୦:୨୭) ।

ଆତ୍ମାଙ୍କ କାର୍ଯ୍ୟର ଫଳ

ସତ୍ୟ ଆତ୍ମା, ଅର୍ଥାତ୍, ପବିତ୍ର ଆତ୍ମା ଆମର ସାହାଯ୍ୟକାରୀ ଅଟନ୍ତି ଓ ପ୍ରତ୍ୟେକ ବିଶ୍ୱାସୀ ମଧ୍ୟରେ ବାସ କରନ୍ତି । ପବିତ୍ର ଆତ୍ମା ଈଶ୍ୱରଙ୍କ ବାକ୍ୟର ସତ୍ୟତାକୁ ଆଲୋକିତ କରନ୍ତି (ବୁଝାନ୍ତି) ଓ ଆମ ଜୀବନରେ ସଂଶୋଧନର ଆବଶ୍ୟକତାକୁ ଆମ ନିକଟରେ ପ୍ରକାଶ କରନ୍ତି ।

ଏହି ସଂଶୋଧନଗୁଡ଼ିକ ଆମ ମନର ନୂତନୀକରଣ ପ୍ରକ୍ରିୟାର ଅଂଶବିଶେଷ ଅଟେ । ଗୋଟିଏ ନୂତନୀକୃତ ମନରେ କେବଳ ଶ୍ରେଷ୍ଠତର ବୌଦ୍ଧିକ ସାମର୍ଥ୍ୟ ଥାଏ, ତା' ନୁହେଁ, ମାତ୍ର ସେଥିରେ ଈଶ୍ୱରଙ୍କ ବାକ୍ୟକୁ ଚିହ୍ନିବା ଓ ଜାଣିବାର ଏକ ସାମର୍ଥ୍ୟ ଥାଏ ।

ଏହି ନୂତନୀକରଣ ପ୍ରକ୍ରିୟାର ଫଳ ଆମର ପରିବର୍ତ୍ତନ ଅଟେ : *''ପ୍ରଭୁ ଆତ୍ମା ଅଟନ୍ତି । ଆଉ ଯେଉଁଠାରେ ପ୍ରଭୁଙ୍କ ଆତ୍ମା, ସେଠାରେ ସ୍ୱାଧୀନତା । କିନ୍ତୁ, ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖି ଦେଖି ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ । ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହି ସବୁ ହେଉଅଛି''* (୨ କରି. ୩:୧୭,୧୮) ।

ଆମେ ''ପୁରାତନ ସ୍ୱଭାବ''କୁ ପରିତ୍ୟାଗ କରି ନୂତନ ସ୍ୱଭାବ ଧାରଣ କରୁ କରୁ ଯେତେବେଳେ ଆମର ମନ ନୂତନୀକୃତ ହୁଏ, ସେତେବେଳେ ଏହା ଆମର ମନୋଭାବ ଓ ଆଚରଣକୁ ପ୍ରଭାବିତ କରେ । ଆତ୍ମାଙ୍କ ଏହି କାର୍ଯ୍ୟର ପରିଣତି ଏପରି ଫଳ ହେବ ଯେ, ଯାହା ଆମ ଜୀବନରେ ସ୍ପଷ୍ଟ ଭାବରେ

ଦେଖାଯାଇପାରିବ, ଯଥା, ପ୍ରେମ, ଆନନ୍ଦ, ଶାନ୍ତି, ସହିଷ୍ଣୁତା, ଦୟା, ଉତ୍ତମତା, ବିଶ୍ୱସ୍ତତା, ଭଦ୍ରତା ଓ ଆତ୍ମସଂଯମ (ଗାଲା. ୫:୨୨,୨୩) ।

ଯେତେବେଳେ ଆମେ ଈଶ୍ୱରଙ୍କ ମାର୍ଗ ଅନୁସାରେ ଜୀବନ କାଟୁ, ସେତେବେଳେ ଆମେ ଏକ ପ୍ରକୃତ ଭାବେ ପରିପୂର୍ଣ୍ଣ ଓ ବିଜୟୀ ଖ୍ରୀଷ୍ଟିୟାନ ଜୀବନର ଅନୁଭୂତି ପାଇପାରୁ । ଈଶ୍ୱର ଯାହା ଅନୁମୋଦନ କରନ୍ତି, କେବଳ ତାହାକୁ ହିଁ ଆଶୀର୍ବାଦ କରିପାରନ୍ତି ।

ପରିବର୍ତ୍ତନ – ଏକ ବାଇବଲଭିତ୍ତିକ ଜାଗତିକ ଦୃଷ୍ଟିକୋଣ

ଆମର ମନ ନୂତନୀକୃତ ହେବା ସମୟରେ, ଆମେ ପରିବର୍ତ୍ତିତ କିମ୍ବା ରୂପାନ୍ତରିତ ହେଉ । ପରିବର୍ତ୍ତନକୁ ''ଏକ ଚିହ୍ନିତ ପରିବର୍ତ୍ତନ, ଚେହେରା କିମ୍ବା ଚରିତ୍ରରେ ପରିବର୍ତ୍ତନ ଭାବରେ, ସାଧାରଣତଃ, ଅଧିକ ଉତ୍ତମତା ନିମନ୍ତେ ଏକ ପରିବର୍ତ୍ତନ ଭାବରେ'' ସଂଜ୍ଞାକୃତ କରାଯାଇପାରେ ।

ବାଇବଲ ଆମକୁ ଏହା କହିଛି ଯେ, ଖ୍ରୀଷ୍ଟଙ୍କଠାରେ ଆମେ ନୂତନ ସୃଷ୍ଟି ଅଟୁ । *''ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି''* (୨କରି. ୫:୧୭) ।

ପବିତ୍ର ଆତ୍ମା ପ୍ରତ୍ୟେକ ବିଶ୍ୱାସୀକୁ ଚାଳନା ଦେବା ପାଇଁ ଓ ସତ୍ୟ ମଧ୍ୟକୁ କଢ଼ାଇ ଆଣିବା ପାଇଁ ତା'ର ହୃଦୟରେ ବାସ କରନ୍ତି । ପବିତ୍ର ଆତ୍ମାଙ୍କୁ ବିଶ୍ୱାସୀ ମଧ୍ୟରେ ବାସ କରିବା ପାଇଁ (ଯୋହ. ୧୪:୧୭), ତାକୁ ଚାଳନା ଦେବା ପାଇଁ (ଯୋହନ ୧୬:୧୩), ଶିକ୍ଷା ଦେବା ପାଇଁ (ଯୋହ. ୧୪:୨୬) ଓ ଶକ୍ତିଯୁକ୍ତ କରିବା ପାଇଁ (ଗାଲା. ୫:୧୬,୧୭) ପ୍ରେରଣ କରାଯାଇଛି ।

ଯୀଶୁ ଜଗତକୁ ଯେପରି ଦେଖନ୍ତି, ସେହିପରି ଦେଖିବା ପାଇଁ ପବିତ୍ର ଆତ୍ମା ବିଶ୍ୱାସୀମାନଙ୍କୁ ସାହାଯ୍ୟ କରନ୍ତି । ''କିନ୍ତୁ ସେ, ଅର୍ଥାତ୍, ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ । କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ । ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ'ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ । ଯାହା ଯାହା ପିତାଙ୍କର, ସେହିସବୁ ମୋହର, ଏହିହେତୁ ମୁଁ କହିଲି, ସେ ମୋହର ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ (ଯୋହନ ୧୬:୧୩–୧୫, ଯୋହନ ୧୪:୧୫–୧୭,୨୫,୨୬, ୧୫:୨୬ ମଧ୍ୟ ଦେଖନ୍ତୁ) ।

ଅନ୍ତର ମଧ୍ୟରେ ସଂଘର୍ଷ

ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱରେ ଆମକୁ କିପରି ଏକ ଶ୍ରେଷ୍ଠ ଦାନ ପ୍ରଦତ୍ତ ହୋଇଛି ! ସେ ଆମକୁ ନିରନ୍ତର ସାହାଯ୍ୟ କରିବା ପାଇଁ ଅଛନ୍ତି ଓ ଆମେ ଯେପରି ଏକ ବିଜୟୀ ଖ୍ରୀଷ୍ଟିୟାନ ଜୀବନ କାଟିବୁ, ଏହା ସେ ଇଚ୍ଛା କରନ୍ତି ।

ମାତ୍ର ପବିତ୍ର ଆତ୍ମା ଆମ ଇଚ୍ଛା ବିରୁଦ୍ଧରେ ଆମଠାରେ ତାଙ୍କର କାର୍ଯ୍ୟ କରିବେ ନାହିଁ । ଆମକୁ ପବିତ୍ର ଆତ୍ମାଙ୍କ ଚେତନା ପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ କିମ୍ବା ବିଦ୍ରୋହ କରିବା ପାଇଁ ନିରନ୍ତର ମନୋନୟନ କରିବାକୁ ହେବ । ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ପାଇଁ କିମ୍ବା ଆମ ନିଜସ୍ୱ ଜ୍ଞାନ ଉପରେ ଆଉଜି ପଡ଼ିବା ପାଇଁ ଆମକୁ ମନୋନୀତ କରିବାକୁ ହେବ । ବାକ୍ୟକୁ ପାଳନ କରି ପରିବର୍ତ୍ତିତ ହେବା ପାଇଁ କିମ୍ବା ଏହାର ପ୍ରତିରୋଧ କରି ଆମେ ଯେପରି ଅଛୁ, ସେହିପରି ରହିବା ପାଇଁ ଆମକୁ ମନୋନୀତ କରିବାକୁ ହେବ ।

ବେଳେବେଳେ ଏହି ମନୋନୟନ ଗୋଟିଏ ଦିନରେ ଅନେକଥର କରିବା ଆବଶ୍ୟକ ହୁଏ । ଆମକୁ ଅଧିକରୁ ଅଧିକ ଯୀଶୁଙ୍କ ସାଦୃଶ୍ୟରେ ରୂପାନ୍ତରିତ କରିବା ପାଇଁ ପବିତ୍ର ଆତ୍ମା ସର୍ବଦା ଉପସ୍ଥିତ ଥାଆନ୍ତି, ସର୍ବଦା ଆମ ମଧ୍ୟରେ କାର୍ଯ୍ୟ କରୁଥା'ନ୍ତି ।

ଏହି ରୂପାନ୍ତର ପ୍ରକ୍ରିୟା ସର୍ବଦା ସହଜ ନୁହେଁ । ଏହା ଆମ ମଧ୍ୟରେ ଏକ ଯୁଦ୍ଧ କିମ୍ବା ସଂଘର୍ଷ ସୃଷ୍ଟି କରିପାରେ । ଆମେ ସଦାପ୍ରଭୁଙ୍କ ଇଚ୍ଛା ସାଧନ କରିବାକୁ ଚାହୁଁ । ମାତ୍ର ଆମର ଶରୀର ମଧ୍ୟ ଏହାର ନିଜସ୍ୱ ମାର୍ଗ ଇଚ୍ଛା କରେ । ପ୍ରେରିତ ପାଉଲ ଏହାକୁ ଏହିପରି ଭାବରେ ଲେଖିଛନ୍ତି : *''କାରଣ ଶରୀର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ । ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହିସବୁ କରିପାରନାହିଁ''* (ଗାଲାତୀୟ ୫:୧୭) ।

ନୂତନୀକରଣ ଓ ଶକ୍ତିପ୍ରଦାୟକ

ବାଇବଲ ଏହା ପ୍ରକାଶ କରେ ଯେ, ଆମ ମଧ୍ୟରେ ଥିବା ଆତ୍ମା ଓ ଆମ ଶରୀର (ମନୁଷ୍ୟର ପ୍ରାଣ) ଯୁଦ୍ଧରତ ଥାଆନ୍ତି (ରୋମୀ. ୭:୨୩, ୧ ପିତ. ୨:୧୧,୧୨) । ଉଭୟ ଆତ୍ମା ଓ ଆମର ନିଜସ୍ୱ ପ୍ରାଣ ଆମର ଚିନ୍ତା, କାର୍ଯ୍ୟ ଓ ମନୋନୟନକୁ ପ୍ରଭାବିତ କରିବାକୁ ଚାହେଁ । ଈଶ୍ୱର ତାଙ୍କ ଆତ୍ମାଙ୍କ ଦ୍ୱାରା ତାଙ୍କ ମାର୍ଗରେ ଆମକୁ ଚଳାଇବାକୁ ଇଚ୍ଛା କରନ୍ତି । ଶୟତାନ, ଜଗତ ଓ ଆମ ନିଜସ୍ୱ ଅଭିଳାଷ ଆମକୁ ଈଶ୍ୱରଙ୍କଠାରୁ ଦୂରକୁ ନେବାକୁ ଇଚ୍ଛା କରେ ।

''ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ । କାରଣ ଶରୀରର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ । ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହିସବୁ କରିପାରନାହିଁ । କିନ୍ତୁ ଯଦି ତୁମ୍ଭେମାନେ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୁଅ, ତେବେ ବ୍ୟବସ୍ଥାର ଅଧୀନ ନୁହଁ'' (ଗାଲା. ୫:୧୬–୧୮) ।

ଗୋଟିଏ ସ୍ୱାଭାବିକ ମନୁଷ୍ୟଠାରେ (ଯିଏ ପୁନର୍ଜନ୍ମପ୍ରାପ୍ତ ହୋଇନାହିଁ) ଆତ୍ମା ମୃତ ଅଟେ, ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ଅଟେ । ସେଥିପାଇଁ ସେମାନଙ୍କଠାରେ ଆତ୍ମାଙ୍କ ବିରୁଦ୍ଧରେ କୌଣସି ଯୁଦ୍ଧ ନ ଥାଏ, କାରଣ ଆତ୍ମା ସେମାନଙ୍କଠାରେ ବାସ କରନ୍ତି ନାହିଁ ।

ଶରୀର ଓ ପ୍ରାଣ ଯାହା କରିବା ବାଞ୍ଛନୀୟ ଦେଖାଯାଏ, ତାହା କରନ୍ତି । ଠିକ୍ ଯେପରି ଇସ୍ରାଏଲରେ ବିଚାରକର୍ତ୍ତାମାନଙ୍କ ସମୟରେ, *"...ଯାହା ଦୃଷ୍ଟିରେ ଯାହା ଭଲ, ସେ ତାହା କଲା"* (ବିଚାର. ୨୧:୨୫) ।

ମାତ୍ର ଯେତେବେଳେ ଆମେ ପୁନର୍ଜନ୍ମପ୍ରାପ୍ତ ହେଉ, ସେତେବେଳେ ପବିତ୍ର ଆତ୍ମା ଧାର୍ମିକତା ଦିଗରେ ଆମକୁ ପ୍ରଭାବିତ କରିବା ପାଇଁ କାର୍ଯ୍ୟ କରିବା ଆରମ୍ଭ କରନ୍ତି । ଆମର ଅପରିପକ୍ୱତାରେ ଆମର ପ୍ରାଣ (ଓ ପ୍ରାୟ ଆମ ଶରୀର) ଆତ୍ମାଙ୍କୁ ପ୍ରତିରୋଧ କରିବ । ଆମର ପୁରାତନ ଅଭ୍ୟାସ କିମ୍ବା ଇଚ୍ଛା ଆମକୁ ପାପ ମଧ୍ୟକୁ ପୁଣି ଥରେ ଟାଣିବାକୁ ଇଚ୍ଛା କରେ । ସେଥିପାଇଁ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା କଷ୍ଟକର ହୋଇପାରେ । *"ହେ ଭାଇମାନେ, ମୁଁ ଆତ୍ମିକମନା ଲୋକଙ୍କୁ କହିଲାପରି ତୁମ୍ଭମାନଙ୍କୁ କହିପାରିଲି ନାହିଁ, କିନ୍ତୁ ଶାରୀରିକ ଲୋକମାନଙ୍କୁ ଓ ଖ୍ରୀଷ୍ଟଙ୍କଠାରେ ଶିଶୁମାନଙ୍କୁ କହିଲାପରି ତୁମ୍ଭମାନଙ୍କୁ କହିଲି"* (୧ କରି. ୩:୧) ।

ଅନେକ କାରଣ ମଧ୍ୟରୁ ଏହି ଗୋଟିଏ କାରଣରୁ ଆମର ମନ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ନୂତନୀକୃତ ହେବା ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ଈଶ୍ୱରଙ୍କ ମାର୍ଗକୁ ଯେତେ ଅଧିକ ଜାଣିବା ଓ ବୁଝିବା, ସେତେ ଅଧିକ ତାଙ୍କଠାରୁ ଆଗତ ବିଷୟ ଓ ଆମ ଶରୀରରୁ ଜାତ ବିଷୟକୁ ଚିହ୍ନିପାରିବା । ଯେତେଥର ଆମେ ଆମ ଶାରୀରିକ ଅଭିଳାଷ ଉପରେ ଈଶ୍ୱରଙ୍କ ମାର୍ଗକୁ ମନୋନୀତ କରୁ, ସେତେଥର ଆମର ଆତ୍ମା ଶକ୍ତିଯୁକ୍ତ ହୁଏ ! ଧୀରେ ଧୀରେ, କିନ୍ତୁ ନିଶ୍ଚିତ ଭାବରେ, ଆମର ଆତ୍ମା ଆମର ନିଜସ୍ୱ ମାର୍ଗ ଅପେକ୍ଷା ଅଧିକ ପବିତ୍ର ଆତ୍ମାଙ୍କ ସହିତ ସମ୍ମତ ହେବା ପାଇଁ ଇଚ୍ଛା କରିବ ।

"ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍, ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀ. ୧୨:୨) ।

ମନର ନିରନ୍ତର ନୂତନୀକରଣ ଈଶ୍ୱରଙ୍କ ବାକ୍ୟ ପାଳନ କରିବା ପାଇଁ ମନୋନୀତ କରିବାକୁ ଆମକୁ ଶକ୍ତିଯୁକ୍ତ କରେ । ଗୋଟିଏ ନୂତନୀକୃତ ମନକୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଅତି ସହଜରେ ଚେତନା ଓ ଚାଳନା ଦେଇହୁଏ । ଆମର ପୁରାତନ ଅଭ୍ୟାସ ଦୂରେଇ ଯିବ ଓ ତା' ସ୍ଥାନରେ ପବିତ୍ରତାର ନୂତନ ଅଭ୍ୟାସ ଦେଖାଦେବ ।

"କିନ୍ତୁ ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ସେପ୍ରକାରେ ଶିକ୍ଷା କରିନାହଁ । ତୁମ୍ଭେମାନେ ତ ତାହାଙ୍କ ବିଷୟ ଶୁଣିଅଛ, ପୁଣି ଯୀଶୁଙ୍କ ସମ୍ବନ୍ଧୀୟ ସତ୍ୟ ଅନୁସାରେ ତାହାଙ୍କ ସହଭାଗିତାରେ ଥାଇ ଶିକ୍ଷିତ ହୋଇଅଛ, ଅର୍ଥାତ୍, ତୁମ୍ଭେମାନେ ତୁମ୍ଭମାନଙ୍କର ପୁରାତନ ଆଚରଣ ସମ୍ବନ୍ଧରେ, ଯେଉଁ ପୁରାତନ ସ୍ୱଭାବ ପ୍ରବଞ୍ଚନାର ବିଳାସିତା ଅନୁସାରେ ଅଧିକରୁ ଅଧିକ ଭ୍ରଷ୍ଟ ହେଉଅଛି, ତାହାକୁ ପରିତ୍ୟାଗ କରିବାକୁ, ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟି ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ" (ଏଫି. ୪:୨୦-୨୪) ।

ନୂତନୀକରଣ ପ୍ରକ୍ରିୟା ଚାଲୁ ରହିଥିବା ସମୟରେ, ଆମର ବ୍ୟକ୍ତିଗତ ପରିବର୍ତ୍ତନ ଅଧିକ ସ୍ପଷ୍ଟ ହୋଇଯାଏ । *"ପରନ୍ତୁ ମିଥ୍ୟା କୁହ ନାହିଁ । ତୁମ୍ଭେମାନେ ତ ପୁରାତନ ସ୍ୱଭାବ ଓ ସେଥିର ସମସ୍ତ କର୍ମ ପରିତ୍ୟାଗ କରି ନୂତନ ସ୍ୱଭାବ ପରିଧାନ କରିଅଛ, ସେହି ନୂତନ ସ୍ୱଭାବ ଆପଣା ସୃଷ୍ଟିକର୍ତ୍ତାଙ୍କ ପ୍ରତିମୂର୍ତ୍ତି ଅନୁସାରେ ସଂପୂର୍ଣ୍ଣ ଜ୍ଞାନପ୍ରାପ୍ତି ନିମନ୍ତେ ନୂତନୀକୃତ ହେଉଅଛି"* (କଲ. ୩:୯,୧୦) । ଏହାଫଳରେ ଆମର ମନ ଓ ଆତ୍ମା ଅଧିକ ବୁଝାମଣା ମଧ୍ୟକୁ ଆସନ୍ତି ଓ ଆମ ଶରୀର ନିଜର ପ୍ରଭାବ ହରାଇଦିଏ ।

ଏହି ନୂତନୀକରଣ ଓ ପରିବର୍ତ୍ତନର ପ୍ରକ୍ରିୟା ଏପରି ପ୍ରକ୍ରିୟା ଅଟେ, ଯାହା ପରିତ୍ରାଣରେ ଆରମ୍ଭ ହୁଏ ଓ ଆମେ ଆମର ଅନନ୍ତକାଳୀନ ଗୃହରେ ନ ପହଞ୍ଚିବା ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୁଏ ନାହିଁ (ରୋମୀ. ୮:୨୯,୩୦, ୧ କରି. ୧୩:୧୨, ୨ କରି. ୩:୧୮) ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ହେ ପାଳକ, ଈଶ୍ୱରଙ୍କ ବାକ୍ୟ ଜାଣିବାର ଓ ଆପଣଙ୍କ ମଣ୍ଡଳୀକୁ ସୁସଂଗତଭାବେ ଓ ସଂପୂର୍ଣ୍ଣଭାବେ ଶିକ୍ଷା ଦେବାର ଗୁରୁତ୍ୱକୁ ଆପଣ ସ୍ପଷ୍ଟ ଭାବେ ଦେଖିପାରୁଛନ୍ତି ବୋଲି ମୁଁ ଆଶା କରୁଛି । ଆମ ମଧ୍ୟରୁ ପ୍ରତ୍ୟେକଙ୍କ ନିକଟରେ ଆମ ଜାଗତିକ ଦୃଷ୍ଟିକୋଣର ଏପରି ବିଷୟ ସବୁ ରହିଛି, ଯେଉଁଗୁଡ଼ିକ ହୁଏତ ବାଇବଲ ସହିତ ସମରେଖାରେ ନାହାନ୍ତି । ଆମେ ପ୍ରତ୍ୟେକେ ଆମ ମନର ନୂତନୀକରଣ ଓ ଆମ ଜୀବନର ପରିବର୍ତ୍ତନ ଆବଶ୍ୟକ କରୁ ! ତାହା ଈଶ୍ୱରଙ୍କ ଜୀବିତ ବାକ୍ୟର ସତ୍ୟତା ଓ ପବିତ୍ର ଆତ୍ମାଙ୍କର ନିରବଚ୍ଛିନ୍ନ କାର୍ଯ୍ୟର ସଂଯୋଗରେ ଘଟିଥାଏ ।

ମୁଁ ଆପଣମାନଙ୍କୁ ସ୍ମରଣ କରାଇଦିଏ ଯେ, ନୂତନୀକରଣ ଓ ପରିବର୍ତ୍ତନର ଏହି କାର୍ଯ୍ୟ ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ । ମୋତେ ଏହି ନିକଟରେ ପ୍ରଶ୍ନ କରାଯାଇଥିଲା, "ପରିବର୍ତ୍ତନ ଏତେ ଦୀର୍ଘ ସମୟ ନିଏ କାହିଁକି ଓ ଏହା

କାହିଁକି ଏତେ କଷ୍ଟକର ? ଈଶ୍ୱର କାହିଁକି ସଙ୍ଗେ ସଙ୍ଗେ ଆମଠାରେ କାର୍ଯ୍ୟ କରନ୍ତି ନାହିଁ ?''

ମୋର ଉତ୍ତର ଥିଲା, ''ସେହି ପ୍ରଶ୍ନର ଉତ୍ତର କେବଳ ଈଶ୍ୱର ଦେଇପାରନ୍ତି । ତାଙ୍କର ଚିନ୍ତାସବୁ ଆମ ଚିନ୍ତା ଅପେକ୍ଷା ଉଚ୍ଚତର ଅଟେ । ମାତ୍ର ଏହା ମୁଁ ଜାଣେ । ଆମ ଇଚ୍ଛାର ଏକ ସ୍ୱାଧୀନ ପରିପ୍ରକାଶ ଭାବରେ ଆମ ତାଙ୍କର ଆଜ୍ଞାବହ ହେଉ ବୋଲି ଈଶ୍ୱର ଚାହାଁନ୍ତି । ଈଶ୍ୱରଙ୍କ ସହିତ ଆମ ସଂପର୍କରେ ଆମର ମନୋନୟନଗୁଡ଼ିକ ଏହିପରି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ପରିବର୍ତ୍ତନ ଏକ କଷ୍ଟକର ଯାତ୍ରା ହୋଇଥିବାବେଳେ ସଫଳ ହେବା ପାଇଁ ଈଶ୍ୱର ଆମକୁ ସମସ୍ତ ଉପକରଣ, କର୍ତ୍ତୃତ୍ୱ ଓ ଶକ୍ତି ପ୍ରଦାନ କରିଅଛନ୍ତି ।

ଅଧ୍ୟାୟ – ୮

ନୂତନୀକରଣ ଓ ପରିବର୍ତ୍ତନର ଉପକରଣ

ଈଶ୍ୱର ନିଜ ଜ୍ଞାନରେ ସେହି ସମସ୍ତ ବିଷୟ ଆମକୁ ଯୋଗାଇଅଛନ୍ତି, ଯେଉଁଗୁଡ଼ିକୁ **''ଜୀବନ ଓ ଧାର୍ମିକତା''** ନିମନ୍ତେ ଆମେ ଆବଶ୍ୟକ କରୁ (୨ ପିତ. ୧:୩) । ଈଶ୍ୱର ଆମକୁ ପରିତ୍ରାଣର ଏକମାତ୍ର ମାର୍ଗ ଭାବରେ ନିଜର ପୁତ୍ରଙ୍କୁ (ଯୋହ. ୩:୧୬) । ଆମକୁ ଚାଳନା ଦେବା ପାଇଁ ତାଙ୍କର ପବିତ୍ର ଆତ୍ମାଙ୍କୁ (ଯୋହ. ୧୬:୧୩) ଓ ଧାର୍ମିକତାରେ ଆମକୁ ଶିକ୍ଷିତ କରିବା ପାଇଁ ତାଙ୍କର ବାକ୍ୟ (ଗୀତ. ୧୧୯:୧୦୫) ପ୍ରଦାନ କରିଅଛନ୍ତି ।

ଖ୍ରୀଷ୍ଟିୟାନ ହେତୁ, ଆମର ଇଚ୍ଛା ଏପରି ଏକ ନୂତନୀକୃତ ମନ ହେବା ଉଚିତ, ଯାହା ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ପାଇଁ ଚେଷ୍ଟା କରେ । ଆମର ମନ ନୂତନୀକୃତ ହେବା ସମୟରେ ଆମେ ଅଧିକରୁ ଅଧିକ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ରୂପାନ୍ତରିତ ହେବା ।

ମାତ୍ର ଏହି ପରିବର୍ତ୍ତନ ପ୍ରକ୍ରିୟାରେ ଈଶ୍ୱର କେଉଁ ଉପକରଣଗୁଡ଼ିକୁ ବ୍ୟବହାର କରନ୍ତି ? ଆସନ୍ତୁ, ବର୍ତ୍ତମାନ ସେଥିମଧ୍ୟରୁ କେତୋଟି ଉପକରଣ ପ୍ରତି ଆମେ ଦୃଷ୍ଟିପାତ କରିବା ।

୧. ତଥ୍ୟ ଓ ପ୍ରକାଶ ପାଇଁ ବାଇବଲ ଅଧ୍ୟୟନ

ବ୍ୟକ୍ତିଗତ ପରିବର୍ତ୍ତନ ପାଇଁ ଈଶ୍ୱରଙ୍କ ବାକ୍ୟର ଗୁରୁତ୍ୱକୁ ଲଘୁ ଜ୍ଞାନ କରାଯାଇ ନ ପାରେ । ବାଇବଲ ମନୁଷ୍ୟ ଜାତି ପାଇଁ ଈଶ୍ୱରଙ୍କର ସଂପୂର୍ଣ୍ଣ ପରିପ୍ରକାଶ ଅଟେ ଓ ଏଥିରେ କିଛି ଯୋଗ କିମ୍ବା ବିଯୋଗ କରାଯିବା **ଅନୁଚିତ** (ପ୍ରକା. ୨୨:୧୮,୧୯) ।

ଆମେ ଦୁଇଟି ମୌଳିକ ଉପାୟରେ ବାଇବଲ ପାଠ କିମ୍ବା ଅଧ୍ୟୟନ କରିପାରୁ । ପ୍ରଥମଟି ହେଉଛି, **ଜ୍ଞାନ** ଲାଭ କରିବା । ଏହାକୁ ଲୋଗୋସ୍ ବାକ୍ୟ କିମ୍ବା ଲିଖିତ ବାକ୍ୟ ଭାବରେ ଉଲ୍ଲେଖ କରାଯାଇପାରେ । *''ଲୋଗୋସ୍''* ଶବ୍ଦଟି 'ବାକ୍ୟ' ପାଇଁ ବ୍ୟବହୃତ ଗ୍ରୀକ୍ ଶବ୍ଦ ଅଟେ ।

ଜ୍ଞାନ ଲାଭ କରିବା ହେଉଛି – ବାଇବଲରେ ମିଳୁଥିବା ସତ୍ୟ ଓ ତଥ୍ୟକୁ ଶିକ୍ଷା କରିବା, ଯଥା –

- ବାଇବଲର ବିଭାଜନ (ପୁରାତନ ନିୟମ ଓ ନୂତନ ନିୟମ । ଭାବବାଦୀମାନଙ୍କର ପୁସ୍ତକ, ଐତିହାସିକ ପୁସ୍ତକ ଓ କବିତା ପୁସ୍ତକ) ।
- ବାଇବଲ ପୁସ୍ତକଗୁଡ଼ିକର ନାମ
- ବାଇବଲର ବିଧିବିଧାନ କିମ୍ବା ଯୁଗ
- ବାଇବଲର ନିୟମ ସମୂହ
- ବାଇବଲର କାହାଣୀ ଓ ଦୃଷ୍ଟାନ୍ତ ଗଳ୍ପ ସମୂହ
- ବାଇବଲର ବ୍ୟକ୍ତିତ୍ୱ ଓ ଚରିତ୍ର
- ବାଇବଲର ସମୟ ଓ ଇତିହାସ

ଉପର ଲିଖିତ ବିଷୟଗୁଡ଼ିକୁ ଶିକ୍ଷା କରିବା ଦ୍ୱାରା ବାଇବଲ ଉପରେ ଯଥାର୍ଥ ଦୃଷ୍ଟିକୋଣ ଲାଭ କରିବାରେ, ଏହାକୁ ବୁଝିବାରେ ଓ ଏହା ପ୍ରତି ସମ୍ମାନ ଦେଖାଇବାରେ ଆମେ ସାହାଯ୍ୟପ୍ରାପ୍ତ ହେବା । ଆମେ ଈଶ୍ୱରଙ୍କ ସ୍ୱଭାବ, ତାଙ୍କର ପବିତ୍ରତା ଓ ସାର୍ବଭୌମତ୍ୱ ବିଷୟରେ ଶିକ୍ଷା କରିବା । ଆମେ ତାଙ୍କ ପ୍ରତିଜ୍ଞା ଓ ବ୍ୟବସ୍ଥା ସହିତ ପରିଚିତ ହେବା । ତତ୍‌ସଙ୍ଗେ ସଙ୍ଗେ ଈଶ୍ୱର ଆମଠାରୁ ଯାହା ଆଶା କରନ୍ତି, ତାହା ଆମେ ଶିକ୍ଷା କରିବା । ଆମେ ପବିତ୍ର ଓ ତାଙ୍କ ଉଦ୍ଦେଶ୍ୟ ନିମନ୍ତେ ପୃଥକ୍ ହେବା ଉଚିତ ବୋଲି ଶିକ୍ଷା କରିବା ।

ଆମେ ଏହିପରି ଭାବରେ ବାଇବଲ ଅଧ୍ୟୟନ କରିବା ସମୟରେ, 'ଲୋଗୋସ୍' ବାକ୍ୟ (ଲିଖିତ ବାକ୍ୟ)ରୁ ଜ୍ଞାନ ଆହରଣ କରୁଥାଉ ଓ ପରବର୍ତ୍ତୀ ସ୍ତର, ଯାହା **''ବୁଝିବା''** ଅଟେ, ତାହା ନିମନ୍ତେ ଏକ ମୂଳଦୁଆ ସ୍ଥାପନ କରୁଥାଉ ।

ଆତ୍ମିକ ବୋଧଜ୍ଞାନ (ବୁଝିବା)

ଈଶ୍ୱରଙ୍କ ବାକ୍ୟର ବୋଧଜ୍ଞାନ ପରିପ୍ରକାଶ ମାଧ୍ୟମରେ ଆସିଥାଏ । ''ବାକ୍ୟ'' ପାଇଁ ଆଉ ଗୋଟିଏ ଗ୍ରୀକ୍ ଶବ୍ଦ ଅଛି ଓ ତାହା ହେଉଛି **''ରିମା''**, କିମ୍ବା କଥିତ ବାକ୍ୟ । ଏହା ଧର୍ମଶାସ୍ତ୍ରର ଆତ୍ମିକ ସ୍ୱଭାବକୁ ସୂଚିତ କରେ ।

ଈଶ୍ୱରଙ୍କ ବାକ୍ୟ ଧାର୍ମିକ-ଧ୍ୱନିଯୁକ୍ତ ଶବ୍ଦଗୁଡ଼ିକର କେବଳ ଏକ ସଂଗ୍ରହ ନୁହେଁ । ଏହା ଆତ୍ମା-ନିଃଶ୍ୱସିତ, ଜୀବିତ, ଶକ୍ତିପୂର୍ଣ୍ଣ ଓ ଆତ୍ମିକ ଅଟେ । *''କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ''* (ଏବ୍ରୀ ୪:୧୨) ।

ବାଇବଲର ଆତ୍ମିକ ସ୍ୱଭାବ ଯୋଗୁ, ପବିତ୍ର ଆତ୍ମା ଆମ ସହିତ – ଆତ୍ମା ସହିତ ଆତ୍ମା କଥା କହିବାପାଇଁ ଧର୍ମଶାସ୍ତ୍ର ବ୍ୟବହାର କରନ୍ତି ! ଆମେ ବାଇବଲ ପାଠ କିମ୍ବା ଅଧ୍ୟୟନ କରୁଥିବା ସମୟରେ, ଶାସ୍ତ୍ରାଂଶଗୁଡ଼ିକ ହଠାତ୍ ଆମର ବୋଧଜ୍ଞାନ ପ୍ରତି ଜୀବିତ ହୋଇପାରେ । ଏହା ଏପରି ହୁଏ, ଯେପରିକି ଈଶ୍ୱର ନିଜ ଆତ୍ମାଙ୍କ

ଦ୍ୱାରା ଆମ ସମ୍ବନ୍ଧରେ କିଛି ନିର୍ଦ୍ଦିଷ୍ଟ ବିଷୟରେ ତାଙ୍କ ବାକ୍ୟ ମାଧ୍ୟମରେ ଆମ ସହିତ ସିଧାସଳଖ କଥାବାର୍ତ୍ତା କରୁଛନ୍ତି ।

ଧର୍ମଶାସ୍ତ୍ର ମାଧ୍ୟମରେ ଆମ ସହିତ ଈଶ୍ୱରଙ୍କ କଥାବାର୍ତ୍ତା ପୁନର୍ଜନ୍ମପ୍ରାପ୍ତ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ସାଧାରଣ ହେବା ଉଚିତ, କାରଣ ସେମାନେ ଆତ୍ମିକ ଅଟନ୍ତି ଓ ଧର୍ମଶାସ୍ତ୍ର ଆତ୍ମିକ ଅନୁପ୍ରେରଣାରେ ଲିଖିତ ଅଟେ (୨ ତୀମ. ୩:୧୬) । ଧର୍ମତତ୍ତ୍ୱବିଦ୍‌ମାନେ ଏହା କହିବାକୁ ପସନ୍ଦ କରନ୍ତି ଯେ, ପବିତ୍ର ଆତ୍ମା ଆମକୁ କେବଳ ବୌଦ୍ଧିକ ନୁହେଁ, ମାତ୍ର ଆତ୍ମିକ ଜ୍ଞାନ ପ୍ରଦାନ କରିବାକୁ ଶାସ୍ତ୍ରାଂଶଗୁଡ଼ିକୁ ଆଲୋକିତ କରନ୍ତି । ଏହା ଆମ ପ୍ରତି ବ୍ୟକ୍ତିଗତ ଓ ପ୍ରାୟ ଜୀବନ ପରିବର୍ତ୍ତନକାରୀ ସତ୍ୟ ପ୍ରକାଶକାରୀ ହୋଇଯାଏ । ଗୋଟିଏ ସ୍ୱାଭାବିକ ମନୁଷ୍ୟ (ପୁନର୍ଜନ୍ମ ପାଇ ନ ଥିବା ବ୍ୟକ୍ତି) ଏହି ଆତ୍ମିକ ବୋଧଜ୍ଞାନ ପାଇବା ପାଇଁ ଅସମର୍ଥ ଅଟେ (୧ କରି. ୨:୧୩-୧୫) ।

ବାକ୍ୟରେ ଏହି ଭକ୍ତିମୂଳକ ସମୟ ମଧ୍ୟରେ, 'ରିମା' ବାକ୍ୟ-ଜୀବନ ପରିବର୍ତ୍ତନକାରୀ ହୋଇଯାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଈଶ୍ୱର କେବଳ ଆପଣଙ୍କ ନିମନ୍ତେ କିଛି ପ୍ରଭାବଶାଳୀ ଓ ବ୍ୟକ୍ତିଗତ ବିଷୟ ଆପଣଙ୍କୁ ଦେଖାଇଛନ୍ତି । ଈଶ୍ୱର ଧର୍ମଶାସ୍ତ୍ର ମାଧ୍ୟମରେ ଆପଣଙ୍କ ନିକଟରେ ଏକ ଜୀବନ-ପ୍ରଭାବଦାୟୀ ସତ୍ୟ ପ୍ରକାଶ କରୁଛନ୍ତି ବୋଲି ଆପଣ ଉପଲବ୍ଧି କରନ୍ତି ।

ମନେରଖନ୍ତୁ, ଆପଣ ଜ୍ଞାନଲାଭ କରିବା ପାଇଁ କେବଳ ଉଦ୍ଦିଷ୍ଟ ନୁହଁନ୍ତି । ଆପଣ ବୁଝିବା ମଧ୍ୟ ଆବଶ୍ୟକ ଅଟେ (ହିତୋ. ୪:୭) । ଗୋଟିଏ ଉପଯୁକ୍ତ ଉପାୟରେ ଆପଣ ପ୍ରାପ୍ତ ହୋଇଥିବା ବୋଧଜ୍ଞାନ ପ୍ରତି ପ୍ରତିକ୍ରିୟା ଦେଖାଇବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ଅର୍ଥ ଏହା ହୋଇପାରେ ଯେ, ଆପଣ ଅନୁତାପ କରିବା, କାହାରିକୁ କ୍ଷମା ଦେବା, ଗୋଟିଏ ଅଭ୍ୟାସ କିମ୍ବା ଆଚରଣକୁ ପରିବର୍ତ୍ତନ କରିବା, ନୂତନ ଭାବେ ଈଶ୍ୱରଙ୍କ ପ୍ରେମକୁ ଗ୍ରହଣ କରିବା, କିମ୍ବା ଏହିପରି ଅନ୍ୟ ଅନେକ ପ୍ରତିକ୍ରିୟା ଦେଖାଇବା ଉଚିତ ।

ଆପଣ ଈଶ୍ୱରଙ୍କ ବାକ୍ୟରୁ କେବଳ **'ଜ୍ଞାନ'** (*ଲୋଗୋସ୍*) ଅପେକ୍ଷା ଅଧିକ ଇଚ୍ଛା କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ । ଆପଣଙ୍କ ହୃଦୟକୁ ସମ୍ବେଦନଶୀଳ କରି ପ୍ରକାଶ ଓ **ବୋଧଜ୍ଞାନ** (*ରିମା*) ନିମନ୍ତେ ପ୍ରାର୍ଥନା କରନ୍ତୁ ଓ ସେଗୁଡ଼ିକର ଅନୁସରଣ କରନ୍ତୁ ।

୨. ପ୍ରାର୍ଥନାର ଗୁରୁତ୍ୱ

ପ୍ରାର୍ଥନା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକାରୀ ଉପକରଣ ଅଟେ, ବିଶେଷ ଭାବରେ ସେତେବେଳେ, ଯେତେବେଳେ ପ୍ରାର୍ଥନା ଆପଣଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ଏକ ବାର୍ତ୍ତାଳାପ ବୋଲି ବୁଝାଯାଏ ।

ପ୍ରାୟତଃ, ଈଶ୍ୱରଙ୍କୁ ଆମ ନିବେଦନ ଜଣାଇବାର ଏକ ମାଧ୍ୟମ ଭାବରେ ପ୍ରାର୍ଥନା କରିବା ନିମନ୍ତେ ଆମକୁ ଶିକ୍ଷା ଦିଆଯାଇଛି । ଆମେ ମାଗୁ, ମାତ୍ର ଏହାପରେ ଏହା ବଦଳରେ ଶୁଣିବାରେ ବିଫଳ ହେଉ ।

ମାତ୍ର ପ୍ରାର୍ଥନା ଗୋଟିଏ ଏକ ମାର୍ଗ ବିଶିଷ୍ଟ ଯୋଗାଯୋଗ ନୁହେଁ । ***ପ୍ରାର୍ଥନା*** ଗୋଟିଏ ବିଶ୍ୱାସୀ ଓ ଈଶ୍ୱରଙ୍କ ମଧ୍ୟରେ ଏକ ***ବାର୍ତ୍ତାଳାପ*** ଅଟେ । ଆପଣ କଥା କହନ୍ତି ଓ ଈଶ୍ୱର ଶୁଣନ୍ତି । ଯଦି ବିଶ୍ୱାସରେ ଆଶାର ସହିତ ଆମେ ଶୁଣିବା, ତେବେ ଈଶ୍ୱରଙ୍କ ନିକଟରେ କହିବା ପାଇଁ ପ୍ରାୟ, କିଛି ବିଷୟ ରହିଥାଏ ।

ଧର୍ମଶାସ୍ତ୍ର ଅଧ୍ୟୟନ କରିବା ସମୟରେ, ଆମେ ବୋଧଜ୍ଞାନ ଓ ପ୍ରକାଶ ନିମନ୍ତେ ପ୍ରାର୍ଥନା କରୁଥିବା ଉଚିତ । ଆମେ ପାଠ କରୁଥିବା ସମୟରେ ଈଶ୍ୱରଙ୍କୁ ମାଗିବା ଉଚିତ, ''ପ୍ରଭୋ, ଏହାର ଅର୍ଥ କ'ଣ ?'' ପବିତ୍ର ଆତ୍ମା ଯେପରି ତାଙ୍କର ସତ୍ୟସମୂହକୁ ଆଲୋକିତ, ପ୍ରକାଶ ଓ ସ୍ପଷ୍ଟ କରିବେ, ଏହି ଆଶା ରଖିବାର ମନୋଭାବ ଆମର ରହିବା ଉଚିତ ।

ବେଳେବେଳେ ଈଶ୍ୱରଙ୍କୁ ସ୍ପଷ୍ଟ ଭାବରେ ଶୁଣିବାର ସାମର୍ଥ୍ୟ ପ୍ରତି ପ୍ରତିବନ୍ଧକ ରହିଥାଏ । ସେହି ପ୍ରତିବନ୍ଧକଗୁଡ଼ିକୁ ଆମ ନିକଟରେ ପ୍ରକାଶ କରିବା ପାଇଁ ଆମେ ପବିତ୍ର ଆତ୍ମାଙ୍କୁ କହିବା ଆବଶ୍ୟକ ଯେପରିକି ଆମେ ଅନୁତାପ କରିପାରିବା, ଜୟଯୁକ୍ତ ହୋଇପାରିବା ଓ ତାଙ୍କ ସହିତ ଆମ ସଂପର୍କରେ ଆମେ ଅଗ୍ରସର ହୋଇପାରିବା ।

୩. ପ୍ରକୃତ ଉପାସନାର ଗୁରୁତ୍ୱ

'ଉପାସନା' ଶବ୍ଦଟିକୁ ''ଈଶ୍ୱରଙ୍କ ପ୍ରତି ପ୍ରଶଂସା ଓ ଭକ୍ତି ପ୍ରଦର୍ଶନ'' ଭାବରେ ସଂଜ୍ଞା ଦିଆଯାଇଛି । ଆମ ଜୀବନରେ ଈଶ୍ୱରଙ୍କ ଆହ୍ୱାନ ସଫଳ କରିବା ପାଇଁ ଓ ସଠିକ୍ ଈଶ୍ୱରତତ୍ତ୍ୱର ପ୍ରତିନିଧିତ୍ୱ କରିବା ପାଇଁ ଉପାସନା କେନ୍ଦ୍ରର ରହିଛି । ମାତ୍ର ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଉପାସନା ଏପରି ଏକ ବିଷୟ, ଯାହା ଈଶ୍ୱର ଆମ ପ୍ରତ୍ୟେକଙ୍କଠାରୁ ଇଚ୍ଛା କରନ୍ତି ।

ଏହାର ପ୍ରାଥମିକ ଅର୍ଥରେ, 'ଉପାସନା' ଗୋଟିଏ ବାହ୍ୟ ରୂପ ନୁହେଁ, ମାତ୍ର ''ଆତ୍ମିକ ଉପାସନା'' ଅଟେ । ଯୀଶୁ କୂପ ନିକଟରେ ଥିବା ସ୍ତ୍ରୀ ସହିତ କଥାବାର୍ତ୍ତା କରୁଥିବା ସମୟରେ କହିଛନ୍ତି । *''କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି । ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ । କାରଣ ପିତା ଏହିପ୍ରକାର ଉପାସନା ଲୋଡ଼ନ୍ତି''* (ଯୋହନ ୪:୨୩) ।

ଉପାସନା ସମ୍ବନ୍ଧରେ ଈଶ୍ୱରଙ୍କ ସଂଜ୍ଞା ଆଦୌ ପରିବର୍ତ୍ତିତ ନ ହେଲେ ମଧ୍ୟ ଆଜି ଅନେକେ ଉପାସନାର ଅନ୍ୟ ଅର୍ଥଗୁଡ଼ିକ ଉପରେ ଦୃଷ୍ଟି ନିବଦ୍ଧ କରିଛନ୍ତି । ଉଦାହରଣ ସ୍ୱରପ –

କ. **ସଂଗୀତର ଏକ ଶୈଳୀ,** ଯଥା 'ଉପାସନା ସଙ୍ଗୀତ' କିମ୍ବା

ଖ. **ଗୀର୍ଜାଯିବାର କାର୍ଯ୍ୟ** (ମୁଁ ରବିବାର ଦିନ ଗୋଟିଏ ଉପାସନାରେ ଯୋଗ ଦେଇଥିଲି) ।

ଉପାସନାର ଏହି ଉଭୟ ଚିନ୍ତାଧାରା ଆବଶ୍ୟକ ଅଟେ କିନ୍ତୁ, ଯଦି ସେଗୁଡ଼ିକ ଆମ ଉପାସନାର ପ୍ରାଥମିକ ସଂଜ୍ଞା ହୋଇଯା'ନ୍ତି, ତେବେ ଆମେ ଉପାସନାର ପ୍ରାଥମିକ ଅର୍ଥ ସ୍ଥାନରେ ଏକ ଗୌଣ ଅର୍ଥ ସ୍ଥାପନ କରିବାର ବିପଦ ମଧ୍ୟରେ ରହିଥାଉ । ବେଳେବେଳେ ଈଶ୍ୱରଙ୍କ ପ୍ରତି ସମର୍ପିତ ଏକ ଦୈନିକ ଜୀବନ କାଟିବା ଅପେକ୍ଷା ଉତ୍ତମ ଉପାସନା ସଙ୍ଗୀତ ଉପଭୋଗ କରିବା ଅଧିକ ସହଜ ହୋଇଯାଏ ।

ଉପାସନା ଖ୍ରୀଷ୍ଟିୟାନ ଜୀବନର ଏକ ଅଂଶ ନୁହେଁ, ଏହା ଖ୍ରୀଷ୍ଟିୟାନ ଜୀବନ ଅଟେ ! *''ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତୀ କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା''* (ରୋମୀ. ୧୨:୧) ।

ପ୍ରକୃତରେ, ବିଜୟୀ ଖ୍ରୀଷ୍ଟିୟାନ ଜୀବନ ପାଇଁ ଆନ୍ତରିକ ଉପାସନା ଅନିବାର୍ଯ୍ୟ ଅଟେ । ଆମେ ଈଶ୍ୱରଙ୍କ ସହିତ ''ଆତ୍ମାଙ୍କଠାରୁ ଆତ୍ମା ପ୍ରତି'' ସହଭାଗିତା ଆବଶ୍ୟକ କରୁ, ଯାହା କେବଳ ସେତିକିବେଳେ ଘଟିପାରେ, ଯେତେବେଳେ ଆମେ ତାଙ୍କ ସମ୍ମୁଖରେ ନତ ହୋଇ ତାଙ୍କର ପ୍ରଶଂସା କରୁ । ଆମର ବାହ୍ୟ ଉପାସନା ଭିତରେ ଯାହା ଅଛି, ତା'ର ଏକ ପ୍ରତ୍ୟକ୍ଷ ଫଳ ଭାବରେ ଆସିବା ଆବଶ୍ୟକ । ଯଥା, ପ୍ରଭୁ ଓ ରାଜା ଭାବରେ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ ହୃଦୟ । ନଚେତ୍, ଆମର ଉପାସନା କେବଳ ଶକ୍ତିବିହୀନ ଏକ ରୂପ (ଗଠନ) ହୋଇ ରହିଯିବ, *''ଭକ୍ତିର ଭେଖ ଧରିବା, ମାତ୍ର ସେଥିର ଶକ୍ତିକୁ ଅଗ୍ରାହ୍ୟ କରିବା''* (୨ ତୀମ. ୩:୫) ।

ବାହ୍ୟ ରୂପ ଓ ଆନ୍ତରିକ ଉପାସନା ମଧ୍ୟରେ ଆମେ କିପରି ପାର୍ଥକ୍ୟ ଜାଣିପାରିବା ? ''ପ୍ରକୃତ'' ଉପାସନାର ମାପ କ'ଣ ଅଟେ ?

ଆତ୍ମିକ ଉପାସନା ମଣ୍ଡଳୀରେ ସପ୍ତାହକୁ ଥରେ ଉତ୍ସର୍ଗୀକରଣ ଅପେକ୍ଷା ଅଧିକ ଅଟେ । ଆତ୍ମିକ ଉପାସନା ଆମ ଜୀବନରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ପ୍ରତି ଆମ ଦୈନିକ ବଶ୍ୟତାକୁ ଓ ତାଙ୍କ ପ୍ରତି ବାଧ୍ୟ ହେବା ପାଇଁ ଆମର ଇଚ୍ଛାକୁ ପ୍ରକାଶ କରିବା ଉଚିତ । ଆତ୍ମିକ ଉପାସନାର ପ୍ରକୃତ ପରିମାପ ୨ କରିନ୍ଥୀୟ ୩:୧୮ରେ ମିଳିଥାଏ :

''କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ । ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି ।''

ପ୍ରଚାର (ସେବା) କାର୍ଯ୍ୟର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଫଳ ପରିବର୍ତ୍ତିତ ଜୀବନ ଅଟେ । ପାଳକ ଓ ନେତା ଭାବରେ ଆମେ ଗୋଟିଏ ନିୟମିତ ପରିବେଶ ଯୋଗାଇବା ଆବଶ୍ୟକ, ଯେଉଁଠାରେ ଲୋକମାନେ ଉପାସନାରେ ଈଶ୍ୱରଙ୍କ ସହିତ ସାକ୍ଷାତ୍ କରିପାରିବେ । ଈଶ୍ୱରଙ୍କ ପ୍ରତି ପ୍ରଶଂସା ଓ ସମ୍ମାନ ପ୍ରକାଶ କରିବା ପାଇଁ ଓ ଏହାପରେ ଲୋକମାନଙ୍କ ଜୀବନରେ କାର୍ଯ୍ୟ କରିବା ନିମନ୍ତେ ତାଙ୍କୁ ଅପେକ୍ଷା କରିବା ପାଇଁ ସମୟ ଦିଆଯିବା ଆବଶ୍ୟକ । ପ୍ରକୃତ ଆତ୍ମିକ ଉପାସନା ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ପ୍ରତି ସଂପୂର୍ଣ୍ଣ ବଶ୍ୟତା ଓ ଆମର ଦୈନିକ ଜୀବନରେ କାର୍ଯ୍ୟରତ ତାଙ୍କ ଉପସ୍ଥିତି ପ୍ରତି ଉନ୍ମୋଚନ ଅଟେ ।

୪. ଗୋଟିଏ ମଣ୍ଡଳୀ ପ୍ରତି ଏକ ସମର୍ପଣର ଗୁରୁତ୍ୱ

''ପୁଣି ପ୍ରେମ ଓ ସତ୍‌କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ, ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ, ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ'' (ଏବ୍ରୀ ୧୦:୨୪,୨୫) ।

ସ୍ଥାନୀୟ ମଣ୍ଡଳୀ ଗୋଟିଏ ଗୃହ ନୁହେଁ । ମଣ୍ଡଳୀ ଜଣେ ମୁଖ୍ୟ, ଯୀଶୁଖ୍ରୀଷ୍ଟଙ୍କ ଅଧୀନରେ ମିଳିତ ବିଶ୍ୱାସୀମାନଙ୍କର ଏକ ସଭା ଅଟେ (୧ କରି. ୧୨, ଏଫି. ୧:୨୨-୨୩) ।

ଗୋଟିଏ ମଣ୍ଡଳୀର ନେତୃତ୍ୱ ନେବା (କିମ୍ବା ଯୋଗ ଦେବା) ସମୟରେ ତିନୋଟି ଅତ୍ୟାବଶ୍ୟକୀୟ ବିଷୟ ଉପସ୍ଥିତ ରହିବା ଉଚିତ :

କ) ମଣ୍ଡଳୀ ବାଇବଲ-ଭିତ୍ତିକ ହେବା ଆବଶ୍ୟକ – *''ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ ସ୍ୱତନ୍ତ୍ର ଭାବରେ ବ୍ୟାଖ୍ୟା କରିବାର ବିଷୟ ନୁହେଁ, କାରଣ କୌଣସି ଭାବବାଣୀ କେବେ ହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ, ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଲେ''* (୨ ପିତର ୧:୨୦,୨୧) ।

ଗୋଟିଏ ବାଇବଲ-ଭିତ୍ତିକ ମଣ୍ଡଳୀକୁ ଚିହ୍ନିବା ପାଇଁ ଅନେକ ଉପାୟ ଅଛି । ଶିକ୍ଷା ବାଇବଲର ଶାସ୍ତ୍ରାଂଶ ଓ ପଦଗୁଡ଼ିକରୁ ଆସିବ । ମଣ୍ଡଳୀ ସେମାନଙ୍କର ବାଇବଲ ଧରିଥିବେ ଓ ବ୍ୟବହାର କରୁଥିବେ । ପାଳକ ଓ ନେତୃବୃନ୍ଦ ଈଶ୍ୱରଙ୍କ ବାକ୍ୟର ବିଶ୍ୱସ୍ତ ଛାତ୍ର ହୋଇ ବାଇବଲ ଅନୁସାରେ ସେମାନଙ୍କ ଜୀବନ କାଟୁଥିବେ । ଏପରି କୌଣସି ପୁସ୍ତକ କିମ୍ବା କୌଣସି ଗଣମାଧ୍ୟମ ନାହିଁ, ଯାହାକୁ ଈଶ୍ୱରଙ୍କ ବାକ୍ୟ ସହିତ ପ୍ରତିବଦଳ କରାଯାଇପାରିବ, ଯାହାକୁ ବାଇବଲ ସହିତ ଯୋଗ

କିମ୍ବା ବିଯୋଗ କରାଯାଇପାରିବ । ଗୋଟିଏ ଆତ୍ମିକ ଭାବରେ ସୁସ୍ଥ ମଣ୍ଡଳୀରେ ସମସ୍ତ ଶିକ୍ଷାର ଭିତ୍ତି ଭୂମି ଈଶ୍ୱରଙ୍କ ବାକ୍ୟ ହେବ ।

ଖ) ମଣ୍ଡଳୀ ଧର୍ମତତ୍ତ୍ୱରେ ବଳିଷ୍ଠ ହେବା ଆବଶ୍ୟକ – *''କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ, ପୁଣି, ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ''* (୨ ତୀମ. ୪:୩,୪) ।

ଶିକ୍ଷା ଦିଆଯାଉଥିବା କିମ୍ବା ଦୃଷ୍ଟାନ୍ତ ଦିଆଯାଉଥିବା ଯେକୌଣସି ଧର୍ମତତ୍ତ୍ୱର ମୂଳଦୁଆ ଈଶ୍ୱରଙ୍କ ବାକ୍ୟ ହେବା ଆବଶ୍ୟକ । ଗୋଟିଏ ମଣ୍ଡଳୀରେ ''ବିଶ୍ୱାସ ସମ୍ବନ୍ଧୀୟ ଉକ୍ତି'' ରହିବା ଉଚିତ ଯାହା ବାଇବଲ ଶାସ୍ତ୍ରାଂଶ ଦ୍ୱାରା ସମର୍ଥିତ ଓ ସେମାନେ ବିଶ୍ୱାସ କରୁଥିବା ଧର୍ମତତ୍ତ୍ୱକୁ ଉଲ୍ଲେଖ କରିଥାଏ ।

ଗ) ମଣ୍ଡଳୀ ଜଣେ ବିଶ୍ୱାସୀର ଜୀବନରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟର ଗୁରୁତ୍ୱକୁ ଚିହ୍ନିବା ଆବଶ୍ୟକ – *''ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ ତୁମ୍ଭମାନଙ୍କ ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ? ଆଉ ତୁମ୍ଭେମାନେ ନିଜ ନିଜର ନୁହଁ''* (୧ କରିନ୍ଥୀ ୬:୧୯) ।

କାଲବରୀ କ୍ରୁଶରେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସଂପୂର୍ଣ୍ଣ ହୋଇଥିବା ଅନୁଗ୍ରହର କାର୍ଯ୍ୟରେ କିଛି ଯୋଗ କରିବାର କୌଣସି ଚେଷ୍ଟା ବିଷୟରେ ସାବଧାନ ହୁଅନ୍ତୁ । ଏହି ପ୍ରତାରଣା ପ୍ରତି ଆପଣଙ୍କୁ ସତର୍କ କରିବାର ସର୍ବାଧିକ ସହଜ ଚିହ୍ନ ହେଉଛି – ବ୍ୟବସ୍ଥାର ଫାନ୍ଦ ସହିତ ଅତ୍ୟଧିକ ଜଡ଼ିତ ହେବା, ଆଭ୍ୟନ୍ତରୀଣ, ଆତ୍ମିକ ପରିବର୍ତ୍ତନ ଅପେକ୍ଷା ଆଚରଣ, ପୋଷାକ ଓ ବାକ୍ୟ ସମ୍ବନ୍ଧୀୟ ନୀତିନିୟମ ଉପରେ ଅଧିକ ଗୁରୁତ୍ୱ ଦେବା ।

ବାହ୍ୟ ଆଚରଣ ଉପରେ ଏହି ଗୁରୁତ୍ୱାରୋପ ''ବ୍ୟବସ୍ଥାବାଦ'' ଭାବରେ ପରିଚିତ । ପବିତ୍ର ଆତ୍ମାଙ୍କର ପ୍ରକୃତ, ଆଭ୍ୟନ୍ତରୀଣ ପରିବର୍ତ୍ତନକାରୀ କାର୍ଯ୍ୟ ବଦଳରେ ଏହା ଏକ ବୃଥା, ବାହ୍ୟ ପ୍ରଚେଷ୍ଟା ଅଟେ : *''ତୁମ୍ଭେମାନେ କଅଣ ଏପରି ନିର୍ବୋଧ ? ଆତ୍ମାରେ ଆରମ୍ଭ କରି ତୁମ୍ଭେମାନେ କି ଏବେ ଶରୀରରେ ସିଦ୍ଧ ହେବାକୁ ଯାଉଅଛ ?''* (ଗାଲା. ୩:୩) ।

ଈଶ୍ୱର ସମାନୁରୂପ ଅନ୍ୱେଷଣ କରନ୍ତି ନାହିଁ, ଯାହା କେବଳ ବାହ୍ୟ ପରିବର୍ତ୍ତନ ଅଟେ । ଏହା ପରିବର୍ତ୍ତେ, ଈଶ୍ୱର ପ୍ରକୃତ ''ପରିବର୍ତ୍ତନ'' ଇଚ୍ଛା କରନ୍ତି, ଯାହା ଭିତରୁ (ହୃଦୟରୁ) ଆଗତ ପରିବର୍ତ୍ତନ ଅଟେ । କିନ୍ତୁ, ଏହି ଆଭ୍ୟନ୍ତରୀଣ ପରିବର୍ତ୍ତନ ଫଳ ଆଚରଣରେ ପରିବର୍ତ୍ତନ ଓ ଏପରିକି ବାହ୍ୟ ଚେତନାରେ ପରିବର୍ତ୍ତନ ହୋଇଥାଏ (କଲ. ୨) ।

ଆମେ ଏ ବିଷୟରେ ଦୃଢ଼ ବିଶ୍ୱାସୀ ହୋଇପାରିବା ଯେ ପବିତ୍ର ଆତ୍ମା, ତାଙ୍କର ନୂତନୀକରଣ ଓ ପରିବର୍ତ୍ତନର ଉପକରଣ, ଯଥା – ବାଇବଲ, ପ୍ରାର୍ଥନା, ଉପାସନା ଓ ମଣ୍ଡଳୀ ସହିତ ସଂଯୁକ୍ତ ହୋଇ ଏପରି ଯେକୌଣସି ବ୍ୟକ୍ତିଠାରେ ଏକ ଶକ୍ତିପୂର୍ଣ୍ଣ ପରିବର୍ତ୍ତନକାରୀ କାର୍ଯ୍ୟ ସାଧନ କରିବାକୁ ସମର୍ଥ ଅଟନ୍ତି, ଯିଏ ଯୀଶୁଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ପ୍ରତି ବଶୀଭୂତ ହେବ । ଯଦି ଆମେ ତାଙ୍କୁ ପରିତ୍ୟାଗ କରିବା ନାହିଁ, ତେବେ ସେ ମଧ୍ୟ ଆମକୁ ଆଦୌ ପରିତ୍ୟାଗ କରିବେ ନାହିଁ : *''ଏହି କାରଣରୁ ମଧ୍ୟ ମୁଁ ଏହିସବୁ ଦୁଃଖଭୋଗ କରୁଅଛି, ତଥାପି ମୁଁ ଲଜ୍ଜିତ ନୁହେଁ, କାରଣ ମୁଁ ଯାହାଙ୍କଠାରେ ବିଶ୍ୱାସ କରିଅଛି, ତାହାଙ୍କୁ ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ ରୂପେ ବିଶ୍ୱାସ କରୁଅଛି''* (୨ ତୀମ. ୧:୧୨) ।

ଅଧ୍ୟାୟ – ୯

କେତେକ ଅତିରିକ୍ତ ନିୟମାବଳୀ



ଆମେ ଗୋଟିଏ ବାଇବଲ–ଭିତ୍ତିକା/ଖ୍ରୀଷ୍ଟିୟାନ ଜାଗତିକ ଦୃଷ୍ଟିକୋଣ ବିକାଶ କରି ସେହି ସମାନ କାର୍ଯ୍ୟ କରିବା ପାଇଁ ଅନ୍ୟମାନଙ୍କୁ ନେତୃତ୍ୱ ଦେଉଥିବା ସମୟରେ ଆମକୁ କେତେକ ବିଷୟ ମନରେ ରଖିବାକୁ ହେବ ।

୧. ଈଶ୍ୱରଙ୍କ *ସହିତ* କିମ୍ବା ଈଶ୍ୱରଙ୍କ *ନିମନ୍ତେ* କାର୍ଯ୍ୟ କରିବା !

ଅନ୍ୟମାନଙ୍କୁ ସେମାନଙ୍କ ବୁଝିବାରେ ଓ ବିଶ୍ୱାସ କରିବାରେ ଉତ୍ସାହିତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କଠାରେ ଓ ତାଙ୍କ ବାକ୍ୟରେ ସେମାନଙ୍କର ବିଶ୍ୱାସ ସ୍ଥାପନ କରିବାରେ ଆମକୁ, ସେମାନଙ୍କୁ ସାହାଯ୍ୟ କରିବାକୁ ହେବ । ସେମାନଙ୍କ ନିମନ୍ତେ ନୀତିନିୟମର ଏକ ଧାର୍ମିକ ପଦ୍ଧତି ସୃଷ୍ଟି କରିବା ଦ୍ୱାରା ଏହା ସାଧିତ ହୋଇପାରିବ ନାହିଁ । ଏହା ପରିବର୍ତ୍ତେ, ପାଳକ ଓ ନେତା ଭାବରେ ଆମର ପ୍ରାଥମିକ ଲକ୍ଷ୍ୟ ହେଉଛି – ଅନ୍ୟମାନେ ଯେପରି ଯୀଶୁଖ୍ରୀଷ୍ଟଙ୍କ ସହିତ ଏକ ପ୍ରକୃତ **ସଂପର୍କ** ମଧ୍ୟକୁ ପ୍ରବେଶ କରିବେ, ଏଥିପାଇଁ ସେମାନଙ୍କୁ ସାହାଯ୍ୟ କରିବା । ଅବଶ୍ୟ, ଆମକୁ ମଧ୍ୟ ଖ୍ରୀଷ୍ଟଙ୍କ ସହିତ ସେହି ସଂପର୍କ ରଖିବାକୁ ହେବ !

ଏକ ସଂପର୍କ ଈଶ୍ୱରଙ୍କ ସହିତ ଏକତ୍ର କାର୍ଯ୍ୟ କରିବାକୁ ସୂଚାଏ । ସେ ଆମଠାରେ, ଅର୍ଥାତ୍, ତାଙ୍କର ପୁତ୍ର ଓ କନ୍ୟାମାନଙ୍କଠାରେ କାର୍ଯ୍ୟ କରିବାକୁ ଇଚ୍ଛା

କରନ୍ତି । ଆମେ ଆମ ବ୍ୟକ୍ତିଗତ ଜୀବନରେ, ତଥା ମଣ୍ଡଳୀରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ପ୍ରତି ବଶୀଭୂତ ହେବା ଦ୍ୱାରା ଏହି ପ୍ରକ୍ରିୟା ସହିତ ସହଯୋଗ କରୁ । ଏହି ଅର୍ଥରେ, ଆମେ ଈଶ୍ୱରଙ୍କ ସହିତ ଅଂଶୀଦାର ଅଟୁ (ଯୋହନ ୧୫:୧୫) ।

ଏହାର ବିପରୀତରେ, ଈଶ୍ୱରଙ୍କ ନିମନ୍ତେ କାର୍ଯ୍ୟ କରିବାର ଚିନ୍ତାଧାରା ନିଯୋଗକର୍ତ୍ତା/କାର୍ଯ୍ୟକାରୀ ସଂପର୍କ କିମ୍ବା ଏକ କର୍ତ୍ତା/ଦାସର ସଂପର୍କକୁ ସୂଚିତ କରେ । ବିଶ୍ୱାସୀ ଭାବରେ, ଆମେ ରାଜାଙ୍କର ପୁତ୍ର ଓ କନ୍ୟା ଅଟୁ – ଦାସ ନୁହେଁ, ମାତ୍ର ତାଙ୍କର ବନ୍ଧୁ ଅଟୁ (ଯୋହନ ୧୫:୯–୧୭) । ଆନନ୍ଦରେ ତାଙ୍କର ସେବା କରୁ, ମାତ୍ର ପ୍ରେମ ଓ ସଂପର୍କ ଯୋଗୁ ତାହା କରୁ । ଆମର ନାଗରିକତା ସ୍ୱର୍ଗରୁ ଆଗତ ଓ ଆମେ ଆମ ରାଜାଙ୍କର ରାଜଦୂତ ଅଟୁ !

୨. ଜଣେ ମନୁଷ୍ୟ ଯେପରି ଚିନ୍ତା କରେ

ଆପଣ ଯାହା କହନ୍ତି, ତାହା ନୁହେଁ, ମାତ୍ର ଆପଣ ବାସ୍ତବରେ ଯାହା **ବିଶ୍ୱାସ** କରନ୍ତି, ତାହା ଆପଣ କିଏ, ତାହା ନିର୍ଣ୍ଣୟ କରେ : *''କାରଣ ଯେ ରୂପ ମନରେ ନିଜେ ଭାବେ, ସେ ରୂପ ଅଟେ''* (ହିତୋ. ୨୩:୭) ।

ଆମେ ଜୀବନରେ ଯେଉଁ ସବୁ ପରୀକ୍ଷାର ଅନୁଭୂତି ପାଉ ବୋଲି ଈଶ୍ୱର ଅନୁମତି ଦିଅନ୍ତି, ତାହାର ଗୋଟିଏ ପ୍ରାଥମିକ ଉଦ୍ଦେଶ୍ୟ ରହିଛି : ''ଆମେ ଯାହା **କହୁ**, ତାହା ବିଶ୍ୱାସ କରୁ, ତା'ନୁହେଁ, ମାତ୍ର ପ୍ରକୃତରେ ଆମେ ଯାହା ବିଶ୍ୱାସ **କରୁ**, ତାହା କହୁ ବୋଲି ସମର୍ଥନ କରିବା କିମ୍ବା ଅସ୍ୱୀକାର କରିବା'' (ଯୋହନ ୬:୬, ଦ୍ୱି.ବିବ. ୮:୨) ।

ଆମର କାର୍ଯ୍ୟ ବାକ୍ୟ ଅପେକ୍ଷା ଅଧିକ ଉଚ୍ଚ ସ୍ୱରରେ କଥା କହେ । ଈଶ୍ୱର ସେହି ଲୋକମାନଙ୍କୁ ଅନ୍ୱେଷଣ କରନ୍ତି ନାହିଁ, ଯେଉଁମାନେ କେବଳ ସତ୍ୟ ଜାଣନ୍ତି । ମାତ୍ର ସେହିମାନଙ୍କୁ ଅନ୍ୱେଷଣ କରନ୍ତି, ଯେଉଁମାନେ ସତ୍ୟକୁ କାର୍ଯ୍ୟକାରୀ ମଧ୍ୟ କରନ୍ତି । *''ଆଉ, ଯେ କେହି ମୋର ଏହି ସମସ୍ତ କଥା ଶୁଣି ପାଳନ କରେ ନାହିଁ, ସେ ବାଲୁକା ଉପରେ ଗୃହ ନିର୍ମାଣକାରୀ ଜଣେ ମୂର୍ଖ ଲୋକ ସଦୃଶ ହେବ । ବୃଷ୍ଟି ହେଲା, ବଢ଼ି ଆସିଲା, ପୁଣି ବତାସ ବହିଲା ଓ ସେହି ଘରକୁ ଧକ୍କା ମାରିଲା, ଆଉ ତାହା ପଡ଼ିଗଲା, ପୁଣି ତାହାର ପତନ ଭୟଙ୍କର ହେଲା''* (ମାଥି. ୭:୨୬,୨୭) ।

ଆମର କାର୍ଯ୍ୟ ବାଇବଲର ନିୟମ ସହିତ ମିଳିତ ହେବା ଆବଶ୍ୟକ । କୁହାଯାଏ ଯେ, ମନୁଷ୍ୟ ଯେପରି ଚିନ୍ତା କରେ, ସେହିପରି କାର୍ଯ୍ୟ କରିବ । ମନୁଷ୍ୟ ଯେପରି କାର୍ଯ୍ୟ କରେ, ସେହିପରି ଅଭ୍ୟାସର ବିକାଶ କରିବ । ମନୁଷ୍ୟ ଯେପରି ଅଭ୍ୟାସର ବିକାଶ କରିବ, ସେହିପରି ଚରିତ୍ରର ବିକାଶ କରିବ । ମନୁଷ୍ୟ ଯେପରି ଚରିତ୍ର ବିକାଶ କରେ, ସେହିପରି ଲକ୍ଷ୍ୟର ବିକାଶ କରିବ । ଆମର ଚରମ ଲକ୍ଷ୍ୟ ହେଉଛି – *''ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିର ଅନୁରୂପ ହେବା''* (ରୋମୀ. ୮:୨୯) ।

୩. ''ଆମେନ୍'', କିମ୍ବା ଈଶ୍ୱରଙ୍କ ସହିତ ସମ୍ମତ ହେବା

ଆମେ ଯାହା ବିଶ୍ୱାସ କରୁ, ତାହା ପରୀକ୍ଷା କରିବା ଓ ଏହାପରେ ଈଶ୍ୱରଙ୍କ ବାକ୍ୟ ସହିତ କେଉଁ ବିଷୟ ମିଶୁଛି ଓ କେଉଁ ବିଷୟ ମିଶୁନାହିଁ, ତାହା ଚିହ୍ନିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କ ବାକ୍ୟ, ବାଇବଲ ସେହି ମୂଳଦୁଆ ଅଟେ, ଯାହା ଉପରେ ଆମେ ଆମର ମୁଖ୍ୟ ବିଶ୍ୱାସ ଗଠନ କରିଥାଉ । ଅର୍ଥାତ୍, ଈଶ୍ୱର ଯାହା ଗ୍ରହଣ କରନ୍ତି, ଆମକୁ ତାହା ଗ୍ରହଣ କରିବାକୁ ହେବ । ଈଶ୍ୱର ଯାହା ଅଗ୍ରାହ୍ୟ କରନ୍ତି, ଆମକୁ ତାହା ଅଗ୍ରାହ୍ୟ କରିବାକୁ ହେବ । ଆମେ ତାଙ୍କ ସହିତ ସମ୍ମତ (ଆମେନ୍) ହେବା ଆବଶ୍ୟକ (ଆମୋଷ ୩:୩) । ଏପରି ସମୟ ଆସିବ, ଯେତେବେଳେ ଆମର ବ୍ୟକ୍ତିଗତ ଅନୁଭୂତି କିମ୍ବା ଧର୍ମନିରପେକ୍ଷ ତାଲିମ ବାଇବଲ ଆମଠାରୁ ଯାହା ଆଶା କରେ, ତତ୍‌ସମ୍ବନ୍ଧୀୟ ଆମର ବୋଧଜ୍ଞାନ ସହିତ ସଂଘର୍ଷ କରିବ । ଏହି ସମୟ ମଧ୍ୟରେ ଆମର ବିଶ୍ୱାସ ପରୀକ୍ଷିତ ହୁଏ ।

ତେବେ ଆସନ୍ତୁ, ଆମେ ପ୍ରେରିତ ପାଉଲଙ୍କର ମନୋଭାବ ଗ୍ରହଣ କରିବା : *''ଏହି କାରଣରୁ ମଧ୍ୟ ମୁଁ ଏହିସବୁ ଦୁଃଖଭୋଗ କରୁଅଛି, ତଥାପି ମୁଁ ଲଜ୍ଜିତ ନୁହେଁ, କାରଣ ମୁଁ ଯାହାଙ୍କଠାରେ ବିଶ୍ୱାସ କରିଅଛି, ତାହାଙ୍କୁ ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ ରୂପେ ବିଶ୍ୱାସ କରୁଅଛି''* (୨ ତୀମ. ୧:୧୨) ।

୪. ଖ୍ରୀଷ୍ଟଙ୍କ ପାଇଁ ରାଜଦୂତ

ଏଠାରେ ପୃଥିବୀରେ ପ୍ରତ୍ୟେକ ବିଶ୍ୱାସୀ ପାଇଁ ଗୋଟିଏ ମୁଖ୍ୟ ଦାୟିତ୍ୱ ହେଉଛି – ଖ୍ରୀଷ୍ଟଙ୍କ ନିମନ୍ତେ ଏକ ରାଜଦୂତ ଭାବରେ ଜୀବନ କାଟିବା । ଅନ୍ୟମାନଙ୍କ ନିକଟରେ ଯୀଶୁଖ୍ରୀଷ୍ଟଙ୍କୁ ଆମର ରାଜା ଭାବରେ ଉପସ୍ଥାପନ କରିବା ପାଇଁ ଆମକୁ ଅଧିକାର ପ୍ରଦତ୍ତ ହୋଇଅଛି (୨ କରି. ୫:୨୦) । ସେଥିପାଇଁ, ଆମର ବ୍ୟକ୍ତିଗତ

ପରିବର୍ତ୍ତନ ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ ! ଆମର ଜୀବନ କିମ୍ବା ବିଶ୍ୱାସ ଯଦି ତାଙ୍କ ସହିତ ସମ୍ମିଳିତ ନୁହେଁ, ତେବେ ଆମେ କିପରି ଯଥାର୍ଥ ଭାବରେ ଖ୍ରୀଷ୍ଟଙ୍କର ପ୍ରତିନିଧିତ୍ୱ କରିପାରିବୁ ?

ଆମକୁ କେବଳ ପ୍ରଚାର (ସେବା) କରିବା ସମୟରେ ନୁହେଁ, ମାତ୍ର ସବୁ ସମୟରେ ଗୃହରେ, କାର୍ଯ୍ୟସ୍ଥଳୀରେ, ବିଦ୍ୟାଳୟରେ କିମ୍ବା ଯେକୌଣସି ସ୍ଥାନରେ ଥିବା ସମୟରେ ସୁଦ୍ଧା ରାଜଦୂତ ହେବାକୁ ପଡ଼ିବ । ଆମେ ଅଧିକରୁ ଅଧିକ ତାଙ୍କ ସଦୃଶ ହେବା ସମୟରେ ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ପାଇଁ ସମ୍ବେଦନଶୀଳ ହେବା ସମୟରେ ଆମ ଚତୁଃପାର୍ଶ୍ୱସ୍ଥ ଜଗତ ପ୍ରତି ଅତି ସଠିକ୍ ଭାବରେ ତାଙ୍କର ପ୍ରତିନିଧିତ୍ୱ କରିବା ।

୫. ସତ୍ୟ ଅନ୍ୱେଷଣକାରୀ

''ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ'' (ଯୋହନ ୧୭:୧୭, ଗୀତ. ୧୧୯:୧୬୦) । ବାଇବଲରେ ସତ୍ୟର ଯେଉଁ ସଂଜ୍ଞା ଦିଆଯାଇଛି, ସେହି ସତ୍ୟର ଆମେ ଅନ୍ୱେଷଣକାରୀ ହେବା ଆବଶ୍ୟକ ।

ସେହି ସତ୍ୟ ଆପଣଙ୍କୁ ମୁକ୍ତ କରିବ । ମିଥ୍ୟା ଆପଣଙ୍କୁ ବନ୍ଧନରେ ରଖିବ ! *''ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାନ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ''* (ଯୋହନ ୮:୩୨) ।

ଗୋଟିଏ ଆଂଶିକ ସତ୍ୟ ମଧ୍ୟ ଏକ ମିଥ୍ୟା ଅଟେ । କୌଣସି ବିଷୟ ହୁଏତ ସତ୍ୟ ଅଟେ କିମ୍ବା ସତ୍ୟ ନୁହେଁ । ଶୟତାନ ଏହା ବୁଝେ ଓ ଆମକୁ ପ୍ରଲୋଭିତ କିମ୍ବା ପ୍ରତାରିତ କରିବା ପାଇଁ ସତ୍ୟକୁ ବିକୃତ କିମ୍ବା ବକ୍ର କରିବାକୁ ପ୍ରାୟ ଚେଷ୍ଟା କରେ । ଆମେ ଯାହା ସବୁ ବିଶ୍ୱାସ କରୁ ଓ କାର୍ଯ୍ୟକାରୀ କରୁ, ତାହା ବାଇବଲ ସହିତ ସଂପୂର୍ଣ୍ଣ ଭାବରେ ମିଳିତ ହେବା ଆବଶ୍ୟକ !

୬. ଆମ ନାଗରିକତା –

ଏହା ମନେରଖନ୍ତୁ ଯେ, ଯୀଶୁଖ୍ରୀଷ୍ଟଙ୍କର ବିଶ୍ୱାସୀ ଭାବରେ, ଆମେ ସ୍ୱର୍ଗର ନାଗରିକ ଅଟୁ (ଫିଲି. ୩:୨୦) । ଆମର ଜାଗତିକ ଦୃଷ୍ଟିକୋଣ ଗୋଟିଏ ସ୍ୱର୍ଗୀୟ ଦୃଷ୍ଟିକୋଣ ହେବା ଉଚିତ । ଏହାର ଅର୍ଥ ହେଉଛି ଯେ, ଆମେ ଯେଉଁ ସଂସ୍କୃତିରେ କିମ୍ବା ପରଂପରାରେ ବାସ କରୁଛୁ, ତାହା ଏହି ସତ୍ୟ ପ୍ରତି ଗୌଣ ଅଟେ ଯେ, ଆମର ଗୃହ ଓ ଆମର ଜାତୀୟତା ବର୍ତ୍ତମାନ ସ୍ୱର୍ଗ ଅଟେ ।

ଆମେ ମେକ୍ସିକୋବାସୀ, ଭାରତୀୟ, ଆଫ୍ରିକୀୟ, ଆମେରିକୀୟ, ଇଉରୋପୀୟ କିମ୍ବା ଅନ୍ୟ ଦେଶୀୟ ନୋହୁଁ, ମାତ୍ର ଆମେ ପ୍ରଥମେ ଖ୍ରୀଷ୍ଟିୟାନ ଅଟୁ ! ଆମର ଜାତୀୟ ଦେଶଭକ୍ତି, ବିଶ୍ୱାସ ଓ ପରଂପରା ଖ୍ରୀଷ୍ଟିୟାନ ଭାବରେ ଆମର ପରିଚୟ ପ୍ରତି ଗୌଣ ଅଟେ ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ମୁଁ ଥରେ ଦଳେ ପାଳକଙ୍କ ସହିତ ''ସତ୍ୟନିଷ୍ଠା'' ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଗୋଟିଏ ଶ୍ରେଣୀରେ ଶିକ୍ଷା ଦେଉଥିଲି । ଶେଷରେ, ମୁଁ ଏହା ଉଲ୍ଲେଖ କରିଥିଲି ଯେ, ଚୋରିର ପରିମାଣ ଯେତେ ପରିମାଣର କିମ୍ବା ମୂଲ୍ୟର ହେଲେ ସୁଦ୍ଧା ଚୋରି କରିବା ସର୍ବଦା ଭୁଲ୍ ଅଟେ । ଜଣେ ପାଳକ ମନ୍ତବ୍ୟ ଦେଇଥିଲେ, ''ଏହି ଦେଶର ଏହା ଏକ ପ୍ରଥା ଅଟେ ଯେ, ଯେତେବେଳେ କେହି ଜଣେ ଭୁଲ୍‌ରେ କିଛି ଛାଡ଼ିଯାଏ, ଯଥା: ହାତଘଣ୍ଟା ଓ ଅନ୍ୟ ଜଣେ ତାହା ପାଇ ଉଠାଇନିଏ, ତେବେ ଯିଏ ଏହା ପାଏ, ସେ ତାହା ନିଜ ପାଖରେ ରଖିପାରେ, ଯଦିଓ ଏହା କାହାର, ସେ ଜାଣିଥାଏ ।'' ମୁଁ ଏହି ଉତ୍ତର ଦେଇ ସେମାନଙ୍କୁ ଚକିତ କରିଦେଇଥିଲି, ''ଏହା ଆଉ ଆପଣଙ୍କର ଦେଶ ନୁହେଁ, ପୁଣି ଏହି ଦେଶର ପ୍ରଥା ଆପଣମାନଙ୍କ ପ୍ରତି ପ୍ରଯୁଜ୍ୟ ହୁଏ ନାହିଁ ! ଆପଣ ବର୍ତ୍ତମାନ ସ୍ୱର୍ଗର ନାଗରିକ ଅଟନ୍ତି । ପୁଣି ସ୍ୱର୍ଗର ନିୟମଗୁଡ଼ିକ ସେଗୁଡ଼ିକ ଅଟେ, ଯେଉଁଗୁଡ଼ିକ ଖ୍ରୀଷ୍ଟିୟାନ ଭାବରେ ଆମେ ପାଳନ କରୁ । ଈଶ୍ୱର କହିଛନ୍ତି, ତୁମ୍ଭେମାନେ ଚୋରି କରିବ ନାହିଁ । ତାହା ବର୍ତ୍ତମାନ ଆପଣଙ୍କର ପ୍ରଥା ! ପାଳକମାନେ ସେମାନଙ୍କର ପ୍ରଥା ବିରୁଦ୍ଧରେ ଈଶ୍ୱରଙ୍କ ବାକ୍ୟର ଆଦର୍ଶକୁ ପରୀକ୍ଷା କରିବା ସମୟରେ ସଙ୍ଗେ ସଙ୍ଗେ ବାକ୍ୟର ସତ୍ୟତାକୁ ବୁଝିଥିଲେ ।

୭. ଧର୍ମତତ୍ତ୍ୱରୁ ସଂସ୍କୃତିକୁ ପୃଥକ୍ କରିବା

ଆମେ ବାଇବଲ ଅଧ୍ୟୟନ କରିବା ସମୟରେ କେଉଁ ବିଷୟ ସାଂସ୍କୃତିକ (ସ୍ଥାନୀୟ) ଓ କେଉଁ ବିଷୟ ଧର୍ମତାତ୍ତ୍ୱିକ (ସାର୍ବଜନୀନ), ତାହା ଚିହ୍ନିବାରେ ସତର୍କ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ, ନୂତନ ନିୟମରେ ଚାରୋଟି ସୁସମାଚାର ଅଛି, ପ୍ରତ୍ୟେକଟି ଭିନ୍ନ ଭିନ୍ନ ଶ୍ରୋତା (ସ୍ଥାନ) ପାଇଁ ଲେଖାଯାଇଛି । ମାତ୍ର ପ୍ରତ୍ୟେକ ସୁସମାଚାରରେ କେବଳ ଗୋଟିଏ (ସାର୍ବଜନୀନ) ବାର୍ତ୍ତା ଅଛି । କିନ୍ତୁ ସେହି ବାର୍ତ୍ତା ଲେଖାଯାଇଛି, ଯେପରିକି ଏହାକୁ ଗ୍ରହଣ କରୁଥିବା ଶ୍ରୋତାମାନେ ଏହାକୁ ବୁଝିପାରିବେ ।

- ଅନ୍ୟ ଯିହୁଦୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମାଥିଉ ସୁସମାଚାର ଜଣେ ଯିହୁଦୀ ଦ୍ୱାରା ଲେଖାଯାଇଥିଲା ।
- ବିଜାତୀୟମାନଙ୍କୁ ସନ୍ତୁଷ୍ଟ କରୁଥିବା ଜଣେ ଯିହୁଦୀଙ୍କ ଦ୍ୱାରା ମାର୍କ ସୁସମାଚାର ଲେଖାଯାଇଥିଲା ।
- ଲୂକ ସୁସମାଚାର ଜଣେ ବିଜାତୀୟଙ୍କ ଦ୍ୱାରା ବିଜାତୀୟମାନଙ୍କ ପ୍ରତି ଲେଖା ଯାଇଥିଲା ।
- ଯୋହନ ସୁସମାଚାର ଉଭୟ ଯିହୁଦୀ ଓ ବିଜାତିମାନଙ୍କ ପ୍ରତି ଲେଖାଯାଇଥିଲା ।
- ରୋମୀୟ ପୁସ୍ତକ ରୋମୀୟମାନଙ୍କ ଚିନ୍ତାଧାରାକୁ ସନ୍ତୁଷ୍ଟ କରିବା ଭଳି ଲେଖାଯାଇଥିଲା ।
- ଏବ୍ରୀ ପୁସ୍ତକ ହିବ୍ରୁ ପରଂପରା ଓ ମନକୁ ସନ୍ତୁଷ୍ଟ କରିବା ଭଳି ଲେଖାଯାଇଥିଲା ।

ପ୍ରତ୍ୟେକ କ୍ଷେତ୍ରରେ, ଏପରି ଭାବରେ ଯୋଗାଯୋଗ କରିବା ପାଇଁ ଯତ୍ନ ନିଆଯାଇଥିଲା, ଯେପରିକି ସେହିସବୁ ସଂସ୍କୃତି ଓ ପରଂପରାର (ଦୃଷ୍ଟିକୋଣର) ଲୋକମାନେ ବୁଝିପାରିବେ । ମାତ୍ର ସଂସ୍କୃତି ପ୍ରତି ସୁସମାଚାରର ବାର୍ତ୍ତାକୁ ଅଧିକ ଗ୍ରାହ୍ୟ କରିବା ପାଇଁ ଏହାକୁ ପରିବର୍ତ୍ତିତ କିମ୍ବା ଏହା ସହିତ ବୁଝାମଣା କରାଯାଇ ନ ଥିଲା ।

ପାଳକଙ୍କଠାରୁ ପାଳକଙ୍କ ନିକଟକୁ

ପାଳକ ଓ ନେତା ଭାବରେ, ଆମେ ମିଶ୍ରିତ ସଂସ୍କୃତିର ଫାନ୍ଦରେ ନ ପଡ଼ିବା ପାଇଁ ଅତି ସତର୍କ ହେବା ଆବଶ୍ୟକ । ମିଶ୍ରିତ ସଂସ୍କୃତି ହେଉଛି – ଅନ୍ୟମାନଙ୍କ ନିକଟରେ ସତ୍ୟକୁ ଅଧିକ ଗ୍ରାହ୍ୟ (କିମ୍ବା କମ୍ ଅପମାନଜନକ) କରିବା ପାଇଁ ଏହାକୁ ଅନ୍ୟ ବିଶ୍ୱାସମତ ସହିତ ମିଶ୍ରିତ କରିବା କିମ୍ବା ଏହା ସହିତ ବୁଝାମଣା କରିବା । ଆମେ ଗୋଟିଏ ପୂର୍ବରୁ ତିଷ୍ଠି ରହିଥିବା ସଂସ୍କୃତି କିମ୍ବା ପ୍ରଥା ସହିତ ମେଳ ଖାଇବା ପାଇଁ ଈଶ୍ୱରଙ୍କ ବାକ୍ୟକୁ ଆଦୌ ପରିବର୍ତ୍ତନ କରିବା ନାହିଁ କିମ୍ବା ଏହା ସହିତ ବୁଝାମଣା କରିବା ନାହିଁ ।

ଉଦାହରଣ ସ୍ୱରୂପ –

ଯୀଶୁ କେବଳ ଜଣେ ଭାବବାଦୀ କିମ୍ବା ସଂସ୍କୃତି ଅନେକ ଦେବତାଙ୍କୁ ବିଶ୍ୱାସ କରୁଥିବାରୁ ସେ ମଧ୍ୟ ଜଣେ ଦେବତା ବୋଲି କହିବା ଧର୍ମତତ୍ତ୍ୱ ସହିତ ଏକ ଗୁରୁତର ବୁଝାମଣା ଓ ସେଥିପାଇଁ ଧର୍ମଦ୍ରୋହ ମଧ୍ୟ ହେବ । ଏହା ବନ୍ଧନ ଓ ବିଶୃଙ୍ଖଳା ଦିଗକୁ କଢ଼ାଇ ନେବ । ଜଣେ ଈଶ୍ୱର ଅଛନ୍ତି, ଜଣେ ତ୍ରାଣକର୍ତ୍ତା ଅଛନ୍ତି, ଆଉ ସେହି ସତ୍ୟକୁ ଘୋଷଣା କରିବାକୁ ହେବ ।

ସ୍ତ୍ରୀମାନଙ୍କୁ ମଣ୍ଡଳୀରେ ମସ୍ତକ ଆଚ୍ଛାଦନ କରିବାକୁ ହେବ ବୋଲି କହିବା (୧ କରି. ୧୧:୧–୧୬ ଦେଖନ୍ତୁ) ଏକ ସାଂସ୍କୃତିକ ପ୍ରଥାକୁ ପ୍ରତିଫଳିତ କରେ । ଏହା ଈଶ୍ୱରଙ୍କୁ ସମ୍ମାନ ଦେଖାଇବାର କେବଳ ଏକ ସ୍ଥାନୀୟ ପ୍ରଥାର ପରିପ୍ରକାଶ ଅଟେ । ଏହା ଏକ ଧର୍ମତତ୍ତ୍ୱ ନୁହେଁ ।

୮. ଅଜ୍ଞ ହୁଅନ୍ତୁ ନାହିଁ

ପ୍ରେରିତ ପାଉଲ କରିନ୍ଥୀୟ ମଣ୍ଡଳୀ ନିକଟକୁ ତାଙ୍କ ପତ୍ରର ୧୨ ଅଧ୍ୟାୟଟିକୁ ଆତ୍ମିକ ଦାନ ସମ୍ବନ୍ଧରେ ଅଜ୍ଞ ନ ହେବା ପାଇଁ ଏକ ସ୍ନେହପୂର୍ଣ୍ଣ ଭର୍ତ୍ସନା ସହିତ ଆରମ୍ଭ କରିଛନ୍ତି (୧ କରି. ୧୨:୧) । 'ଅଜ୍ଞ ହୁଅ ନାହିଁ' – ଏହି ନିୟମଟି ଆମ ଜାଗତିକ ଦୃଷ୍ଟିକୋଣର ଅନେକ କ୍ଷେତ୍ର ପ୍ରତି ପ୍ରଯୁଜ୍ୟ ହୁଏ । ଅଜ୍ଞ ହେବାର ଅର୍ଥ କେବଳ କିଛି ସତ୍ୟ କିମ୍ବା ତଥ୍ୟ ନ ଜାଣିବା କିମ୍ବା ଜ୍ଞାତ ନ ହେବା ।

ଦୃଷ୍ଟାନ୍ତ ସ୍ୱରୂପ, ଏପରି ଏକ ଅଞ୍ଚଳ ରହିଛି, ଯେଉଁଠାରେ ନିଜ ନିଜ ସ୍ତ୍ରୀମାନଙ୍କୁ ପ୍ରହାର କରିବା ସ୍ୱାମୀମାନଙ୍କ ପାଇଁ ସାଧାରଣ ସାଂସ୍କୃତିକ ପ୍ରଥା ଅଟେ । ନିକଟରେ ହୋଇଥିବା ଏକ ସମ୍ମିଳନୀରେ ଗୋଟିଏ ପ୍ରଚାରକ ମଣ୍ଡଳୀରୂପକ ନିଜ ବଧୂକୁ ଖ୍ରୀଷ୍ଟ ଯେପରି ପ୍ରେମ କରନ୍ତି, ସେହିପରି ନିଜ ସ୍ତ୍ରୀକୁ ପ୍ରେମ କରିବାର ଗୁରୁତ୍ୱ ବିଷୟରେ ଏଫିସୀୟ ୫ରୁ ଶିକ୍ଷା ଦେଉଥିଲେ । ପବିତ୍ର ଆତ୍ମାଙ୍କ ଚେତନା ପାଳକମାନଙ୍କ ପ୍ରତି ଆସିଲା ଓ ସେମାନେ ଅନୁତାପରେ କ୍ରନ୍ଦନ କରିବାକୁ ଆରମ୍ଭ କରିଥିଲେ । ସେମାନେ ନିଜ ନିଜ ସ୍ତ୍ରୀମାନଙ୍କୁ ପ୍ରହାର କରିବା ସଂସ୍କୃତିରେ ପ୍ରତିପାଳିତ ହୋଇଥିଲେ ଓ ସେମାନେ ସେମାନଙ୍କ ପିତା ଓ ପିତାମହମାନଙ୍କୁ କେବଳ ଅନୁକରଣ କରୁଥିଲେ । ଏହି ପ୍ରଥା ଯେ ବାଇବଲ–ଭିତ୍ତିକ ନୁହେଁ ଓ ସେମାନଙ୍କର ସ୍ତ୍ରୀମାନଙ୍କ ପ୍ରତି କ୍ଷତିକାରକ ଓ ପ୍ରଭୁଙ୍କର ଅସନ୍ତୋଷଜନକ, ତାହା ସେମାନେ ଉପଲବ୍ଧି କରି ନ ଥିଲେ ।

ଗୋଟିଏ ମୁହୂର୍ତ୍ତରେ ଏହି ପାଳକମାନଙ୍କର ଜାଗତିକ ଦୃଷ୍ଟିକୋଣ ପରିବର୍ତ୍ତିତ ହୋଇଥିଲା । ବାଇବଲର ସତ୍ୟ ସମ୍ବନ୍ଧରେ ସେମାନଙ୍କର ଏକ ବ୍ୟକ୍ତିଗତ ପ୍ରକାଶ ଥିଲା । ଈଶ୍ୱରଙ୍କ ବାକ୍ୟ ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ମିଶି ସେମାନଙ୍କୁ ପ୍ରେମରେ ସାଂସ୍କୃତିକ ବନ୍ଧନରୁ ଶାସ୍ତ୍ର-ଉଲ୍ଲିଖିତ ସ୍ୱାଧୀନତା ପ୍ରତି ମୁକ୍ତ କରିଥିଲା । ହାଲ୍ଲିଲୁୟା !

ଆପଣ ଗୋଟିଏ କୁକୁଡ଼ା କିମ୍ବା ଏକ ଉକ୍ରୋଶ ପକ୍ଷୀ ?

ଜଣେ ଏପରି କୃଷକ ଥିଲା, ଯିଏ କୁକୁଡ଼ା ପାଳନ କରୁଥିଲା । ଦିନେ କ୍ଷେତ ମଧ୍ୟ ଦେଇ ଯାଉଥିବା ସମୟରେ ସେ ଗୋଟିଏ ବଡ଼ ଅଣ୍ଡା ପାଇଲା । କେଉଁ ପ୍ରକାର ପ୍ରାଣୀ ଏହା ଉତ୍ପନ୍ନ କରିଛି ବୋଲି ଆଶ୍ଚର୍ଯ୍ୟ ହୋଇ ସେ ଏହାକୁ ଗୃହକୁ ନେଲା ଓ ତା'ର କୌଣସି କୁକୁଡ଼ା ଏହା ଉପରେ ବସି ଏହାକୁ ଫୁଟାଇପାରୁଛି କି ନାହିଁ, ତାହା ଦେଖିବାକୁ ଚାହିଁଲା । ଗୋଟିଏ ନିର୍ଦ୍ଦିଷ୍ଟ କୁକୁଡ଼ା ଏହା ଉପରେ ବସିପାରିଲା, ଯଦିଓ ତା'ର ଅଣ୍ଡାଠାରୁ ଏହା ଅତି ବଡ଼ ଥିଲା ।

ସମୟ କ୍ରମେ କୁକୁଡ଼ାର ଅଣ୍ଡାଗୁଡ଼ିକ ଫୁଟିବାକୁ ଆରମ୍ଭ କଲା ଓ ପ୍ରତ୍ୟେକ ଅଣ୍ଡାରୁ ଗୋଟିଏ ଛୋଟ ହଳଦିଆ କୁକୁଡ଼ାଛୁଆ ବାହାରକୁ ଆସିଲା । ସେହି ଅଦ୍ଭୁତ ନୂତନ ଅଣ୍ଡାଟି ସର୍ବଶେଷରେ ଫୁଟିଲା ଓ ସେଥିମଧ୍ୟରୁ ବଡ଼ ବଡ଼ ପାଦ ଓ ମାଟିଆ ରଙ୍ଗ ବିଶିଷ୍ଟ ଗୋଟିଏ ବଡ଼ କୁକୁଡ଼ା ଛୁଆ ବାହାରିଲା । ଅନ୍ୟ କୁକୁଡ଼ାମାନେ ଏହି ନୂତନ କୁକୁଡ଼ାକୁ ଦେଖି ଚିନ୍ତା କଲେ, ''ତାହା ଅତି କଦର୍ଯ୍ୟ କୁକୁଡ଼ା ଅଟେ !''

ସେହି ଛୋଟ ପକ୍ଷୀଟି ପାଇଁ ଜୀବନ କଷ୍ଟକର ଥିଲା । ସେ ସେମାନଙ୍କ ସହିତ ଖାପ ଖୁଆଇବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ସେ ଅନୁପଯୁକ୍ତ ଓ କୁକୁଡ଼ା ସହିତ ଅସାମଞ୍ଜସ୍ୟ ଥିଲା । ଅନ୍ୟ କୁକୁଡ଼ାମାନଙ୍କ ପରି ଚାଲିବାରେ ତାକୁ କଷ୍ଟ ହେଉଥିଲା ଓ ତା'ର ବଡ଼ ବକ୍ର ଚଞ୍ଚୁରେ ଖାଦ୍ୟ ଖୁମ୍ପି ଖାଇବା ତା' ପାଇଁ ଏକ ଆହ୍ୱାନ ଥିଲା । କିଛିଦିନ ପରେ ଅନ୍ୟ କୁକୁଡ଼ାମାନେ ତାକୁ ଏଡ଼ାଇବାକୁ ଆରମ୍ଭ କଲେ, କାରଣ ସେ ଅତି ଅଦ୍ଭୁତ ଦିଶୁଥିଲା । ସେ ନିଃସଙ୍ଗତା ଓ ଅଗ୍ରାହ୍ୟ ଅନୁଭବ କରୁଥିଲା ।

ଦିନେ, ସୂର୍ଯ୍ୟଦିଗକୁ ଦୃଷ୍ଟିପାତ କରିବା ସମୟରେ, ଛୋଟ ପକ୍ଷୀଟି ଉଚ୍ଚ ଆକାଶରେ ଉଡୁଥିବା ଦୁଇଟି ସୁନ୍ଦର, ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଦୁଇଟି ପକ୍ଷୀ ଦେଖିଲା । ସେମାନେ ତା'ଉପରେ ଘୁରି ବୁଲୁଥିଲେ ଓ କୁକୁଡ଼ାର ସ୍ୱରଠାରୁ ଭିନ୍ନ ଏକ ସ୍ୱର କରୁଥିଲେ । ସେମାନଙ୍କର ଚିତ୍କାର ଅଦ୍ଭୁତ ଭାବରେ ଆକର୍ଷଣୀୟ ଥିଲା, ପ୍ରାୟ

ଯେପରି ଏହା ଏକ ନିମନ୍ତ୍ରଣ ଥିଲା – ''ଆସ, ଆମ ସହିତ ଉଡ଼ !'' ସେହି ପକ୍ଷୀଗୁଡ଼ିକ ବହୁଦିନ ଧରି ଉଡ଼ିଲେ ଓ ଏହାପରେ ଅଦୃଶ୍ୟ ହୋଇଗଲେ ।

ସେହିଦିନଠାରୁ, ସେହି ଛୋଟ ପକ୍ଷୀଟି କେବଳ ସେହି ଦୁଇଟି ସୁନ୍ଦର ପକ୍ଷୀ ସହିତ ଉଡ଼ିବା, ଅତି ଉଚ୍ଚକୁ ଉଡ଼ିବା ବିଷୟ ଭାବିବାକୁ ଲାଗିଲା । ମାତ୍ର ସେ ଜାଣିଥିଲା ଯେ, କୁକୁଡ଼ାମାନେ ଉଡ଼ିପାରନ୍ତି ନାହିଁ । କୁକୁଡ଼ାଗୁଡ଼ିକ ମାଟିର ଜୀବ । ଆକାଶର ଜୀବ ନୁହଁନ୍ତି ।

ଏହାପରେ ଦିନେ, ଯେତେବେଳେ କେହି ତାକୁ ଦେଖୁ ନ ଥିଲେ, ସେତେବେଳେ ଏହି ପକ୍ଷୀଟି ନିଜର ଡେଣା ମେଲାଇ ଫଡ଼ଫଡ଼ କଲା । ଆଶ୍ଚର୍ଯ୍ୟର ବିଷୟ ସେ ସୁନ୍ଦର ଭାବେ ଓ ଶକ୍ତିର ସହିତ ଭୂମି ଉପରୁ ଉଠିବାକୁ ଲାଗିଲା । ମାତ୍ର ପ୍ରକୃତରେ ଉଡ଼ିବା ପାଇଁ ସେ ଅତିଶୟ ଭୟ କରୁଥିଲା । ''ଅନ୍ୟ କୁକୁଡ଼ାମାନେ କ'ଣ କହିବେ ?''

ସେଥିପାଇଁ ସେ କେବଳ ଗୁପ୍ତରେ ଉଡ଼ିବା ବିଷୟ ସ୍ୱପ୍ନ ଦେଖୁଥିଲା । ମାଟିରେ ଥିବା ଗୋଟିଏ କୁକୁଡ଼ା ହେବା ପରିବର୍ତ୍ତେ ଉଚ୍ଚ ଆକାଶରେ ଉଡୁଥିବା ସେହି ଦୁଇ ପକ୍ଷୀ ସଦୃଶ ହେବା ପାଇଁ ସେ ଇଚ୍ଛା କରୁଥିଲା ।

ଦିନ ପରେ ଦିନ ଗଡ଼ି ଚାଲିଲା । ସେହି ଦୁଇଟି ସୁନ୍ଦର ପକ୍ଷୀ ଫେରି ଆସିଲେ । ସେମାନେ ପୁନର୍ବାର ତା'ର ମୁଣ୍ଡ ଉପରେ ଚକ୍କର୍ କାଟିଲେ । ସେମାନେ ଆକାଶରେ ଅତି ଉଚ୍ଚରେ ଥିଲେ, ତଥାପି ସେ ସେମାନଙ୍କୁ ଏହା କହିବାର ଶୁଣିପାରୁଥିଲା, ''ଆସ, ଆମ ସହିତ ଉଡ଼ ।'' ଏହାପରେ ସେହି ଛୋଟ ପକ୍ଷୀଠାରେ କିଛି ଅଦ୍ଭୁତ ବିଷୟ ଘଟିବାକୁ ଆରମ୍ଭ କଲା । ସେ ହଠାତ୍ ତା'ର କାନ୍ଧ ପଛକୁ ନେଇ ନିଜର ଡେଣା ମେଲାଇଲା...ଓ ଯେଉଁ ଶକ୍ତି ଓ କ୍ଷମତା ବିଷୟରେ ସେ ଜାଣି ନ ଥିଲା, ତାହା ପ୍ରୟୋଗ କରି ସେ ଉଡ଼ିବାକୁ ଆରମ୍ଭ କଲା !

ସୂର୍ଯ୍ୟ ଉପରେ ନିଜର ଚକ୍ଷୁ ଊର୍ଦ୍ଧ୍ୱକୁ ଉଠୁ ଉଠୁ ସେ ଅତିଶୀଘ୍ର ସେହି ଦୁଇ ଅଦ୍ଭୁତ ପକ୍ଷୀ ସହିତ ଉଚ୍ଚରେ ଉଡ଼ିଲା । ସେମାନଙ୍କ ନିକଟରେ ପହଞ୍ଚି ସେ ଆଶ୍ଚର୍ଯ୍ୟ ହୋଇ ଏହା ଉପଲବ୍ଧି କଲା ଯେ, ସେ ଠିକ୍ ସେମାନଙ୍କ ପରି ଦିଶୁଥିଲା । ସେମାନେ ସୁନ୍ଦର, ଶକ୍ତିଶାଳୀ ଓ ଐଶ୍ୱର୍ଯ୍ୟଶାଳୀ ଥିଲେ । ହଠାତ୍ ତା'ପ୍ରତି ଏହି ପ୍ରକାଶ ଆସିଲା, ''ମୁଁ କୁକୁଡ଼ା ନୁହେଁ...ମୁଁ ଗୋଟିଏ ଉକ୍ରୋଶ ପକ୍ଷୀ !'' ସେ ଯେଉଁଠାରେ ରହିବା କଥା, ବର୍ତ୍ତମାନ ସେହିଠାରେ ଅଛି ବୋଲି ଅନୁଭବ କରିବାରୁ ତା'ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହେଲା । ତା'ଜୀବନରେ ପ୍ରଥମଥର ପାଇଁ ସେ ପ୍ରକୃତ ପ୍ରେମ ଓ ଗ୍ରହଣ ଅନୁଭବ କଲା ।

ସେହି ପକ୍ଷୀ ଦୁଇଟି ମଧ୍ୟରୁ ଗୋଟିଏ ଉକ୍ରୋଶ ପକ୍ଷୀ କହିଲା, ''ଆମ ସହିତ ଯୋଗ ଦେବା ପାଇଁ ତୁମକୁ ଏତେ ସମୟ କାହିଁକି ଲାଗିଲା ବୋଲି ଆମେ ଭାବୁଥିଲୁ ।''

ଛୋଟ ଉକ୍ରୋଶ ପକ୍ଷୀଟି ଉତ୍ତର ଦେଲା, ''ମୁଁ ଗୋଟିଏ ଉକ୍ରୋଶ ପକ୍ଷୀ ବୋଲି ଜାଣି ନ ଥିଲି । ମୁଁ କୁକୁଡ଼ାମାନଙ୍କ ମଧ୍ୟରେ ଜନ୍ମ ହୋଇ ଓ ସେମାନଙ୍କ ମଧ୍ୟରେ ବାସ କରୁଥିବାରୁ ନିଜକୁ ଗୋଟିଏ କୁକୁଡ଼ା ବୋଲି ଭାବୁଥିଲି ।''

ଆମେ ସ୍ୱର୍ଗର ନାଗରିକ ଅଟୁ । ବାଇବଲର ପରିବର୍ତ୍ତନକାରୀ ଶକ୍ତି ଓ ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଓ ଚାଳନା ଆମ ଦୃଷ୍ଟିକୋଣ ଉପରେ ଜଗତ ପକାଇଥିବା ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଯଥେଷ୍ଟ ଅଟେ ।

ବୟୋଜ୍ୟେଷ୍ଠ ଉକ୍ରୋଶ ଉତ୍ତର ଦେଲା, ''ତୁମେ ଗୋଟିଏ କୁକୁଡ଼ା ପରି ଚିନ୍ତା କରୁଥିବାରୁ ଗୋଟିଏ କୁକୁଡ଼ା ଭଳି କାର୍ଯ୍ୟ କରୁଥିଲ । ମାତ୍ର ବର୍ତ୍ତମାନ ତୁମେ ସତ୍ୟ ଜାଣିବାରୁ ସେହି ସତ୍ୟ ଏକ ଉକ୍ରୋଶ ପକ୍ଷୀ ହେବା ପାଇଁ ତୁମକୁ ମୁକ୍ତ କରିଅଛି । ଏହା କରିବା ପାଇଁ ହିଁ ତୁମେ ଜନ୍ମ ନେଇଛ । ତୁମର ଗୃହ କୁକୁଡ଼ା ଘର ନୁହେଁ, ମାତ୍ର ଏଠାରେ ଆମ ସହିତ ଆକାଶରେ ଅଛି । ଆସ, ଆମେ ଉଚ୍ଚକୁ ଉଡ଼ିବା... ।'' '*ମାତ୍ର ଯେଉଁମାନେ ସଦାପ୍ରଭୁଙ୍କର ଅପେକ୍ଷା କରନ୍ତି, ସେମାନେ ନୂଆ ନୂଆ ବଳ ପାଇବେ, ସେମାନେ ଉକ୍ରୋଶ ପକ୍ଷୀ ପରି ପକ୍ଷରେ ଉପରକୁ ଉଠିବେ, ସେମାନେ ଶାନ୍ତ ନ ହୋଇ ଦୌଡ଼ିବେ, ସେମାନେ କ୍ଳାନ୍ତ ନ ହୋଇ ଗମନ କରିବେ*''(ଯିଶା. ୪୦:୩୧) ।

ଖ୍ରୀଷ୍ଟିୟାନମାନଙ୍କୁ କୁକୁଡ଼ା ନୁହେଁ, ମାତ୍ର ଉକ୍ରୋଶ ପକ୍ଷୀ ହେବା ପାଇଁ ଆହ୍ୱାନ ଦିଆଯାଇଛି । ଆମେ ଜଗତରେ ଥାଇପାରୁ, ମାତ୍ର ଆମେ ଜଗତର ନୋହୁଁ । ଆମେ ସ୍ୱର୍ଗର ନାଗରିକ ଅଟୁ । ବାଇବଲର ପରିବର୍ତ୍ତନକାରୀ ଶକ୍ତି ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଓ ଚାଳନା ଆମର ଜାଗତିକ ଦୃଷ୍ଟିକୋଣ ଉପରେ ଜଗତ ପକାଇଥିବା ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଯଥେଷ୍ଟ ଅଟେ ।

ଆମ ନିଜକୁ, ଆମ ପରିବାରକୁ, ଆମର ମଣ୍ଡଳୀକୁ ଓ ଆମ ସେବାକାର୍ଯ୍ୟକୁ ଈଶ୍ୱର ଯେପରି ଦେଖନ୍ତି, ସେହିପରି ଦେଖିବାକୁ ଆରମ୍ଭ କରିବା ପ୍ରକୃତରେ ଏକ ଆନନ୍ଦଦାୟକ ଅଭିଯାନ ଅଟେ । ଏହା ହିଁ ଏକ ବାଇବଲ-ଭିତ୍ତିକ ଦୃଷ୍ଟିକୋଣ

ଯୋଗାଇଥାଏ : ସ୍ୱର୍ଗରେ ଥିବା ଆମ ନାଗରିକତାକୁ ଚିହ୍ନିବା । ଆମେ ଯେଉଁ ଜଗତରେ ବାସ କରୁ, ତାକୁ ଅଧିକ ସ୍ୱର୍ଗୀୟ ଦୃଷ୍ଟିକୋଣରୁ ଦେଖିବା ଓ ଆମେ ତାଙ୍କ ଆତ୍ମାଙ୍କ ଦ୍ୱାରା ଅଧିକରୁ ଅଧିକ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହେବା ସମୟରେ ଈଶ୍ୱରଙ୍କ ରାଜ୍ୟର କାର୍ଯ୍ୟରେ ଆମ ସ୍ଥାନ ଅନ୍ୱେଷଣ କରିବା ।

ଆପଣମାନଙ୍କ ନିମନ୍ତେ ମୋର ପ୍ରାର୍ଥନା ହେଉଛି – *''ତୁମ୍ଭମାନଙ୍କ ଆନ୍ତରିକ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ତାହାଙ୍କ ଆହ୍ୱାନର ଭରସା କଅଣ, ସାଧୁମାନଙ୍କ ମଧ୍ୟରେ ତାହାଙ୍କ ଅଧିକାରର ଗୌରବରୂପ ଧନ କଅଣ...ଏହିସବୁ ଜାଣିପାର''* (ଏଫି. ୧:୧୮) । ଆମେନ୍ ।